# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୨୫/୨୦୧୯ (୧୬ ପୃଷ୍ଠା) Sambalpur, Monday, March 25 / 2019 ★★

୧୫ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**କଂଗ୍ରେସରେ ଯୋଗଦେଇ ନାହିଁ: ସପ୍ନା**

ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀ କଂଗ୍ରେସରେ ଯୋଗଦେବା ଖବରକୁ ଖଣ୍ଡନ କରିଛନ୍ତି।

୦୨

୧୫

**କେକେଆରକୁ ବିଜୟୀ କଲେ ରସେଲ**

ଆନ୍ଦ୍ରେ ରସେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି।










NECC NATIONAL EGG CO-ORDINATION COMMITTEE 24.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


# ହଜାଇଦେଲେ ଅସଲ ପ୍ରସଙ୍ଗ

## ନିର୍ବାଚନ ବେଳେ ସମାନ ରାସ୍ତାରେ ଶାସକ-ବିରୋଧୀ

## ଶୀତଳଭଣ୍ଡାରରେ ଜନସାଧାରଣଙ୍କ ସମସ୍ୟା

ନୂଆଦିଲ୍ଲୀ,୨୪।୩

ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ପାର୍ଲାମେଣ୍ଟକୁ ଅଚଳକରିଦିଆଯାଉଥିଲା, ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରଶ୍ନଗୁଡ଼ିକ ପ୍ରତିଦିନ ଉଠୁଥିଲା ଶେଷରେ ଶାସକ-ବିରୋଧୀ ମିଳିମିଶି ସେସବୁକୁ ହଜାଇ ଦେଇଛନ୍ତି। ଏବେ ଦେଶ ନିର୍ବାଚନମୁହାଁ। ତେଣୁ ମୂଳ ସମସ୍ୟାଗୁଡ଼ିକ ଉପରୁ ଧ୍ୟାନ ହଟାଇବା ପାଇଁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛଦ୍ମ ରାଷ୍ଟ୍ରବାଦ ଓ ଉଗ୍ର ହିନ୍ଦୁତ୍ୱବାଦର ଆଶ୍ରୟ ନେଇଥିବାବେଳେ ଏହାର ଜାଲରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଛନ୍ଦି ହୋଇଯାଇଛନ୍ତି। ଏଭଳି ସମୟରେ ସାଧାରଣ ନିର୍ବାଚନରେ ପୁଲଓ୍ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣ ଆଜି ପାଲଟିଛି ପ୍ରସଙ୍ଗ।

ମଣିଷର ମୌଳିକ ଆବଶ୍ୟକତା ହେଉଛି ବାସ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା। ଏହି ପ୍ରସଙ୍ଗଗୁଡ଼ିକ ବିଗତ ୫ ବର୍ଷରେ ସର୍ବାଧିକ ଚର୍ଚ୍ଚାରେ ରହିଆସିଥିଲା। ସେହିପରି ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଏବଂ କୂଟନୈତିକ ବିଫଳତା ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ମୋଦି ସରକାରଙ୍କୁ ବିରୋଧୀ ଲଗାତର ଟାର୍ଗେଟ କରୁଥିଲେ। ବେକାରି, କଳାଧନ, ଦରଦାମ ବୃଦ୍ଧି, ମାନବ ଚାଲାଣ, ମହିଳାଙ୍କ ସୁରକ୍ଷା, ଦଳିତ ଓ ସଂଖ୍ୟାଲଘୁଙ୍କୁ ଆକ୍ରମଣ, ଅସହିଷ୍ଣୁତା, ସାମ୍ବାଦିକ ତଥା ବୁଦ୍ଧିଜୀବୀଙ୍କୁ ନିର୍ଯାତନା ଏପରି କି



ସ୍ଥଳବିଶେଷରେ ହତ୍ୟା ଭଳି ଘଟଣା ଏନ୍‌ଡିଏ ଅମଳରେ ଖବରକାଗଜର ପ୍ରଥମପୃଷ୍ଠାରେ ଶିରୋନାମା ମଣ୍ଡନ କରୁଥିଲା। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଚାଷୀ ଆତ୍ମହତ୍ୟା, ତିନି ତଲାକ, ରାଫାଲ ଦୁର୍ନୀତି, ରାମମନ୍ଦିର, ବ୍ୟାଙ୍କ ଠକେଇ ଆଦିକୁ ନେଇ ସରକାରଙ୍କୁ ଉଠବସ କରୁଥିଲେ କଂଗ୍ରେସ ସମେତ ବିରୋଧୀ ଦଳର ନେତାମାନେ। ହେଲେ ଅସଲ ସମୟରେ ଏହି ଅସଲ ସମସ୍ୟାଗୁଡ଼ିକ କୁଆଡ଼େ ଉଭାନ ହୋଇଯାଇଛି ଅଥବା ଶୀତଳଭଣ୍ଡାରକୁ ଚାଲିଯାଇଛି। ସତେ ଯେପରିକି ଏହି ପ୍ରସଙ୍ଗଗୁଡ଼ିକ ଏବେ ପାଲଟିଯାଇଛି ମୂଲ୍ୟହୀନ ବିଷୟ ଏବଂ ଏହାର ସ୍ଥାନ ନେଇସାରିଛି ପୁଲଓ୍ୱାମା ଆକ୍ରମଣ ଓ ତତ୍‌ଉପରାନ୍ତ ବାଲାକୋଟ ଏୟାରଷ୍ଟ୍ରାଇକ୍। ରାଜନୈତିକ ବିଶ୍ଳେଷକ କୁହନ୍ତି, ପ୍ରକୃତପକ୍ଷେ ବିଚାର କଲେ ଗୋଟିଏ କଥା ସାମ୍ନାକୁ ଆସୁଛି ଯେ, ମୋଦି ସରକାର ଯେଉଁସବୁ ସଫଳତାର କଥା କହି ନିଜ ପିଠି ଥାପୁଡ଼ାଉଥିଲେ, ସେହି କ୍ଷେତ୍ରଗୁଡ଼ିକରେ ଅନେକ କାମ ବାକି ଅଛି। ଯେପରିକି ଆଜି ବି ଦେଶର ହଜାର ହଜାର ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ଓ ସେଠାକାର ଲୋକେ ରାତିରେ ଆଲୋକ ଦେଖିପାରି ନାହାନ୍ତି। ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇ ୧ର ଜିଏସ୍‌ଟି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଏକପ୍ରକାର ଆର୍ଥିକ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ☞ପୃଷ୍ଠା-୪

# ବିଜେଡିର ୯ ପ୍ରାର୍ଥୀ ଘୋଷଣା

- ବଲାଙ୍ଗୀରରୁ ଅର୍କେଶ
- ବ୍ରଜରାଜନଗରରୁ କିଶୋର
- ୪ ବିଧାୟକଙ୍କ ଟିକେଟ କଟିଲା
- ବୀରମିତ୍ରପୁର, ଫୁଲବାଣୀ ଆସନ ଘୋଷଣା ହେଲାନି

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା କୋରାପୁଟ ଲୋକ ସଭା ଅନ୍ତର୍ଗତ ପଟାଙ୍ଗୀ, ନବରଙ୍ଗପୁର ଲୋକ ସଭା ଅନ୍ତର୍ଗତ ମାଲକାନଗିରି ଓ ଝରିଗାଁ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଲୋକ ସଭା ଅଧୀନରେ ଥିବା ଲାଞ୍ଜିଗଡ଼ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ବଲାଙ୍ଗୀର, ଲୋଇସିଂହା, ବରଗଡ଼ ଲୋକ ସଭା ଅନ୍ତର୍ଗତ ବ୍ରଜରାଜନଗର ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବୀରମିତ୍ରପୁର ଏବଂ ଫୁଲବାଣୀ ପାଇଁ କାହାରି ନାଁ ଘୋଷଣା କରାଯାଇନାହିଁ। ଏହି ଦୁଇଟି ଆସନ ନେଇ ଦଳରେ ସହମତି ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷଦିନ ଧାର୍ଯ୍ୟ କରାଯାଇଛି। ତେଣୁ ବୀରମିତ୍ରପୁର ଏବଂ ଫୁଲବାଣୀ ଆସନ ପାଇଁ ବିଜେଡି ସୋମବାର ନିଶ୍ଚିତ ପ୍ରାର୍ଥୀ ଘୋଷଣା କରିବ ବୋଲି ସୂତ୍ରରୁ ପ୍ରକାଶ। ବଲାଙ୍ଗୀର ବିଧାନସଭା ଆସନ ପାଇଁ ଅର୍କେଶ ନାରାୟଣ ସିଂଦେଓଙ୍କ ସହ ଶ୍ରୀମୟୀ ମିଶ୍ରଙ୍କ ନାଁ ଚର୍ଚ୍ଚା ହେଉଥିଲା। ପୂର୍ବରୁ ଅର୍କେଶଙ୍କ ବଡ଼ଭାଇ କଳିକେଶ ନାରାୟଣ ସିଂଦେଓ ☞ପୃଷ୍ଠା-୪

## ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ଲାଞ୍ଜିଗଡ଼: ପ୍ରଦୀପ କୁମାର ଦିଶାରି
ଝରିଗାଁ: ପ୍ରକାଶ ଚନ୍ଦ୍ର ମାଝି
ମାଲକାନଗିରି: ମୁକୁନ୍ଦ ସୋଡ଼ୀ
ପଟାଙ୍ଗୀ: ପ୍ରୀତମ ପାଢ଼ୀ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ବ୍ରଜରାଜନଗର: କିଶୋର ମହାନ୍ତି
ଲୋଇସିଂହା: ପ୍ରଦୀପ ବେହେରା
ବଲାଙ୍ଗୀର: ଅର୍କେଶ ନାରାୟଣ ସିଂଦେଓ
ବୀରମିତ୍ରପୁର: ଘୋଷଣା ହୋଇନି
ଫୁଲବାଣୀ: ଘୋଷଣା ହୋଇନି

**ତୃତୀୟ ପର୍ଯ୍ୟାୟ ନିର୍ବାଚନ**

ସମ୍ବଲପୁର: ଡା. ରାସେଶ୍ୱରୀ ପାଣିଗ୍ରାହୀ
ରେଢାଖୋଲ: ରୋହିତ ପୂଜାରୀ

**ଆଜିର ସମ୍ପାଦକୀୟ**

**ଚାଷୀଙ୍କୁ ବାଉଳା**

**ଆଜିର ମନ୍ତବ୍ୟ**

"ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରିବା ବଦଳରେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି। – ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ









ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚା'ବାଲାଙ୍କ ସହ ଥିବା ତାଙ୍କର ମଧୁର ସମ୍ପର୍କକୁ ଭୁଲିଯାଇ ଏବେ ଚୌକିଦାରମାନଙ୍କୁ ମନେପକାଉଛନ୍ତି। ରାଜନୈତିକ ଫାଇଦା ପାଇଁ ସେ ପରବର୍ତ୍ତୀ ସମୟରେ ଅନ୍ୟ କାହାକୁ ଫୋକସ୍ କରିପାରନ୍ତି।
– କପିଳ ଶିବଲ, କଂଗ୍ରେସ ନେତା





ଆନ୍ଧ୍ରପ୍ରଦେଶର କ୍ରିଷ୍ଣା: ଲୋକ ସଭା ନିର୍ବାଚନ ପ୍ରଚାରରେ ଜନସେନା ପାର୍ଟି ମୁଖ୍ୟ ତଥା ଅଭିନେତା ପବନ କଲ୍ୟାଣ।




ବିହାରର ପାଟନା: ସାଧାରଣ ନିର୍ବାଚନରେ ମତଦାନ ପାଇଁ ସାଇକେଲ ଯାତ୍ରା ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ମୁଢ଼ିବାଲା ଲାଲମଣି ଦାସ।



ମଧ୍ୟପ୍ରଦେଶର ଇନ୍ଦୋର: ଭାଜପା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବେଶଭୂଷା ଧାରଣ କରିଥିବା ଜଣେ ବ୍ୟକ୍ତିଙ୍କ ସହ ସେଲ୍‌ଫି ନେଉଛନ୍ତି ସୁରକ୍ଷା କର୍ମୀ।

## ସଂକ୍ଷେପରେ

### ଭାଜପା ନେତାଙ୍କୁ ଗୁଳି

**ଜୟପୁର, ୨୪।୩(ପି.ଟି.):** ରାଜସ୍ଥାନର ଝଲାୱାରରେ ଏକ ଉତ୍ସବ ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇବାରୁ ଭାଜପା ନେତାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାଜପା ନେତା ତଥା ନଗରପାଳିକାର ପୂର୍ବତନ ଅଧ୍ୟକ୍ଷ ରାମଲାଲ ଗୁର୍ଜର (୫୮) ଶନିବାର ରାତିରେ ଏକ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁର୍ଜରଙ୍କ ସମେତ ୪ ଜଣଙ୍କ ଦେହରେ ଗୁଳି ଚିହ୍ନ ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

### ୟୁପି, ବିହାରରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ, ୨୪।୩(ପି.ଟି.):** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଉତ୍ତରପ୍ରଦେଶ (ୟୁପି) ଏବଂ ବିହାରରୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଉଭୟ ରାଜ୍ୟରେ ଦଳ ୩ ଜଣ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ତେବେ ଉତ୍ତରପ୍ରଦେଶର ୨୫ଟି ଆସନରେ ଏଏପି ଲଢ଼ିପାରେ ବୋଲି ଏହାର ନେତା ସଞ୍ଜୟ ସିଂ କହିଛନ୍ତି। ୟୁପିର ସାହରନପୁରରୁ ଯୋଗେଶ ଦାହିୟା, ଆଲିଗଡ଼ରୁ ସତୀଶ ଚନ୍ଦ୍ର ଶର୍ମା ଏବଂ ଗୌତମବୁଦ୍ଧ ନଗରରୁ ଶ୍ୱେତା ଶର୍ମାଙ୍କୁ ଏଏପି ପ୍ରାର୍ଥୀ କରିଛି। ସେହିପରି ବିହାରର କିଶନଗଞ୍ଜରୁ ଅଲିମୁଦ୍ଦିନ ଅନ୍‌ସାରୀ, ସୀତାମାଢ଼ିରୁ ରଘୁନାଥ କୁମାର ଏବଂ ଭଗଲପୁରରୁ ସତ୍ୟେନ୍ଦ୍ର କୁମାର ଏଏପି ଟିକେଟରେ ନିର୍ବାଚନ ଲଢ଼ିବେ।

### ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ ହୋଇପାରନ୍ତି ପୁନମ୍ ସିହ୍ନା



**ନୂଆଦିଲ୍ଲୀ, ୨୪।୩(ପି.ଟି.):** କ୍ଷୁବ୍ଧ ଭାଜପା ନେତା ଶତ୍ରୁଘ୍ନ ସିହ୍ନାଙ୍କ ପତ୍ନୀ ପୁନମ୍ ସମାଜବାଦୀ ପାର୍ଟି ଟିକେଟରେ ଲକ୍ଷ୍ନୌ ଆସନରୁ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ଏହି ଆସନରେ ଭାଜପା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ପ୍ରାର୍ଥୀ କରିଛି। ଶତ୍ରୁଘ୍ନଙ୍କୁ ଭାଜପା ପାଟନା ସାହିବ ଆସନରୁ ବାଦ୍ ଦେଇ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ଉକ୍ତ ଆସନରୁ ମହାମେଣ୍ଟ ପ୍ରାର୍ଥୀ କରିପାରେ। କିଛିଦିନ ପୂର୍ବରୁ ଶତ୍ରୁଘ୍ନ ଲକ୍ଷ୍ନୌରେ ଏସ୍‌ପି ନେତା ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ସେତେବେଳେ ପୁନମ୍ ସିହ୍ନାଙ୍କ ରାଜନୀତି ପ୍ରବେଶ ନେଇ ଆଲୋଚନା ହୋଇଥିବା କୁହାଯାଉଛି।

### ସୀମାପାର ଗୁଳିରେ ଯବାନ ଶହୀଦ

**ଜମ୍ମୁ, ୨୪।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଓ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ସେନାର ଆଗୁଆ ଘାଟି ଉପରକୁ ଗୁଳିବର୍ଷଣ କରିବା ସହ ରକେଟ ମାଡ କରିଛି। ସେମାନଙ୍କ ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଭାରତୀୟ ସେନାର ପାଲଟା ଜବାବରେ ପାକିସ୍ତାନ ସୈନ୍ୟବାହିନୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

ପାକ୍ ସେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ଗ୍ରେନାଡିୟର ହରି ଭାକରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ପାକିସ୍ତାନୀ ସେନା ଗୁଳିରେ ରାଜୌରୀ ଜିଲାରେ ରାଇଫଲମ୍ୟାନ୍ କରମଜିତ ସିଂ ଶହୀଦ ହୋଇଥିଲେ। ୨୧ ତାରିଖରେ ଉକ୍ତ ସେକ୍ଟରର ଅନ୍ୟ ଜଣେ ରାଇଫଲମ୍ୟାନ ୟାଶ୍ ପାଲ୍‌ଙ୍କ ମୃତ୍ୟୁ ଘଟିଥିଲା।

### ଇତିହାସର ଆଇନାରେ

### ମାର୍ଚ୍ଚ ୨୫ର ପ୍ରମୁଖ ଘଟଣା

୧୯୭୯ ମାର୍ଚ୍ଚ ୨୫ରେ ପ୍ରଥମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଶଟଲ୍ ଅର୍ବିଟର କଲମ୍ବିଆ ଜନ୍ ଏଫ୍. କେନେଡି ସ୍ପେସ୍ ସେଣ୍ଟରକୁ ପଠାଯାଇଥିଲା।

୧୯୪୭ ମାର୍ଚ୍ଚ ୨୫ରେ ଇଲିନଏର ସେଣ୍ଟ୍ରାଲିଆସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୧୧ଜଣଙ୍କ ମୃତ୍ୟୁ ଘଟିଥିଲା। କୋଇଲା ଗୁଣ୍ଡରେ ଅକସ୍ମାତ୍ ନିଆଁ ଲାଗିଯିବା ଯୋଗୁ ଏହି ବିସ୍ଫୋରଣ ଘଟିଥିଲା।

# ପାକ୍‌ରେ ୨ ହିନ୍ଦୁ ନାବାଳିକାଙ୍କୁ ଅପହରଣ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୩(ପି.ଟି.)**



**ଧର୍ମ ପରିବର୍ତ୍ତନ କରାଇ ବିବାହ**

**ରିପୋର୍ଟ ମାଗିଲେ ସୁଷମା**

**ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍**

ହୋଲି ଅବସରରେ ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଗୋଟକି ଜିଲାରେ ହିନ୍ଦୁ ସମ୍ପ୍ରଦାୟର ୨ ଜଣ ନାବାଳିକାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ଧର୍ମ ପରିବର୍ତ୍ତନ କରିଦିଆଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଅନ୍ୟ ପକ୍ଷରେ ୨ ହିନ୍ଦୁ ନାବାଳିକା ଅପହରଣ, ଧର୍ମପରିବର୍ତ୍ତନ ଓ କମ୍ ବୟସରେ ଜବରଦସ୍ତ ବିବାହ ଖବର ଉପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନିଆଯାଉଥିବା ପାକ୍ ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ କହିଛନ୍ତି। ଅପହରଣ ଖବରକୁ ନେଇ ସୁଷମା ସ୍ୱରାଜ ଏବଂ ଫୱାଦଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ସୁଷମାଙ୍କ ଟୁଇଟ୍‌ର ଜବାବ ଦେଇ ଚୌଧୁରୀ କହିଛନ୍ତି, ଏହା ପାକିସ୍ତାନର ଆଭ୍ୟନ୍ତରୀଣ ପ୍ରସଙ୍ଗ, ସଂଖ୍ୟାଲଘୁ ଅବହେଳିତ ହେଉଥିବା ମୋଦି ସରକାରଙ୍କ ଭାରତ ନୁହେଁ।

ହୋଲି ଦିନ ରବିନା (୧୩) ଏବଂ ରୀନା (୧୫)ଙ୍କୁ କେତେଜଣ ଲୋକ ସେମାନଙ୍କ ଘରୁ ଅପହରଣ କରିନେଇଥିଲେ। ଜଣେ ମୌଲବୀ ସେମାନଙ୍କର ବିବାହ କରାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଛି। ତେବେ ଅନ୍ୟ ଏକ ଭିଡିଓରେ ସେମାନେ ସ୍ୱଇଚ୍ଛାରେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କଥା କହୁଥିବା ଦେଖାଯାଇଛି। ନାବାଳିକା ଅପହରଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ଭାରତ ଅଭିଯୋଗ କରିଆସୁଛି।

## ଆଜମଗଡ଼ରୁ ଲଢ଼ିବେ ଅଖିଳେଶ

**ଲକ୍ଷ୍ନୌ, ୨୪।୩(ପି.ଟି.)**



ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଆସନରୁ ଲଢ଼ିବେ। ଏହି ଆସନରୁ ତାଙ୍କ ବାପା ମୁଲାୟମ ସିଂ ଯାଦବ ପ୍ରତିନିଧିତ୍ୱ କରି ଆସୁଥିଲେ। ୨୦୧୪ରେ ମୁଲାୟମ ଆଜମଗଡ଼ ଓ ମୈନପୁରରୁ ନିର୍ବାଚନ ଲଢ଼ି ଉଭୟ ଆସନରୁ ଜିତିଥିଲେ। ଏଥର ତାଙ୍କୁ ମୈନପୁରରୁ ପ୍ରାର୍ଥୀ କରାଯାଇଛି। ଦଳ ପକ୍ଷରୁ ପ୍ରକାଶିତ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୁଲାୟମଙ୍କ ନାଁ ନ ଥିଲା। ଏହାକୁ ନେଇ ସମାଲୋଚନା ପରେ ଉକ୍ତ ତାଲିକାରେ ତାଙ୍କ ନାଁ ଯୋଡା ଯାଇଥିବା ଜଣାପଡିଛି। ଏଥିରେ ଅଖିଳେଶ, ଆଜମ ଖାନ୍, ଡିମ୍ପଲ ଯାଦବ, ରାମଗୋପାଳ ଯାଦବ, ଜୟା ବଚନ ଓ ଅନ୍ୟମାନେ ରହିଛନ୍ତି। ଏସ୍‌ପିର ବରିଷ୍ଠ ନେତା ମହମ୍ମଦ ଆଜମ ଖାନ ରାମପୁରରୁ ଲଢ଼ିବେ। ଏସ୍‌ପି ବର୍ତ୍ତମାନ ସୁଦ୍ଧା ଉତ୍ତରପ୍ରଦେଶ ପାଇଁ ୧୯ ଜଣ ଏବଂ ମଧ୍ୟପ୍ରଦେଶ ଲାଗି ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ପ୍ରମୁଖ ପ୍ରାର୍ଥୀ ହେଲେ ଅଖିଳେଶଙ୍କ ସମ୍ପର୍କୀୟ ଭାଇ ଧର୍ମେନ୍ଦ୍ର ଏବଂ ଅକ୍ଷୟ ଯାଦବ। ଧର୍ମେନ୍ଦ୍ର ବଦାଉଁ ଏବଂ ଅକ୍ଷୟ ଫିରୋଜାବାଦ ଆସନରୁ ଲଢ଼ିବେ। ସେହିପରି ଡିମ୍ପଲଙ୍କୁ କନୌଜ ଆସନରୁ ପ୍ରାର୍ଥୀ କରାଯାଇଛି।

### ରାହୁଲଙ୍କ ସମ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

# ୧୦ ବର୍ଷରେ ୫୫ ଲକ୍ଷରୁ ୯ କୋଟି

**ନୂଆଦିଲ୍ଲୀ, ୨୪।୩(ପି.ଟି.)**



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ୨୦୦୪ରେ ୫୫ ଲକ୍ଷ ଟଙ୍କା ଥିବାବେଳେ ୨୦୧୪ରେ ଏହା ୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ରାହୁଲଙ୍କ ଆୟର କୌଣସି ଜ୍ଞାତ ଉତ୍ସ ନ ଥିବାବେଳେ ୧୦ ବର୍ଷରେ କିପରି ଏତେ ବୃଦ୍ଧି ପାଇଲା ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ନିର୍ବାଚନ କମିଶନଙ୍କ ପାଖରେ ରାହୁଲ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ତାଙ୍କ ଆୟ ୫୫ ଲକ୍ଷରୁ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କଂଗ୍ରସ ଅଧ୍ୟକ୍ଷ ଓ ତାଙ୍କ ଭଉଣୀ ନାମରେ ଦିଲ୍ଲୀରେ ୪.୬୯ ଏକର ଜମିରେ ଫାର୍ମ ହାଉସ ଅଛି, ଯାହାକୁ ଫାଇନାନ୍ସିଆଲ ଟେକ୍‌ନୋଲୋଜି (ଇଣ୍ଡିଆ) ଲିମିଟେଡକୁ ଭଡ଼ାରେ ଦିଆଯାଇଥିବା ସମ୍ବିତ କହିଛନ୍ତି। ଏହା ବ୍ୟତୀତ ଦିଲ୍ଲୀର ମେହରୁଲିଠାରେ ଥିବା ଇନ୍ଦିରା ଫାର୍ମ ହାଉସ୍‌ର ମୂଲ୍ୟ ୯ ଲକ୍ଷ ଟଙ୍କା ବୋଲି ରାହୁଲ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉକ୍ତ ସମ୍ପତ୍ତିର ପ୍ରକୃତ ଦାମ୍ ବହୁକୋଟି ଟଙ୍କା ବୋଲି ସମ୍ବିତ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ଅନୁରୂପ ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାଥିଲା। ଯେଉଁଠି ୬-୭ ଲକ୍ଷ ନିବେଶ କଲେ ଦୁଇ ତିନି ବର୍ଷରେ ୭୦୦-୮୦୦ କୋଟି ଟଙ୍କା ହୋଇପାରୁଥିଲା। ଏବେ ରାହୁଲ ଗାନ୍ଧୀଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାପଡିଲା ବୋଲି ପ୍ରସାଦ କହିଛନ୍ତି। ୨ଜି ସ୍ପେକ୍ଟ୍ରମ ଦୁର୍ନୀତିରେ ସମ୍ପୃକ୍ତ ୟୁନିଟେକ୍‌ଠାରୁ ରାହୁଲ ଦୁଇଟି ସମ୍ପତ୍ତି ୧.୪୪ କୋଟି ଓ ୫.୩୬ କୋଟି ଟଙ୍କାରେ କିଣିବା ଉପରେ ଭାଜପା ନେତା ପ୍ରଶ୍ନ ଉଠାଇଛନ୍ତି।

## ଦେଶକୁ ମୋଦି ହିଁ ଦେଇପାରିବେ ସୁରକ୍ଷା: ଶାହ

**ଲକ୍ଷ୍ନୌ, ୨୪।୩**

ଦେଶକୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଇପାରିବେ ବୋଲି ଉତ୍ତରପ୍ରଦେଶର ଆଗ୍ରାରେ ରବିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ଶାହ କହିଛନ୍ତି, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ବାଲାକୋଟ ଆକ୍ରମଣକୁ ନେଇ ପ୍ରଶ୍ନ ଉଠାଉଛି। ମେଣ୍ଟ ନେତାମାନେ ଦେଶକୁ ସୁରକ୍ଷା ଦେଇପାରିବେ ନାହିଁ। ଭାଜପା ଏବଂ ମୋଦି ହିଁ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିପାରିବେ।



## 'ତୁଳସୀ ବଣରେ ଗଞ୍ଜେଇ ଗଛ ଜଗନ୍'

**କଡାପା, ୨୪।୩(ଆଇଏଏନ୍‌ଏସ୍)**



ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଆନ୍ଧ୍ରରେ ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ହେଉଛି। ଏଥିଲାଗି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ରବିବାର ଜଗନ୍‌ମୋହନଙ୍କ ଜିଲା କଡାପାର ବୁଡ୍‌ଭେଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅନ୍ନାମାୟା, ବୀର ବ୍ରହ୍ମେନ୍ଦ୍ର ସ୍ୱାମୀ ଓ ଯୋଗୀ ଭେମାନାଙ୍କୁ ଜନ୍ମ ଦେଇଥିବା କଡାପା ଜିଲା ଏକ ତୁଳସୀ ବଣ ଭଳି। ଏହି ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ମଧ୍ୟ ଉଠିଛି। ସେ ହେଉଛନ୍ତି, ଜଗନ୍‌ମୋହନ ରେଡ୍ଡୀ। ଏହା ପୂର୍ବରୁ ଚନ୍ଦ୍ରାବାବୁ ଜଗନ୍‌ମୋହନଙ୍କୁ ଅପରାଧର ବ୍ରାଣ୍ଡ ଅମ୍ବାସାଡର ବୋଲି ଅଭିହିତ କରି ତାଙ୍କ ବିରୋଧରେ ୩୧ ଆପରାଧିକ ମାମଲା ଥିବା କହିଥିଲେ।

## ୧୬ ବର୍ଷ ପରେ ମଇଦାନରେ ଦିଗ୍‌ବିଜୟ

**ଭୋପାଳ, ୨୪।୩(ପି.ଟି.)**



୧୬ ବର୍ଷର ବ୍ୟବଧାନ ପରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କୁ ଭୋପାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ପ୍ରଥମ ଦଫାରେ ଦିଗ୍‌ବିଜୟ, ମୀନାକ୍ଷୀ ନଟରାଜନଙ୍କ ସମେତ ମଧ୍ୟପ୍ରଦେଶ ପାଇଁ ୯ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ନଟରାଜନ ମନ୍ଦସୁର ଆସନରୁ, କବିତା ସିଂ ଖଜୁରାହୋରୁ, କିରନ ଅହିରୱାର ଟିକମଗଡରୁ, ପ୍ରମିଳା ସିଂ ଶାହଡୋଲରୁ ଓ ଶୈଳେନ୍ଦ୍ର ଦିୱାନ ହୋସାଙ୍ଗାବାଦରୁ ପ୍ରାର୍ଥୀ ହୋଇଛନ୍ତି।

ଭୋପାଳରୁ କଂଗ୍ରେସ ଦିଗ୍‌ବିଜୟଙ୍କୁ ପ୍ରାର୍ଥୀ କରିବା ପରେ ଭାଜପା ସେଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପ୍ରାର୍ଥୀ କରାଇବା ନେଇ ଚର୍ଚ୍ଚା ହେଉଛି। ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ୍ୟ ଦିଗ୍‌ବିଜୟଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବିରୋଧରେ ଆବେଦନ

## ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ନୂଆଦିଲ୍ଲୀ, ୨୪।୩(ପି.ଟି.)**

ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ସାନି ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ଶୁଣାଣି କରିବେ। ବେଆଇନ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିବା ନିମନ୍ତେ ମଧ୍ୟ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୫ ତାରିଖରେ ଉକ୍ତ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ୧୧.୮ ଲକ୍ଷ ବନବାସୀଙ୍କୁ ଉଚ୍ଛେଦ କରିବା ଲାଗି ଫେବୃୟାରୀ ୧୩ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ୨୮ରେ ସ୍ଥଗିତାଦେଶ ଦେଇଥିଲେ।

## 'କେବଳ ଧନୀଙ୍କ ପାଇଁ ଚୌକିଦାର'

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୨୪।୩(ପି.ଟି.)**

ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରୁନାହାନ୍ତି। ସେମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଭାଜପା ନେତାମାନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟର ଆଖୁ ଚାଷୀଙ୍କ ବକେୟା ୧୦,୦୦୦ କୋଟି ଟଙ୍କା ଟପିଗଲାଣି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ନେଇ ସେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଖୁ ଚାଷୀଙ୍କ ପରିବାର ଦିନରାତି ପରିଶ୍ରମ କରୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ଆଖୁର ପାଉଣା ଦେଉନାହାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ତେବେ ୨୦୧୨ରୁ ୨୦୧୭ ମଧ୍ୟରେ କୃଷକମାନେ ଅନାହାରରେ ପଡ଼ିଥିବାବେଳେ କଂଗ୍ରେସର ଶୁଭଚିନ୍ତକମାନେ କେଉଁଠି ଥିଲେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, 'ଚୌକିଦାର ଚୋର୍ ହେ' ବୋଲି କଂଗ୍ରେସ ପ୍ରଚାର କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ ଟୁଇଟର୍‌ରେ ନିଜ ନାମ ଆଗରେ 'ଚୌକିଦାର' ଯୋଡ଼ିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୭ |
| ଚାନ୍ଦବାଲି | ୩୪.୮ | ୨୧.୫ |
| କଟକ | ୩୭.୬ | ୨୧.୬ |
| ପାରାଦ୍ୱୀପ | ୩୨.୩ | ୨୩.୮ |
| ଭୁବନେଶ୍ୱର | ୩୮.୭ | ୨୧.୯ |
| ଗୋପାଳପୁର | ୩୨.୫ | ୨୩.୦ |
| ପୁରୀ | ୩୨.୮ | ୨୫.୦ |
| ଅନୁଗୋଳ | ୩୭.୧ | ୧୭.୦ |
| ବାରିପଦା | ୩୫.୦ | ୨୦.୪ |
| ଝାରସୁଗୁଡ଼ା | ୩୬.୧ | ୧୮.୪ |
| କେନ୍ଦୁଝର | ୩୩.୨ | ୧୭.୭ |
| ସମ୍ବଲପୁର | ୩୬.୧ | ୧୮.୩ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୬.୫ | ୧୮.୬ |
| ତାଳଚେର | ୩୬.୫ | ୨୦.୫ |
| ଭବାନୀପାଟଣା | ୩୫.୮ | ୨୧.୦ |
| ବଲାଙ୍ଗୀର | ୩୭.୦ | ୨୨.୫ |
| କୋରାପୁଟ | ୩୫.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୮ | ୧୮.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଚର୍ଚ୍ଚାରେ ସପ୍ନା ଚୌଧୁରୀ

**କଂଗ୍ରେସରେ ମିଶିବା ଖବରକୁ ଖଣ୍ଡନ କଲେ**

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ ବବର ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀଙ୍କୁ ଦଳକୁ ସ୍ୱାଗତ କରିବାର କିଛି ସମୟ ପରେ ସପ୍ନା ଦଳରେ ଯୋଗ ଦେଇ ନ ଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ପ୍ରିୟଙ୍କା ଗାନ୍ଧୀଙ୍କ ସହିତ ଥିବା ତାଙ୍କର ଫଟୋକୁ ଏଥିପାଇଁ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବବର ଶନିବାର ରାତିରେ ଚୌଧୁରୀଙ୍କୁ ସ୍ୱାଗତ କରିବା ସହିତ ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ଜେନେରାଲ ସେକ୍ରେଟାରି ପ୍ରିୟଙ୍କା ଗାନ୍ଧୀଙ୍କ ଫଟୋ ସହିତ ତାଙ୍କର ଏକ ଛବିକୁ ଟୁଇଟରରେ ପୋଷ୍ଟ କରିଥିଲେ। କଂଗ୍ରେସ ପରିବାର ସପ୍ନା ଚୌଧୁରୀଙ୍କୁ ସ୍ୱାଗତ କରେ ବୋଲି ବବର ଟୁଇଟ୍ କରିଥିଲେ। ଅପରପକ୍ଷରେ ଚୌଧୁରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଲୋକ ସଭା ନିର୍ବାଚନରେ ସେ କୌଣସି ରାଜନୈତିକ ଦଳ ପାଇଁ ପ୍ରଚାର କରୁନାହାନ୍ତି। ଅପରପକ୍ଷରେ ବବରଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି, ଗାୟିକା ସପ୍ନା ୟୁ-ଟର୍ନ ନେଇଥିବା ଦୃଷ୍ଟିରୁ ଏଥିରେ କିଛି କହିବାର ନାହିଁ। ସପ୍ନା ଦଳରେ ଯୋଗ ଦେବାପାଇଁ ସଦସ୍ୟତା ଫର୍ମ ପୂରଣ କରିଥିବା ସେ ଦେଖାଇଥିଲେ।





ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

# ୨୯ ଓ ୧ରେ ଓଡ଼ିଶା ଆସିବେ ମୋଦି

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

- ୨୯ରେ ଜୟପୁର, ୧ରେ କଳାହାଣ୍ଡି ଆସିବେ
- ୨୬ରେ ଆସୁଛନ୍ତି ୬ କେନ୍ଦ୍ରମନ୍ତ୍ରୀ
- ମୋଦିଙ୍କ ଗସ୍ତର ୭ଦିନ ପରେ ଆସିପାରନ୍ତି ଶାହ
- ରାହୁଲଙ୍କ ସଭାକୁ କାଉଣ୍ଟର ପାଇଁ ଲକ୍ଷ୍ୟ

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ସବୁ ଦଳରେ ପ୍ରାର୍ଥୀ ଚୟନ ସହ ଅସନ୍ତୁଷ୍ଟମାନଙ୍କୁ ମନାଇବା ଏକ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ହେଲେ ଏହା ମଧ୍ୟରେ ଦୁଇ ଦଳ ବିଜେଡି ଏବଂ ଭାଜପା ନିର୍ବାଚନ ପାଇଁ ନିଜର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ରହିଛି। ଖୁବ୍‌ଶୀଘ୍ର ଦଳ ଏହା ଘୋଷଣା କରିବ ବୋଲି ଜଣାପଡିଛି। ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରଖିଛି। ଏହିକ୍ରମରେ ଚଳିତ ମାସ ୨୯ ଓ ଏପ୍ରିଲ ୧ରେ ଦଳୀୟ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସୁଛନ୍ତି। ମୋଦିଙ୍କ ଏହି ଗସ୍ତ ସୂଚନା ମିଳିବାପରେ ଭାଜପା ନେତୃବୃନ୍ଦ ଏବଂ କର୍ମୀ ମହଲରେ ଉତ୍ସାହ ବଢିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆସନ୍ତା ୨୬ରେ ୬ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଓଡିଶା ଆସିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

କିଛିଦିନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି କଳାହାଣ୍ଡି ଏବଂ ଜୟପୁରଠାରେ ସାଧାରଣ ସଭା କରି ଉଭୟ ମୋଦି ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଏହି ଗସ୍ତ କାଳରେ ଚାଷୀମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାକୁ କାଉଣ୍ଟର କରିବା ଲାଗି ସମାନ ସ୍ଥାନରେ ଭାଜପାର ସାଧାରଣ ସଭା ଆୟୋଜନ କରାଯାଉଥିବା ଜଣାପଡିଛି। ଆସନ୍ତା ୨୯ରେ ମୋଦି ରାଜ୍ୟ ଗସ୍ତରେ ଆସି ଜୟପୁରଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହାର ୨ ଦିନ ପରେ ଅର୍ଥାତ୍ ଏପ୍ରିଲ ୧ରେ କଳାହାଣ୍ଡି ଆସି ରାଜନୈତିକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସବୁ ଦଳର ବର୍ତ୍ତମାନ ପଶ୍ଚିମ ଓଡିଶା ଭୋଟରଙ୍କ ଉପରେ ନଜର ରହିଛି। ମୋଦିଙ୍କ ଗସ୍ତର ୭ଦିନ ପରେ ଶାହଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬ କେନ୍ଦ୍ରମନ୍ତ୍ରୀ ତଥା ସଞ୍ଜୟ ପାଶ୍ୱାନ, ଶିବରାଜ ସିଂ ଚହ୍ୱାନ, ଆର୍.କେ. ସିଂ, ରାମ ବିଚାର ନେତମ, ରାଧାମୋହନ ସିଂ ଏବଂ ଜୟନ୍ତ ସିହ୍ନା ୨୬ରେ ଓଡିଶା ଆସିବେ। ଭାଜପା ନିଜ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଚୂଡାନ୍ତ କରିସାରିଥିବା ବେଳେ ବିଜେଡି ସଭାପତି ରବିବାର ନୟାଗଡଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଛନ୍ତି।

# ମାଟ୍ରିକ ପରୀକ୍ଷା: ଆଜିଠାରୁ ଖାତା ଦେଖା

**କଟକ ଅଫିସ,୨୪।୩:** ସୋମବାରଠାରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଖାତା ଦେଖା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହେବ। ଆବଶ୍ୟକସ୍ଥଳେ ସନ୍ଧ୍ୟା ୬ଟା ଯାଏ ଖାତାଦେଖା ସମୟ ଘୁଞ୍ଚାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୂଚନା ଦେଇଛନ୍ତି। ରବିବାର ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପରୀକ୍ଷକମାନେ ପହଞ୍ଚି ସାରିଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ମୂଲ୍ୟାୟନ ସମ୍ପର୍କିତ ବୈଠକ ଡକାଯାଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ଖାତା ଦେଖା ନିମନ୍ତେ ମୋଟ୍ ୧୬,୦୩୦ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ମଧ୍ୟମା ପରୀକ୍ଷା ଖାତା ଦେଖିବେ ୧୭୬ଜଣ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ୭୬୧ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ୧୪୮୨ଜଣଙ୍କୁ ଡେପୁଟି ମୁଖ୍ୟ ପରୀକ୍ଷକ, ୧୨,୨୬୫ଜଣଙ୍କୁ ସହକାରୀ ପରୀକ୍ଷକ, ୧୫୨୨ଜଣ ସ୍କ୍ରୁଟିନାଇଜର ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ବୋର୍ଡ ସଭାପତି ଡ. ବେଗମ୍। ପରୀକ୍ଷା କମିଟିର ନିଷ୍ପତ୍ତିକୁ ସର୍ବସାଧାରଣରେ ଘୋଷଣା କରାଯାଇ ପାରିବନାହିଁ। ପରୀକ୍ଷା କମିଟିର ନିଷ୍ପତ୍ତି ଓ ସେମାନଙ୍କ ମୂଲ୍ୟାୟନକୁ ଗୋପନୀୟ ରଖାଯାଇଛି ବୋଲି ସେ କହିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଭାବକ ଓ ସମ୍ପର୍କୀୟମାନଙ୍କ ବିଶୃଙ୍ଖଳିତ ଆଚରଣ ସମେତ ଅଧିକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ହେବା ଅଭିଯୋଗରେ ବୋର୍ଡ କର୍ତ୍ତୃପକ୍ଷ ୩ଟି ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ କରିଥିଲେ। ଏହି କେନ୍ଦ୍ରଗୁଡ଼ିକ ହେଉଛି ବଲାଙ୍ଗୀର ଜିଲାର ଘୁମୁସର ସରକାରୀ ନୋଡ଼ାଲ ହାଇସ୍କୁଲ, ଢେଙ୍କାନାଳ ଜିଲା ପଳାସପିଠିଆର ପି.ଆର ହାଇସ୍କୁଲ ଓ କଟକ ଜିଲା ଅନ୍ତର୍ଗତ ଗୋପୀନାଥପୁରର କୃପାସିନ୍ଧୁ ନୋଡାଲ ହାଇସ୍କୁଲ। ଏହାଛଡ଼ା ମାଲକାନଗିରି ଜିଲା ପଡ଼ିଆସ୍ଥିତ ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଗଣିତ ଉତ୍ତରଖାତା ଗାଏବ ହୋଇଯାଇଛି।

**କଳରାପତରିଆ ବାଘ ଚମଡ଼ା ଜବତ ଘଟଣା**

# ଆଉ ୩ ଗିରଫ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡାରୁ କଳରାପତରିଆ ବାଘ ଚମଡ଼ା ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ରବିବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲଇକେରାର ନରେନ୍ଦ୍ର ପିଙ୍ଗ୍, ଦେବଗଡ଼ ରିଆମାଳର ମାନ୍‌ଫୁଲ ପ୍ରଧାନ ଓ ଜମାଖେରାର ଅକ୍ଷୟ ଭୋଇ। ଏମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଏସ୍‌ଟିଏଫ୍ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ଓ ଜଣେ ସେନା ଅଧିକାରୀ ଥିବା ଜଣାପଡ଼ିଥିଲା। ସେମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ବାଘଛାଲ ପାଖରେ ରଖିଥିଲେ। ଏସ୍‌ଟିଏଫ୍ ଗିରଫ ୭ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ୩ ଦିନ ରିମାଣ୍ଡରେ ନେଇଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଣିଥରେ ଚଢ଼ାଉ କରିଥିଲା। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି, ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପରେ ଆମକୁ କିଛି ନୂଆ ଲିଙ୍କ୍ ମିଳିଥିଲା। ଏ ଦିଗରେ ତଦନ୍ତ କରିବା ବେଳେ ଆଉ ୩ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେମାନେ ବେଆଇନ ଭାବେ କଳରାପତରିଆ ବାଘ ଚମଡ଼ା ବେପାର କରନ୍ତି। ଅଧିକ ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କୁ ରିମାଣ୍ଡରେ ନେବାକୁ ଚେଷ୍ଟା କରିବୁ। ଅନ୍ୟପକ୍ଷରେ ଏହି ର୍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ଓ ଏହାର ଚେର କେତେ ଦୂର ଲମ୍ବିଛି, ସେ ଦିଗରେ ଖୋଳତାଡ଼ କରାଯାଉଛି।












ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସିମ୍ରନ୍
ପରିବାରବର୍ଗ


ଅନୁସ୍କା
ପରିବାରବର୍ଗ


ଲିଜା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

### SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548

real estate

### SALE

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) x ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65306

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65307

**ପିତାପଲ୍ଲୀଛକ NH-5ରୁ 100ft. ଦୂରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309

to-let

Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

### ACCOMMODATION

We largest realestate marketing agency requires project of plot, duplex and apartment in Bhubaneswar and near Bhubaneswar for exclusive marketing rights, if any builder, property owners are interested to quickly dispossed of his property, then contact us immediately. 9937711302. D-66052

### ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା


(ରିଷି)
**ଆୟୁଷ୍ମାନ ମୋହିତ**
ଭୀମଟାଙ୍ଗି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ-ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୦୯

### ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା


(ରିଦ୍ଧି)
**ଆୟୁଷ୍ମତୀ ମାନବୀ**
ଭୀମଟାଙ୍ଗି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ-ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୧୦

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା


**ଆୟୁଷ୍ମାନ ମେହେର**
ଶୁଭ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ। ଶୁଭେଚ୍ଛା ଜଣାଇଛନ୍ତି: ବାପା, ନାନୀ, ଦାଦା, ଅମିତ, କୁନି, ରଶ୍ମି ଏବଂ ସମସ୍ତ ପରିବାରବର୍ଗ। ଧ-୧୧୭୮୩

### ଶୁଭ ବ୍ରତୋପନୟନ ଶୁଭେଚ୍ଛା



(ପ୍ରଭୁ)
**ରିତୁରାଜ**
ଭାଗ୍ୟଲକ୍ଷ୍ମୀ ଓ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ସୁପୁତ୍ର
ଜଗନ୍ନାଥପୁର, ପିପିଲି
ନବବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ଚଳାପଥ କୁସୁମିତ କରନ୍ତୁ। ପପୁଲାର ଅଟୋମୋବାଇଲସ୍, ପିପିଲି। ଧ-୧୧୭୮୪


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

ଚଳିତ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକ ମାନେ ୩୮,୨୧୧ କୋଟି ଟଙ୍କା ନିବେଶ କରିଛନ୍ତି। – ବିଏସ୍ଇ

## ଦୁର୍ଘଟଣାରୁ ବର୍ତ୍ତିଲା ଟାଟା-ଏଏଲ୍ଏଲ୍ପି ଏକ୍ସପ୍ରେସ୍

**ରାଉରକେଲା ଅଫିସ,୨୪।୩**

ରେଲୱେ ଟ୍ରାକ୍ମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବନ୍ଧମୁଣ୍ଡା ଅଞ୍ଚଳରେ ଏକ ନିଶ୍ଚିତ ରେଳ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଛି। ରବିବାର ସକାଳେ ବନ୍ଧମୁଣ୍ଡା ଡିଜେଲ କଲୋନୀ ଡି କ୍ୟାବିନ ନିକଟ ଦେଇ ଟାଟା ଏଏଲ୍ଏଲ୍ପି ଏକ୍ସପ୍ରେସ୍ ରାଉରକେଲା ଦିଗରୁ ଆସୁଥିବା ବେଳେ ରେଳ ଧାରଣାରେ ଫାଟ ଥିବା ଦେଖି ଗ୍ୟାଙ୍ଗମ୍ୟାନ ରାମଶ୍ରେୟ ଦାସ ବିଚଳିତ ହୋଇ ପଡ଼ିଥିଲେ। ସେ ତତ୍କ୍ଷଣାତ୍ ଏକ ନାଲି ରଙ୍ଗର ପତାକା ଦେଖାଇ ଏ ସମ୍ପର୍କରେ ଟ୍ରେନ୍ ଚାଳକଙ୍କୁ ସୂଚନା ଦେଇଥିଲେ। କେହି ଜଣେ ଦୂରରୁ ବିପଦ ସଙ୍କେତ ପ୍ରଦାନ କରୁଥିବା ଦେଖି ଚାଳକ ଟ୍ରେନ୍ ଅଟକାଇବାକୁ ତୁରନ୍ତ ପଦକ୍ଷେପ ନେଇଥିଲେ। ଫଳରେ ବିପଦପୂର୍ଣ୍ଣ ସ୍ଥାନଠାରୁ ଟ୍ରେନ୍ ଅଳ୍ପ ଦୂରରେ ଅଟକି ଯାଇଥିଲା। ଟ୍ରାକ୍ ମରାମତି କରାଯାଇ ପ୍ରାୟ ଘଣ୍ଟାଏ ପରେ ଟ୍ରେନ୍ ପୁନର୍ବାର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଟ୍ରେନ୍ ଚାଲିଯିବା ପରେ ଟ୍ରାକ୍ର ସ୍ଥାୟୀ ମରାମତି ଚାଲିଥିବା ଜଣାଯାଇଛି।


ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଟାଟା-ଏଏଲ୍ଏଲ୍ପି ଏକ୍ସପ୍ରେସ୍।

■ ଦିଗପହଣ୍ଡି ବିଧାନସଭା କ୍ଷେତ୍ର

# ଭାଜପାରୁ ପିଙ୍କିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଧାରଣା

**ବ୍ରହ୍ମପୁର ଅଫିସ,୨୪।୩**

ଗଞ୍ଜାମ ଜିଲାର ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଓଡ଼ିଆ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏହାକୁ ବିରୋଧ କରି ଦଳର କେତେଜଣ ବିଦ୍ରୋହୀ ସାଜିଛନ୍ତି। ଶନିବାର ମହନ୍ତ ଚିନ୍ମୟାନନ୍ଦ ଓ ତାଙ୍କ ସମର୍ଥକମାନେ ବ୍ରହ୍ମପୁର ଷ୍ଟେଶନରୋଡ ନିକଟ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଦୀର୍ଘ ସମୟ ଧାରଣା ଦେଇଥିଲେ। ଦିଗପହଣ୍ଡି ପ୍ରାର୍ଥୀ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟ ଜଣେ ଆଶାୟୀ ଇଂ. ଉତ୍ତମ ପାଣିଗ୍ରାହୀ ମଧ୍ୟ ଘୋଷିତ ପ୍ରାର୍ଥୀ ତାଲିକାରୁ ପିଙ୍କିଙ୍କ ନାମ ବାଦଦେଇ ତାଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଉତ୍ତମ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। ସେଠାରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଗପହଣ୍ଡି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଚେତାବନୀ ଶୁଣାଇଛନ୍ତି ।

ସେହିପରି ଭାଜପାରୁ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ଲଢ଼ିବାକୁ ଆଉ ଜଣେ ଆଶାୟୀ ଥିବା ଶ୍ରୀକାନ୍ତ ପାଢ଼ୀଙ୍କ ସମର୍ଥକମାନେ ରବିବାର ବ୍ରହ୍ମପୁର ଆସି ନିର୍ବାଚନ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଶ୍ରୀକାନ୍ତଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ନାରା ଦେଇଥିଲେ। ଏହି ସମୟରେ ପିଙ୍କି ଓ ଦଳର କେତେଜଣ ନେତା ସେଠାରେ ପହଞ୍ଚିଥିଲେ। ଦଳ ପକ୍ଷରୁ ପିଙ୍କିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ତାହା ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି କେତେଜଣ ନେତା ଚରମବାଣୀ ଶୁଣାଇବାରୁ ଆନ୍ଦୋଳନକାରୀ ଫେରିଥିଲେ। ଆନ୍ଦୋଳନାକରୀଙ୍କ ମଧ୍ୟରୁ କେତେଜଣ ପିଙ୍କିଙ୍କ ସହ ସେଲ୍ଫି ନେଉଥିବା ଦେଖାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ ସାବତ କହିଛନ୍ତି, ସୋମବାର ପିଙ୍କି ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରକୁ ଆସି ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି । ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା ମହନ୍ତ ଓ ତାଙ୍କ ସମର୍ଥକମାନେ ପିଙ୍କିଙ୍କ ସହିତ ଦିଗପହଣ୍ଡି ଯାଇ ନିର୍ବାଚନୀ କାର୍ଯ୍ୟରେ ସାମିଲ ହୋଇଥିବା ସାବତ କହିଛନ୍ତି।

# ଆହୁରି ୩ ଦିନ ଗ୍ରୀଷ୍ମ ପ୍ରବାହ

## ମାଲକାନଗିରିରେ ସର୍ବାଧିକ ୪୦ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ରବିବାର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ଝାଞ୍ଜି ପବନ ସାଙ୍ଗକୁ ଅଧିକ ଖରା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଆସନ୍ତା ୩ ଦିନ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ଅସହ୍ୟ ହୋଇପଡ଼ିବ। ମାଲକାନଗିରିରେ ଗତ କିଛିଦିନ ହେବ ପାରଦ ୪୦ ଡିଗ୍ରୀ ଛୁଉଁଥିବା ବେଳେ ରାଜ୍ୟର ବାକି ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିଥିବା ଦେଖାଯାଇଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ହାରାହାରି ୩୯ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ପାଖାପାଖି ରହିବ। ଏହା ପ୍ରଭାବରେ ପୂର୍ବାହ୍ନରେ ଗରମ ଅନୁଭୂତ ହେବ ଏବଂ ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା, ପବନ ହୋଇପାରେ। ଆସନ୍ତା ୨୬ ଓ ୨୭ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼ ଆଦି ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି। ୨୮ତାରିଖରୁ ପାଗରେ ପରିବର୍ତ୍ତନ ଆସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମାଲକାନଗିରି ୪୦ ଡିଗ୍ରୀ ପରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଭୁବନେଶ୍ୱରରେ ରବିବାର ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କଟକ ୩୭.୬, ଅନୁଗୋଳ ୩୭.୧, ବଲାଙ୍ଗୀର ୩୭, ହୀରାକୁଦ ଓ ତାଳଚେର ୩୬.୫, ସମ୍ବଲପୁର ଓ ଝାରସୁଗୁଡ଼ା ୩୬.୧, ସୋନପୁର, କୋରାପୁଟ ଓ ଭବାନୀପାଟଣା ୩୫.୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ଅନ୍ୟ ସହରଗୁଡ଼ିକରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ହଜାଇଦେଲେ...

ଲକ୍ଷ ଲକ୍ଷ ଚାକିରିଆ ନିଯୁକ୍ତି ହରାଇ ବେକାର ହୋଇଗଲେ ଏବଂ ଛୋଟ ବ୍ୟବସାୟୀ ବାଧ୍ୟହୋଇ ବେପାର ପେଡ଼ି ବନ୍ଦ କଲେ। ଦେଶରେ ବେକାରି ସମସ୍ୟା ୪୫ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ନିଯୁକ୍ତି ଆଶାୟୀ ଯୁବତୀଯୁବକମାନେ କର୍ମସଂସ୍ଥାନ ପାଇଁ ଘୂରି ବୁଲୁଛନ୍ତି। କାମଧନ୍ଦା ଅଭାବ ଯୋଗୁ ଲକ୍ଷ ଲକ୍ଷ ପରିବାର ଅନ୍ୟ ରାଜ୍ୟ ଓ ଦେଶକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସମାଗ୍ରୀର ଉଚିତ ମୂଲ୍ୟ ମିଳୁନାହିଁ। ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ସରକାର ପ୍ରୟାସ ଚଳାଇଥିବା କହୁଛନ୍ତି। କିନ୍ତୁ ହକ୍ ମାଗିଲେ ଗୁଳି ମିଳୁଛି। ଆନ୍ଦୋଳନ କଲେ ମୁଣ୍ଡ ଗଡ୍ଡୁଛି। ଫସଲହାନିରେ ମର୍ମାହତ ଚାଷୀ ଋଣବୋଝରେ ଉବୁଡ଼ୁବୁ ହୋଇ ଶେଷରେ ଆତ୍ମହତ୍ୟା କରୁଛି।

ଭାରତରେ ମହିଳାଙ୍କ ବିରୋଧରେ ଘଟୁଥିବା ଚତୁର୍ଥ ହିଂସା ହେଉଛି ବଳାତ୍କାର। ଦେଶରେ ପ୍ରତିଦିନ କେଉଁଠି ନା କେଉଠି ମହିଳାମାନେ ଶାରୀରିକ ନିର୍ଯାତନା ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ସବୁବେଳେ ସରକାରୀ ଅଙ୍କୁଶ ଦେଖିବାକୁ ମିଳିଛି। ବାସ୍ତବ ଚିତ୍ର ସାମ୍ନାକୁ ଆଣି କେନ୍ଦ୍ରର ନୀତିଗୁଡ଼ିକୁ ସମାଲୋଚନା କରୁଥିବା ଲେଖକ, ଖବରଦାତା ଓ ବୁଦ୍ଧିଜୀବୀଙ୍କୁ ଅନେକ ସମୟରେ ଜୀବନ ହାରିବାକୁ ପଡ଼ିଛି। ଗୋବିନ୍ଦ ପାନ୍ସରେ(୨୦୧୫ ଫେବୃୟାରୀ), ଏମ୍.ଏମ୍. କଲବୁର୍ଗୀ (୨୦୧୫ ଅଗଷ୍ଟ) ଓ ଗୌରୀ ଲଙ୍କେଶ (୨୦୧୭ ସେପ୍ଟେମ୍ବର)ଙ୍କ ହତ୍ୟାକାଣ୍ଡ ଏହାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ। ବିଶେଷକରି ୨୦୧୪ରୁ ଏହି ଧାରା ଲମ୍ବିବାରେ ଲାଗିଛି। ଗୋସୁରକ୍ଷା ନାମରେ ତଥାକଥିତ ଗୋରକ୍ଷକ ଓ ହିନ୍ଦୁବାଦୀମାନେ ଦଳିତ ଏବଂ ସଂଖ୍ୟାଲଘୁଙ୍କୁ ବିଗତ ୫ ବର୍ଷରେ କେତେଥର ଆକ୍ରମଣ କରି କେତେଜଣଙ୍କୁ ହତ୍ୟା କରିଛନ୍ତି, ଏହାର ହିସାବ ସରକାରଙ୍କ ନଥିପତ୍ରରେ ନ ଥିବ। ସବୁବେଳେ ଚର୍ଚ୍ଚାର ବିଷୟ ପାଲଟୁଥିବା ଏହି ପ୍ରସଙ୍ଗ ସମୟ ସ୍ରୋତରେ ଏବେ ଇତିହାସ ପାଲଟିଯାଇଛି। ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣୁଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟ ନିର୍ବାଚନ ସମୟରେ ଏହି ପ୍ରସଙ୍ଗରେ ଏକପ୍ରକାର ଚୁପ୍ ବସିଯାଇଛି। ବିଦେଶ ବୁଲିବାରେ ସର୍ବାଧିକ ଅର୍ଥ (୨୦୧୪ରୁ ୨୦୧୯ ମଧ୍ୟରେ ୯୨ ଦେଶ, ୪୮ ଥର ଗସ୍ତରେ ୨୦୨୧ କୋଟି ଟଙ୍କା) ଶ୍ରାଦ୍ଧ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ବିଶେଷକରି ଚାଇନା ଓ ପାକିସ୍ତାନ ପ୍ରସଙ୍ଗରେ କଂଗ୍ରେସ ଟାର୍ଗେଟ କରିଆସିଛି। ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀ (ଏନ୍ଏସ୍ଜି)ରେ ସଦସ୍ୟତା, ୨୦୧୭ ଜୁନ୍ର ଡୋକ୍ଲାମ୍ ବିବାଦ ଓ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜାତିସଂଘରେ କଳାତାଲିକାଭୁକ୍ତ କରାଇବା ଉଦ୍ୟମ ସବୁଥିରେ (ଚାଇନା ଯୋଗୁ) ଭାରତକୁ ବାରମ୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି ବୋଲି କେନ୍ଦ୍ରକୁ ଟାର୍ଗେଟ କରୁଥିବା କଂଗ୍ରେସ ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗ ଉଠାଉନାହିଁ। ପ୍ରାୟ ସବୁ ସାଧାରଣ ନିର୍ବାଚନର ଦଳୀୟ ଇସ୍ତାହାରରେ ରାମମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଉଥିବା ଭାଜପା ଏହାକୁ କେବଳ ଭୋଟ ଧ୍ରୁବୀକରଣର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଅଭିଯୋଗ କରନ୍ତି। ଠିକଣା ବେଳେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ହାତବାନ୍ଧି ବସିଯାଇଛନ୍ତି। ଭାଜପାର ସଂକଳ୍ପପତ୍ର ପ୍ରକାଶ ପାଇଲେ ଏହାର ପରିବର୍ତ୍ତିତ ଆଭିମୁଖ୍ୟ ଜଣାପଡ଼ିବ।

ଅନ୍ୟପକ୍ଷରେ ଭାଜପା ନିର୍ବାଚନ ବେଳେ ଯେଉଁ ସବୁ ରଣନୀତି ଆପଣେଇ କ୍ଷମତାସୀନ ହୋଇଥାଏ, କଂଗ୍ରେସ ମଧ୍ୟ ସେହି ସହଜ ବାଟରେ ଚାଲୁଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭୋଟ ପାଇଁ ମଠମନ୍ଦିର ବୁଲି ଗଙ୍ଗାନଦୀକୁ ଆପଣେଇଛନ୍ତି। 'ନରମ ହିନ୍ଦୁତ୍ୱବାଦ'ର ଆଶ୍ରୟ ନେଇ ସଂଖ୍ୟାଗରିଷ୍ଠ ମତଦାତାଙ୍କ ଭୋଟ ହାତେଇବା ଆଶା ଏହାର ଏକମାତ୍ର କାରଣ ହୋଇପାରେ। ଏଭଳି ସମୟରେ ସମସ୍ତ ମୂଳ ପ୍ରସଙ୍ଗକୁ ପଛରେ ପକାଇ ଆତଙ୍କବାଦୀଙ୍କ ପୁଲଓ୍ୱାମା ଆକ୍ରମଣ ଓ ଭାରତୀୟ ବାୟୁସେନାର ବାଲାକୋଟ ପ୍ରତିଆକ୍ରମଣ କଥା ଉଠାଇ ଭାଜପା ଫାଇଦା ନେବାକୁ ଅଣ୍ଟାଭିଡ଼ିଛି ବୋଲି ବିଶ୍ଲେଷକମାନେ ମତବ୍ୟକ୍ତ କରୁଛନ୍ତି। ମୋଦି ମଧ୍ୟ ଆଉ 'ବିକାଶ' କଥା ପ୍ରାୟତଃ କହୁନାହାନ୍ତି। ତେଣୁ ଭୋଟର ଏଥର କେଉଁ ପ୍ରସଙ୍ଗକୁ ନେଇ ମତଦାନ କରିବେ ସେନେଇ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ ବୋଲି ଚର୍ଚ୍ଚା ହେଉଛି।

## ବିଜେଡିର...

ବଲାଙ୍ଗୀର ଲୋକ ସଭା ଟିକେଟ ପାଇସାରିଛନ୍ତି। ପାଟଣାଗଡ଼ରେ ସରୋଜ ମେହେରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ପାଟଣାଗଡ଼ ପାଇଁ ଆଶାୟୀ ଥିବା ଶ୍ରୀମୟୀଙ୍କୁ ବଲାଙ୍ଗୀରରେ ଟିକେଟ ମିଳିପାରେ ବୋଲି ଆଲୋଚନା ହେଉଥିଲା। ଲୋଇସିଂହାରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ନିଜ ପୁଅ ନୀହାର ରଞ୍ଜନ ବେହେରାଙ୍କ ପାଇଁ ଲବି କରୁଥିଲେ। ହେଲେ ସ୍ଥାନୀୟ ସଙ୍ଗଠକ ପ୍ରଦୀପ ବେହେରାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ସମ୍ବଲପୁର ଏବଂ ରେଢ଼ାଖୋଲରେ ଦଳୀୟ ସ୍ଥିତି ସୁଧାରିବା ପାଇଁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଦୁଇ ଆସନରେ ପୂର୍ବରୁ ପ୍ରାର୍ଥୀ ଥିବା ରାସେଶ୍ୱରୀ ପାଣିଗ୍ରାହୀ ଏବଂ ରୋହିତ ପୂଜାରୀଙ୍କୁ ପୁଣିଥରେ ଟିକେଟ ପ୍ରଦାନ କରାଯାଇଛି। ଝରିଗାଁ ବିଧାୟକ ତଥା ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରମେଶଙ୍କ ସ୍ଥାନରେ ତାଙ୍କ ଭାଇ ପ୍ରକାଶ ମାଝିଙ୍କୁ ପ୍ରାର୍ଥୀ କରାଯାଇଛି। ମାଲକାନଗିରି ବିଧାୟକ ଥିବା ମାନସ ମାଡକାମୀ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଏବଂ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ମିଳିନାହିଁ। ସେହିପରି ଗତଥର ବଲାଙ୍ଗୀର ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ଏ.ୟୁ. ସିଂଦେଓଙ୍କ ବଦଳରେ ତାଙ୍କ ପୁତ୍ର ଅର୍କେଶଙ୍କୁ ଟିକେଟ ପ୍ରଦାନ କରାଯାଇଛି। ବ୍ରଜରାଜନଗରରେ ଅନୁପ ସାଏଙ୍କୁ ପରିବର୍ତ୍ତନ କରାଯାଇ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅନୁପଙ୍କୁ ଆଗାମୀ ଦିନରେ ରାଜ୍ୟ ସଭାରେ ଥଇଥାନ କରାଯିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ସାହସିକତାର ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରାହୁଙ୍କ ପ୍ରଭାବଜନିତ ପାଖ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** କର୍ମଭାବରେ ବୁଧ ଓ ଶୁକ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସହାୟକ ହେବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅତୀତରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି। ମାଙ୍ଗଳିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମଟିକୁ ପାଶୋରି ଦେଇପାରନ୍ତି।

**ମିଥୁନ** ରାଶିରେ ବଳବାନ୍ ରାହୁ ଧନାଧିପତି ଠାରୁ ଅଷ୍ଟମସ୍ଥ ହେତୁ ଆପଣଙ୍କ ପ୍ରାପ୍ତି ଆଶା ନିରର୍ଥକ ହେବନାହିଁ। ପଦସ୍ଥବ୍ୟକ୍ତିଙ୍କ ହସ୍ତକ୍ଷେପ ଦ୍ୱାରା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ଚାଲିଚଳନ ଆପଣଙ୍କ ପସନ୍ଦଯୋଗ୍ୟ ନ ହୋଇପାରେ।

**କର୍କଟ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସମ୍ମାନଜନକ ସ୍ଥିତି ସଙ୍ଗକୁ ଅର୍ଥ ଓ ଉପହାରାଦି ପ୍ରଦାନ କରିପାରେ। ଏକାଦଶସ୍ଥ ମଙ୍ଗଳ ଯୋଗ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ । ଶନିଙ୍କ ପ୍ରଭାବରେ ସାଧାରଣ କଥାରେ ମଧ୍ୟ ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ମହିଳା ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** ରବି ଅଷ୍ଟମସ୍ଥାନସ୍ଥ ହେତୁ ସରକାରୀ ସ୍ତରରେ ସମସ୍ୟା ଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବ୍ୟୟାଧିପ ଚତୁର୍ଥଭାବରେ ରହି ଆପଣଙ୍କ ନୂତନ ଯାନବାହନ, ଗୃହ, ଯାନ୍ତ୍ରିକ ଜିନିଷ କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରାଇବାର ମାନସିକତା ପ୍ରଦାନ କରିବେ। ବୁଧଙ୍କ ଦୁର୍ବଳତା ଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ସୂଚନା ରହିଛି।

**ତୁଳା** ଚତୁଃକେନ୍ଦ୍ର ଗ୍ରହଶୂନ୍ୟ ହେତୁ ସବୁ କିଛି ଥାଇ ମଧ୍ୟ କିଛି ନ ଥିବା ଭଳି ଅନୁଭବ କରିବେ। ଅବଶ୍ୟ ମୁଖଭାବରେ ଶୁଭଗ୍ରହ ପ୍ରଭାବରେ ବନ୍ଧୁଙ୍କ ଶ୍ରୁତିମଧୁର କଥା ସହ ଅର୍ଥଲାଭ ଘଟିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ଅଶାନ୍ତି ଓ ଅସନ୍ତୋଷ ମାନସିକ ସୁସ୍ଥତାକୁ ନଷ୍ଟ କରିବ।

**ବିଛା** ଉଚ୍ଚ ଚିନ୍ତା ଓ ମହତ୍ ଉଦ୍ଦେଶ୍ୟ ନେଇ କାମ କଲେ ମଧ୍ୟ ଚତୁର୍ଥଭାବ ପ୍ରତି ଶନିଙ୍କ ଦୃଷ୍ଟି ଓଲଟାଫଳ ପ୍ରଦାନ କରିବ। ଫଳରେ ଭଲ କଲେ ମଧ୍ୟ ଅନ୍ୟମାନେ ତାହାକୁ ସକାରାତ୍ମକ ଭାବରେ ଗ୍ରହଣ କରିବେ ନାହିଁ। ବାଣିଜ୍ୟ,ବ୍ୟବସାୟ, ଆନୁଷ୍ଠାନିକ କାମ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଶନି ଓ କେତୁ ରାଶିରେ ରହି ଶାରୀରିକ ଓ ମାନସିକ ସୁସ୍ଥତାକୁ ନଷ୍ଟ କରିପାରନ୍ତି। ଅବଶ୍ୟ ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ହ୍ରାସ ଘଟିପାରେ। ଅର୍ଥ ସମ୍ପର୍କ, ବ୍ୟବସାୟ ଓ ଯାତ୍ରା ପ୍ରଭୃତିରେ କୌଣସି ଅସୁବିଧା ରହିବନାହିଁ।

**ମକର** ଏକାଦଶସ୍ଥ ଚନ୍ଦ୍ର ଓ ବୃହସ୍ପତି କୌଣସି ଆତ୍ମୀୟ ସ୍ୱଜନଙ୍କ ସହ ସୁସମ୍ପର୍କ ସ୍ଥାପିତ କରାଇବ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ସଭାସମିତି, ନୂତନ କର୍ମାରମ୍ଭ ପ୍ରଭୃତି ପାଇଁ ଦିନଟି ବହୁତ ଭଲ। ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ ରହିଥିବା ଦୁଶ୍ଚିନ୍ତା ସାମୟିକ ମନକୁ ବିଭ୍ରାନ୍ତ କରାଇବ। ହଠାତ୍ କୌଣସି ଖବର ମନଦୁଃଖର କାରଣ ହୋଇପାରେ।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ପ୍ରଶାସନିକ ସଫଳତା, ମାନସିକ ପ୍ରଫୁଲ୍ଲତା ଓ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ରାଜନୀତି କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସ୍ୱାର୍ଥ ସାଧନ ମାନସରେ ବନ୍ଧୁଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ କରିବ।

**ମୀନ** ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝି ନ ପାରନ୍ତି। ପରିବାରରେ ମଧ୍ୟ ପ୍ରଶଂସା କରିବା ତେଣେ ଥାଉ ଆକ୍ଷେପୋକ୍ତି ଦ୍ୱାରା ମାନସିକ ଆଘାତ ପାଇ ଦୁଃଖ ପ୍ରକାଶ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଚୈତ୍ର କୃଷ୍ଣ ୫ମୀ ସୋମବାର, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର- ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଅନୁରାଧା ନକ୍ଷତ୍ରେ ବ୍ରତୋପନୟନ, ସକାଳ ଘ୭।୨୦ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ରାହୁକାଳ।






■ ନୟାଗଡ଼ରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

# ୨୧ ଲୋକ ସଭା ଆସନ ଜିତିବାର ଦମ୍ଭୋକ୍ତି ଦେଖାଇଲେ

**ନୟାଗଡ଼ ଅଫିସ,୨୪।୩**

ଆଉ ମାତ୍ର ଦିନ କେଇଟା ପରେ ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଓ ସଂସ୍କୃତିର ସାଧନା ପୀଠ ନୟାଗଡ଼ରୁ ବିଜେଡି ରବିବାର ନିଜର ପ୍ରଚାର ଆରମ୍ଭ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ଦଳର ପ୍ରଚାର କରିଛନ୍ତି। ଜିଲା ବିଜେଡ଼ି ସଭାପତି ତଥା ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଅପରପକ୍ଷେ ନୟାଗଡରେ ବିଧାନସଭା ଆସନ ପ୍ରାର୍ଥୀ କିମ୍ବା ପୁରୀ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ସଭାକୁ ଲୋକଦେଖାଣିଆ ବୋଲି ବିରୋଧୀ କହିଛନ୍ତି।

ପ୍ରଥମେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବିଷୟରେ ମା'ମାନଙ୍କୁ ଅବଗତ କରାଇ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମିଶନ ଶକ୍ତିର ମା' ପ୍ରମିଳା ବିଶୋୟୀଙ୍କୁ ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ କରିଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଜେଡ଼ି ପ୍ରଥମ ଦଳ ଯିଏ ମହିଳାଙ୍କ ପାଇଁ ଲୋକ ସଭାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ମହିଳାଙ୍କ ଶକ୍ତି ବୃଦ୍ଧି ହେଲେ ଘର, ଗାଁ, ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଚଳିତ ନିର୍ବାଚନରେ ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନରେ ଶଙ୍ଖ କ୍ଲିନ୍ ସୁଇପ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ। ଆମର ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାଳିଆ ଯୋଜନାରେ ଯେପରି କୌଣସି ଚାଷୀ ବାଦ୍ ନ ପଡ଼ିବେ ସେ ବିଷୟରେ ସେ ଧ୍ୟାନ ଦେଉଥିବା କହିଥିଲେ। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତାରେ ଏକ ନମ୍ବରରେ ରଖିଥିଲା। ହେଲେ ନିର୍ବାଚନ ପରେ ଏହାକୁ ଭୁଲିଗଲା। କୋଇଲା ଓ ରେଳବାଇ କ୍ଷେତ୍ରରେ କେନ୍ଦ୍ର ଅବହେଳା କରିଥିବା କଥା ଉଠାଇଥିଲେ। କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଚଳିତଥର କୌଣସି ଦଳକୁ ବହୁମତ ମିଳିବ ନାହିଁ, ଏ କ୍ଷେତ୍ରରେ ବିଜେଡ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସଂଯୋଜନା କରି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଳଟିଠାରେ ୧୮୩ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ୟାରେଜ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକର ୮୦୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି କହିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନୟାଗଡ଼ ଜିଲା ଉପରେ ନଜର ରଖିଥିବା ପ୍ରକାଶ କରିଥିଲେ। ଭାଜପା ନିର୍ବାଚନୀ ଇସ୍ତାହାର ପାଳନ କରୁ ନ ଥିବାବେଳେ ବିଜେଡ଼ି ଏହାକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ୮ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ସମାବେଶରେ ବହୁ ସଂଖ୍ୟାରେ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ଜିଲା କଂଗ୍ରେସ ସଭାପତି ରଣଜିତ ଦାସ କହିଛନ୍ତି ଯେ, ଏହା କେବଳ ଲୋକଦେଖାଣିଆ। ନୟାଗଡ଼ ଜିଲାର ବିଧାୟକମାନଙ୍କ ଟିକେଟ କଟାଯାଉଥିବାରୁ ସେମାନଙ୍କ ମଧ୍ୟରେ ଥିବା କନ୍ଦଳ ପ୍ରଶମିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ରଣଜିତ୍ କହିଛନ୍ତି।


ନିଜର ଅଭିଭାଷଣ ରଖୁଛନ୍ତି ମୁଖ୍ୟମନ୍ତ୍ରୀ।

■ ସ୍ୱତନ୍ତ୍ର ପାହ୍ୟା ଦେବାରେ କେନ୍ଦ୍ର ଅବହେଳା କରିଛି
■ ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ
■ ଆମ ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ

**CORESONANT SYSTEMS IT TECHNOLOGIES**
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.

**ଇସ୍ତାହାର**
ମୁଁ କିରଣ ବର୍ମା, ପି: ବାସୁଦେବ ବର୍ମା, ନି: ବୋରିୟା ଖୁର୍ଦ୍ଦ, ଥା: ଟିକରପଡ଼ା, ଜି: ରାୟପୁର (ଛ.ଗ.) ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ଇସ୍ତାହାର ମାଧ୍ୟମରେ ସୂଚିତ କରେ କି, ନିମ୍ନବର୍ଣ୍ଣିତ ମୋର ଖାସ ଦଖଲଭୁକ୍ତ ପଟ୍ଟାପ୍ରାପ୍ତ ରୟତି ଜମିକୁ ବିକ୍ରି କରିବାକୁ ଇଚ୍ଛୁକ ଅଟେ।
ମୌଜା: କୁକୁରିପାଲି, ଥାନା: ଝାରବନ୍ଧ, ଜି: ବରଗଡ଼, ଖାତା ନମ୍ବର-୧୦୫/୫୯, ପ୍ଲଟ୍ ନମ୍ବର: ୩୭୪-ଏ୫.୭୦ଡି. ଆ.ସା., ୩୭୫-ଏ.୦.୯୮ ଆ.ସା., ୩୭୭-ଏ୦.୪୧ ମା.ସା., ୩୭୮- ଏ.୨.୬୬ ବେ.ସା., ୪୦୪-ଏ.୧.୪୦ ଆ.ସା., ୪୦୫- ଏ.୬.୩୨ ଆ.ସା., ୨୧୧- ଏ.୪.୩୧ ଆ.ସା., ୨୨୧/୧୦୪୭, ଏ.୦.୯୫ ମା.ସା.।
କିରଣ ବର୍ମା
କୁକୁରିପାଲି

## ଆଜି ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ/ସୋହେଲା,୨୪।୩**

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ଦିନ ୧୨ଟା ୪୦ ମିନିଟ୍‌ରେ ହେଲିକପ୍ଟର ଯୋଗେ ପଦ୍ମପୁର ଅଭିମୁଖେ ଆସିବେ। ପଦ୍ମପୁର ନିକଟ ସତୀଭଟା ଏୟାରପୋର୍ଟରେ ଦିନ ୧ଟା ୩୫ ମିନିଟ୍‌ରେ ଓହ୍ଲାଇବେ ଏବଂ ଏକ ସାଧାରଣ ସଭାରେ ସମ୍ବୋଧିତ କରିବା ସହିତ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ। ନାମାଙ୍କନ ଦାଖଲ ସରିବା ପରେ ସେ ଅପରାହ୍ନ ୨ଟା ୪୫ ମିନିଟ୍‌ରେ ସତୀଭଟା ଏୟାରପୋର୍ଟରୁ ପୁଣି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ଭାଜପାରେ ପ୍ରକାଶ ମିଶ୍ର

**ଯୋଗଦେଲେ ଦୁଇ ପୂର୍ବତନ ବିଧାୟକ**


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ।

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

ପୂର୍ବତନ ପୋଲିସ ଓ ସିଆରପିଏଫ୍ ଡିଜି ପ୍ରକାଶ ମିଶ୍ର ରବିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଦାମୋଦର ରାଉତଙ୍କ ଉପସ୍ଥିତିରେ ପ୍ରକାଶ ଭାଜପାରେ ସାମିଲ ହୋଇଛନ୍ତି । ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ପ୍ରକାଶଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ଦୀର୍ଘଦିନ ହେବ ପ୍ରକାଶ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଥିଲା। ଏବେ ପ୍ରକାଶଙ୍କୁ ଭାଜପା କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ପ୍ରକାଶଙ୍କ ସମେତ ଦୁଇ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ବୃନ୍ଦାବନ ମାଝୀ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ଏହି ଦୁଇ ନେତାଙ୍କୁ ମଧ୍ୟ ଧର୍ମେନ୍ଦ୍ର ଉତ୍ତରୀୟ ଓ ଦଳୀୟ ଟୋପି ଦେଇ ଭାଜପାକୁ ସ୍ୱାଗତ କରିଛନ୍ତି।

ଦଳରେ ଯୋଗଦେବା ଅବସରରେ ପ୍ରକାଶ କହିଛନ୍ତି, ଦୀର୍ଘ ୪୧ବର୍ଷ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଛି। ସେଥିରୁ ଅଧା ସମୟ ଓଡିଶାରେ କଟିଯାଇଛି । ଗତ ୫ବର୍ଷରେ ଓଡିଶାର ଶାସନ ଅତ୍ୟନ୍ତ ନୀଚ ସ୍ତରକୁ ଚାଲିଯାଇଛି । ଓଡିଆଙ୍କ ଆତ୍ମ ସମ୍ମାନକୁ ଯେଉଁ ଆଘାତ ଦିଆଯାଉଛି, ତାହାର ପ୍ରତିକାର କରିବାର ସମୟ ଆସିଛି । ଅନ୍ୟପଟେ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଛି । ମୋଦୀଙ୍କ ସହ କାର୍ଯ୍ୟ କରିବା ଅବସରରେ ଏହା ଅନୁଭବ କରିଛି । ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଚିନ୍ତିତ ଏବଂ ସେ ଦିଗରେ କାର୍ଯ୍ୟ କରୁଛନ୍ତି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି ବୋଲି ପ୍ରକାଶ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରକାଶ ମିଶ୍ର ଭାଜପାରେ ଯୋଗଦାନ ପରେ ଓଡିଶାର କିଛି ଲୁଟେରା ଏବଂ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କର ନିଦ ହଜିଯାଇଥିବ। ସେ ଯେତେବେଳେ ପୋଲିସ ଡିଜି ଥିଲେ ସେତେବେଳେ ରାଜ୍ୟରେ ହୋଇଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରିବା ଆରମ୍ଭ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଦୁର୍ନୀତିରେ ଛନ୍ଦି ହୋଇଯିବା ଭୟରେ ପ୍ରକାଶଙ୍କୁ ଦାୟିତ୍ୱରୁ ହଟାଇ ଦେଇଥିଲେ । ଏପରିକି ୨୦୧୪ ନିର୍ବାଚନ ବେଳେ ବିଜେଡି ପୋଲିସ ଗାଡିରେ ଟଙ୍କା ବାଣ୍ଟିବା ପାଇଁ ତାଙ୍କୁ ବାଧ କରିଥିଲେ । ଯାହାକୁ ପ୍ରକାଶ ମାନି ନ ଥିଲେ । ଏଭଳି ଜଣେ ସ୍ୱଚ୍ଛ ପୋଲିସ ଅଧିକାରି ଭାଜପାରେ ଯୋଗଦେବା ଫଳରେ ଦଳ ଆହୁରି ଶକ୍ତିଶାଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦାମୋଦର ରାଉତ କହିଛନ୍ତି, ରାଜ୍ୟର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁକୁ ବିକି ବିଜେଡି ଶାସନ କରୁଛି । ମୁଖ୍ୟମନ୍ତ୍ରୀଙ୍କ ଚାରିପଟେ ବୁଲୁଥିବା କିଛି ନେତା ରାଜ୍ୟ ରାଜକୋଷକୁ ଲୁଟି ଚାଲିଛନ୍ତି । ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିବାରେ ଲାଗିଛି। କାଳିଆ ଯୋଜନା କଳା ଯୋଜନାରେ ପରିଣତ ହୋଇଛି । ଚାଷୀ ନୁହେଁ ବରଂ ବିଜେଡି ଦଳର ନେତାମାନେ ଏହି ଯୋଜନାର ଲାଭ ଉଠାଇଛନ୍ତି । ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଅନୁଦାନକୁ ରାଜ୍ୟ ସରକାର ଖର୍ଚ୍ଚ କରି ନ ପାରି ସବୁ ସମୟରେ କେନ୍ଦ୍ର ଉପରକୁ ଦୋଷ ଲଦି ଚାଲିଛନ୍ତି । ଏହାର ଜବାବ ଓଡିଶାବାସୀ ଦେବେ ବୋଲି ଦାମ କହିଛନ୍ତି ।

■ ରାଜ୍ୟରେ ଏସ୍‌ପି, ବିଏସ୍‌ପି, ଏଏପିର ଆସନ ବୁଝାମଣା

## ଏପ୍ରିଲ ୨ରେ ଓଡ଼ିଶା ଆସିବେ ମାୟାବତୀ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମାୟାବତୀ ଆସନ୍ତା ଏପ୍ରିଲ ୨ରେ ଓଡ଼ିଶା ଗସ୍ତରେ ଆସିବେ। ସେ ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ହେବାକୁ ଥିବା ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ବିଏସ୍‌ପିର କୌଣସି ବିଧାୟକ କିମ୍ବା ଏମ୍‌ପି ନାହାନ୍ତି। ହେଲେ ଭବିଷ୍ୟତରେ ଓଡ଼ିଶାରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ବିଏସ୍‌ପି ଚେଷ୍ଟା କରୁଛି। ୟୁପି ଭଳି ଓଡ଼ିଶାରେ ମଧ୍ୟ ବିଏସ୍‌ପି ସମାଜବାଦୀ ପାର୍ଟି(ଏସ୍‌ପି) ସହ ମେଣ୍ଟ କରିଛି। ସେହିପରି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ମଧ୍ୟ ରାଜ୍ୟରେ ଏସ୍‌ପି, ବିଏସ୍‌ପି ସହ ଆସନ ବୁଝାମଣା କରିବାକୁ ନିଷ୍ପତ୍ତି ନେଇଛି।

ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ବିଏସ୍‌ପି ପକ୍ଷରୁ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଲୋକ ସଭା ଏବଂ ଏହା ଅନ୍ତର୍ଗତ ପ୍ରାୟ ସମସ୍ତ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ବୋଲି ସ୍ଥିର କରିଛି। ସେହିପରି ମେଣ୍ଟ ସହଯୋଗୀ ଥିବା ଏସ୍‌ପି କେବଳ ଜୁନାଗଡ଼, ଏଏପି ଖରିଆର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ। ଏଏପି ପକ୍ଷରୁ ରବିବାର ୯ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଆସନଗୁଡ଼ିକ ହେଉଛି- ସୁନ୍ଦରଗଡ଼ ଲୋକ ସଭା, ଏହା ଅନ୍ତର୍ଗତ ସୁନ୍ଦରଗଡ଼, ତଳସରା, ରାଜଗାଙ୍ଗପୁର, ବୀରମିତ୍ରପୁର, ରାଉରକେଲା, ରଘୁନାଥପାଲି ଏବଂ ବଣାଇ ବିଧାନସଭା। ଏହାକୁ ବାଦ୍ ଦେଇ ବଲାଙ୍ଗୀର ବିଧାନସଭା ପାଇଁ ମଧ୍ୟ ଦଳ ପ୍ରାର୍ଥୀ ଘୋଷଣା କରିଛି। କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିର ମଙ୍ଗ ଧରିଛନ୍ତି। ସେ ନିଜେ ଜୟପୁର ବିଧାନସଭା ଏବଂ ଭୁବନେଶ୍ୱର ଲୋକ ସଭାରୁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଛନ୍ତି।






ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ଚାଷୀଙ୍କୁ ବାଉଳା

ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଉତ୍ତର ଭାରତରେ ସମ୍ଭବତଃ ଆଖିଦୃଶିଆ ପ୍ରଭାବ ପକାଇ ନାହିଁ। ଏଭଳି ଧାରଣା ସୃଷ୍ଟି କରିବା ପାଇଁ କୌଣସି ଅତ୍ୟଧିକ ରାଜନୈତିକ ବୁଦ୍ଧି ଦରକାର ନାହିଁ। ଉତ୍ତରପ୍ରଦେଶ ଭଳି କୃଷିଭିତ୍ତିକ ରାଜ୍ୟରେ ଚାଷୀ ଅସନ୍ତୋଷର ଭୂମିକା ଆସନ୍ତା ନିର୍ବାଚନରେ ଅଧିକ ରହିବ ବୋଲି ସ୍ପଷ୍ଟ ଜଣାପଡୁଛି। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଅନେକ ଚତୁର ଉପାୟ ଗ୍ରହଣ କରାଯାଉଥାଇପାରେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଢ଼ିବାକୁ ଥିବା ବାରାଣସୀ ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୧୧ ଜଣ ଚାଷୀ ତାଙ୍କୁ ବିରୋଧ କରି ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହା ପଞ୍ଚାୟତଓ୍ୱାରି ଭୋଟ ଛାରଖାର କରିବାର ଚିନ୍ତା ହୋଇଥାଇପାରେ। ତେବେ ଯେଉଁ ୧୧୧ ଜଣ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ିବେ ବୋଲି ଘୋଷଣା କରିଛନ୍ତି, ସେମାନେ ସବୁ ତାମିଲନାଡୁର। ତାମିଲନାଡୁ କୃଷକ ନେତା ପି. ଆୟାକାନ୍ନୁ କହିଛନ୍ତି ଯେ, ଭାଜପା ତା'ର ନିର୍ବାଚନ ଇସ୍ତାହାରରେ କୃଷକଙ୍କ ଦାବି ପୂରଣ ସହ ସେମାନଙ୍କ ମଙ୍ଗଳ ନେଇ ସ୍ପଷ୍ଟ ଦିଗ୍‌ଦର୍ଶନ ରଖିଲେ, ସେମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରିଯିବେ।

୧୧୧ ଜଣ ତଥାକଥିତ ଚାଷୀ କେବଳ ଲୋକଦେଖାଣିଆ ହୋହଲ୍ଲା ସୃଷ୍ଟି କରିବା ବ୍ୟତୀତ ବାସ୍ତବ ଭୋଟରେ କୌଣସି ପ୍ରଭାବ ପକାଇପାରିବେ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ତାମିଲନାଡୁର ପଲ୍ଲୀରୁ ଆସୁଥିବା ଚାଷୀ କେଉଁ ଉପାୟରେ ହିନ୍ଦୀ ଭାଷାଭାଷୀ ଲୋକଙ୍କଠାରୁ ସମର୍ଥନ ଲୋଡ଼ିବେ ତାହା ବୁଝିବା କଷ୍ଟକର। ଅନ୍ୟପଟେ ମନ୍ଦ ଉଦ୍ଦେଶ୍ୟକୁ ସହଜରେ ବୁଝି ହେଉଛି। ନାମକୁମାତ୍ର ପ୍ରତିଶ୍ରୁତି ଦେଇ ଭାଜପା ଇସ୍ତାହାର ପ୍ରକାଶ ପାଇଲେ, ଏହି ତାମିଲ ଚାଷୀମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରି ଯାଇପାରନ୍ତି। ଯଦି ସେଭଳି ଘଟଣା ଘଟେ, ତେବେ ଉତ୍ତର ପ୍ରଦେଶର ବାରାଣସୀ ଲୋକ ସଭା ଆସନରେ ଥିବା ଚାଷୀଙ୍କ ଉପରେ ସାମାନ୍ୟ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଯଦି ଏତେ ସଂଖ୍ୟକ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ି ଅମାନତ ହରାନ୍ତି, ତେବେ ପ୍ରମାଣ ହୋଇଯିବ ଯେ ଚାଷୀ ପ୍ରତିବାଦର କୌଣସି ପ୍ରଭାବ ନାହିଁ।

ଭାରତରେ କୃଷକମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁ ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଦେଶର ଅନେକ ସ୍ଥାନରେ ଚାଷୀ ଆତ୍ମହତ୍ୟା ଦେଖିବାକୁ ମିଳୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ଚାଷୀ ବିରୋଧୀ ଚିନ୍ତାଧାରାକୁ ନେଇ ଅତୀତରେ ଅନେକ ବିକ୍ଷୋଭ ଓ ଶୋଭାଯାତ୍ରା ହୋଇଯାଇଛି। ଆଜି ଯେଉଁ କୃଷକ ସଙ୍ଗଠନ ମୋଦିଙ୍କ ବିରୋଧରେ ଲଢ଼େଇ କରିବାକୁ ଘୋଷଣା କରିଛି, ୨୦୧୭ରେ ଦିଲ୍ଲୀରେ ୧୦୦ରୁ ଅଧିକ ଦିନ ଧରି ଆନ୍ଦୋଳନ କରିଥିଲା। ସେହିଭଳି ୩୦ ନଭେମ୍ବର ୨୦୧୮ରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁରୁ ପ୍ରାୟ ୩୫,୦୦୦ ଚାଷୀ ପାର୍ଲାମେଣ୍ଟ ଆଗରେ ପ୍ରତିବାଦ ସଭା କରିବାକୁ ଆସିଥିଲେ, ଯାହାକୁ ପୋଲିସ ଅଟକାଇଥିଲା। ଅନୁରୂପ ଭାବେ ଓଡ଼ିଶା କଥା ଦେଖିଲେ ୫ ନଭେମ୍ବର ୨୦୧୮ରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାଜଧାନୀ ଭୁବନେଶ୍ୱର ଆଡ଼କୁ ଆସିବା ବେଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଅଟକ ରଖାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୃଷିକୁ ଯେଉଁ ଅବହେଳିତ କରି ରଖିଆସିଥିଲେ ତାହାର ନକାରାତ୍ମକ ପରିଣତି ପୂର୍ବରୁ ତିନୋଟି ଭାଜପା ଶାସିତ ହିନ୍ଦୀ ଭାଷୀ ରାଜ୍ୟ ଉପରେ ନଭେମ୍ବର-ଡିସେମ୍ବର ୨୦୧୮ରେ ହୋଇଥିବା ନିର୍ବାଚନରେ ପଡ଼ିଥିଲା। ସେହି ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ଭାଜପା ବିପୁଳ ସଂଖ୍ୟାରେ ହାରିଯାଇଥିଲା। ଏହାକୁ ଲକ୍ଷ୍ୟ କରି ବିଜୁ ଜନତା ଦଳ ସରକାର ୪ର୍ଥ ପାଳିର ଶେଷ ନିଃଶ୍ୱାସ ନେବା ପୂର୍ବରୁ ଚାଷୀଙ୍କ ଉଦ୍ଦେଶ୍ୟରେ 'କାଳିଆ' ଯୋଜନା ଘୋଷଣା କରିଥିଲେ। ଅନୁରୂପ ଭାବେ କେନ୍ଦ୍ରରେ ଭାଜପା ସରକାର ତରବର ହୋଇ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା କଲେ। ବାସ୍ତବରେ ଏହିସବୁ ଯୋଜନା ଦ୍ୱାରା ଚାଷୀ କିଭଳି ଉପକୃତ ହେଉଛନ୍ତି ତାହା ତତ୍‌କ୍ଷଣାତ୍ କହିହେବ ନାହିଁ। ସେହିଭଳି ୧୧୧ ଜଣ କୃଷକ ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବା ନେଇ ଉଠୁଥିବା ବିଷୟ କେବଳ ଚାଷୀଙ୍କୁ ବାଉଳା କଲା ଭଳି ପ୍ରତୀୟମାନ ହେଉଛି।

# ଅବାଞ୍ଛିତ ନାବାଳିକା ମାତୃତ୍ୱ



ନାରାୟଣ ପଣ୍ଡା

ସନ୍ତାନକୁ ଜନ୍ମ ଦେଉଥିବା ମା' ଏକ ମଧୁରତମ ଶବ୍ଦ, ଯାହାର ବିକଳ୍ପ ହୁଏତ ଶବ୍ଦକୋଷରେ ନାହିଁ। ମା' ବକ୍ଷର ଅମୃତ ପାନକରି ଶୈଶବର ବେଶ୍ କିଛିବର୍ଷ ଅବୋଧ ଶିଶୁଟି ଜୀବନ ଧାରଣକରେ। ସେ ବିଶ୍ୱ ନିର୍ମାଣର ଜନ୍ମବେଦି। ନାରୀ ଅଦିତି-ଅଖଣ୍ଡନୀୟା। ସନ୍ତାନକୁ ଜନ୍ମଦେଇ ସେ ମନୁଷ୍ୟ ଜାତିର ଧାରାବାହିକତା ରକ୍ଷାକରେ। ଜଣେ ଜନନୀ ପକ୍ଷରେ ସର୍ବାଧିକ ଗୌରବମୟ ସମୟ ତା'ର ଗର୍ଭଧାରଣ ଓ ସନ୍ତାନ ଜନ୍ମଦାନରେ ନିହିତ ଥାଏ। ଆମ ସମାଜରେ ଗର୍ଭିଣୀ ନାରୀମାନଙ୍କୁ ବିଭିନ୍ନ ପ୍ରକାର ସୁମିଷ୍ଟ ଖାଦ୍ୟପଦାର୍ଥ ଖାଇବାକୁ ଦିଆଯାଇଥାଏ। ଗର୍ଭାଧାନଠାରୁ ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନିଷ୍କ୍ରମଣ, ଅନ୍ନପ୍ରାଶନ ଓ ମୁଣ୍ଡନ ଆଦି ସନ୍ତାନ ଭୂମିଷ୍ଠ ହେବାର ଏକବର୍ଷ ପର୍ଯ୍ୟନ୍ତ ପରିବାରରେ ବିଭିନ୍ନ ସାମାଜିକ-ସାଂସ୍କୃତିକ-ଧାର୍ମିକ କାର୍ଯ୍ୟକ୍ରମ ଲାଗି ରହିଥାଏ। ଆମ ଦେଶର କୁଟୀରବାସୀ ଦରିଦ୍ର ପରିବାରଠାରୁ ପ୍ରାଚୁର୍ଯ୍ୟଭରା ବହୁତଳ-ହର୍ମ୍ୟବାସୀ ଧନିକମାନଙ୍କ ପରିବାରର ସନ୍ତାନ ସମ୍ଭାବନା କାଳରେ, ବିଶେଷକରି, ପ୍ରଥମ ସନ୍ତାନ ଆଗମନୀରେ ଅମାପ ଆଗ୍ରହ, ଆକାଂକ୍ଷା ଓ ଅପେକ୍ଷା ରହିଥାଏ। ଅପୂର୍ବ ବିହ୍ୱଳତାରେ ଭରିଥାଏ ଗୃହାଙ୍ଗନ। ଆଉ କେତେକ ସ୍ଥାନରେ ହତଭାଗ୍ୟ ନବଜାତକର ଜନ୍ମ ପରିବାରରେ ନିରାନନ୍ଦ ଓ କଳଙ୍କର କାଳିମା ଛାଇଦିଏ। ସନ୍ତାନର ଏହି ଜନ୍ମ ଥାଏ ଅବାଞ୍ଛିତ। ଏ ପ୍ରକାର ଜନ୍ମରେ ମାତାପିତା, ପରିବାର ଓ ସମାଜ ଖୁସିହେବା ପରିବର୍ତ୍ତେ ଦୁଃଖ, ଅପମାନ ଓ ନୈରାଶ୍ୟର କାଳିମା ଗ୍ରାସ କରେ ସେମାନଙ୍କ ଜୀବନର ସମସ୍ତ ପ୍ରଫୁଲ୍ଲତାକୁ। କଳଙ୍କର ମୋହର ଲାଗିଯାଏ ସେମାନଙ୍କଠାରେ।

ଏ ମାତୃତ୍ୱ ଅବାଞ୍ଛିତ ମାତୃତ୍ୱ। ଅନାହୂତ ଗର୍ଭାଧାନରେ ସୃଷ୍ଟିର ସ୍ୱାଭାବିକ ଆନନ୍ଦ ଉଲ୍ଲାସ ନ ଥାଏ। ଏଭଳି ମାତୃତ୍ୱ ଉଭୟ ବୟସ୍କା ଅବିବାହିତା ଓ ନାବାଳିକା କିଶୋରୀମାନେ ଅନେକ ସମୟରେ ନିଜ ଇଚ୍ଛାରେ କିମ୍ବା ନିଜ ଇଚ୍ଛା ବିରୋଧରେ ଅର୍ଜନ କରିଥାନ୍ତି। ଜାତିସଂଘର ନାବାଳିକା ମାତୃତ୍ୱ ଶୀର୍ଷକ ଏକ ସନ୍ଦର୍ଭରେ କୁହାଯାଇଛି, ୧୫ରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ବିଶ୍ୱରେ ୪୯% ଗର୍ଭଧାରଣ କରନ୍ତି। ଭାରତରେ ଏହା ୭୬% ଥାଇ ବିଶ୍ୱରେ ସର୍ବୋଚ୍ଚ ରହିଛି। ଏଠାରେ ଆମେ କେବଳ ନାବାଳିକା ଓ କିଶୋରୀମାନଙ୍କର ଯୌବନୋଦ୍‌ଗମକାଳୀନ ଇଚ୍ଛା କିମ୍ବା ଅନିଚ୍ଛାଜନିତ ପୁରୁଷଙ୍କ ଯୌନସାନ୍ନିଧ୍ୟ ଦ୍ୱାରା ସନ୍ତାନବତୀ ହେବା ପ୍ରସଙ୍ଗରେ ଆଲୋଚନା ସୀମିତ ରଖୁଛୁ। ଆମର ଏ ସାନ ସାନ ମା'ମାନେ ଉଚ୍ଚ ପ୍ରାଥମିକ କିମ୍ବା ମାଧ୍ୟମିକ ସ୍ତରରେ ଶିକ୍ଷା ଗ୍ରହଣ କାଳରେ ହିଁ ମାତୃତ୍ୱର ଅନୁଭୂତି ଲାଭ କରିଥାନ୍ତି। କେହି କେହି ସୁଧାରଗୃହ କିମ୍ବା ଆଶ୍ରୟଗୃହରେ ରହିଥାନ୍ତି।

ଏହି କୁନି ମା'ମାନେ ଘରର ଅବାଧ ଝିଅମାନଙ୍କ ପରି ଅସମ୍ମାନିତା ଓ ଦଣ୍ଡିତା ହୋଇଥାନ୍ତି। ପୂର୍ବରୁ ଯେ ଏପରି କଳଙ୍କିତ ବ୍ୟାପାର ସଂଘଟିତ ହେଉ ନ ଥିଲା ତାହା ନୁହେଁ। ବର୍ତ୍ତମାନ କିନ୍ତୁ ନାରୀଶିକ୍ଷା ହାରରେ ପ୍ରଗତି ଘଟଛି ଏବଂ ପୂର୍ବାପେକ୍ଷା ଅଧିକସଂଖ୍ୟକ ବାଳିକା ବିଦ୍ୟାଳୟର ନିୟମିତ ଉପସ୍ଥାନରେ ରହୁଛନ୍ତି। ନାରୀଶିକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବାରୁ ବାଳିକା ଓ କିଶୋରୀମାନଙ୍କ ପାଇଁ ଆବାସିକ ବିଦ୍ୟାଳୟମାନ ଗଢିଉଠୁଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତିବହୁଳ ଅଞ୍ଚଳରେ ଏ ପ୍ରକାର ବିଦ୍ୟାଳୟ ସଂଖ୍ୟା ଅଧିକ। ଉକ୍ତ ଛାତ୍ରାବାସଗୁଡ଼ିକରେ ରହୁଥିବା ୬ରୁ ୧୮ ବର୍ଷ ମଧ୍ୟରେ ବାଳିକାମାନେ କେତେକ କ୍ଷେତ୍ରରେ ଗର୍ଭଧାରଣ କରୁଥିବା ଓ ଏହାର କ୍ରମବର୍ଦ୍ଧମାନତା ସମ୍ପ୍ରତି ସମାଜର ସବୁବର୍ଗର ଲୋକମାନଙ୍କୁ ବିଚଳିତ କରୁଛି।

ଛାତ୍ରୀନିବାସରେ ଶିକ୍ଷକ, ତତ୍ତ୍ୱାବଧାରକ ଓ ନର୍ସମାନଙ୍କ ରହିବା ବ୍ୟବସ୍ଥା ରହିଛି। ପ୍ରତିଦିନ ମୁଣ୍ଡ ଗଣତି କରାଯାଇ ସେମାନଙ୍କ ଉପସ୍ଥିତି ସୁନିଶ୍ଚିତ କରାଯାଉଛି। ନର୍ସମାନେ ଅଛନ୍ତି ସ୍ୱାସ୍ଥ୍ୟପରୀକ୍ଷା ପାଇଁ। ବାଳିକାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟାଳୟରେ ପ୍ରାୟତଃ ମହିଳା ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ଯେଉଁଠାରେ ନର୍ସ ନାହାନ୍ତି, ସେଠାରେ ସ୍ଥାନୀୟ ଡାକ୍ତରଙ୍କ ଦ୍ୱାରା ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କରାଯାଉଛି। ଏହା ସତ୍ତ୍ୱେ ଦୀର୍ଘ ନଅମାସ ଗର୍ଭରେ ସନ୍ତାନଧାରଣ କରି ସମ୍ପୃକ୍ତ ବାଳିକାମାନେ ଅନାହୂତ ମାତୃତ୍ୱ ଲାଭ କରୁଛନ୍ତି। ନାବାଳିକା ଜଣକ ପ୍ରସବ କରିସାରିଲା ପରେ ଲୋକଲୋଚନକୁ ଆସୁଛି ଏହି ଲଜ୍ଜାଜନକ ଘଟଣା। ତା'ପରେ କାର୍ଯ୍ୟାନୁଷ୍ଠାନ ଗତାନୁଗତିକ ରୀତିରେ ଚାଲେ। ସରକାର ତତ୍‌କ୍ଷଣାତ୍ କିଛି କର୍ମଚାରୀଙ୍କୁ ନିଲମ୍ବନ କରନ୍ତି କିମ୍ବା କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର ଆଦେଶ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେତେକ କ୍ଷେତ୍ରରେ ଲୋକଙ୍କ ଚାପରେ ପୀଡ଼ିତାଙ୍କୁ ଅନୁକମ୍ପା ରାଶି ମଧ୍ୟ ଦିଆଯାଇଥାଏ। କିନ୍ତୁ ସମସ୍ୟାର ଅନ୍ତ ଘଟେ ନାହିଁ। ପୁନଶ୍ଚ ଏଭଳି ଲଜ୍ଜାଜନକ ଘଟଣା ଲୋକଲୋଚନାକୁ ଆସିଥାଏ। ବୁଦ୍ଧିଜୀବୀ, ସମାଜର ଚିନ୍ତାଶୀଳ ବ୍ୟକ୍ତି, ସର୍ବୋପରି ସରକାର ଉଦ୍‌ବେଗ ପ୍ରକାଶ କରନ୍ତି। ପୋଲିସ ବିଭାଗ ତତ୍ପର ହୋଇଉଠେ। କିନ୍ତୁ ଏଥିରେ ସମସ୍ୟାର ଅନ୍ତ ଘଟେ ନାହିଁ। ବରଂ ଏ ଅବାଞ୍ଛିତ ଗର୍ଭଧାରଣ ମୂଳର କାରଣଗୁଡିକ ଖୋଜି ତହିଁର ନିରାକରଣ କରିବାହିଁ ସବୁଠୁଁ ଉତ୍ତମ।

ଅନେକ ସମୟରେ ଛାତ୍ରୀମାନେ ବିଦ୍ୟାଳୟର ଗ୍ରୀଷ୍ମାବକାଶର ଦୀର୍ଘ କିମ୍ବା ଦଶହରା ଓ ଧାନକଟା ଅବକାଶର ସ୍ୱଳ୍ପଅବଧି ଛୁଟିଗୁଡ଼ିକରେ ଘରକୁ ଯାଇ ଛାତ୍ରୀନିବାସର ଶୃଙ୍ଖଳାକୁ ଭୁଲିଯାଇଥାନ୍ତି। ସେମାନେ ଅଧିକାଂଶ ଗ୍ରାମାଞ୍ଚଳ ପଟ୍ଟଭୂମିରୁ ଆସିଥିବା ଯୋଗୁ ପରିଚିତ ଓ ଅପରିଚିତ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସି ନିଜର ପତନକୁ ନିମନ୍ତ୍ରଣ କରିଥାନ୍ତି। ସେମାନଙ୍କ କାମାଚାରୀ ନିକଟ ବା ଦୂରସମ୍ପର୍କୀୟମାନେ ନାବାଳିକାମାନଙ୍କ ହୃଦୟରେ ଭଲ ପାଇବାର ତରଙ୍ଗ ସୃଷ୍ଟିକରି ସେମାନଙ୍କୁ ପ୍ରତାରିତ କରନ୍ତି। ଗ୍ରାମାଞ୍ଚଳର ମାତାପିତାମାନେ ସରଳ। ନିଜ ପିଲାମାନଙ୍କର ଚରିତ୍ର ଓ ଆଚରଣ ଉପରେ ସେମାନଙ୍କ ନିଃସଂଶୟ ବିଶ୍ୱାସ ଥିବା କାରଣରୁ ସେମାନଙ୍କ ଚକ୍ଷୁ ଆଢୁଆଳରେ ତାଙ୍କ ଝିଅମାନେ ଏପରି କିଛି କରିବସନ୍ତି, ଯାହା ସେମାନଙ୍କ ଅଗୋଚରରେ ରହେ। କେଉଁଠି କେଉଁଠି ଜାଣିଲେ ମଧ୍ୟ ନୀରବ ରହିଯାନ୍ତି ସେମାନେ। ଛୁଟିପରେ ସମ୍ପୃକ୍ତ ବାଳିକାମାନେ ଛାତ୍ରୀନିବାସକୁ ଫେରିଆସନ୍ତି। ଭୁଲିଯାଇଥାନ୍ତି ତାଙ୍କର ପାଦ ଖସିଯାଇଛି। ଫଳରେ ନିଜ ମା'ର ପଣତକାନି ଛାଡି ନ ଥିବା ଝିଅଟିଏ ତା' ଅଜ୍ଞାତରେ ଆଉ ଗୋଟିଏ କୁନିଛୁଆର ମା'ହେବାକୁ ଅଗ୍ରସର ହୁଏ। ଛାତ୍ରୀନିବାସର ଦାୟିତ୍ୱରେ ଥିବା କର୍ମଚାରିଣୀମାନେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗମ୍ଭୀରତାର ସହ ନ ନେବା ଦ୍ୱାରା ବିଶ୍ୱାସ ଓ ଭଲ ପାଇବା ଅବା ବାଧ୍ୟବାଧକତାରେ ଶାରୀରିକ ସମ୍ଭୋଗର ଅନ୍ଧମୁହାଣି ମଧ୍ୟରେ ଛନ୍ଦି ହୋଇଯାଇଥିବା କୁଆଁରୀ ବାଳିକାଟିର ନବଜାତକର କୁଆଁ କୁଆଁ ରାବ ଛାତ୍ରୀନିବାସ ପରିସରକୁ ଅବଶେଷରେ ଗୁଞ୍ଜରିତ କରେ।

ଛୁଟିଦିନ ବ୍ୟତୀତ ମଧ୍ୟ ଛାତ୍ରୀଟିଏ ଅନୁମତି କ୍ରମେ କିମ୍ବା ମାତାପିତାଙ୍କ ଆବଶ୍ୟକତାରେ ଗୃହକୁ ଯାଇ ଏଭଳି ବିଡ଼ମ୍ବନାର ସମ୍ମୁଖୀନ ହୋଇଥାଏ। ଛାତ୍ରୀର ଗର୍ଭୋଦୟକୁ ସ୍କୁଲ କର୍ତ୍ତୃପକ୍ଷ ଲୁଚେଇବାକୁ ବାଧ୍ୟ ହୁଅନ୍ତି। ଏହି ଛାତ୍ରୀନିବାସର ତତ୍ତ୍ୱାବଧାରିକା ସମସ୍ତ ବୟଃପ୍ରାପ୍ତ ବାଳିକାଙ୍କର ମାସିକ ରତୁସ୍ରାବ ନିୟମିତ ଲିପିବଦ୍ଧ କରିବା ଦରକାର। ଆଫ୍ରିକୀୟ ଦେଶମାନଙ୍କରେ ନାବାଳିକା ଛାତ୍ରୀମାନଙ୍କ ଅବାଞ୍ଛିତ ଗର୍ଭଧାରଣରେ ଅତିଷ୍ଠ କେତେକ ସରକାର ଅତି କଠୋର ନିଷ୍ପତ୍ତି ନେଇଛନ୍ତି। ତାଞ୍ଜାନିଆରେ ଛୁଟିରୁ ଫେରିବା ପରେ ଗର୍ଭପରୀକ୍ଷା ବାଧ୍ୟତାମୂଳକ ରହିଛି। କେନିୟା ସରକାର ମଧ୍ୟ ଛୁଟି ଫେରନ୍ତା ବାଳିକାଙ୍କ ଯୌନାଙ୍ଗ ପରୀକ୍ଷା ବାଧ୍ୟତାମୂଳକ କରିଛନ୍ତି। ଏ କ୍ଷେତ୍ରରେ ବାଳିକାଟି କାହା ସହିତ ଶାରୀରିକ ସମ୍ପର୍କରେ ଲିପ୍ତ ଥିଲା, ପ୍ରକାଶ କରିବାକୁ ବାଧ୍ୟ ହୁଏ ଏବଂ ପୁରୁଷ ସହଯୋଗୀ ଦଣ୍ଡିତ ହୁଏ। ଛାତ୍ରୀନିବାସରେ ମଧ୍ୟ କେତେକ ଶିକ୍ଷକ ଓ କର୍ମଚାରୀ ପ୍ରଲୋଭିତକରି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଟିକୁ ଅଜ୍ଞାତରେ ମା' ବନେଇ ଦିଅନ୍ତି। ଏମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବା ଦରକାର। ବିସ୍ମୃତିର ଅତଳ ଗର୍ଭରେ ବଞ୍ଚିବାର ରାହା ଖୋଜୁଛି କୁମାରୀ ମା'ଟିଏ। ବିଦ୍ୟାଳୟ ବାହାରେ ରହୁଥିବା ଶିଶୁ ଓ ନାବାଳିକାଙ୍କର ମଧ୍ୟ ନିସ୍ତାର ନାହିଁ। ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜ ଓ ପରିବାର ସର୍ବୋପରି ବିଦ୍ୟାଳୟ ଉକ୍ତ ବିଷୟ ପ୍ରତି ଗମ୍ଭୀର ଭାବେ ଯତ୍ନଶୀଳହେବା ଅତ୍ୟନ୍ତ ଜରୁରୀ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ମା'ଙ୍କ ବିଚିତ୍ର ବେଶ



ମାନସ କୁମାର ପାଢ଼ୀ

ରାଜଧାନୀ ଭୁବନେଶ୍ୱର। ସର୍ବବିଦ୍ୟା ମନ୍ଦିରର ମୁଖ୍ୟ ପୂଜାରୀ ସର୍ବଗିଳା ସକାଳୁ ନିତ୍ୟକର୍ମ ସାରି ମନ୍ଦିରର କବାଟ ଖୋଲି ଦେଖିଲେ ଶିକ୍ଷାମାତାଙ୍କ ଅପୂର୍ବ ବେଶ। ପଦ୍ମ ଉପରେ ନ ବସି ଗେଣ୍ଡୁମାଳ ଗଳାରେ ଲମ୍ବାଇ ଗୋଟିଏ ଗଧ ପାଖରେ ଛିଡ଼ା ହୋଇଛନ୍ତି ମା'। ଗଧ ବେକରେ ବି ଗେଣ୍ଡୁମାଳ ଝୁଲୁଛି ସମାନତାର ଉଦ୍‌ଘୋଷଣ କରି। ହାତରେ ଅଛି ଡଙ୍କି, ଅନ୍ୟ ଗୋଟିଏ ହାତରେ ଓନିକୁ କାନ୍ଧରେ ପକାଇବାର ଉପକ୍ରମ କରୁଛନ୍ତି ମାତା। ତୃତୀୟ ହାତରେ ମୋବାଇଲ୍ ଫୋନ୍ ଓ ଚତୁର୍ଥରେ ଆଶୀର୍ବାଦ ମୁଦ୍ରା। ଶିକ୍ଷାମାତାଙ୍କ ଏପରି ରୂପ ଦେଖି ପୂଜାରୀ ସର୍ବଗିଳା ଚକିତ ହୋଇ ଲମ୍ବ ଲମ୍ବ ଗୋଡ଼ତଳେ ପଡ଼ିଲେ। ମା' ତୋ'ର ଏ କି ବିଚିତ୍ର ବେଶ !

ମା' ଅଭୟବାଣୀ ଶୁଣାଇ କହିଲେ- ହେ ପୂଜକ, ଭୟ କରନି। ମୁଁ ସର୍ବଶିକ୍ଷା ମାତା। ଦୁର୍ଗାମାତାଙ୍କର ୬୪ ଯୋଗିନୀ ପରି ମା' ସରସ୍ୱତୀଙ୍କ କୃପାରୁ ଆମେ ୩୬ ଶିକ୍ଷାମାତା ଦେଶର ଶିକ୍ଷା ଦାୟିତ୍ୱ ନେଇଛୁ। ମୋ ଦାୟିତ୍ୱରେ ଓଡ଼ିଶା। ଯେହେତୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲାଣି ତେଣୁ ସେହି ଭାଷାରେ ଉନ୍ନତ ଶିକ୍ଷା ଦିଆଯିବା ଉପରେ ଗୁରୁତ୍ୱ ଦେବା ପାଇଁ ମୁଁ ସ୍ୱତନ୍ତ୍ର ନିଯୁକ୍ତି ପାଇଛି। ମୋର ଏହି ରୂପ ସମ୍ବାଦ ତୁମେ ସମସ୍ତଙ୍କୁ ଜଣାଅ। ଏହି ରୂପରେ ଆସନ୍ତା ପୂଜାରେ ମା' ଦୁର୍ଗାଙ୍କ ପାଖେ ମୋତେ ବସାଅ। ସରସ୍ୱତୀ ପୂଜାରେ ଓଡ଼ିଶାରେ ବିଦ୍ୟାଦାତ୍ରୀ ଭାବେ ମୋର ମୂର୍ତ୍ତି ଯେପରି ଗଢ଼ାଯାଏ ସେ ଦାୟିତ୍ୱ ତୁମର। ମୁଁ ବିଦ୍ୟାଦାତ୍ରୀଙ୍କର ଏକ ରୂପ ବୋଲି ପ୍ରଚାର କର। ମୁଁ ବୀଣା ବଜାଏନି, ପିଲାମାନଙ୍କୁ ତତ୍‌ସମ ବାଦ୍ୟ ଆଉ ଖେଳନା ଦେଇଦେଇଛି, ସେମାନେ ହସିଖେଳି, ନାଚିଗାଇ ପଢ଼ନ୍ତୁ; ଆଉ ବଢ଼ନ୍ତୁ। ମୋ ହାତରେ ବହି ନାହିଁ କାରଣ ଏଠି ବହିର ଆବଶ୍ୟକତା ଆଉ ପଡ଼ିବ ନାହିଁ। ଇଣ୍ଟରନେଟ୍, ଭିଡିଓ, ଅଡିଓରେ ଶିକ୍ଷା ଚାଲିବ। ବହି ଦାନ ଦିଆଯିବ ଗରିବଗୁରୁବା ଭକ୍ତଙ୍କୁ। ସ୍ୱଚ୍ଛଳ ବର୍ଗର ଲୋକମାନେ ଇଂରାଜୀ ମାଧ୍ୟମ ଆଡୁ ମୁହଁ ବୁଲାଇବା ସମ୍ଭବ ନୁହେଁ, ତେଣୁ ଦୁର୍ବଳମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବାକୁ ମୋର ଆଦେଶ। ଖାଦ୍ୟ ଦାନ, ବସ୍ତ୍ର ଦାନ, ଯାନ ଦାନ ପ୍ରଭୃତି ମଧ୍ୟ କରିବ। ସର୍ବଶିକ୍ଷା ଫଳପ୍ରଦ ହେବ। ଡଙ୍କି ଖାଦ୍ୟ ଦାନର ପ୍ରତୀକ। ଓନି ପୋଷାକ ଦାନର ପ୍ରତୀକ। ପିଲାମାନେ ହସିଖେଳି, ଖାଇପିଇ ସମୟ ହେଲେ ପଢ଼ନ୍ତୁ, ନ ହେଲେ ଖାଲି ବଢ଼ନ୍ତୁ। ପିଲାଏ ବଢ଼ିଲେ ଦେଶ ବଢ଼ିବ। ଶିକ୍ଷକମାନେ ପାଠପଢ଼ା ବ୍ୟତୀତ ଅନ୍ୟ ସବୁ ସରକାରୀ କାମରେ ଯୋଗଦେଲେ ସେମାନଙ୍କ ଅନୁପସ୍ଥିତି ଯୋଗୁ ଶିକ୍ଷା ପ୍ରତି ପିଲାଙ୍କର ଡର ରହିବ ନାହିଁ। ଏହାଦ୍ୱାରା ଅଧିକ ଛାତ୍ରୀଛାତ୍ର ସର୍ବଶିକ୍ଷା ପ୍ରତି ଆକୃଷ୍ଟ ହେବେ। ସ୍କୁଲ୍ କାନ୍ଥବାଡ଼ରେ ଲେଖା ଦେଖି ମୁଁ ଅତ୍ୟନ୍ତ ପ୍ରୀତ। ସବୁ ନୀତିଶିକ୍ଷା ଏବେ ଶିକ୍ଷକମାନଙ୍କୁ ଦିଆଯାଉ, ସେମାନଙ୍କୁ ମାସକୁ ମିନିମମ୍ ଥରେ ଟ୍ରେନିଂ ଦିଆଯାଉ। ସବୁ କାନ୍ଥରେ ତମାଖୁମୁକ୍ତ ଅଞ୍ଚଳ ଲେଖାଯାଉ।

ପୂଜାରୀ ହାତ ଯୋଡ଼ି 'ଜୟ ସର୍ବଶିକ୍ଷା ମାତା କୀ' ବୋଲି ବୋବାଳି ଛାଡ଼ିଲେ। ମା' କହିଚାଲିଥିଲେ ପ୍ରାଥମିକ ସ୍ତରରେ ଜମା ପରୀକ୍ଷା କରା ନ ଯାଉ। ବିନା ପରୀକ୍ଷାରେ ପାସ୍ କରି ଯାଇଥିବା ଛାତ୍ରୀଛାତ୍ର ମାଧ୍ୟମିକ ସ୍ତରରେ ପରୀକ୍ଷାର ସମ୍ମୁଖୀନ ହେଲା ବେଳେ ବିକଳ ହୋଇ ମା' ମା' ଚିତ୍କାର କରିବେ। ମୋର ପୂଜା କରିବେ। ଫଳରେ ମୋର ପତିଆରା ବଢ଼ିବ। ସେତିକି ବେଳେ ପୂର୍ବରୁ ପାଠଛାଡ଼ିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ମିଶାଇବ। ସେଥିପାଇଁ ମୁଁ ଗଧ ପାଖରେ ରଖିଛି। ପୂର୍ବରୁ ହଂସ କେବଳ କ୍ଷୀର ପିଇ ପାଣି ଛାଡ଼ି ଦେଉଥିଲା, ଏବେ ଗଧ ସବୁ ଗିଳିବ। ଶିକ୍ଷା, ଅଶିକ୍ଷା। ମାଧ୍ୟମିକ ପରୀକ୍ଷାରେ ଗ୍ରେଡ୍ ଧରାଇଦେବ। ଅବ୍‌ଜେକ୍ଟିଭ୍ ପାଟର୍ନ କରି ଇଂଲିଶ ଭାଷା ମାଧ୍ୟମ ବିଦ୍ୟାଳୟ ପରି ମୋ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଅଧିକା ପାସ୍ କରାଇବ। କାରଣ ଇଂଲିଶ ଶିକ୍ଷାଦେବୀଙ୍କ ପାଖରେ ମୋର ପତିଆରା କମିଯାଉଛି। କଳେବଳେକୌଶଳେ ପାସ୍ ହାର ଅଧିକରୁ ଅଧିକ କରିବ। ଫଳାଫଳରେ ସବୁବର୍ଷ ବିଭ୍ରାଟ କରାଇ, ପରେ ପିଲାଙ୍କୁ ପାସ୍ କରାଇବ, ଫଳରେ ମା' ଆମ ଡାକ ଡେରିରେ ହେଉପଛେ ଶୁଣିଲେ ବୋଲି କିଛି ଭକ୍ତ କୃତକୃତ୍ୟ ହେବେ। ମୋ ସହ ତୁମର ପତିଆରା ବଢ଼ିବ। ଭଲପିଲା ମଧ୍ୟ ସଂଶୋଧିତ ନମ୍ବରକୁ ପରିଶ୍ରମର ଫଳ ଭାବିବେନି, ମୋ ଦାନ ବୋଲି ଭାବିବେ। ତୁମେ ମୋର ଏହି ନୀତି, ଆଦର୍ଶ ଓ ଆଦେଶ ଅଚିରେ ପାଳନ କର। ଏତିକି କହି ସର୍ବଶିକ୍ଷା ଦେବୀ ଅଦୃଶ୍ୟ ହୋଇଗଲେ।

ଏହା ଚାରିଆଡ଼େ ସରକାରୀ, ବେସରକାରୀ ଗଣମାଧ୍ୟମରେ ପ୍ରଚାର କରାଗଲା। ସର୍ବତ୍ର ଏହି ନିୟମ ଲାଗୁ କରାଗଲା। ମଧ୍ୟାହ୍ନ ଭୋଜନକୁ କଡ଼ାକଡ଼ି ପାଳନ କରାଗଲା। କେତେ କେତେ ସଂସ୍ଥା ଗରିବମାନଙ୍କୁ ଖୁଆଇବାର ଗୁରୁଦାୟିତ୍ୱ ନେବାକୁ ଆଗେଇ ଆସିଲେ। ଅଭିଜ୍ଞମାନଙ୍କ ପୃଷ୍ଠପୋଷକତାରେ ପିଲାମାନେ ୧୦୦% ପାସ୍ ହେଲେ। ମା'ଙ୍କ ଡ୍ରେସ୍‌କୋଡ ଠିକ୍ ଭାବେ ପ୍ରବର୍ତ୍ତନ କରି ନ ପାରି ୫ଟି ହାଇସ୍କୁଲ୍‌ର ହେଡ୍‌ମାଷ୍ଟର ସସ୍‌ପେଣ୍ଡ୍ ହେଲେ, ୧୭ ଜଣଙ୍କର ବଦଳି ହେଲା। ମଧ୍ୟାହ୍ନଭୋଜନ ବ୍ୟତିକ୍ରମର ସମସ୍ତ ଦୋଷ ନେଇ ୧୫ ହେଡ୍‌ମାଷ୍ଟର ସସ୍‌ପେଣ୍ଡ ହେଲେ, ୨୧ ଜଣଙ୍କର ବଦଳି ହେଲା। ମା'ଙ୍କ ଆଦେଶ ପାଳନ କରି, କେତେକ ଅଞ୍ଚଳରେ ସ୍କୁଲ୍‌ରେ ନାହିଁ ନ ଥିବା ଛାତ୍ରୀଛାତ୍ର ଭିଡ଼ ଦେଖାଗଲା, ବିଶେଷକରି ଅଣ୍ଡା ଖାଇବା ଦିନ। ଅଧିକ ପାଠଛଡ଼ା ପିଲା ଆଡ୍‌ମିଶନ କରାଇ କେତେକ ପ୍ରଧାନଶିକ୍ଷକ ଦ୍ୱିତୀୟ ଶ୍ରେଣୀ ପାହ୍ୟାକୁ ପ୍ରମୋଶନ ପାଇ ଏକାବେଳେ ଜିଲା ଶିକ୍ଷାଧୀଶ ହୋଇଗଲେ। ପ୍ରଥମ ଶ୍ରେଣୀ ଦେଖି ନ ଥିବା ପିଲା ଅଷ୍ଟମ ପାସ୍ ସାର୍ଟିଫିକେଟ୍ ପାଇଲେ। ନାରୀଶିକ୍ଷା ମଧ୍ୟ ଆଗେଇଲା। ଅଷ୍ଟମ ପାସ୍ କରିଥିବା ବୋହୂ ଭାଗବତର ଛୋଟ ଅକ୍ଷର ଦେଖି କାନ୍ଦିଲା। ଏଣୁ ଏହି ଖବରଟିକୁ ଯିଏ ପଢ଼ିବେ ଅତିକମ୍‌ରେ ୫୦ ଜଣଙ୍କୁ ମା'ଙ୍କ ଅଭିଯାନର ସୁଫଳ ବିଷୟରେ ନ ବୁଝାଇଲେ ସେମାନଙ୍କ ପିଲା ମୂର୍ଖ ହେବେ। ଜୟ ସର୍ବଶିକ୍ଷା ମାତା ଓ ସର୍ବଗିଳା ପୂଜକ।

ମୋ- ୯୪୩୮୭୮୫୭୯୨

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | | | | E | D | | | | |
| | 8 | | | | 6 | 4 | | E | | | 3 | | | A |
| | | 2 | 9 | | | | | | A | | 4 | | 7 | |
| 7 | | | | 8 | | | | D | | 6 | B | 2 | | |
| | 4 | | | | 7 | | B | 0 | | | | E | 6 | 5 |
| | B | 3 | | | | | | | C | | | 8 | | E |
| | | | | | | 7 | 4 | | 8 | | | | | B |
| | 7 | | | 5 | A | | | | | 4 | | 0 | | |
| | | 0 | | | D | | | | 5 | | | | | |
| 6 | | | | | | B | | | | A | D | 7 | | |
| | | | C | 2 | | 5 | | 4 | | | | 1 | | 0 |
| 2 | A | | 0 | 4 | | 6 | | | 3 | | | D | E | |
| | | 9 | | | 8 | | 2 | | 1 | E | | | C | |
| | | | | D | | E | | B | | 8 | | 6 | | |
| | | B | | | 5 | 0 | | 3 | | 7 | 6 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 8 | 7 | 5 | C | 4 | 3 | B | 2 | D | 0 | 1 | 6 | 9 |
| 2 | 5 | 3 | 6 | A | E | 1 | C | 9 | 7 | 8 | 4 | 0 | D | B |
| 7 | 0 | 4 | D | 1 | 9 | 8 | 2 | 5 | B | 6 | 3 | E | A | C |
| C | D | 6 | B | 4 | 2 | A | 0 | E | 9 | 1 | 5 | 3 | 7 | 8 |
| 9 | 1 | B | 0 | 8 | 3 | 6 | 7 | D | E | C | A | 5 | 4 | 2 |
| 6 | 9 | 0 | 3 | C | A | 7 | D | 4 | 1 | 5 | 2 | 8 | B | E |
| D | 2 | 7 | 5 | E | 4 | C | A | 3 | 6 | B | 8 | 9 | 1 | 0 |
| 8 | B | E | 2 | 7 | 6 | 9 | 1 | 0 | 3 | 4 | C | D | 5 | A |
| 4 | 3 | 5 | 1 | D | B | E | 6 | 8 | A | 0 | 9 | 2 | C | 7 |
| 1 | C | A | 8 | 9 | 0 | 5 | B | 2 | D | 7 | E | 6 | 3 | 4 |
| 5 | 7 | D | 4 | 0 | 1 | 2 | E | C | 8 | A | 6 | B | 9 | 3 |
| 3 | 4 | 9 | A | 2 | 8 | B | 5 | 6 | C | E | 1 | 7 | 0 | D |
| B | E | 1 | C | 3 | 5 | D | 8 | A | 0 | 9 | 7 | 4 | 2 | 6 |
| 0 | 8 | C | 9 | 6 | D | 3 | 4 | 7 | 5 | 2 | B | A | E | 1 |
| A | 6 | 2 | E | B | 7 | 0 | 9 | 1 | 4 | 3 | D | C | 8 | 5 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଜରାନିବାସର ନିୟମ

ମହାଶୟ,

ଜରା ଅବସ୍ଥାରେ ମଣିଷ ଅନ୍ୟର ସେବା ଉପରେ ନିର୍ଭର କରେ। ଜୀବନ ଯନ୍ତ୍ରଣାମୟ ହୋଇଉଠେ। ବହୁ ପରିବାରର ବୃଦ୍ଧାବୃଦ୍ଧମାନେ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ଜରାନିବାସରେ ରହୁଛନ୍ତି। ଏ ବିଷୟରେ କେବଳ ଖବରକାଗଜରେ ପଢ଼ିଛି। ଆଖିରେ ଜରାଶ୍ରମ ଦେଖିନି କି ସେଠାକାର ନିୟମକାନୁନ ଜାଣିନି। ସେଠାରେ ବିନା ପଇସାରେ ରହିବାକୁ ପଡ଼େ ନା ପଇସା ଦେଇ ରହିବାକୁ ପଡେ, ସେଠାରେ ବୁଢ଼ାବୁଢ଼ୀଙ୍କର ସେବା କରାଯାଏ କି କ୍ରୂର ବ୍ୟବହାର କରାଯାଏ ? ମୋର ଜରାଶ୍ରମରେ ରହିବାକୁ ଇଚ୍ଛା। କାରଣ ମୁଁ ଅବିବାହିତ ଏବଂ ମୋର ଜରା ଅବସ୍ଥା। ଯଦି କେହି ନିୟମକାନୁନ ଜାଣିଥାନ୍ତି ଚିଠି ମାଧ୍ୟମରେ ଜଣାଇଲେ ଖୁସି ହୁଅନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱରରେ ବିଶେଷତଃ ଯୁବକମାନେ ଅତି ଦ୍ରୁତଗତିରେ ରାସ୍ତାର ଓଲଟା ଦିଗରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ଲୋକମାନଙ୍କର ରାସ୍ତା ନିୟମ ପ୍ରତି ବେଖାତିର ମନୋଭାବ, ରାସ୍ତାକଡ଼ରେ ଯାନବାହନ ପାର୍କିଂ କରାଯିବା, ଛକ ସ୍ଥାନମାନଙ୍କରେ ପାଦଚଲା ଓଭର ବ୍ରିଜ୍ କିମ୍ବା ଭୂତଳ ରାସ୍ତାର ଅଭାବ ଏବଂ ଟ୍ରାଫିକ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଏହି ସମସ୍ୟାର ମୂଳ କାରଣ। ମୁଖ୍ୟ ରାସ୍ତାଗୁଡ଼ିକର ଉଭୟ ପାର୍ଶ୍ୱରେ ସାମାନ୍ୟ ଉଚ୍ଚତା ବିଶିଷ୍ଟ ପାଦଚଲା ରାସ୍ତା ନ ଥିବା ମଧ୍ୟ ଏକ ବଡ଼ ସମସ୍ୟା। ଏ ବିଷୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେସଙ୍ଗେ ଏହାର ଆଶୁ ସମାଧାନ ଆଶା କରୁଛି।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପରିବର୍ତ୍ତିତ ସମୟ ସହିତ ଲୋକଙ୍କ ରୁଚି ତଥା ପେସା ବଦଳିବାରେ ଲାଗିଛି। ଏବେ କେତେକ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି। ଏଥିରେ ଅର୍ଥ ବିନିଯୋଗ କରିବାର ଆବଶ୍ୟକତା ନାହିଁ। କେବଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିପାରିଲେ ଏଥିରେ ବିପୁଳ ଆୟର ସୁଯୋଗ ରହିଛି। ଏପରି ଜଣେ ବ୍ୟକ୍ତି ହେଉଛନ୍ତି ଝାଡଖଣ୍ଡର ଛୋଟୁ ବୈରଖା। ସେ ଚକ୍ରଧରପୁର ରେଳଷ୍ଟେଶନରେ ପିଲାଦିନରୁ ଭିକ୍ଷାବୃତ୍ତି କରି ବର୍ତ୍ତମାନ ୪୦ବର୍ଷ ବୟସରେ ଉପନୀତ ହେଲେଣି। ପିଲାଦିନୁ ତାଙ୍କ ଶରୀର ଅଣ୍ଟାଠାରୁ ତଳକୁ କାମ କରୁନାହିଁ। ଏଭଳି ଅବସ୍ଥାରେ ସେ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିଥିଲେ। ଏବେ ଭିକ୍ଷାକରି ଦୈନିକ ୧ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଭିକ୍ଷାବୃତ୍ତି ତାଙ୍କର ମୁଖ୍ୟ ପେସା ହୋଇଥିବା ବେଳେ ସେ ବିଭିନ୍ନ ସ୍ୱାସ୍ଥ୍ୟ ଉତ୍ପାଦ ମଧ୍ୟ ବିକ୍ରି କରୁଛନ୍ତି। ଏହା ସହିତ ସମ୍ପୃକ୍ତ କମ୍ପାନୀର ସଦସ୍ୟ ସଂଖ୍ୟା ବଢ଼ାଇବା କାର୍ଯ୍ୟ କରୁଛନ୍ତି। ସେ ଭିକ୍ଷାବୃତ୍ତିରୁ ମିଳୁଥିବା ଅର୍ଥ ବିନିଯୋଗ କରି ସିମ୍‌ଡେଗା ଜିଲାରେ ଥିବା ନିଜ ଗାଁ ଓ୍ୱିଣ୍ଡିଠାରେ ଏକ ବାସନକୁସନ ଦୋକାନ କରିଛନ୍ତି। ଏହି ଦୋକାନ ଚଳାନ୍ତି ତାଙ୍କ ସ୍ତ୍ରୀ। ମନୋବଳ ଦୃଢ଼ ଥିଲେ ଯେ ଅସାଧ୍ୟ ସାଧନ କରିହୁଏ, ଏ କଥା ଜୀବନରେ ପ୍ରମାଣିତ କରିଛନ୍ତି ଛୋଟୁ।

### ଚିରନ୍ତନୀ

ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୪

- ସୋମାଲିଆର ଦୁଇ ଯୁଦ୍ଧରତ ଗୋଷ୍ଠୀର ନେତାମାନଙ୍କ ମଧ୍ୟରେ ନାଇରୋବିଠାରେ ଏକ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ତୁର୍କୀରେ ଆସ୍ଥାଭାଜନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜାତିସଂଘ ପକ୍ଷରୁ ଦିଆଯାଇଥିବା ପ୍ୟାକେଜ ପ୍ରସ୍ତାବକୁ ତୁର୍କୀର ସାଇପ୍ରିଅଟ ଗୋଷ୍ଠୀର ପ୍ରତ୍ୟାଖ୍ୟାନ।

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧୭- ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ କର୍କଟ ରୋଗରେ ୬୩ ବର୍ଷ ବୟସରେ ପରଲୋକ।

୧୮- ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ମୃତ୍ୟୁ ପରେ ରାଜ୍ୟ ବିଧାନସଭାର ବାଚସ୍ପତି ଥିବା ପ୍ରମୋଦ ସାଓ୍ୱନ୍ତଙ୍କୁ ଭାଜପା ବିଧାୟକ ଦଳର ନେତା ନିର୍ବାଚନ କରିଛି ଏବଂ ସେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

୧୯- ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ପିନାକୀ ଚନ୍ଦ୍ର ଘୋଷଙ୍କୁ ଭାରତର ପ୍ରଥମ ଲୋକପାଳ ଭାବେ ନିଯୁକ୍ତି ଦିଆଯାଇଛି।

୨୦- ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଲଣ୍ଡନରେ ଗିରଫ କରାଯାଇଛି।

* ତେଲେଙ୍ଗନା କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡି.କେ. ଅରୁଣା ଭାଜପାରେ ଯୋଗ ଦେଇଛନ୍ତି।

୨୩- ଗୋଆ ମୁଖ୍ୟମନ୍ତ୍ରୀ ଭାବେ ନବନିଯୁକ୍ତ ପ୍ରମୋଦ ସାଓ୍ୱନ୍ତ ଆସ୍ଥା ଭୋଟରେ ଜିତିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ରାସେଶ୍ୱରୀ, ରୋହିତଙ୍କ ସମର୍ଥକ ଉତ୍ସାହିତ

**ସମ୍ବଲପୁର,୨୪।୩(ବ୍ୟୁରୋ):** ସମ୍ବଲପୁର ଓ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରୁ ବିଜେଡିର ପ୍ରାର୍ଥିତ୍ୱକୁ ରହିଥିବା ସସପେନ୍ସ ରବିବାର ରାତିରେ ଦୂର ହୋଇଛି। ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସମ୍ବଲପୁରରେ ପୁଣି ଥରେ ରାସେଶ୍ୱରୀ ପାଣିଗ୍ରାହୀ ଓ ରେଢ଼ାଖୋଲରେ ରୋହିତ ପୂଜାରୀଙ୍କୁ ଦଳ ପ୍ରାର୍ଥୀ କରିଛି । ଉଭୟଙ୍କ ସମର୍ଥକ ଖୁସି ମନାଇଛନ୍ତି । ବିଭିନ୍ନ ସ୍ଥାନରେ ଫୋଟକା ପଟାଇ ଖୁସି ଜାହିର କରିଛନ୍ତି । ଏ ସମ୍ପର୍କରେ ରେଢ଼ାଖୋଲ ବିଧାୟକ ପୂଜାରୀ କହିଛନ୍ତି ଯେ ପୁଣି ଥରେ ଦଳ ସଭାପତି ଭରସା କରି ଲୋକଙ୍କ ସେବା କରିବାକୁ ତାଙ୍କୁ ସୁଯୋଗ ଦେଇଛନ୍ତି। ଗତ ୫ ବର୍ଷରେ ରାସ୍ତା ଘାଟ, ଶିକ୍ଷା ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ଲୋକଙ୍କ ଉପରେ ଭରସା ରହିଛି। ପୁଣି ଥରେ ଆଶୀର୍ବାଦ କଲେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବା ସହ ପାଣି ଓ ଶିକ୍ଷା ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ।

### ମହିଳାଙ୍କଠାରୁ ୫ କେଜି ଗଞ୍ଜେଇ ଜବତ

**ରେଢ଼ାଖୋଲ,୨୪।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ଚାରମାଳ ପୋଲିସ ରବିବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ପ୍ରଧାନପାଲି ଛକରେ ଜଣେ ମହିଳାଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଗିରଫ କରିଛି। ଏହି ମହିଳା ଜଣକ ହେଲେ ରେଢ଼ାଖୋଲ ଥାନା ଅନ୍ତର୍ଗତ ପାଣ୍ଡୁରିଶିଳା ଗ୍ରାମର ଶାନ୍ତି ମିଞ୍ଜ। ଥାନା ଅଧିକାରୀ ବସନ୍ତ କୁମାର ଦଳାଇ ସୂଚନା ଦେଇ କହିଛନ୍ତି ଯେ, ସେ ଏକ ଗଞ୍ଜେଇ ଭର୍ତ୍ତି ଜରି ବ୍ୟାଗ ଧରି ବସ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ଯାଞ୍ଚ କରିବାରୁ ୫ କେ.ଜି ଗଞ୍ଜେଇ ମିଳିଥିଲା। ଏହା ସହ ୫୬୦ ଟଙ୍କା ମଧ ଜବତ ହୋଇଛି। ଏ ନେଇ ଚାରମାଳ ଥାନାରେ ଏକ ମାମଲା (ନଂ.୩୫/୧୯) ରୁଜୁ ହୋଇଛି। ସୋମବାର ଗିରଫ ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯିବ।

### ବନ୍ଧୁକ ଜବତ, ୨ ଗିରଫ

**ସମ୍ବଲପୁର,୨୪।୩(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ଦେଶୀ ବନ୍ଧୁକ ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୋହନଡେରା ଜଗଦୀଶ ଭୋଇ (୨୮), ଖଇରମଲ ବାଡୁନଡେରା ଗ୍ରାମର ଗଣେଶ ଓରାମ (୨୭) । ଏ ନେଇ ଥାନାରେ କେସ୍ ନଂ- ୩୯/୧୯ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଯୋଗ୍ୟ ଯେ ଦୁଇ ଅଭିଯୁକ୍ତ ବସିଆପଡା ଗ୍ରାମ ନିକଟରେ ବନ୍ଧୁକ ଧରି ଯାଉଥିଲେ । ପୋଲିସ ଅଟକାଇ ବନ୍ଧୁକର ଲାଇସନ୍ସ ଦେଖାଇବାକୁ କହିଥିଲା। ହେଲେ ସେମାନେ କିଛି ସନ୍ତୋଷ ଜନକ ଉତ୍ତର ନ ଦେବାରୁ ଗିରଫ କରିଥିଲା ।

### ଧମାରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧମା, ୨୪।୩ (ଡି.ଏନ.ଏ.):** ସ୍ଥାନୀୟ ରୈବତ ପର୍ବତଠାରେ ଅବସ୍ଥିତ ମଦନମୋହନ ମନ୍ଦିରଠାରେ ୭ଦିନ ବ୍ୟାପି ବିଶ୍ୱଶାନ୍ତି ମହା ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମହନ୍ତ ସନ୍ଥଚରଣ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ରାଧାମାଧବ ମଦନମୋହନ ମଠରେ ଆୟୋଜିତ ଯଜ୍ଞକୁଣ୍ଡକୁ ୧୦୮ ମହିଳା ସ୍ଥାନୀୟ ଧୁବାଘାଟଠାରୁ କଳସ ଯାତ୍ରା କରି ଯାଇଥିଲେ । ଅଧିବାସ ସାଙ୍ଗକୁ ନାମଯଜ୍ଞ ଆରମ୍ଭ ହୋଇଥିଲା । ହନୁମାନ ମନ୍ଦିର ଅଙ୍କୁରାରୋପଣ ସାଙ୍ଗକୁ ମନ୍ଦିର ପ୍ରତିଷ୍ଠା ଯଜ୍ଞ କରାଯାଇଥିଲା। ଏକାଦଶୀ ବ୍ରତପାଳନ ଏବଂ ଦୁଇଜଣ ବ୍ରହ୍ମଚାରୀଙ୍କର ସନ୍ନ୍ୟାସ ବ୍ରତ ଗ୍ରହଣ କରାଯାଇଥିଲା । ଦଧିଭାଣ୍ଡ ଭଞ୍ଜନ ନାମପୂର୍ଣ୍ଣାହୂତି ସାଙ୍ଗକୁ ସମସ୍ତ କୀର୍ତ୍ତନ ଦଳଙ୍କର ନଗର ପରିକ୍ରମା କରାଯାଇଥିଲା।

### ଖଡିଆପାଲିରେ ୨୪ ପ୍ରହର ନାମ ସଂକୀର୍ତ୍ତନ

**ରେଙ୍ଗାଲି,୨୪।୩ (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଲପଙ୍ଗା ପଞ୍ଚାୟତ ଖଡିଆପାଲିଠାରେ ୨୪ ପ୍ରହର ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ଣ୍ଣାହୂତି ପଡିଥିଲା। ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ମୋତିଲାଲ ତନ୍ତି, ବୋମାଲୋଇ ସରପଞ୍ଚ ଶେଷଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଖୁଣ୍ଟା, ବଂଶୀମାଲ, କୁତାପଡା, ଧୁବେନଛପାଲ, ତରେକେଲା, ହିର୍ମା, ଦନ୍ତାମୁରା, ପୂର୍ଣ୍ଣାପାଲି, ବୋମାଲୋଇ, ପରମାଣପୁର, ତରୋପାଣି, ଲାଉମାଲ, ଇରିହାଡିହି ଆଦି ଗ୍ରାମରୁ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ।



ରବିବାର ସମ୍ବଲପୁର ଗୋପାଳମାଲସ୍ଥିତ ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମଠାରେ ସାମିଲ ହୋଇଥିବା ଭକ୍ତମାନେ ।



ପ୍ରଜ୍ଞାନାନନ୍ଦଜୀ ମହାରାଜ ପ୍ରବଚନ ଦେଉଛନ୍ତି ।

■ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ

# ସବୁ ଧର୍ମକୁ ସମ୍ମାନ ଦେବା ଆବଶ୍ୟକ

**ସମ୍ବଲପୁର, ୨୪।୩ (ବ୍ୟୁରୋ)**

ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ରବିବାର ସମ୍ବଲପୁର ଗୋପାଳମାଲସ୍ଥିତ ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମଠାରେ ପାଳିତ ହୋଇଯାଇଛି । କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ସେ କହିଥିଲେ ଯେ, ସବୁ ଧର୍ମକୁ ସମ୍ମାନ ଦେବା ଆବଶ୍ୟକତା ରହିଛି। ଏହା ହେଲେ ସଦ୍‌ଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ମୁଖ୍ୟ ବାବାଜୀ ଦାମୋଦର ଦାଶ ଓ ଜଗନ୍ନାଥ ସଂସ୍କୃତି ପ୍ରବଚକ ବାବାଜୀ ଦିବାକର ଦାଶ ଏବଂ ଡା. ଶିଶିର କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସବିତା ଦାଶ ଭଜନ ଗାନ କରିଥିଲେ । ସ୍ୱାମୀ ଗୁରୁସେବା ମହାରାଜ ରାଜକିଶୋର ନନ୍ଦ, ସଚ୍ଚିକାନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ମାସ ୨୫ରେ ବୁର୍ଲା, ୨୬ରେ ହୀରାକୁଦ, ୨୭ରେ ବରଗଡ ଜିଲା ପାଣିମୁରା ଓ ପଦ୍ମପୁର ଅଞ୍ଚଳରେ ପ୍ରେମାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ପାଳନ କରାଯିବ ବୋଲି ପ୍ରୀତିରଞ୍ଜନ ଦାଶ ସୂଚନା ପ୍ରଦାନ କରିଥିଲେ।

## ବିଜେଡିକୁ ଜିତାଇବାକୁ ଦିନରାତି ଏକ କରିବାକୁ ହେବ

**ଚିପିଲିମା, ୨୪।୩ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡା ବ୍ଲକ ଜୋନ-୨ ଗୋଶାଳା ଖେଳପଡିଆରେ ବ୍ଲକ ବିଜେଡି ସଭାପତି ଜତିନ୍ଦ୍ର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବରେ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ଝାରସୁଗୁଡା ବିଧାୟକ ନବକିଶୋର ଦାସ, ବିଜୁ କୃଷକ ଜିଲା ସଭାପତି ଆନନ୍ଦ ଜେନା, କୃଷକ ନେତା ଜଗନ୍ନାଥ ଜେନା, ବରିଷ୍ଠ ନେତା ରାଜକିଶୋର ଦାସ ଓରଫ୍ (ମଞ୍ଜୁ), ଯୁବନେତା ମୋତିଲାଲ ତନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜିତ କର୍ମୀ ସମ୍ମିଳନୀରେ ନେତାମାନେ ବିଜେଡିର ବିଭିନ୍ନ ସଫଳତା ତଥା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥର ନିର୍ବାଚନରେ ଦଳକୁ ଜିତାଇବାକୁ ଦିନରାତି ଏକ କରିବାକୁ ହେବ ବୋଲି ନେତୃମଣ୍ଡଳୀ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଜାମୁଣ୍ଡା, ସାନସିଂହାରୀ, ଚିପିଲିମା, କଳାମାଟି, ଗୋଶାଳା, କର୍ଡୋଲା, ଗୁଦଗୁଣ୍ଡେରପୁର ପଞ୍ଚାୟତ ଅଞ୍ଚଳର ଲୋକେ ଏହି ଅବସରରେ ବିଜେଡିରେ ଯୋଗ ଦେଇଥିଲେ।

## ଭାଜପାର ପ୍ରାର୍ଥିତ୍ୱକୁ ନେଇ ଦଳୀୟ କର୍ମୀଙ୍କ ଭିତରେ ଉତ୍କଣ୍ଠା

**ରେଢ଼ାଖୋଲ,୨୪।୩(ଡି.ଏନ.ଏ.)**

**ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ**

ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଘୋଷଣା ହୋଇଛି। ବିଧାୟକ ରୋହିତ ପୂଜାରୀଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିଛି। ସେହିଭଳି ଆସଫ ଅଲ୍ଲି ଖାନଙ୍କୁ କଂଗ୍ରେସ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ହେଲେ ଭାଜପା ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ ଘୋଷଣା କରିନି। ଏ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଭାଜପାରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ରାଜ୍ୟ ପଛୁଆବର୍ଗ ସମ୍ପାଦକ ପ୍ରତାପ ପ୍ରଧାନ, ଦେବେନ୍ଦ୍ର ମହାପାତ୍ର ଓ ଆଇନଜୀବୀ ସମର କୁମାର ପ୍ରଧାନ (ଆଲଫା) ପ୍ରମୁଖ ଆଶାୟୀ ଅଛନ୍ତି। ସମରଙ୍କ ପ୍ରାର୍ଥିତ୍ୱକୁ ଦଳୀୟ ହାଇକମାଣ୍ଡ ମୋହର ମାରିଥିବା ଚର୍ଚ୍ଚା ହେଉଛି। ଏପରିକି ନାମାଙ୍କନ ପତ୍ର ଦାଖଲ ପାଇଁ ସମରଙ୍କ ପ୍ରସ୍ତୁତି ଯୋଗୁ ଏହା ଚର୍ଚ୍ଚାର ଖୋରାକ ଯୋଗାଇଛି। ଅପର ପକ୍ଷରେ ରେଢ଼ାଖୋଲରୁ ଜୁଆଡେ ଖୋଦ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ତାଙ୍କ ପତ୍ନୀ ପ୍ରାର୍ଥୀ ହେବେ ବୋଲି ନିଜେ ଧର୍ମେନ୍ଦ୍ର କହୁଥିବା ଭାଜପାର ଦଳୀୟ କର୍ମୀମାନେ ପ୍ରକାଶ କରୁଛନ୍ତି। ତେବେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପାର ପ୍ରାର୍ଥୀକୁ ନେଇ ଦଳୀୟ କର୍ମକର୍ତ୍ତା ଉତ୍କଣ୍ଠାରେ ରହିଛନ୍ତି। ଅପର ପକ୍ଷରେ ରୋହିତଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ତାଙ୍କ ସମର୍ଥକମାନେ ଭୀମ ଭୋଇ ଛକରେ ଫୋଟକା ଫୁଟାଇ ସ୍ୱାଗତ କରିଛନ୍ତି।

## ଜୁଆ ଖେଳି ୩ ଗିରଫ

**ବାମରା,୨୪।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ଗଡପୋଷ ଫାଣ୍ଡି ପୋଲିସ ସାନତୁମ୍ବେରମୁଣ୍ଡା ଗ୍ରାମର ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଝିରିଗା ଟପ୍ପୋ, ଗୁରୁଚରଣ ଟପ୍ପୋ ଓ ଜନାର୍ଦ୍ଦନ ସୁରଜୁଲିଆ। କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ଏହି ସୂଚନା ଦେଇଛନ୍ତି ଯେ, ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କ ପାଖରୁ ୫ ହଜାର ୬ ଶହ ଟଙ୍କା ଓ ତାସ୍ ଜବତ କରାଯାଇଛି।



ଗିରଫ ତିନି ଅଭିଯୁକ୍ତ।

ହୀରାକୁଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବୌଦ୍ଧ ଚାମ୍ପିୟନ, ରାଉରକେଲା ରନର୍ସ ଅପ୍



ରବିବାର ହୀରାକୁଦ ସୁଭାଷ ମଇଦାନଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ଓ ରନର୍ସ ଅପ୍ ଦଳ ଅତିଥିଙ୍କ ସହ ।

**ସମ୍ବଲପୁର/ହୀରାକୁଦ,୨୪।୩ (ବ୍ୟୁରୋ/ ଡି.ଏନ.ଏ)**

ସ୍ଥାନୀୟ ସୁଭାଷ ମଇଦାନଠାରେ ହୀରାକୁଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଦଳ ଚାମ୍ପିୟନ ଓ ରାଉରକେଲା ଦଳ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚ ଏକ ତରଫା ହୋଇଥିଲା । ଏଥିରେ ବୌଦ୍ଧ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଗଣେଶ ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ସଚ୍ଚିକାନ୍ତ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ମୁଖ୍ୟଅତିଥି, ଅରୁଣ ପୌଦାର, ଦୀପକ ମହାନ୍ତି ଓ ଅଜୟ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତାପ ତାଣ୍ଡି, କ୍ଷୀରୋଦ ନାୟକ, ବିଘ୍ନ ପାଣିଗ୍ରାହୀ, ମନୋଜ ଟପ୍ପୋ, ତ୍ରିଲୋଚନା ନାୟକ, ଅମରେନ୍ଦ୍ର ମହାପାତ୍ର, ପୁଷ୍ପକ କୁମାର, ଏ. ହରିପାଲ, ଉମେଶ ସୁନା, କାର୍ତ୍ତିକ କଲେତ, ଜି.ଏନ. ମିଶ୍ର, ସିଦ୍ଧେଶ ନାଗ, ଗୌରାଙ୍ଗ ବେହେରା, ବାଳକୃଷ୍ଣ ତ୍ରିପାଠୀ, ସୁନଜ ବିଶ୍ୱାଳ, ଉମେଶ କୁମାର, ଅଭିଷେକ ଦାଶ, ଏସ. ସେଠୀ, ଗଣେଶ ମୁଦୁଲା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ରାଜ୍ୟରେ ଭାଜପା ନିର୍ବାଚନରେ ସେନା ଅଧିକାରୀଙ୍କୁ ବ୍ୟବହାର କରୁଛି

**ସମ୍ବଲପୁର, ୨୪।୩ (ବ୍ୟୁରୋ)**



ପ୍ରଭାତ କୁମାର ପଣ୍ଡା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

**ଟିକେଟ ଦେବାକୁ କୁଣ୍ଠବୋଧ**

ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନ ସମୟରେ ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦକୁ ବ୍ୟବହାର କରୁଛି। କିନ୍ତୁ ଲୋକସଭା ଓ ବିଧାନସଭା ପ୍ରାର୍ଥୀ କରିବାକୁ କୁଣ୍ଠବୋଧ କରୁଛି । ଏହା ପୂର୍ବତନ ସେନା ଅଧିକାରୀଙ୍କ ପ୍ରତି ଅପମାନ। ରବିବାର ଓଡିଶା ପ୍ରଦେଶ ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦ ଉପସଭାପତି କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି । ସେ କହିଥିଲେ ଯେ, ପୂର୍ବ ସୈନିକମାନେ ଭାଜପାର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଛନ୍ତି। ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା, ମହାକାଳପଡା, ଆସ୍କା ଓ ହିଣ୍ଡୋଳ ବିଧାନସଭା କ୍ଷେତ୍ରରେ ପୂର୍ବ ସୈନିକମାନଙ୍କୁ ପ୍ରାର୍ଥୀ କରିବା ପାଇଁ ଏକ ପ୍ରକାର ସ୍ଥିର କରାଯାଇଥିଲା। ପରିତାପର ବିଷୟ ଯେ, ଶେଷ ସମୟରେ ଅନ୍ୟମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଛି । ସେଥିପାଇଁ ଭାଜପାରେ ପୂର୍ବତନ ସୈନିକମାନେ ଯୋଗଦେବା ପରିବର୍ତ୍ତେ ବିତୃଷ୍ଣା ଭାବ ପୋଷଣ କରିବେ, ଯାହାକି ଦଳ ପ୍ରତି କ୍ଷତି ହେବ । ଏହାକୁ କେନ୍ଦ୍ରୀୟ ନେତୃବୃନ୍ଦ ଦୃଷ୍ଟି ଦେବା ଜରୁରୀ। ଅପରପକ୍ଷେ ରାଜ୍ୟର ଜଣେ ଆଗ ଧାଡିର ନେତାଙ୍କ ଚକ୍ରାନ୍ତରେ ସେନା ଅଧିକାରୀଙ୍କୁ ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଚକ୍ରାନ୍ତକାରୀଙ୍କ ପ୍ରତି ପୂର୍ବ ସୈନିକ ସେବା ପରିଷଦ ଉଚିତ ଜବାବ ଦେବ। ଏପରିକି ଚକ୍ରାନ୍ତକାରୀଙ୍କ ମୁଖା ଖୋଲାଯିବ ବୋଲି ସେ କହିଛନ୍ତି ।

## ସାଲଡରେ ସାମୂହିକ ବ୍ରତୋପନୟନ

**ରେଙ୍ଗାଲି, ୨୪।୩ (ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ ସାଲଡଠାରେ ପଞ୍ଚଶାସନୀ ବ୍ରାହ୍ମଣ ସମାଜ ସାଲଡ ପ୍ରଗଣା ପକ୍ଷରୁ ସାମୂହିକ ବ୍ରତୋପନୟନ ହୋଇଛି। ସାଲଡ, ସାହାଜବାହାଲ, ଚାରପାଲି, ଲୁହାଖଣ୍ଡି ଆଦି ଗ୍ରାମରୁ ପ୍ରାୟ ୭ଜଣଙ୍କ ବ୍ରତୋପନୟନ ହୋଇଥିଲା । ଯଦୁବଂଶ ପାଣିଗ୍ରାହୀ ଏବଂ ବୃନ୍ଦାବନ ବିଶ୍ୱାଳ ଶର୍ମା ମୁଖ୍ୟ ପଣ୍ଡିତ ଭାବରେ ୭ଜଣ ବଟୁଙ୍କ ବ୍ରତୋପନୟନ କରିଥିଲେ । ସାଲଡ ପ୍ରଗଣା ସଭାପତି ରମାକାନ୍ତ ବିଶ୍ୱାଳ, ସମ୍ପାଦକ ଅଶୋକ ନାଥ, କୋଷାଧ୍ୟକ୍ଷ ରବିନ୍ଦ୍ର ବିଶ୍ୱାଳ, ଭିକାରୀ ବିଶ୍ୱାଳ, ବିଶ୍ୱକେସନ ବିଶ୍ୱଳ, ବୈଷ୍ଣବ ନାଥ, ପ୍ରସନ୍ନ କୁମାର ବିଶ୍ୱାଳ, ରମେଶ ନାୟକ, ସୁଶିଲ ନାୟକ, ଅଶୋକ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଗ୍ରାମ ଏବଂ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

## ଭାରତ ବିକାଶ ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀ

**ସମ୍ବଲପୁର, ୨୪।୩ (ବ୍ୟୁରୋ)**




ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଭାରତ ବିକାଶ ପରିଷଦର ପ୍ରାନ୍ତୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ଭାରତ ବିକାଶ ପରିଷଦ (ବିଭିପି)ର ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଜଗତମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପରିଷଦ ରାଷ୍ଟ୍ରୀୟ ସଭାପତି ଡା. ସୁରେଶ ଚନ୍ଦ୍ର ଗୁପ୍ତା ମୁଖ୍ୟଅତିଥି, ମହାନଦୀ କୋଇଲା କମ୍ପାନୀ ଜେନେରାଲ ମ୍ୟାନେଜର ଠାକୁର ଏସପି ସିଂ, ଏସ.ଏନ. ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ସାଧାରଣ ସଭାପତି ଡା. ବିନୋଦ ବିହାରୀ ନାୟକ ଅତିଥି ସ୍ୱାଗତ କରିଥିଲେ। ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ସରୋଜ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଜାତୀୟ ସମ୍ପାଦିକା ଗୀତା ପଟ୍ଟନାୟକ, ଉପସଭାପତି ଏସ.ଏନ. ପଣ୍ଡା, ଗୋପିନାଥ ମିଶ୍ର, ସୁବାଷ ଚନ୍ଦ୍ର ମହାନ୍ତି ଯୋଗଦେଇ ଆଲୋଚନା କରିଥିଲେ । ଏହି ଅବସରରେ ଝାରସୁଗୁଡା ନୂତନ ଶାଖା ଶୁଭାରମ୍ଭ କରାଯାଇଥିଲା । ଆଞ୍ଚଳିକ ସମ୍ପାଦକ ଶ୍ୟାମସୁନ୍ଦର ଶର୍ମା, ଡି.ଡି. ମିଶ୍ର, ଡା. ଆର.କେ. ବଡପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନୂତନ ସଭାପତି ଶୁଭାଶିଷ କର ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

## ସମ୍ବଲପୁର ଜୀବନ ବୀମା ମଣ୍ଡଳରେ ବୈଠକ

**ସମ୍ବଲପୁର, ୨୪।୩ (ବ୍ୟୁରୋ)**



ରବିବାର ସମ୍ବଲପୁର ଜୀବନ ବୀମା ମଣ୍ଡଳ ଅଫିସରେ ଆୟୋଜିତ ବୈଠକରେ ପ୍ରତିନିଧିମାନେ ।

ଇଷ୍ଟ ସେଣ୍ଟ୍ରାଲ ଜୋନ ଇନସ୍ୟୁରାନ୍ସ ଏମ୍ପ୍ଲୋଇଜ୍ ଆସୋସିଏସନ୍‌ର (ଇସିଜେଡଆଇଏ) ପଞ୍ଚମ ତ୍ରିବାର୍ଷିକ ସାଧାରଣ ସମ୍ମିଳନୀର ଅଭ୍ୟର୍ଥନା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଡିଭିଜନ ସଭା କକ୍ଷରେ ସଭାପତି ପ୍ରଦୀପ ମୁଖାର୍ଜୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଅଭ୍ୟର୍ଥନା କମିଟିର ମହତ୍ତ୍ୱ, ଶ୍ରମିକ, କର୍ମଚାରୀମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ଦିଲୀପ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇ ସାଂପ୍ରତିକ ଆର୍ଥିକ ଓ ରାଜନୈତିକ ପରିସ୍ଥିତିରେ ଶ୍ରମିକ ଶ୍ରେଣୀର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ସମ୍ବଲପୁର ଡିଭିଜନ ଜୀବନ ବୀମା ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଲଆଇସି ଅଫିସର୍ସ ଆସୋସିଏସନ୍ ସଭାପତି ବିଜୟ କୁମାର ପାତ୍ର, ଅଭିଜିତ ରାୟ ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଆଶିଷ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମ୍ମିଳନୀରେ ଲୋଗୋ ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଟୁ ନେତା ଗଦାଧର କୁଅଁର, ମହେଶ୍ୱର ଷଣ୍ଡ, ଆଇଏନଟିୟୁସି ନେତ୍ରୀ ବବିତା ବଡପଣ୍ଡା, ଏଆଇଟିୟୁସିର ଏନ ଗୋପାଳ, ଆର.କେ. ମହାନ୍ତି, ବିଶ୍ୱନାଥ ବେହେରା, ସୁଶାନ୍ତ ପଟ୍ଟନାୟକ, ଭୀ ରାମାରାଓ, ଉମାଶଙ୍କର ଯୋଶୀ, ପ୍ରଦୀପ କୁମାର ଦାଶ, ଲଳିତ କୁମାର ପଟ୍ଟନାୟକ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ମିନରଞ୍ଜନ ବିଶି ଅତିଥି ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରଠାରେ ଇଷ୍ଟ ସେଣ୍ଟ୍ରାଲ ଜୋନ ଇନସ୍ୟୁରାନ୍ସ ଏମ୍ପ୍ଲୋଇଜ୍ ଆସୋସିଏସନ୍‌ର ପଞ୍ଚମ ତ୍ରିବାର୍ଷିକ ସାଧାରଣ ସମ୍ମିଳନୀ ହେବ ।

# ବିଜେପୁର: ପ୍ରାର୍ଥୀ ବଦଳାଇପାରେ ଭାଜପା

**ବରପାଲି, ୨୪।୩(ଡି.ଏନ.ଏ)**


ଅଶୋକ ପାଣିଗ୍ରାହୀ ।

୨୦୧୯ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଓ କଂଗ୍ରେସ ନିଜ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡିର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସର ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ପ୍ରାର୍ଥୀ ହୋଇଥିବାବେଳେ ଭାଜପା ପକ୍ଷରୁ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା ହୋଇନାହିଁ। ଫଳରେ ଭାଜପାରୁ କିଏ ପ୍ରାର୍ଥୀ ହେବେ ତାକୁ ନେଇ ଉତ୍ସୁକତା ପ୍ରକାଶ ପାଇଛି। ଏଠାରେ ଗତ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ୬୧ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏଥର ତାଙ୍କୁ ଟିକେଟ ନ ଦେଇ କେବଳ ଝୁଲାଇ ରଖାଯାଇଥିବା ବେଳେ ବିଜେପୁର ପାଇଁ ସୁବାଷ ଚୌହାନଙ୍କ ନାମ ଚର୍ଚ୍ଚାରେ ରହିଛି। ଯଦିଓ ଏଠାରେ ପ୍ରାର୍ଥୀ ବଦଳାଇ ବାହାର ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବା ନଜିର ରହିଛି, ଏଭଳି ହେଲେ ଭାଜପାରେ ବିଦ୍ରୋହ ହୋଇପାରେ। ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଅଶୋକ ପାଣିଗ୍ରାହୀ ବିଜେଡିରୁ ଇସ୍ତଫା ଦେଇ ବରପାଲିରେ ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ପରେ ତାଙ୍କୁ ବିଜେପୁର ଉପନିର୍ବାଚନରେ ପ୍ରାର୍ଥୀ କରାଯାଇଥିଲା। ଏବେ ଭାଜପା ତାଙ୍କୁ ଟିକେଟ ନ ଦେଇ ପ୍ରାର୍ଥୀ ବଦଳାଇଲେ ଦଳର କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅଶୋକ ଦଳ ଛାଡିବେ ବୋଲି ତାଙ୍କ ନିକଟତମ ମହଲରେ ଆଲୋଚନା ଚାଲିଛି। ଏ ନେଇ ଅଶୋକ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ସମୟକୁ ଅପେକ୍ଷା କରନ୍ତୁ ବୋଲି କହିଥିଲେ।

■ ବଲାଙ୍ଗୀର ଭାଜପାରେ ଘନେଇଲା ବିବାଦ

# ଅନନ୍ତଙ୍କୁ ବିରୋଧ, ବାସୁଦେବଙ୍କୁ ଟିକେଟ ଦାବି

**ବଲାଙ୍ଗୀର ଅଫିସ,୨୪।୩**

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ, ବିକ୍ଷୋଭ


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ଓ ସମର୍ଥକମାନେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ଦାଶଙ୍କୁ ଦଳୀୟ ଟିକେଟ ଦିଆଯାଇଛି । ଏହି ଘୋଷଣା ହେବା ପରଠାରୁ ବଲାଙ୍ଗୀର ଭାଜପାରେ ଅସନ୍ତୋଷ ଓ ପ୍ରତିବାଦର ସ୍ୱର ଶାଣିତ ହେବାରେ ଲାଗିଛି। ଚଳିତ ନିର୍ବାଚନ ସକାଶେ ଭାଜପା ଟିକେଟ ଆଶାୟୀ ଥିବା ଦଳର ଅନ୍ୟତମ ପୁରୁଖା ନେତା ଡା ବାସୁଦେବ ପତିଙ୍କ ସମର୍ଥକମାନେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଦଳୀୟ ଟକେଟ ଘୋଷଣାକୁ ପରିବର୍ତ୍ତିତ କରାଯାଇ ଡା ପତିଙ୍କୁ ପୁଣି ଥରେ ଦଳ ପ୍ରାର୍ଥୀ କରୁ ବୋଲି ଦାବି କରିଥିଲେ । ଭାଜପା କର୍ମୀ ତଥା ଡା ପତିଙ୍କ ବହୁ ସମର୍ଥକ ଦୀର୍ଘ ସମୟ ଧରି ଭାଜପା ପତାକା ଓ ବିଭିନ୍ନ ଲେଖା ଥିବା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦଳ ତରଫରୁ କରାଯାଇଥିବା ପ୍ରାରମ୍ଭିକ ସର୍ଭେରେ ଡା ପତିଙ୍କୁ ଟିକେଟ ଦିଆଯିବ ବୋଲି ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଚକ୍ରାନ୍ତ କରାଯାଇ ତାଙ୍କ ସ୍ଥାନରେ ଅନନ୍ତ ଦାଶଙ୍କୁ ପ୍ରାର୍ଥୀ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଭାଜପା ତରଫରୁ ତୁରନ୍ତ ଏହି ଘୋଷିତ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରା ନ ଗଲେ ସେମାନେ ଯୋରଦାର ବିରୋଧ କରିବେ ବୋଲି ଚେତାବନୀ ଦେଇଥିଲେ। ଡା ପତିଙ୍କ ସମର୍ଥକ ଗିରିଧାରୀ ପତି ଓ ଶିବତଲା ସରପଞ୍ଚ ବାଲକୃଷ୍ଣ ବେହେରାଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଓ ସମର୍ଥକ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅନନ୍ତ ଦାଶଙ୍କ ଦଳୀୟ ଟିକେଟ ବାତିଲ କରି ତୁରନ୍ତ ତାଙ୍କ ସ୍ଥାନରେ ଡା ପତିଙ୍କୁ ଟିକେଟ ଦେବାକୁ ସେମାନେ ଦାବି କରିଥିଲେ । ଶନିବାର ଡା ପତି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ଖବରଦାତା ସମ୍ମିଳନୀ କରି ଅନନ୍ତ ଦାଶଙ୍କୁ ଟିକେଟ ଦିଆଯିବାକୁ ବିରୋଧ କରିବା ସହ ଭାଜପା-କଂଗ୍ରେସର ଭିତିରି ବୁଝାମଣାରୁ ବଲାଙ୍ଗୀର ଆସନରେ ଭାଜପା ଦୁର୍ବଳ ପ୍ରାର୍ଥୀ ଦେଇଛି ବୋଲି କହିଥିଲେ । ଏହି ବୁଝାମଣାରେ କଂଗ୍ରେସ ପାଟଣାଗଡରେ ମଧ୍ୟ ଦୁର୍ବଳ ପ୍ରାର୍ଥୀ ଦେବ ବୋଲି ସେ ସୂଚନା ଦେଇଥିଲେ। ଏହା ସହିତ ଭାଜପା ଦଳୀୟ ଟିକେଟ ପାଇଥିବା ଦାଶଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଭାଜପା ଅଫିସ ଜମିକିଣା ଦୁର୍ନୀତିରେ ସେ ଛନ୍ଦି ହୋଇଥିବା ଅଭିଯୋଗ କରିଥିଲେ। ଡା ପତିଙ୍କ ଏହି ଅଭିଯୋଗକୁ ଦାଶ ଖଣ୍ଡନ କରିବା ସହ କେହି ବିରୋଧ କଲେ ବି କିଛି ଫରକ ପଡିବ ନାହିଁ ବୋଲି କହିଥିଲେ। ଡା ପତିଙ୍କ ଖବରଦାତା ସମ୍ମିଳନୀ, ସମର୍ଥକଙ୍କ ବିକ୍ଷୋଭ ଓ ପ୍ରତିବାଦକୁ ଦେଖିଲେ ଭାଜପା ଭିତରେ ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ସ୍ପଷ୍ଟ ବାରି ହୋଇଥିବା ଦେଖାଯାଇଛି। ଏଭଳି ପରିସ୍ଥିତିରେ ଏହାର ଫାଇଦା ନେବାକୁ ବିଜେଡି ଓ କଂଗ୍ରେସ ଚେଷ୍ଟା କରିବେ ଓ ପ୍ରକାରାନ୍ତରେ ଏହା ଭାଜପାକୁ ଅଡୁଆ ପରିସ୍ଥିତିରେ ପକାଇବ ବୋଲି ଆଲୋଚନା ହେଉଛି ।

ଗୋବିନ୍ଦପୁରରେ ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

# ଆସିଲେନି ୪ ଦଳୀୟ ଆଶାୟୀ

**ବାମରା, ୨୪।୩ (ସ୍ୱ.ପ୍ର.)**


ଗୋବିନ୍ଦପୁରରେ ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ବାମରାସ୍ଥିତ ଗୋବିନ୍ଦପୁର ଖେଳ ପଡିଆରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଛି। ମାତ୍ର କୁଚିଣ୍ଡା ବିଧାନସଭାର ଦଳୀୟ ଆଶାୟୀ ଥିବା ଭୁବନେଶ୍ୱର କିସାନ, କରୁଣାକର କିସାନ, ଶ୍ୟାମସୁନ୍ଦର ମୁଣ୍ଡା ଓ ମହେନ୍ଦ୍ର ବାଘ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିନଥିଲା । ଏହାକୁ ନେଇ ଚର୍ଚ୍ଚା ଚାଲିଥିଲା । ତେବେ ଭୁବନେଶ୍ୱର କହିଛନ୍ତି ଯେ, ସେ ଭୁବନେଶ୍ୱରରେ ଅଛନ୍ତି। ୫ ବର୍ଷ ଧରି ଦଳ ପାଇଁ କାମ କରି ଆସୁଛନ୍ତି। ଶେଷ ପର୍ଯ୍ୟାୟରେ କିଭଳି ଟିକେଟ ମିଳିବ ସେଥିପାଇଁ ପ୍ରୟାସ କରୁଛନ୍ତି। ଅନ୍ୟ ପାଇଁ ପ୍ରଚାର କରି ଲାଭ କ'ଣ ବୋଲି ଉତ୍ତର ଦେଇଥିଲେ । ସେହିପରି କରୁଣାକରଙ୍କୁ ପଚାରିବାରୁ ବ୍ୟକ୍ତିଗତ କାର୍ଯ୍ୟ ବ୍ୟସ୍ତତା ଯୋଗୁ ସେ ଯାଇପାରିଲେ ନାହିଁ ବୋଲି କହିଥିଲେ । ମହେନ୍ଦ୍ର ବାଘଙ୍କୁ ପଚାରିବାରୁ ତାଙ୍କୁ କାର୍ଯ୍ୟକ୍ରମକୁ ଡକାଯାଇ ନାହିଁ । ନବାଗତଙ୍କୁ ଟିକେଟ ଦିଆଗଲେ ବିଦ୍ରୋହ ସୁନିଶ୍ଚିତ ବୋଲି ଉତ୍ତର ଦେଇଥିଲେ। ବାମରା ବ୍ଲକ ସଭାପତି ରାଜକୁମାର ଶୁକ୍ଳା ଏଥିରେ ସଭାପତିତ୍ୱ କରିଥିଲେ। ଝାରସୁଗୁଡାର ପୂର୍ବତନ ବିଧାୟକ ନବକିଶୋର ଦାସ, ନଳିନୀକାନ୍ତ ପ୍ରଧାନ, କିଶୋର ଚନ୍ଦ୍ର ନାଏକ, ଜୟପାଲ ନାଏକ, ସଦାନନ୍ଦ କୁଜୁର, ମନୋରଞ୍ଜନ ଭୋଇ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ବାମରା ବ୍ଲକ ଉପାଧ୍ୟକ୍ଷା ଅକ୍ଷୟା ସାହୁ, ପ୍ରଦୀପ ମିଶ୍ର, ଲଇକେରା ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜଗନ୍ନାଥ ଜେନା, ଭୋପାଳ ଚନ୍ଦ୍ର ବେହେରା, ଶଶିଭୂଷଣ ସେଠୀ, ସରେଜା ସିହ୍ନା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ । ରାଜତିଲକ ରାଏ, ସୁବାଷ ଶର୍ମା, ଦିଲୀପ ଚୌଧୁରୀ, ଗୁଡ୍ଡୁ ଦୀକ୍ଷିତ, ଆକାଶ ଦୀକ୍ଷିତ, ବିଜୟ ନାଏକ, ଭୁପେନ ଜିତ, ମୀନା ସିଂ, ତୁଳସୀ ମଞ୍ଜରୀ ବହିଦାର, ସୁଶୀଲ ପ୍ରସାଦ, ପ୍ରଶାନ୍ତ କିଷାନ, ପ୍ରଫୁଲ୍ଲ ପଟେଲ, ରାଜକୁମାର ନାଏକ, ସୁରେଶ ବିସଞ୍ଜି, ରାମୁ ଚୌଧୁରୀ, ଅରବିନ୍ଦ ସାହୁ ଓ କ୍ରିଷ୍ଣା ଖଣ୍ଡେଲୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ।


ଭାଜପା ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ଭାଜପାରେ ମିଶ୍ରଣ ପର୍ବ

**ମନମୁଣ୍ଡା, ୨୪।୩ (ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଜୋନ ନଂ.-୩ର ଶୁଣ୍ଢିପଦର ପଞ୍ଚାୟତ ରାହାସବିହାରୀପୁରଠାରେ ରବିବାର ଅନୁଷ୍ଠିତ ଭାଜପା ମିଶ୍ରଣ ପର୍ବରେ ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଏଥିରେ କଂଗ୍ରେସ ଦଳର ଟାଣୁଆ ନେତା ତଥା ପୂର୍ବତନ ସରପଞ୍ଚ ହିମାଂଶୁ ବସ୍ତିଆଙ୍କ ସମେତ ୱାର୍ଡମେମ୍ବର ସୁଶାନ୍ତ ପ୍ରଧାନ, କାମପାଳ କର୍ମି, ପ୍ରଶାନ୍ତ ପ୍ରଧାନ, ସତ୍ୟ ପ୍ରଧାନ, ଗିରିଧାରୀ ଜାଲ, ଶ୍ରଦ୍ଧାକର ଭୋଇ, କେଦାର ଭୋଇ, ଶଙ୍କର ପ୍ରଧାନ, ସୀତାରାମ କଲତା, ଜୟ ସାହୁ, ଡମ୍ବରୁଧର କର୍ଣ୍ଣ, ମିରଧା ପ୍ରଧାନ ପ୍ରମୁଖ ଅଛନ୍ତି। ସେମାନେ ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱକୁ ସମର୍ଥନ କରି ଭାଜପାରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବରେ ଭାଜପା ପ୍ରାର୍ଥୀ କହ୍ନେଇ ଡାଙ୍ଗ, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଓବିସି ସେଲ୍ ସଭାପତି ପ୍ରେମଦାର ଶାହା, ଏସ୍‌ଟି ସେଲ୍ ସଭାପତି ଶ୍ରୀକାନ୍ତ ଭୋଇ, ସଙ୍ଗଠନ ମନ୍ତ୍ରୀ ସୁଦାମ ମେହେର, ସରୋଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟଶଙ୍କରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ

**ଜୁନାଗଡ,୨୪।୩(ଡି.ଏନ.ଏ.)**

## ସାମୂହିକ ଇସ୍ତଫା ଦେଲେ ବିଜେଡି କର୍ମକର୍ତ୍ତା

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ବିଜେଡି କର୍ମକର୍ତ୍ତା ସାମୂହିକ ଭାବେ ଇସ୍ତଫା ଦେଇଛନ୍ତି । ରବିବାର ଅପରାହ୍ନରେ ଜୁନାଗଡ ବ୍ଲକ, ଏନ୍‌ଏସି ଓ ଗୋଲାମୁଣ୍ଡା ବ୍ଲକର ଅନେକ ବିଜେଡି କର୍ମକର୍ତ୍ତା ଏ ବିଷୟରେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଲିଖିତ ପତ୍ର ପଠାଇଛନ୍ତି। ଜୁନାଗଡ ସହରସ୍ଥିତ ହାଇସ୍କୁଲ ପଡିଆରେ ହୋଇଥିବା ଏକ ସଭାରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ଅନେକ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଦଳୀୟ କର୍ମୀଙ୍କୁ ଅଣଦେଖା କରିଥିବା ଓ ନିଜ ମନଇଚ୍ଛାରେ ଦଳ ପରିଚାଳନା କରୁଥିବା ବ୍ୟକ୍ତିଙ୍କୁ ପୁର୍ନବାର ଦଳୀୟ ଟିକେଟ ଦିଆଯାଇଥିବାରୁ ସେମାନେ ଘୋର ଅସନ୍ତୋଷ ବ୍ୟକ୍ତି କରି ଏପରି ପଦକ୍ଷେପ ନେଇଥିବା ଦର୍ଶାଇଛନ୍ତି। ଆଗାମୀ ନିର୍ବାଚନରେ ବିଧାୟକ ମିଶ୍ରଙ୍କୁ ସେମାନେ ସହଯୋଗ କରିବେ ନାହିଁ ବୋଲି ସିଧାସଳଖ କହିଛନ୍ତି। ଏହି ସଭାରେ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ପଟ୍ଟନାୟକ, ହିମାଂଶୁ ବରାଡ, ରଜନୀକାନ୍ତ ବୈଠାରୁ, ଉପେନ୍ଦ୍ର ସିଂ, ପଞ୍ଚାନନ ଧଙ୍ଗଡାମାଝି, କାଳିଆ କନ୍ଦପାନ, ଡମ୍ବରୁଧର ନାଏକ, ତୀର୍ଥରାଜ ରଣା, ରାଜେଶ ମହାଲିକ, ଲକ୍ଷ୍ମୀକାନ୍ତ ନାଏକ, ରଜନୀ ପ୍ରଧାନୀ, ବ୍ୟୋମକେଶ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।


ଜୁନାଗଡ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ବୈଠକ ପରେ ଅସନ୍ତୁଷ୍ଟ ବିଜେଡି କର୍ମକର୍ତ୍ତାମାନେ।

ବୀରମିତ୍ରପୁର ବିଧାନସଭା ଆସନ

# ଦିଲୀପଙ୍କୁ ନେଇ ଅଡୁଆରେ ବିଜେଡି

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ବିଜେଡି ପକ୍ଷରୁ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ୯ ଲୋକ ସଭା ଏବଂ ୬୧ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ହେଲେ ସୁନ୍ଦରଗଡ଼ ଲୋକ ସଭା ଅନ୍ତର୍ଗତ ବୀରମିତ୍ରପୁର ପାଇଁ ରବିବାର ସୁଦ୍ଧା କୌଣସି ସହମତି ହୋଇପାରୁନାହିଁ। ସୁନ୍ଦରଗଡ଼ ଲୋକ ସଭାରେ ପୂର୍ବଥର ପ୍ରାର୍ଥୀ ହୋଇଥିବା ଦିଲୀପ ତିର୍କୀଙ୍କୁ ଏଥର ପ୍ରାର୍ଥୀ କରାଯାଇନାହିଁ। ତାଙ୍କ ବଦଳରେ କଂଗ୍ରେସରୁ ଆସିଥିବା ସୁନୀତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ଦିଲୀପଙ୍କୁ ବୀରମିତ୍ରପୁରରୁ ପ୍ରାର୍ଥୀ କରିବା ପାଇଁ ବିଜେଡି ନେତୃତ୍ୱ ଚେଷ୍ଟା କରୁଛି। ହେଲେ ସେଠାରେ ଆଶାୟୀ ଥିବା ଏକାଧିକ ପ୍ରାର୍ଥୀ ଏହାକୁ ବିରୋଧ କରୁଛନ୍ତି, ଯାହାକୁ ପ୍ରଶମିତ କରିବା ପାଇଁ ପ୍ରାର୍ଥୀ ଘୋଷଣା ବିଳମ୍ୱ ହେଉଥିବା ଜଣାପଡିଛି।

ପୁରୀ ଜିଲାର ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପରି ବିଜେଡି ଏଠାରେ କେବେ ବି ଜିତିନାହିଁ। ୨୦୧୪ ନିର୍ବାଚନରେ ବିଜେଡି ଏଠାରେ ଚତୁର୍ଥ ଏବଂ ୨୦୦୯ରେ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ଏହି ଆସନ ଜିତିବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦିଲୀପଙ୍କ ପ୍ରାର୍ଥୀତ୍ୱ ବ୍ୟତୀତ ବିଜେଡିରୁ ରାଜେନ୍ଦ୍ର କୁଜୁର, ଇମ୍ମା ଇକ୍କା, ପୂର୍ବତନ ବିଧାୟକ ନୀହାର ସୂରିନ୍ ଏବଂ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମୁକୁଲ ଏକ୍କାଙ୍କ ନାଁ ଚର୍ଚ୍ଚା ହେଉଛି। ଏମାନଙ୍କ ମଧ୍ୟରୁ ରାଜେନ୍ଦ୍ର କୁଜୁରଙ୍କୁ ନାମ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିଲା। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ନବ ଦାସ ଯୋଗଦେବା ପରେ ସୁନ୍ଦରଗଡ଼ ବିଜେଡି ରାଜନୀତିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ନବ ହିଁ ବିଜେଡି ନେତୃତ୍ୱକୁ ପ୍ରଭାବିତ କରି ଦିଲୀପଙ୍କ ବଦଳରେ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଏବଂ ଯୋଗେଶଙ୍କୁ ବିଧାନସଭା ପାଇଁ ପ୍ରାର୍ଥୀ କରାଇ ପାରିଥିଲେ। ଏହାପରେ ଦିଲୀପଙ୍କୁ ଥଇଥାନ କରିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ବିଜେଡି ଯଦି ଦିନକ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ନେଇ ସହମତି ଆଣି ନ ପାରେ, ତେବେ ଦଳ ଆଉଥରେ ପରାଜିତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦିଲୀପ ମୂଳତଃ ତଳସରା ଅଞ୍ଚଳର ହୋଇଥିବାରୁ ବୀରମିତ୍ରପୁରରେ ତାଙ୍କର ଗ୍ରହଣୀୟତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ଓ ଭାଜପା କିନ୍ତୁ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡିଠାରୁ ଢେର୍ ଆଗରେ। କଂଗ୍ରେସ ପକ୍ଷରୁ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ୍ ତିର୍କୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ପକ୍ଷରୁ ଶଙ୍କର ଓରାମଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଆସନରେ ଜେଏମ୍‌ଏମ୍‌ର ମଧ୍ୟ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ତେଣୁ ପ୍ରାର୍ଥୀ ଚୟନ ବିଜେଡି ପାଇଁ ଏତେଟା ସହଜ ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**Office of the Chancellor**
**Odisha University of Agriculture & Technology**
**Raj Bhavan, Bhubaneswar**

No. 93 / SG (HE) Dated: 21.03.2019

**Notification**

No.03-YY:- In exercise of powers conferred under Sub Section- 4 of Section 9 of the Odisha University of Agriculture & Technology Act, 1965, the Chancellor has been pleased to remove Prof. Surendra Nath Pasupalak from the Post of Vice Chancellor of Orissa University of Agriculture & Technology, Bhubaneswar with immediate effect.

By order of the Chancellor vide Order No. 92/ SG (HE) Dated 21.03.2019.

Sd./-
Principal Secretary to the Chancellor

41001/11/0004/1819

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୁରୀରେ ସମ୍ବିତ୍‌ଙ୍କ ପାଇଁ ଚ୍ୟାଲେଞ୍ଜ

**ହେମନ୍ତ ନାୟକ**
**ପୁରୀ ଅଫିସ,୨୪।୩**


ସମ୍ବିତ୍ ପାତ୍ର

ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରୁଥିବା ପୁରୀ ସହରର ନିର୍ବାଚନୀ ପରିବେଶ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଲାଣି। ଏଥର ପୁରୀ ଲୋକ ସଭା ଆସନକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ଲାଗି ପଡିଛନ୍ତି। ନିର୍ବାଚନୀ ମଇଦାନକୁ କାହାକୁ ଛାଡିଲେ ସଫଳତା ମିଳିବ ସେ ନେଇ ତୁଙ୍ଗ ନେତୃତ୍ୱ ଭାବିଚିନ୍ତି ଗୋଟି ଚାଳନା କରୁଛନ୍ତି। ପ୍ରମୁଖ ତିନୋଟି ଦଳ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଚୂଡାନ୍ତ ହୋଇସାରିଥିବା ବେଳେ ବିଜେଡି ଓ କଂଗ୍ରେସ କିଏ ପ୍ରାର୍ଥୀ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ଏଥର ପୁରୀ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର। ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ରାଜନୈତିକ ଚର୍ଚ୍ଚା ଆଲୋଚନାରେ ଦଳ ବିରୋଧରେ କୌଣସି ଜଟିଳ ପ୍ରଶ୍ନର ଜବାବ୍ ଦେବାରେ ମାହିର ହେଉଛନ୍ତି ସମ୍ବିତ୍। କିନ୍ତୁ ପୁରୀ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉଛି।

ପୁରୀକୁ ଫୋକସରେ ରଖିଛି ଭାଜପା। ପୂର୍ବୋଦୟରୁ ଭାରତର ବିକାଶ ନାରା ଦେଉଥିବା ଏହି ଜାତୀୟ ଦଳ ଗତ କିଛି ମାସ ମଧ୍ୟରେ ପୁରୀରେ ବଡ଼ ବଡ଼ ସଭା, ସମାବେଶ କରିଛି। ଜାତୀୟସ୍ତରୀୟ ନେତୃବୃନ୍ଦଙ୍କୁ ଶ୍ରୀକ୍ଷେତ୍ର ମାଟିରେ ଏକାଠି କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ଲଢି ପୂର୍ବ ଭାରତରେ ଭାଜପା ସ୍ଥିତିକୁ ଆହୁରି ସୁଦୃଢ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଭୁବନେଶ୍ୱରରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରେ ଏହି ଚର୍ଚ୍ଚା ରାଜଧାନୀ ଦିଲ୍ଲୀରେ ବି ପହଞ୍ଚିଥିଲା। ଏପରି କି ରାଜ୍ୟ ଶାଖା ତରଫରୁ କୁହାଯାଇଥିଲା, ଏ ନେଇ ଏକ ସଂକଳ୍ପ ପାରିତ କରାଯାଇ କେନ୍ଦ୍ରୀୟ ଟିମ୍ ନିକଟକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଭାଜପା ସଭାପତି ମଧ୍ୟ ଏ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଥିଲେ। ପ୍ରତ୍ୟହ ରାତିରେ ଦଳ ପକ୍ଷରୁ ସ୍ଥିତି ସମ୍ପର୍କରେ ରିପୋର୍ଟ ନିଆଯାଉଥିବା କହିଥିଲେ। ହେଲେ ପୁରୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚା ଏବେ ଥଣ୍ଡା ପଡିଯାଇଛି। ପୁରୀରୁ ନିର୍ବାଚନ ଲଢିବାକୁ ସମ୍ବିତଙ୍କୁ ଦଳ ଟିକେଟ ଦେବା ପରେ ଏହି ଚର୍ଚ୍ଚାରେ ପଡିଛି ପୂର୍ଣ୍ଣଚ୍ଛେଦ। କିନ୍ତୁ ସମ୍ବିତଙ୍କ ପାଇଁ ଏହା ସହଜ ହେବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସମ୍ବିତ ୨୦୧୨ରେ ଦିଲ୍ଲୀ ପୌର ନିର୍ବାଚନରେ କାସ୍‌ମେର ଗେଟ୍‌ରୁ ଭାଜପା ପ୍ରାର୍ଥୀ ଭାବେ ଲଢିଥିଲେ। ଏହାପୂର୍ବରୁ ୨୦୧୦ରେ ତାଙ୍କୁ ଦିଲ୍ଲୀ ଭାଜପା ୟୁନିଟ୍‌ର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା। କଟକ ଏସ୍‌ସିବି ମେଡିକାଲ କଲେଜରୁ ସର୍ଜନରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସମ୍ବିତ୍ ସମ୍ବଲପୁର ଭିଏସ୍ଏସ୍ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଛନ୍ତି। ବର୍ତ୍ତମାନ ଓଏନ୍‌ଜିସିର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଦେଖିବାକୁ ଗଲେ ସମ୍ବିତ୍‌ଙ୍କର ପୁରୀ ଉପରେ ଏତେଟା ଦଖଲ ନାହିଁ। ସେ ପୁରୀ ଜିଲାବାସୀ ମଧ୍ୟ ନୁହନ୍ତି। ତେଣୁ ତାଙ୍କ ପାଇଁ ଏଥର ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଥିଲା। ଅର୍ଥାତ୍ ୨୦୧୪ରେ ବିଜେଡିର ପିନାକୀ ମିଶ୍ର ୫,୨୩,୧୬୧ ଭୋଟ ପାଇଥିବାବେଳେ କଂଗ୍ରେସର ସୁଚରିତା ମହାନ୍ତି ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁଙ୍କୁ ମିଳିଥିଲା ୨,୧୫,୭୬୩ ଭୋଟ। ପୁରୀରେ ଦଳର ସ୍ଥିତି ଏମିତି ରହିଥିବା ବେଳେ ଭାଜପା ସମ୍ବିତଙ୍କୁ ଗେମ୍ ଚେଞ୍ଜର ଭାବେ ଏଠାରେ ଅବତୀର୍ଣ୍ଣ କରାଇଛି। ସେ ଜଣେ ଭଲ ବକ୍ତା ଏବଂ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ଭଳି ଦକ୍ଷତା ତାଙ୍କର ରହିଥିବା ଦଳ ଭାବୁଛି। କିନ୍ତୁ ପୁରୀ ଲୋକ ସଭା ଅଞ୍ଚଳବାସୀ କେତେଦୂର ତାଙ୍କୁ ଗ୍ରହଣ କରୁଛନ୍ତି ତାହା ଫଳାଫଳ ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ବିଜେଡି କବ୍‌ଜାରେ ରହିଛି। ପୁରୀ ଜିଲାର ୪ଟି(ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି) ଓ ନୟାଗଡ଼ ଜିଲାର ୨(ରଣପୁର, ନୟାଗଡ଼)ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଖୋର୍ଦ୍ଧା ଜିଲାର ଚିଲିକା ଆସନ ଭାଜପା ଦଖଲରେ ରହିଛି। ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ଏଭଳି ସ୍ଥିତିରେ ସମ୍ବିତଙ୍କ ଆବିର୍ଭାବ ଭାଜପା ଆଶାକୁ କେତେଦୂର ସାକାର କରିବ ତାହା ଉପରେ ସମସ୍ତଙ୍କ ନଜର।

ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଲୋକ ସଭା ନିର୍ବାଚନରେ ସବୁବେଳେ ଜାତୀୟସ୍ତରୀୟ ପ୍ରସଙ୍ଗକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ତେଣୁ ଏଥର ମୋଦି ଏବଂ ମୋଦି ବିରୋଧୀ ଲଢେଇ ହେଉଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ତା'ଛଡା ଅତୀତରେ ପୁରୀ ବାହାର ବ୍ୟକ୍ତି ଏଠାରୁ ଲୋକ ସଭା ପ୍ରାର୍ଥୀ ହୋଇ ଜିତିଛନ୍ତି। ଡା. ସମ୍ବିତ ପାତ୍ର ଜଣେ ଜାତୀୟ ସ୍ତରୀୟ ନେତା ହୋଇଥିବା କାରଣରୁ ତାଙ୍କୁ ଆଞ୍ଚଳିକତାବାଦ ଛୁଇଁପାରିବ ନାହିଁ।

## ନବୀନ ନିବାସରେ ଭିଡ଼


ନବୀନ ନିବାସରେ ରବିବାର ଟିକେଟ ଆଶାୟୀ, ପ୍ରାର୍ଥୀ ଓ ନେତାଙ୍କ ଭିଡ଼।


ବରଗଡ଼ ଜିଲାର କଂଗ୍ରେସ ନେତା ସାଧୁ ନେପାକ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।


କେନ୍ଦ୍ରାପଡ଼ାର ସଂଖ୍ୟାଲଘୁ ସମ୍ପ୍ରଦାୟର ଡ. ସଲିମ ଓ ଅନ୍ୟମାନେ ରବିବାର ନବୀନ ନିବାସରେ ବିଜେଡିରେ ଯୋଗଦେଇଛନ୍ତି।


ରବିବାର ବିଜେଡିରେ ଯୋଗଦେଇଥିବା କୋରାପୁଟ ଜିଲା ଲକ୍ଷ୍ମୀପୁରର କଂଗ୍ରେସ ନେତା ରାଜେନ୍ଦ୍ର ହିକ୍କା ଓ ସୁନ୍ଦରଗଡ଼ର କଂଗ୍ରେସ ନେତା ଜଟିଆ ମୁଣ୍ଡା।

# କଂଗ୍ରେସରେ ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦୀର୍ଘଦିନ ହେବ ଅଶ୍ୱିନୀ ରାଜନୀତିରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା। ସେ ପୂର୍ବରୁ ରାଜନୀତିକୁ ଆସିପାରନ୍ତି ବୋଲି ପରୋକ୍ଷରେ ଇଙ୍ଗିତ ଦେଇଥିଲେ। ହେଲେ ସେ କେଉଁ ଦଳକୁ ଯିବେ ସେନେଇ ସ୍ପଷ୍ଟ କରି ନ ଥିଲେ। କଂଗ୍ରେସରେ ଯୋଗଦେବା ପରେ ସେ କହିଛନ୍ତି ଯେ, କଂଗ୍ରେସ ହେଉଛି ଏକମାତ୍ର ଦଳ ଯିଏ ଭାରତରେ ଗଣତନ୍ତ୍ରକୁ ସୁରକ୍ଷାଦେବା ସହ ତଳେ ପଡ଼ିଥିବା ମଣିଷର ଉନ୍ନତି କଥା ଚିନ୍ତା କରିଥାଏ। ଜୀବନର ୩୩ବର୍ଷ ସେନାରେ କାର୍ଯ୍ୟକରି ଭାରତ ବର୍ଷର ଜନଗଣଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ପୁଣି ସେହି କାର୍ଯ୍ୟକରିବା ପାଇଁ କଂଗ୍ରେସରେ ଯୋଗଦେଇଛନ୍ତି ବୋଲି ଅଶ୍ୱିନୀ କହିଛନ୍ତି।

କଂଗ୍ରେସ ରାଜ୍ୟ ପ୍ରଭାରୀ ତଥା ଛତିଶଗଡ଼ର ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ ଅଶ୍ୱିନୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉଦ୍‌ବୋଧନ ଦେଇ ପ୍ରଭାରୀ ସିଂହଦେଓ କହିଛନ୍ତି, ଚଳିତ ନିର୍ବାଚନରେ କଂଗ୍ରେସ ବିଜେଡି ଓ ଭାଜପା ସହ ତ୍ରିମୁଖୀ ଲଢ଼େଇରେ ରହିବ। ଛତିଶଗଡ଼ର ଯେଉଁ ପ୍ରସଙ୍ଗକୁ ନେଇ କଂଗ୍ରେସ ଲଢ଼ିଥିଲା ଓଡ଼ିଶାରେ ମଧ୍ୟ ଦଳ ସମାନ କଥାକୁ ଗୁରୁତ୍ୱ ଦେବ। କୃଷି ଓ କୃଷକ, ମହିଳା ଓ ଯୁବକମାନଙ୍କ ନିଯୁକ୍ତି ତଥା ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ। ଏହି ପ୍ରସଙ୍ଗରେ କଂଗ୍ରେସ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବୋଲି ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିରଞ୍ଜନ କହିଛନ୍ତି, ଏଥର କଂଗ୍ରେସ ବରିଷ୍ଠ, ମହିଳା, ଯୁବକ ଓ ସମାଜର ହିତ ପାଇଁ କାର୍ଯ୍ୟକରୁଥିବା ବୁଦ୍ଧିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦଳୀୟ ଟିକେଟ ପ୍ରଦାନ କରିଛି। ତେଣୁ ରାଜ୍ୟରେ ଚଳିତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ସରକାର ଗଠନ କରିବାକୁ ସକ୍ଷମ ହେବ ବୋଲି ସେ କହିଛନ୍ତି।



କଂଗ୍ରେସରେ ଯୋଗ ଦେଇଥିବା ଭିମସାରର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

## ୨୦୧୪ ନିର୍ବାଚନ ଖର୍ଚ୍ଚର ହିସାବ ଦେଲେନି
## ୬ ପ୍ରାର୍ଥୀ ନିର୍ବାଚନ ଲଢିବାକୁ ଅଯୋଗ୍ୟ ଘୋଷିତ

**ଯାଜପୁର ଅଫିସ,୨୪।୩**

୨୦୧୪ ସାଧାରଣ ନିର୍ବାଚନରେ ଅର୍ଥ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରି ପାରି ନ ଥିବା କାରଣରୁ ଯାଜପୁର ଜିଲାର ୬ଜଣ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୦(କ) ଅନୁଯାୟୀ ଭାରତର ନିର୍ବାଚନ କମିଶନ ଏଭଳି ପଦକ୍ଷେପ ନେଇଛନ୍ତି। କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପରମାନନ୍ଦ ଜ୍ୟୋତିଷ, ଗୋପାଳକୃଷ୍ଣ ମହାନ୍ତି ଓ ବିଶ୍ୱନାଥ ସାହୁଙ୍କୁ ନିର୍ବାଚନ କମିଶନ ଗତ ୧୩।୯।୨୦୧୭ରେ ଅଯୋଗ୍ୟ ଘୋଷଣା କରିବା ସହ ଏହାର ସମୟ ଅବଧି ୧୩।୭।୨୦୨୦ ପର୍ଯ୍ୟନ୍ତ ଧାର୍ଯ୍ୟ କରିଛନ୍ତି। ସେହିପରି ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚନ୍ଦ୍ରମଣି ନାୟକ ଓ ନିର୍ମଳ କୁମାର ରାଉତ ଏବଂ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରାଜେନ୍ଦ୍ର ଧଳଙ୍କୁ କମିଶନ ଗତ ୨୫।୭।୨୦୧୮ରେ ଅଯୋଗ୍ୟ ଘୋଷଣା କରିବା ସହ ଏହି ସମୟ ସୀମା ୨୫।୭।୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଚଳିତ ନିର୍ବାଚନରେ ଉପରୋକ୍ତ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି କମିଶନ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନେ ଏହି ଦିଗ ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି।

# ଭାଜପାରେ ମିଶିବା ପରେ ବାସନ୍ତୀଙ୍କ ପୋଷ୍ଟର ପୋଡ଼ିଲେ ବିଜେଡି କର୍ମୀ



**ମୋହନା,୨୪।୩ (ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀ ବିଧାୟିକା ବାସନ୍ତୀ ମଲ୍ଲିକ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଏବେ ବିଜେଡି କର୍ମୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଭାଜପାରେ ତାଙ୍କ ଯୋଗଦାନକୁ ମୋହନା ବିଜେଡି କର୍ମୀମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବରଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଶନିବାର ବାସନ୍ତୀଙ୍କ ଫଟୋଚିତ୍ର ଧରି ବଜାର ପରିକ୍ରମା କରି ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଶେଷରେ ତାଙ୍କର ପୋଷ୍ଟର ପୋଡିଥିଲେ।

ଦଳୀୟ କର୍ମୀମାନଙ୍କ ଅଭିଯୋଗ ଯେ, ମୋହନାରେ କର୍ମୀମାନେ ହିଁ ତାଙ୍କୁ ସରପଞ୍ଚରୁ ବ୍ଲକ ଚେୟାରମ୍ୟାନ କରାଇଥିଲେ। ପରେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସେ ବିଜେଡିର ବିଧାୟିକା ହୋଇଥିଲେ। ମାତ୍ର ଦଳୀୟ ସଙ୍ଗଠନ ପ୍ରତି ଦୃଷ୍ଟି ଦେଲେନାହିଁ କିମ୍ବା କର୍ମୀଙ୍କୁ ପଚାରିଲେ ନାହିଁ। ଫଳରେ ଦଳ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦେଲା ନାହିଁ। ମାତ୍ର ସେ ନିଜର ସ୍ୱାର୍ଥ ପାଇଁ ଏବେ ଭାଜପାରେ ମିଶିଛନ୍ତି। ତେଣୁ ଭାଜପାରେ ତାଙ୍କର ଯୋଗଦାନ ପରେ ମୋହନା ନିର୍ବାଚନମଣ୍ଡଳୀରେ କିଛି ଫରକ ପଡିବ ନାହିଁ ବୋଲି ବିଜେଡି ସଭାପତି କହିଛନ୍ତି। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବରିଷ୍ଠ ନେତା ରଜେନ୍ଦ୍ର ନାୟକ କହିଛନ୍ତି। ଏଥିରେ ବିଜେଡ଼ି କର୍ମୀ ଶିବ ସାହୁ, ଦୀନବନ୍ଧୁ ସାହୁ, ବିଳାସ ନାୟକ, ଦେବା ନାୟକ, ଫିରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ
### ରୁଦ୍ର ସାମନ୍ତରାୟ ମଧ୍ୟ ସାମିଲ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

କଂଗ୍ରେସ ନେତା ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ୨୦୦୯ରେ ବିଜେଡି ହେଭିୱେଟ୍ ଆନନ୍ଦ ଆଚାର୍ଯ୍ୟଙ୍କୁ ପରାସ୍ତ କରି ସାଧୁ ଚର୍ଚ୍ଚାକୁ ଆସିଥିଲେ। ୨୦୧୪ରେ ସାଧୁ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ବିଷମ କଟକ ନିର୍ବାଚନମଣ୍ଡଳୀରୁ ପୂର୍ବରୁ ଭାଜପା ପ୍ରାର୍ଥୀ ହୋଇଥିବା ସାରଙ୍ଗଧର କାଡ୍ରେକା, ଲକ୍ଷ୍ମୀପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ କଂଗ୍ରେସର ରାଜେନ୍ଦ୍ର ହିକ୍‌କା ଓ ଟାଙ୍ଗରପାଲି ବ୍ଲକର କଂଗ୍ରେସ ନେତା ନିଜର ଶତାଧିକ କର୍ମୀମାନଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ 'ଜୟ ଓଡ଼ିଶା'ର ସଭାପତି ତଥା ଇଂ. ରୁଦ୍ର ସାମନ୍ତରାୟ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ମାନେ ହେଉଛନ୍ତି– ସତ୍ୟଜିତ ଦାସ, ସୌରଭ କୁମାର, ରାଜା ନିର୍ମାଲ୍ୟ, ବିବେକ ପାଣ୍ଡେ, ତୃପ୍ତି ମହାନ୍ତି, ବୈଶାଳୀ ନନ୍ଦ, ଅରୁପା ରାୟ ଯୋଶୀ, ଡ. ଇନ୍ଦୁରେଖା ଦାସ, ଝାନ୍‌ସି ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ତନ୍ମୟ ଦାସ, ମିସ୍ ରେନୁ, ଶଶଧର ମିଶ୍ର, ମିସ୍ କିରନ, ମିସ ପଦ୍ମାଙ୍କ ସମେତ ସଂଖ୍ୟାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ପ୍ରକାଶ ଭାଜପା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

**କଟକ ଅଫିସ, ୨୪।୩**

**କଟକ ଲୋକ ସଭା ଆସନ**


ପ୍ରକାଶ ମିଶ୍ର

ରାଜ୍ୟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଅବସରପ୍ରାପ୍ତ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀ ଜଣକ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଯଦିଓ ଭାଜପା ପକ୍ଷରୁ ଅଦ୍ୟାବଧି କଟକ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ତଥାପି ପ୍ରକାଶଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଭାଜପା କର୍ମୀ ଓ ନେତାଙ୍କ ମହଲରେ ଆଲୋଚନା ହେଉଛି। ପୂର୍ବରୁ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଡଭୋକେଟ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଥିଲା। ଏପରି କି ଆଡଭୋକେଟ ଆଚାର୍ଯ୍ୟ ମଧ୍ୟ ଲୋକ ସଭା କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ଘନ ଘନ ଗସ୍ତ କରି ସଂଗଠନ ସଜାଡ଼ିବା କାର୍ଯ୍ୟରେ ଲାଗି ପଡ଼ିଥିଲେ। କିନ୍ତୁ ଗତ ଦୁଇଦିନ ହେବ ପ୍ରକାଶ ମିଶ୍ରଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ରବିବାର ସେ ପଦ୍ମ ଧରିଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱରେ ରହି ନିର୍ବାଚନ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିଲେ। ନିର୍ବାଚନ ପରେ ପ୍ରକାଶ କେନ୍ଦ୍ର ଡେପୁଟେଶନରେ ଯାଇ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରକାଶଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। କୁହାଯାଏ ଯେ ପ୍ରକାଶଙ୍କ ନାମ ସିବିଆଇ ନିର୍ଦ୍ଦେଶକ ତାଲିକାରେ ରହିବା ପରେ ତାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ପ୍ରକାଶ ଭିଜିଲାନ୍ସ ମାମଲା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିବା ପରେ ଭିଜିଲାନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ୨୦୧୫ ଅଗଷ୍ଟ ୧୮ରେ ଭିଜିଲାନ୍ସର ଆବେଦନକୁ ଖାରଜ କରିବା ସହିତ ମିଶ୍ରଙ୍କୁ କ୍ଲିନଚିଟ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲେ ମଧ୍ୟ ତାହା ରବିବାର ବାସ୍ତବରେ ପରିଣତ ହୋଇଛି। ଏହାପରେ ନିର୍ବାଚନ ଲଢ଼େଇକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ଯଦିଓ ବିଜେଡି, କଂଗ୍ରେସ ଓ ଭାଜପା କଟକ ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି କିନ୍ତୁ ସମ୍ଭାବ୍ୟ ତାଲିକା ଅନୁଯାୟୀ କଂଗ୍ରେସରୁ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ବିଜେଡିରୁ ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନେକଙ୍କ ନାମ ଶୁଣାଯାଉଛି। ଭାଜପାରେ ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ପ୍ରତିକ୍ରିୟା ଦେଇ ପଞ୍ଚାନନ କୁହନ୍ତି, ତାଙ୍କ ବିଚାର ଅନୁଯାୟୀ ଭାଜପାରେ ପ୍ରାର୍ଥୀ ହେବା ପାଇଁ କୌଣସି ଯୋଗ୍ୟ କର୍ମୀ ନାହାନ୍ତି। ଯେଉଁଥିପାଇଁ ଉକ୍ତ ଦଳ ଏବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଉପରେ ନିର୍ଭରଶୀଳ। ଭୁବନେଶ୍ୱର ଓ କଟକକୁ ଦେଖିଲେ ଏହାର ପ୍ରମାଣ ମିଳୁଛି। ଭାଜପାର ଏଭଳି ନିଷ୍ପତ୍ତି ଉକ୍ତ ଦଳର କର୍ମୀମାନଙ୍କ ପ୍ରତି ଅବିଚାରପଣିଆକୁ ପଦାରେ ପକାଇଛି। ଯେଉଁ କର୍ମୀମାନେ ଦୀର୍ଘଦିନ ଧରି ଦଳର ସୁଖଦୁଃଖରେ ଥିଲେ ଓ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଥିଲେ ଏବେ ସେମାନଙ୍କ ଆଶାରେ ଭାଜପା ପାଣି ଭରି ଦେଇଛି। ତେଣୁ ଏହି ସରକାରୀ କର୍ମଚାରୀମାନଙ୍କ ଯୋଗଦାନ ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପଞ୍ଚାନନ କହିଛନ୍ତି। ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ବିଜେଡି ନେତା ତଥା ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ କୁହନ୍ତି, ସମସ୍ତଙ୍କ ରାଜନୀତି କରିବାର ଅଧିକାର ଅଛି। କିଏ କେଉଁ ଦଳରେ ଯୋଗଦେବ ତାହା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ। କିନ୍ତୁ ତାଙ୍କ ଜାଣିବାରେ ପ୍ରକାଶଙ୍କ ଯୋଗଦାନ ବିଜେଡି ଉପରେ ସାମାନ୍ୟ ପ୍ରଭାବ ପକାଇବ ନାହିଁ। ଓଡ଼ିଶା ଲୋକେ ନବୀନଙ୍କୁ ଭଲପାଆନ୍ତି ଆଉ ବିଜେଡି ସହିତ ଅଛନ୍ତି। ଭାଜପା ରାଜ୍ୟ ଉପସଭାପତି ନୟନ ମହାନ୍ତିଙ୍କ ମତରେ ପ୍ରକାଶଙ୍କ ଯୋଗଦାନ ଭାଜପାକୁ ଅଧିକ ଶକ୍ତିଶାଳୀ କରିବ। ଖାସ୍‌କରି ଯଦି ସେ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୁଅନ୍ତି ତେବେ ତାହା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ।

ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ



# ପ୍ରବେଶିକା ପରୀକ୍ଷା ଦେଲେ ଛାତ୍ରୀଛାତ୍ର

- ଚେତିଲା ପ୍ରଶାସନ, ରାତି ଅଧିଆ ଘରୋଇ ସ୍କୁଲକୁ ସିଓଆର
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୫୧୧ ଛାତ୍ରୀଛାତ୍ର
- ସିଓଆର ନ ଥିବା କାରଣରୁ ୬ ଆବେଦନ ନାକଚ, ୨୨ ଅନୁପସ୍ଥିତ

**ବାମରା, ୨୪।୩ (ସ୍ୱ.ପ୍ର.)**

ବାମରାସ୍ଥିତ ୮୦ ସିଟ୍ ବିଶିଷ୍ଟ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ରବିବାର ଟ୍ରଷ୍ଟ ଫଣ୍ଡ କଲେଜରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ବାମରା, କୁଚିଣ୍ଡା, ଜମନକିରା, ପଡୋଶୀ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ୫୧୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସିଓଆର (ସାର୍ଟିଂଫିକେଟ ଅଫ୍ ରେକଗନାଇଜେଶନ) ବା ସ୍ୱୀକୃତୀ ପ୍ରମାଣପତ୍ର ନ ଥିବା କାରଣରୁ ୬ଟି ଆବେଦନ ପତ୍ର ନାକଚ ହୋଇଥିଲା। ପରୀକ୍ଷାରେ ୨୨ ଜଣ ଆବେଦନକାରୀ ଅନୁପସ୍ଥିତ ଥିଲେ। ବିଇଓ ନରେନ୍ଦ୍ର ପଟେଲଙ୍କ ତତ୍ତ୍ୱାବଧାନରେ ଓଏଭି ଅଧ୍ୟକ୍ଷ ଦେବକରଣ ମାଝୀଙ୍କ ସହ ଅନ୍ୟ ୨୩ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ପରୀକ୍ଷା ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ରା ଓ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣାଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।



ବାମରା ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ରବିବାର ପିଲାମାନେ ଟ୍ରଷ୍ଟ ଫଣ୍ଡ କଲେଜ କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଦେଇ ବାହାରୁଛନ୍ତି।

ବାମରା ବ୍ଲକ ଅନ୍ତର୍ଗତ ୧୫ଟି ଘରୋଇ ବିଦ୍ୟାଳୟକୁ ସିଓଆର ମିଳି ନାହିଁ । ଏଣୁ ଏହି ସବୁ ଘରୋଇ ସ୍କୁଲର ଛାତ୍ରୀଛାତ୍ର ଏହି ପ୍ରବେଶିକା ଦେଇ ପାରିବେନି ବୋଲି ଶିକ୍ଷା ବିଭାଗ ପ୍ରଥମେ ଚେତବନୀ ଦେଇଥିଲା। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଭାଳେଣି ପଡିଥିଲା। ଏକାଠି ହୋଇଥିଲେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ। ଶନିବାର ବାମରା ବିଇଓ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରୀକ୍ଷା ଦେବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ। ନ ହେଲେ ପରୀକ୍ଷା ସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ ସହ ଅଭିଭାବକ ଟଙ୍କଧର ସା ଆତ୍ମାହୂତି ଦେବେ ବୋଲି ଧମକ ଦେଇଥିଲେ । ଶେଷରେ ଜିଲା ପ୍ରଶାସନ ଓ ଜିଲା ଶିକ୍ଷାବିଭାଗ ନିଷ୍ପତ୍ତିର ପରିବର୍ତ୍ତନ କରିଥିଲା। ଅଭିଭାବକଙ୍କ ସଙ୍ଗଠନ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ୯ଟି ଘରୋଇ ବିଦ୍ୟାଳୟକୁ ସିଓଆର ପ୍ରଦାନ କରିଥିଲା। ଫଳରେ ଆଶା ଆଶଙ୍କାରେ ଥିବା ଅଭିଭାବକମାନେ ଆଶ୍ୱସ୍ତ ହୋଇଥିଲେ। ରବିବାର ସକାଳୁ ଆବେଦନକାରୀ ଛାତ୍ରଛାତ୍ର ପରୀକ୍ଷାକେନ୍ଦ୍ରରେ ପହଞ୍ଚି ପରୀକ୍ଷା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆବେଦନ ଗ୍ରହଣ ଶେଷ ତାରିଖ ମାର୍ଚ୍ଚ ୨୦ ଥିଲା। ହେଲେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯାଇଛି।

## ସଂକ୍ଷେପରେ

### କିଲାସମା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ରେଙ୍ଗାଲି, ୨୪।୩ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଧନକଉଡା ବ୍ଲକ ଜୋନ-୧ କିଲାସମା ପଞ୍ଚାୟତ ପିତାପାଲିଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଏବଂ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ୩୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ରବିବାର ଧନକଉଡା ବ୍ଲକ ବିଜେଡି ସଭାପତି ଯତିନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏହି ମିଶ୍ରଣ ପର୍ବ ଏବଂ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୋତିଲାଲ ତନ୍ତି, ଆଦିତ୍ୟ ପଟ୍ଟନାୟକ, ଶକ୍ତି ପଣ୍ଡା, ଗୋପାଳ ଅଗ୍ରୱାଲ, ବିଷ୍ଣୁ ପ୍ରସାଦ ପ୍ରଧାନ, ରାମ ପ୍ରସାଦ ପ୍ରଧାନ, ଭବାନୀ ଶଙ୍କର ବାଗ, ଶ୍ରୀମନ୍ତ ହୋତା, ସୁଶାନ୍ତ ଦଣ୍ଡସେନା, ସଞ୍ଜିତ ମହାପାତ୍ର, ତିଲେଇମାଲ ସରପଞ୍ଚ ଶେଷଦେବ ପ୍ରଧାନ, ରେଙ୍ଗାଲି ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ କିଲାସମା ପଞ୍ଚାୟତ, ତାଲବ, ଶାସନ, କନଖୁଣ୍ଡା, କାଇଁସିର, ଗଡମୁଣ୍ଡାରୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।

### ଠେଲକଲୋଇକୁ ହରାଇ ପତ୍ରାପାଲି ବିଜୟୀ

**ରେଙ୍ଗାଲି, ୨୪।୩ (ଡି.ଏନ.ଏ.)-** ରେଙ୍ଗାଲି ବ୍ଲକ କେଉଁଟଡିହିରେ ଆଦର୍ଶ କ୍ଲବ ପକ୍ଷରୁ ଦୁଇ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ରବିବାର ପତ୍ରାପାଲି ଏବଂ ଠେଲକଲୋଇ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ପତ୍ରାପାଲି ଦଳ ବିଜୟୀ ହୋଇଥିଲା । ବିଜୟୀ ଦଳକୁ ୬ହଜାର ଟଙ୍କା ଏବଂ ଟ୍ରଫି ଓ ପରାଜିତ ଦଳକୁ ୪ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲରେ ମୋତିଲାଲ ତନ୍ତି, ମହେନ୍ଦ୍ର ଓରାମ, ହଜାରୀ ପ୍ରସାଦ ପାଢ଼ୀ, ଯୁଧିଷ୍ଠିର ରୋହିଦାସ, ଜୟକୁମାର ଷଣ୍ଢ, ମନୋଜ ମେହେର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଆଦର୍ଶ କ୍ଲବର ସଭାପତି ଆକାଶ ପଣ୍ଡା, ବ୍ରଜ ବେରିହା ଏବଂ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।




### ନାରୀ ସଶକ୍ତୀକରଣ କର୍ମଶାଳା

**ସମ୍ବଲପୁର,୨୪।୩ (ବ୍ୟୁରୋ)** ପଧାନପଡାସ୍ଥିତ ଭଗବତୀ କଲ୍ୟାଣ ମଣ୍ଡପଠାରେ ତେଜଶ ପକ୍ଷରୁ ରବିବାର ନାରୀ ସଶକ୍ତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲେଡିଲୁଇସ୍ ଗର୍ଲ୍ସ ହାଇସ୍କୁଲ ଶିକ୍ଷୟିତ୍ରୀ ସୀମା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାରୀମାନେ କିପରି ସଶକ୍ତ ହୋଇପାରିବେ ସେ ଦିଗରେ ଆଲୋଚନା କରିଥିଲେ । ଭାଜପା ନେତ୍ରୀ ସଲିଳା ପଣ୍ଡା ଓ ରୀତା ଅଗ୍ରୱାଲ ସମ୍ମାନୀତ ବକ୍ତା ଥିଲେ । ଭାରତୀ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବିଭିନ୍ନ ସଂଗଠନ ଓ ଅଞ୍ଚଳରୁ ମହିଳାମାନେ ସାମିଲ ହୋଇଥିଲେ ।

## ରିଆମାଳରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ରିଆମାଳ, ୨୪।୩ (ଡି.ଏନ୍.ଏ.)**

ରିଆମାଳ ବସ୍‌ଷ୍ଟାଣ୍ଡଠାରେ ଭାଜପାର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭାଜପା ଦେବଗଡ଼ ବିଧାନସଭା ପ୍ରାର୍ଥୀ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ରିଆମାଳ ମଣ୍ଡଳ ସଭାପତି ଶରତ ସାହୁ, ଜିଲା ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା, ଜିଲା ଉପସଭାପତି ସମୀର ସାହୁ, ରିଆମାଳ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଅଚ୍ୟୁତାନନ୍ଦ ସାହୁ, ଅମୂଲ୍ୟ କୁମାର ସାହୁ, ପ୍ରଭାଶ ବିଶ୍ୱାଳ, ବିରେନ୍ ପ୍ରଧାନ, ଯୋଗେଶ୍ୱର ବିଶ୍ୱାଳ, ସଞ୍ଜିବ ବେହେରା, ରାଜେଶ ଦାଶ, ସୁରେଶ ସାହୁ, ଅସିତ୍ ପ୍ରଧାନ, ଅମୂଲ୍ୟ ପ୍ରଧାନଙ୍କ ସହ ଅନ୍ୟ ଭାଜପା କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାଚନୀ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ

**ଦେବଗଡ,୨୪।୩ (ସ୍ୱ.ପ୍ର.)**

ଏପ୍ରିଲ ୨୩ ତାରିଖରେ ସମ୍ବଲପୁର ଲୋକ ସଭା ଓ ଦେବଗଡ଼ ବିଧାନସଭା ନିର୍ବାଚନ ହେବ। ଏନେଇ ଭୋଟଗ୍ରହଣ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ସ୍ଥାନୀୟ ସରକାରୀ ପଲିଟେକନିକ କଲେଜଠାରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଉଛି। ୨୩ ତାରିଖରୁ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଶିବିରରେ ୮୩୦ଜଣ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବ। ତାଲିମ ପ୍ରଦାନ ନିମନ୍ତେ ୧୦ଜଣ ମାଷ୍ଟର ଟ୍ରେନର ଏବଂ ୧୬ଜଣ ଡେମୋନଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ଭୋଟଗ୍ରହଣ ସମୟରେ ଇଲୋକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍) ଓ ଭିଭିପିଏଟି ମେଶିନର ପରିଚାଳନା ସମ୍ବନ୍ଧରେ ତାଲିମ ପ୍ରଦାନ ନିମନ୍ତେ ୧୬ଟି ଇଭିଏମ୍ ଓ ଭିଭିପିଏଟ ମେଶିନ ବ୍ୟବହାର କରାଯାଉଛି । ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ସୁଶାନ୍ତ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ତଦାରଖ୍ କରୁଛନ୍ତି। ଜିଲା ନିର୍ବାଚନ ଅଧିକାରୀ ସୁଧାଂଶୁ ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ବିକ୍ରାଣୀ କିସ୍‌ପଟ୍ଟା ପ୍ରମୁଖ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଦେଶର ସୁରକ୍ଷା ପାଇଁ ଯୁବଗୋଷ୍ଠୀ ସୈନ୍ୟବାହିନୀକୁ ଯାଆନ୍ତୁ

**ବାମରା, ୨୪।୩ (ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଶିକ୍ଷକ ସୁରେନ୍ଦ୍ର କୁମାର ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ 'ଏକ ଶାମ୍ ଶହିଦୋ କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେଶାଇବାହାଲ ସମିତ ସଭ୍ୟ ପଦ୍ମଚରଣ ଗୁରୁ ସଭା ପରିଚାଳନା କରିଥିଲେ। ଅଲେଖ କୁମାର ପତି ପ୍ରାରମ୍ଭିକ ବକ୍ତବ୍ୟ ରଖି ରାଷ୍ଟ୍ରଧର୍ମ ଓ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ସହ ସେନାର ପରାକ୍ରମ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ୟାପଟେନ ଶଶିଭୂଷଣ ସେଠୀ ଯୋଗ ଦେଇ ଯୁବତୀଯୁବକମାନଙ୍କୁ ସେନା ବାହିନୀରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେନାବାହିନୀରୁ ଅବସର ନେଇଥିବା କର୍ମଚାରୀ ମନୋଜ ମାକର, ରବିଶଙ୍କର ଶୁକ୍ଳା, ଜ୍ଞାନରଞ୍ଜନ ମହାନ୍ତି, ବିହାରୀଲାଲ ଚୌହାନ, ସେନାର ଯବାନ ଅନୀଲ କୁମାର ରାଏ, ସୁମନ୍ତ ରାଉତ, କୃଷକ ନେତା କୁଶଧ୍ୱଜ ଚୌଧୁରୀ, ବିଶିଷ୍ଟ କୃଷକ ସଦାଶିବ ଭୋଇ, ରୁଦ୍ର ପ୍ରତାପ ଦେଓ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶହୀଦ ସୁକାନ୍ତ ସାହୁଙ୍କ ବାପା ହୃଦାନନ୍ଦ ସାହୁ ଓ ସୁରେନ୍ଦ୍ର ଭୋଇଙ୍କ ସ୍ତ୍ରୀ ଶକୁନ୍ତଳା ଭୋଇଙ୍କୁ ସମ୍ମାନିତ କରାଯାଇଥିଲା । କୃଷିଧାରା ଏଗ୍ରୋ (ଓପିସି) ଓ ବେଦମାତା କାମଧେନୁ ସେବାଶ୍ରମର ମିଳିତ ଉଦ୍ୟମରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦେଶାତ୍ମବୋଧ କବିତା ପଠନ, ସଂଗୀତ ଓ ରାଷ୍ଟ୍ରଭକ୍ତି ଗୀତ ପରିବେଷଣ କରାଯାଇଥିଲା । ଜନ୍ମାଜୟ ଖଡିଆ, ବାବୁଲୁ ମରେଇ, ଅସିମ ପଟେଲ, ଧନଞ୍ଜୟ ଧୁରୁଆ, ଡିଲେଶ୍ୱର ନାଏକ, ସରୋଜ ଦାଶ ପ୍ରମୁଖ ସହଯୋଗ କରିଥିଲେ । ସେବାଶ୍ରମର ପ୍ରତିଷ୍ଠାତ୍ରୀ ସୁବୋଦିନୀ ପଟେଲ ଧନ୍ୟବାଦ ଦେଇଥିଲେ।



କେଶାଇବାହାଲ ଦୁର୍ଗା ମଣ୍ଡପରେ ଅନୁଷ୍ଠିତ 'ଏକ ଶାମ୍ ଶହୀଦୋ କେ ନାମ୍' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଜୟନ୍ତୀ

**ସମ୍ବଲପୁର, ୨୪।୩ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ନୃସିଂହଗୁରୁଙ୍କ ୧୧୭ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ମନ୍ଦଲିଆ ନୃସିଂହ ଗୁରୁ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ, ସାମାଜିକ କର୍ମୀ, ରାଜନୈତିକ କର୍ମୀମାନେ ସମବେତ ହୋଇ ମାଲ୍ୟାର୍ପଣ କରିଥିଲେ । ନୃସିଂହ ଗୁରୁ ସ୍ମୃତି ସମିତି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଖବରଦାତା ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ଉପଶ୍ରମ ଆୟୁକ୍ତ ବିଜୟ କୁମାର ମହାପାତ୍ର, ଆଇନଜୀବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲ, ପୂର୍ବତନ କାଉନସିଲର ବିହାରୀଲାଲ ପଂସାରୀ, ଚାଷୀ ନେତା ଶଶିଭୂଷଣ ତ୍ରିପାଠୀ, ଜିଲା କ୍ରୀଡା ସଂଘ ଆଜୀବନ ସଭ୍ୟ ବିଶ୍ୱମ୍ଭର ବହିଦାର, ରତ୍ନଭୂଷଣ ପୃଷେଠ, କାର୍ତ୍ତିକ ପ୍ରସାଦ ବହିଦାର, ନଟବର ଲୋହିଆ, ବୋଧରାମ ଦାଶ ପ୍ରମୁଖ ନୃସିଂହଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ କରିଥିଲେ ।




ସମ୍ବଲପୁର ମନ୍ଦଲିଆଠାରେ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ହୋଟେଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ,୨୪।୩ (ସ୍ୱ.ପ୍ର.)**

ଦେବଗଡ଼ ସହରର ଟ୍ରାଫିକ ଛକସ୍ଥିତ ମମତା ହୋଟେଲରୁ ରବିବାର ସନ୍ଧ୍ୟାରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଅନ୍ୟପକ୍ଷେ ଯୁବକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମୃତ ଯୁବକ ଜଣକ ହେଲେ ଢେଙ୍କାନାଳ ଜିଲା ବଳଭଦ୍ରପୁର ଗ୍ରାମର ବିଜୟ କୁମାର ଷଡଙ୍ଗୀ (୪୨)। ସୂଚନା ମୁତାବକ, ବିଜୟ ଚଳିତ ମାର୍ଚ୍ଚ ୧୫ ତାରିଖରୁ ମମତା ହୋଟେଲର ୬୦୩ ନମ୍ବର କୋଠରିରେ ରହୁଥିଲେ। ସେ କୃଷି ବିଭାଗ ପାଇଁ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟ କରୁଥିଲେ। ଶନିବାର ରାତିରେ ବିଜୟ ହୋଟେଲର କର୍ମଚାରୀଙ୍କୁ କେକ୍ ଦେବାକୁ କହିଥିଲେ। ସେ କେକ୍ ଖାଇ ଶୋଇଥିଲେ। ରବିବାର ଅପରାହ୍ନରେ ହୋଟେଲ ମାଲିକ ଉକ୍ତ କୋଠରିରୁ ଦୁର୍ଗନ୍ଧ ବାହାରୁଥିବାରୁ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତହସିଲଦାର ତଥା ମାଜିଷ୍ଟ୍ରେଟ ପଲ୍ଲବୀ ନାୟକଙ୍କ ଉପସ୍ଥିତିରେ ଏଏସ୍‌ଆଇ ବୁଲୁ ବେହେରାଙ୍କ ସହ ପୋଲିସ କର୍ମଚାରୀ ରୁମ୍ କବାଟ ଖୋଲି ବିଜୟଙ୍କ ମୃତଦେହ ଉଦ୍ଧାର କରିଥିଲେ।

### କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଝିଅମାନେ ଉଚ୍ଚଶିକ୍ଷିତା ହେଲେ ଦେଶ ଆଗେଇବ

**ବାମରା,୨୪।୩ (ସ୍ୱ.ପ୍ର.)**

ବାମରାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ସର୍ବଶିକ୍ଷା ଅଭିଯାନ ସଂଯୋଜକ ଅବିନାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଝିଅମାନେ ଉଚ୍ଚ ଶିକ୍ଷିତା ହେଲେ ଦେଶ ଆଗେଇବ ବୋଲି ସେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ ଦେବାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ କେଜିବିଭି ପ୍ରଧାନ ଶିକ୍ଷୟିତ୍ରୀ ସୌରେନ୍ଦ୍ରୀ ଦେଇ, ଭାଗୀରଥି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବଲ୍ଲବୀ ପଟେଲ, ଗୋବିନ୍ଦପୁର ସିଆରସିସି ସୁବୋଧ ଚନ୍ଦ୍ର ନାଏକ ଓ ଧନେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ପକ୍ଷରୁ 'ଭିଟାମାଟି ନାଟକ' ମଞ୍ଚସ୍ଥ କରାଯାଇଥିଲା । କୁନି କୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ରୂପାଲି ବିଶ୍ୱାସଙ୍କ ସହ ଶିକ୍ଷୟିତ୍ରୀ ଶେକସୋନା ବିବି, ବୃଜିସିନି ପାତ୍ର, ପ୍ରେମପ୍ୟାରି ପଟେଲ, ପ୍ରଭାତି ପଟେଲ, ଜସ୍ମିନି କର୍ସେଲ, ପଙ୍କଜିନି ପୃଷେଠ, ସବିତା ପାଢ଼ୀ, ଭିଷାକା ମଲ୍ଲିକ, ଭରତଲାଲ କିସାନ, ଦୈନିକ ପୋଢ଼, ଲବଙ୍ଗ ପୋଢ଼, ବୈଦେହି ଭଇସା, ଅରୁନ୍ଧତି ନାଏକ ଓ ମନୋଜ ପ୍ରସାଦ ସହଯୋଗ କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅଷ୍ଟମ ବାର୍ଷିକୋତ୍ସବ ସମାରୋହରେ ମଞ୍ଚାସୀନ ଅତିଥି।

## ଆଇସିଏସଇ ଜୋନାଲ କ୍ରୀଡ଼ା ପ୍ରତିଯୋଗିତା

**ସମ୍ବଲପୁର,୨୪।୩ (ବ୍ୟୁରୋ)**

ସମ୍ବଲପୁର ସେଣ୍ଟଜୋନ ସ୍କୁଲ ପରିସରରେ ଆଇସିଏସଇ ଜୋନାଲ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି । ସ୍କୁଲ ଅଧକ୍ଷ ଫାଦର ଅନୀଲ କୁଜୁରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି ଓ ଫାଦର ଏ. ଡୁଙ୍ଗଡୁଙ୍ଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ବଲାଙ୍ଗୀର ଲିଟିଲ ଫ୍ଲାୱାର, ସମ୍ବଲପୁରର ସେଣ୍ଟ ଆନିସ୍, ଟିଟିଲାଗଡର ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ, ଫଂସିର ଜଗମାତା ସ୍କୁଲ, ଖରିଆର ରୋଡସ୍ଥିତ ନବଜ୍ୟୋତି ବିଦ୍ୟାଳୟ, ପଶ୍ଚିମ ଓଡିଶା ପବ୍ଲିକ ସ୍କୁଲ, ସେଣ୍ଟଜୋନ୍ ସ୍କୁଲ, ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଛନ୍ତି । ଚଳିତ ମାସ ୨୮ ତାରିଖ ପ୍ରତିଯୋଗିତା ଶେଷ ହେବ । ଗୌତମ ପଟେଲ, କ୍ଷୀରୋଦ ବିହାରୀ ସ୍ୱାଇଁ, କିଶୋର କୁମାର ମିଶ୍ର, ସୁଶୀଲ ସାହା ଓ ରଶ୍ମିତା, ଆଲବିନୁସ ମିଞ୍ଜ, ପ୍ରକାଶ ଦତ୍ତ ଇଭେଣ୍ଟ ପରିଚାଳନା କରିଥିଲେ । ପ୍ରତିଯୋଗୀଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଇଭେଣ୍ଟ ହୋଇଥିଲା ।



ସମ୍ବଲପୁର ସେଣ୍ଟଜୋନ ସ୍କୁଲ ପରିସରରେ ଆଇସିଏସଇ ଜୋନାଲ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ତାଲିମ ନେଲେ ୨ଶହ ପ୍ରିଜାଇଡିଂ, ପୋଲିଂ ଅଫିସର

**ରେଢାଖୋଲ,୨୪।୩ (ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପର୍ଯ୍ୟାୟ କ୍ରମେ ନିର୍ବାଚନମଣ୍ଡଳିର ୨୪୭ଟି ପୋଲିଂ ବୁଥ୍ ଗୁଡିକରେ ଇଭିଏମ୍ ଓ ଭିଭିପିଏଟିକୁ ଭୋଟରମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରାଯାଇ ସାରିଛି। ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ୨୩ ତାରିଖଠାରୁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଉଛି। ସ୍ଥାନୀୟ ଭୀମ ଭୋଇ କଲେଜଠାରେ ପ୍ରାୟ ୨୦୦ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ରବିବାର ୧୭୭ ଫାଷ୍ଟ ପୋଲିଂ ଅଫିସର ଓ ୩୧ ଜଣ ସେକ୍ସନ ଅଫିସର ତାଲିମ ନେଇଛନ୍ତି। ମାଷ୍ଟର ଟ୍ରେନର ଭାବେ ଜିଲାସ୍ତରର ୨ ଜଣ, ନିର୍ବାଚନ ମଣ୍ଡଳିସ୍ତରୀୟ ୧୨ ଜଣ ଓ ପ୍ରୋଜେକ୍ଟର ଟ୍ରେନର ଭାବେ ୪ ଜଣ ତାଲିମ ପ୍ରଦାନ କରିଥିଲେ। ନିର୍ବାଚନ ମଣ୍ଡଳିର ସୁପରଭାଇଜର ତଥା ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠି ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯାଇଥିଲା। ସୁଶାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରହଲ୍ଲାଦ ଦେହୁରୀ, ଅରୁଣ ମେହେର, ବ୍ରଜମୋହନ ପ୍ରଧାନ, ଶେଷଦେବ ବିଶ୍ୱାଳ, ପଙ୍କଜ କୁମାର ପ୍ରଦାନ, ରାମଚନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ।



ଭୀମ ଭୋଇ କଲେଜଠାରେ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ତାଲିମ ନେଉଛନ୍ତି।

## ସଂକ୍ଷେପରେ



### କର୍କଟ ନେଲା ଆଉ ଜଣଙ୍କ ଜୀବନ

**ବରଗଡ଼ ଅଫିସ୍,୨୪।୩-**
ବରଗଡ଼ ଜିଲାରେ କର୍କଟ ରୋଗୀଙ୍କ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି । ଶନିବାର ରାତ୍ରିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବରଗଡ଼ ଗାନ୍ଧୀଛକ ନିବାସୀ ରେବତୀ ରଞ୍ଜନ ଦାଶଙ୍କ ପରଲୋକ ଘଟିଛି । ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବଡ଼ଭାଇ ରବି ରଞ୍ଜନ ଦାଶ, ନିର୍ମଳ କର, ଅଶୋକ ପଣ୍ଡା, ଅତିଶ ପଣ୍ଡା, ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବଡ଼ପୁଅ ଅମିତ ମୁଖାଗ୍ନି ଦେଇଥିଲେ । ଉଲ୍ଲେଖନୀୟ, ବରଗଡ଼ ଜିଲାରେ କର୍କଟ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଥିବା ଯୋଗୁ ଏଠାରେ ଚିକିତ୍ସା ଓ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ଦାବି ଜୋର୍ ଧରିଛି । ଗତ କିଛିଦିନ ତଳେ ବରଗଡ଼ ଜିଲା ସୋହେଲା ଗସ୍ତରେ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଦାବିକୁ ଦୃଷ୍ଟିରେ ରଖି ବରଗଡ଼ରେ କ୍ୟାନସର ହସ୍‌ପିଟାଲ ହେବ ବୋଲି ଘୋଷଣା କରିଥିଲେ ।



### କୋଡିବାହାଲରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା

ଘଣ୍ଟାପଡା, ୨୪।୩ (ଡି.ଏନ.ଏ)
ବୌଦ୍ଧ ଜିଲା କୋଡିବାହାଲ ଗ୍ରାମରେ ମାଁ ମାହେଶ୍ୱରୀ ଯୁବକ ସଂଘ ପକ୍ଷରୁ ମେଣ୍ଢା ଲଢେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରଜ ଗୁରାଣ୍ଡି, ହେମନ୍ତ ପ୍ରଧାନ ଓ ଦୁଷ୍ଟ ଖମାରୀଙ୍କ ଦ୍ୱାରା ଆୟୋଜିତ ମେଣ୍ଢା ଲଢ଼େଇ ପ୍ରତିଯୋଗିତାରେ ୨ ଦାନ୍ତିଆ ୨୦ଟି ଓ ୬ ଦାନ୍ତିଆ ୧୦ଟି ମେଣ୍ଢା ଯୋଗ ଦେଇଥିଲେ। ୨ ଦାନ୍ତିଆ ମେଣ୍ଢା ଲଢେଇରେ ବାଲିଜୁରୀର ସତ୍ୟନାରାୟଣଙ୍କ ମେଣ୍ଢା ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲା। ସେହିପରି ୬ ଦାନ୍ତିଆ ମେଣ୍ଢା ଲଢେଇ ପ୍ରତିଯୋଗିତାରେ କୋଡିବାହାଲ ଗ୍ରାମର ଦଧି ଗେଜୋ ଗୋଛାଗୋରାର ମୁଗସା ଭୋଇଙ୍କ ମେଣ୍ଢାକୁ ପରାସ୍ତ କରିଥିଲା। ମୁଖ୍ୟଅତିଥି କଣ୍ଟାମାଳ ବିଧାୟକ ପ୍ରତିନିଧି ସୁଧାଂଶୁ ଶେଖର ରଣା ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ଜମିଦାର ସୁବ୍ରତ ମାଝୀ, ସୁଶାନ୍ତ ମାଝୀ, ଅଶୋକ ରଣା, ବରିଷ୍ଠ ନାଗରିକ, ନନ୍ଦ ଭୋଇ, ଦେଓ କୁମାର ବେହେରା, ନବୀନ ମେଣ୍ଡଲି, ଜଗନ୍ନାଥ ମେଣ୍ଡଲି ଉପସ୍ଥିତ ଥିଲେ । ଦେବେନ୍ଦ୍ର ନାଥ ରଣା ସହଯୋଗ କରିଥିଲେ ।

### ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଅତାବିରା, ୨୪।୩ (ଡି.ଏନ.ଏ)-**
ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗାଁ ଗୌନ୍ତିଆ ମଦନ ମୋହନ ଦାଶ ଓ ତାଙ୍କ ସ୍ତ୍ରୀ ସୁଚିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଶଶିଭୂଷଣ ଶତପଥି, ଅଭିଷେକ ପୁରୋହିତ ହୋମଯଜ୍ଞ ମନ୍ତ୍ରପାଠ କରିଥିଲେ। ସୋନପୁର ଜିଲା ଶଙ୍କରା, ଭାଙ୍ଗକୁଦର ମହିଳା ଉଦଣ୍ଡ ସଂକୀର୍ତ୍ତନ ଦଳ ଓ ପଲସାପାଲି, ଟୁକୁରା ଉଦଣ୍ଡ ସଂକୀର୍ତ୍ତନ ଦଳ ନାମଜପ କରିଥିଲେ । ଶଙ୍କର୍ଷଣ ବେହେରା, ଚିନ୍ତାମଣି ଝାଙ୍କର, ସୁପାର ବେହେରା, ଡାକ୍ତର ବେହେରା, ସୁରେନ୍ଦ୍ର ସେଠ, ରବିନ୍ଦ୍ର ବାଗ, ବଳରାମ ଦନ୍ତା, ଗୋପବନ୍ଧୁ ସେଠ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

## ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାର ଅଣସଂରକ୍ଷିତ ୬୯ନମ୍ବରଟିଟିଲାଗଡ଼ନିର୍ବାଚନୀମଣ୍ଡଳୀ। ଟିଟିଲାଗଡ଼, ଗୁଡଭେଲା, ସଇଁତଲା ବ୍ଲକ ସହ ତୁଷୁରା ଏନ୍ଏସି ଏବଂ ଟିଟିଲାଗଡ଼ ପୌରପାଳିକାକୁ ନେଇ ଏହି ନିର୍ବାଚନୀମଣ୍ଡଳୀ ଗଠିତ। ଏହି କ୍ଷେତ୍ରରେ ବର୍ତ୍ତମାନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇ ସାରିଥିବାରୁ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ତାରିଖରେ ଏଠାରେ ଭୋଟ ଗ୍ରହଣ କରାଯିବ।

ଟିଟିଲାଗଡ଼ ନିର୍ବାଚନୀ ମଣ୍ଡଳୀରେ ୨ଲକ୍ଷ ୪୧ହଜାର ୮୫୮ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୭ହଜାର ୯୫ ମହିଳା, ୧ଲକ୍ଷ ୨୪ହଜାର ୭୪୦ ପୁରୁଷ ଓ ୨୩ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୨୦୧୪ରେ ବିଜେଡିର ଟୁକୁନୀ ସାହୁ ୭୧ ହଜାର ୮୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ସୁରେନ୍ଦ୍ର ସିଂଭୋଇ ୫୭ ହଜାର ୮୩୬ ଖଣ୍ଡ ଭୋଟ ଦ୍ୱିତୀୟ ଓ ଭାଜପାର ମହେନ୍ଦ୍ର ଠାକୁର ୨୫ ହଜାର ୬୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଜେଡ଼ିରୁ ପ୍ରାର୍ଥୀ ହୋଇଥିବା ଟୁକୁନୀ ସାହୁଙ୍କ ଘର ଟିଟିଲାଗଡ଼ରେ। ଟିଟିଲାଗଡ଼ ପୌରପାଳିକାରେ ୨୪ଟି ବୁଥ ରହିଥିବା ବେଳେ ୨୬ ହଜାର ୩୫୮ ଭୋଟର ଏବଂ ଟିଟିଲାଗଡ ବ୍ଲକରେ ୧୧୧ଟି ବୁଥ୍ ଥିବାବେଳେ ୮୬ ହଜାର ୮୨୯ ଭୋଟର ରହିଛନ୍ତି। ସେହିପରି କଂଗ୍ରେସ ଟିକେଟ ପାଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ଘର ସଇଁନ୍ତଲା ବ୍ଲକରେ। ଏହି ବ୍ଲକରେ ୧୧୩ଟି ବୁଥ ରହିଥିବା ବେଳେ ୮୪ ହଜାର ୬୨୩ ଭୋଟର ଅଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ଦୋରାଙ୍କ ଘର ଗୁଡଭେଲା ବ୍ଲକ ଅଧୀନ ଜାମମୁଣ୍ଡାରେ। ବର୍ତ୍ତମାନ ଅଶୋକ ଗୁଡ଼ଭେଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରହିଛନ୍ତି। ଏହା ସହ ସେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଏହି ବ୍ଲକରେ ୫୧ଟି ବୁଥ ରହିଥିବା ବେଳେ ୩୬ ହଜାର ୩୪୩ଜଣ ଭୋଟର ଅଛନ୍ତି। ତୁଷୁରା ଏନ୍ଏସିରେ ୧୦ଟି ବୁଥ ରହିଥିବା ବେଳେ ୭ ହଜାର ୭୦୫ଜଣ ଭୋଟର ରହିଛନ୍ତି।


ଟୁକୁନୀ ସାହୁ


ସୁରେନ୍ଦ୍ର ସିଂଭୋଇ


ଅଶୋକ ଚନ୍ଦ୍ର ଦୋରା

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଟୁକୁନୀ ସାହୁ | ୭୧, ୮୫୮ |
| କଂଗ୍ରେସ | ସୁରେନ୍ଦ୍ର ସିଂଭୋଇ | ୫୭, ୮୩୬ |
| ଭାଜପା | ମହେନ୍ଦ୍ର ଠାକୁର | ୨୫, ୬୧୭ |

୨୦୧୪ ନିର୍ବାଚନରେ ଟିଟିଲାଗଡ଼ ନିର୍ବାଚମଣ୍ଡଳୀରେ ବିଜେଡ଼ି ନିଜର ସ୍ଥିତି ଜାହିର କରିଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ ୬ଟି ଅକ୍ତିଆର କରି ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବର୍ତ୍ତମାନ ଟିଟିଲାଗଡ଼ ଜିଲା ଦାବିରେ ଧାରଣା ଓ ତୁଷୁରା ଚିକିତ୍ସାଳୟ ପ୍ୟାହା ବୃଦ୍ଧି ଦାବି ପୂରଣ ହୋଇ ନ ଥିବାରୁ ଏହି ସମସ୍ୟା ଶାସକ ଦଳକୁ ଅଡୁଆରେ ପକାଇବାର ସମ୍ଭାବନା ରହିଥିବା ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଆସନ୍ତା ୨୬ତାରିଖରେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି।

ବିଜେଡି ପ୍ରାର୍ଥୀ ତଥା ବିଧାୟିକା ଟୁକୁନୀ ସାହୁ କହିଛନ୍ତି ଯେ, ଗତ ପାଞ୍ଚବର୍ଷ ଧରି ସେ ଲୋକଙ୍କ ପାଇଁ କାମ କରିଛନ୍ତି। ଏଣୁ ଜନସାଧାରଣ ତାଙ୍କ ସହ ଅଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡ ପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ସେ ନିଶ୍ଚିତ ବିଜୟ ଲାଭ କରିବେ ବୋଲି କହିଛନ୍ତି। ଭାଜପା ପ୍ରାର୍ଥୀ ଅଶୋକ ଦୋରା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। ପୁନଶ୍ଚ କେନ୍ଦ୍ରର ଏନ୍‌ଡିଏ ସରକାରର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକେ ଅନୁଭବ କରିଛନ୍ତି। ଉକ୍ତ ବାର୍ତ୍ତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଇଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ।

ରିପୋର୍ଟ: **ମନୋଜ କୁମାର ଜୈନ**

## ଆଇପିଏଲ-୧୨

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

**ମୁମ୍ବାଇ, ୨୪।୩**
ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୭ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୧୪ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୧୯.୨ ଓଭରରେ ୧୭୬ ରନ କରି ଅଲଆଉଟ ହୋଇ ଯାଇଥିଲା।

### ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ବୋଲରମାନେ ମାତ୍ର ୨୯ ରନ ମଧ୍ୟରେ ପୃଥ୍ୱୀ ଶ(୭) ଓ ଅଧିନାୟକ ଶ୍ରେୟାସ ଆୟାର(୧୬)ଙ୍କ ଉଇକେଟ ହାସଲ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଭିଜ୍ଞ ଓପନର ଶିଖର ଧାୱନ ଓ କଲିନ୍ ଇନ୍‌ଗ୍ରାମଙ୍କ ଦ୍ରୁତ ରନ ସଂଗ୍ରହ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ଉଇକେଟ ଯୋଡ଼ିରେ ୮୩ ରନ ଭାଗୀଦାରିପରେ ଇନ୍‌ଗ୍ରାମ ବ୍ୟକ୍ତିଗତ ୪୭(୩୨ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ପରେ ଧାୱନ ୪୩(୩୬ ବଲ, ୪ ଚୌକା, ୧ ଛକା)ରେ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ସେ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରୁ ୭ ଚୌକା ଓ ୭ ଛକା ସହାୟତାରେ ୭୮ ରନକରି ଅପରାଜିତ ରହିବାରୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୩ ରନର ବଡ଼ ସ୍କୋର କରିଥିଲା। ମୁମ୍ବାଇ ପକ୍ଷରୁ ମିଚେଲ ମ୍ୟାକ୍‌କ୍ଲିନହାନ ୩ଟି ଏବଂ ଯଶପ୍ରୀତ ବୁମ୍ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବେନ୍ କଟିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୪୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ରୋହିତ ଶର୍ମା(୧୪), କ୍ୱିଣ୍ଟନ ଡି କକ୍ ଓ ସୂର୍ଯ୍ୟ କୁମାର ଯାଦବଙ୍କ ଉଇକେଟ ହରାଇ ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଯୁବରାଜ ସିଂ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଯୁବରାଜ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୧୫ ବଲ୍‌ରୁ ୩୨(୫ ଚୌକା, ୧ ଛକା) ଓ କେରନ ପୋଲାର୍ଡ ୧୩ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍ରା ଆହତ ସମସ୍ୟା (ଆବ୍‌ସେଣ୍ଟ ହର୍ଟ) ଯୋଗୁ ବ୍ୟାଟିଂ ପାଇଁ ଆସିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଈଶାନ୍ତ ଶର୍ମା ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ, କେମୋ ପଲ୍, ଅକ୍ଷର ପଟେଲ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୬(ପନ୍ତ-୭୮, ଇନ୍‌ଗ୍ରାମ-୪୭, ଧାୱନ-୪୩, ମ୍ୟାକ୍‌କ୍ଲିନହାନ-୩/୪୦, ବୁମ୍ରା-୧/୪୦,ହାର୍ଦ୍ଦିକ-୧/୪୧, କଟିଂ-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୨ ଓଭରରେ ୧୭୬/ଅଲଆଉଟ(ଯୁବରାଜ-୫୩, କ୍ରୁନାଲ-୩୨, ଡି'କକ୍-୨୭, ଈଶାନ୍ତ-୨/୩୪, ରାବାଡ଼ା-୨/୨୩, ବୋଲ୍ଟ-୧/୪୨, ଟେୱାଟିଆ-୧/୧୨, ପଲ୍-୧/୨୧, ଅକ୍ଷର-୧/୪୨)।

# ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଊର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଦମକଳ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ।

ଘଟଣାରୁ ଜଣାପଡିଛି, ପାତ୍ରପଡା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଦମକଳ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ସମୟରେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁ କନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ପରେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଭେଟିଥିଲେ। ସେମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହ ସେଠାରେ ରହିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ପରେ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଓ ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ବଁଅରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିଡିଓ ରୋମାଞ୍ଚଳ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି।

### ୫ଟନ୍ କୋଇଲା, ୫ କୁଇଣ୍ଟାଲ ଲୁହାଛଡ଼ ଜବତ

■ ଢାବା ମାଲିକ ଗିରଫ

ଲଖନପୁର,୨୪।୩(ଡି.ଏନ୍.ଏ.)
୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କନକତୋରା ନିକଟ ଏକ ଢାବାରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ୫ଟନ୍ କୋଇଲା ଓ ୫ କୁଇଣ୍ଟାଲ ଲୁହାଛଡ଼ ଜବତ କରିଛି। ଏଥିରେ ସମ୍ପୃକ୍ତ ଢାବା ମାଲିକ ଚିତ୍ତରଞ୍ଜନ ସାହୁଙ୍କୁ ପୋଲିସ ରବିବାର ଗିରଫ କରି ଝାରସୁଗୁଡ଼ା କୋର୍ଟଚାଲଣ କରିଛି। ଏ ନେଇ ଏକ ମାମଲା (ନଂ.୪୪/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ କେତେକ ଢାବା ରହିଛି। ମାଲ୍ ବୋଝେଇ ଟ୍ରକ୍ କର୍ମଚାରୀମାନେ ଖାଇବା ପାଇଁ ଢାବାରେ ଅଟକୁଛନ୍ତି। ଏହି ସମୟରେ ଢାବା ମାଲିକମାନେ ଟ୍ରକ୍ ଚାଳକଙ୍କୁ ହାତକରି ଶାଗମାଛ ଦରରେ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ପରେ ଏହାକୁ ଚଢ଼ା ଦରରେ ବିକ୍ରି ବିକ୍ରି କରୁଛନ୍ତି ବୋଲି ପୋଲିସ ସୂଚନା ଦେଇଛି।

# ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

**ରାୟଗଡ଼ା ଅଫିସ୍,୨୪।୩**

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି । ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ

# ତୃତୀୟ ଥର ମୁହାଁମୁହିଁ ଦିଅର-ଭାଉଜ

**ବଲାଙ୍ଗୀର ଅଫିସ,୨୪।୩**

ବଲାଙ୍ଗୀର ଲୋକସଭା ଆସନରୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେଡିରୁ ଲଗାତାର ଦୁଇଥର ଏମ୍‌ପି ହୋଇଥିବା କଳିକେଶ ନାରାୟଣ ସିଂଦେଓଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଛି। ସେହିପରି ଲଗାତାର ୩ଥର ଏମ୍‌ପି ହୋଇଥିବା ଏବଂ ଶେଷ ଦୁଇଥର ପରାଜିତ ସତ୍ତ୍ୱେ ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପରେ ଭାଜପା ପୁଣି ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେଇଛି। ଅନ୍ୟପଟେ କଂଗ୍ରେସ ଚଳିତ ନିର୍ବାଚନରେ ନୂଆ ପ୍ରାର୍ଥୀ ଭାବେ ଯୁବ ଚେହେରା ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଏହି ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ୩ ରାଜନେତା ବଲାଙ୍ଗୀର ରାଜନୀତିର ଦୁଇ ଚର୍ଚ୍ଚିତ ପରିବାରର ସଦସ୍ୟ ରହିଛନ୍ତି। ବିଜେଡି ପ୍ରାର୍ଥୀ କଳିକେଶ ଏବଂ ଭାଜପା ପ୍ରାର୍ଥୀ ସଙ୍ଗୀତା ଉଭୟେ ସମ୍ପର୍କରେ ଦିଅର-ଭାଉଜ। ଏହି ଦୁଇ ପ୍ରାର୍ଥୀ ବଲାଙ୍ଗୀର ଲୋକସଭା ଆସନରେ ତୃତୀୟ ଥର ପାଇଁ ନିର୍ବାଚନୀ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଗତ ୨ଟି ନିର୍ବାଚନ ୨୦୦୯ ଓ ୨୦୧୪ରେ ଭାଜପାରୁ ସଙ୍ଗୀତା ଓ ବିଜେଡିରୁ କଳିକେଶ ପ୍ରାର୍ଥୀ ହୋଇ ମୁହାଁମୁହିଁ ହୋଇଥିଲେ। ଏହି ଦୁଇ ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିପୁଳ ଭୋଟରେ ବିଜୟୀ ହୋଇ ଭାଉଜ ସଙ୍ଗୀତାଙ୍କୁ କଡା ଜବାବ ଦେଇଥିଲେ।


କଳିକେଶ ନାରାୟଣ ସିଂଦେଓ
ବିଜେଡି


ସଙ୍ଗୀତା କୁମାରୀ ସିଂଦେଓ
ଭାଜପା


ସମରେନ୍ଦ୍ର ମିଶ୍ର
କଂଗ୍ରେସ

**ପ୍ରଥମ ଥର ନିର୍ବାଚନ ଲଢ଼ିବେ ସମରେନ୍ଦ୍ର**

୨୦୧୯ ନିର୍ବାଚନରେ ଦିଅର କଳିକେଶଙ୍କ ସହ ତୃତୀୟ ଥର ମୁହାଁମୁହିଁ ହେବାକୁ ଯାଉଥିବା ସଙ୍ଗୀତାଙ୍କ ପାଇଁ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ନିର୍ବାଚନକୁ ମିଶେଇଲେ ସଙ୍ଗୀତା ଷଷ୍ଠଥର ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୫ଟି ନିର୍ବାଚନରୁ ସଙ୍ଗୀତା ପ୍ରଥମ ୩ଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୮, ୧୯୯୯ ଓ ୨୦୦୪ରେ ସଙ୍ଗୀତା ଭାଜପା ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ମାତ୍ର ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ବଲାଙ୍ଗୀର ଲୋକସଭା ଆସନରୁ କଳିକେଶ ଓ ସଙ୍ଗୀତା ଉଭୟ ଦିଅର ଭାଉଜ ମୁହାଁମୁହିଁ ହେଉଛନ୍ତି। ଗତ ଦୁଇଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିଜୟୀ ହୋଇଥିବା ବେଳେ ସଙ୍ଗୀତା ନିର୍ବାଚନ ହାରିଛନ୍ତି। ୨୦୧୯ ନିର୍ବାଚନରେ ତୃତୀୟ ଥର ମୁହାଁମୁହିଁ ହେବାକୁ ଥିବା ଦିଅର-ଭାଉଜ ପୁଣି ଥରେ ନିଜ ଶକ୍ତି ପ୍ରଦର୍ଶନ କରିବେ । ମୋଦି ହାୱାରେ ସଙ୍ଗୀତା ବିଜୟୀ ହେବା ଲକ୍ଷ୍ୟ ରଖିଥିବା ବେଳେ ନବୀନଙ୍କ ପତିଆରା ଓ ଦଳୀୟ ସଙ୍ଗଠନକୁ ନେଇ କଳିକେଶ ପୁଣି ଜିତିବେ ବୋଲି କହୁଛନ୍ତି। ଅନ୍ୟପକ୍ଷେ ୧୯୯୬ ପରଠାରୁ ବଲାଙ୍ଗୀର ଲୋକସଭା ଆସନ ଅକ୍ତିଆର କରି ନ ଥିବା କଂଗ୍ରେସ ଏଥର ନୂଆ ଓ ଯୁବ ଚେହେରା ସମରେନ୍ଦ୍ରଙ୍କୁ ଟିକଟ ଦେଇ ବିଜୟୀ ହେବା ଆଶା ରଖିଛି। ଭାଜପା ଓ ବିଜେଡି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ବାଜି ମାରିବେ ବୋଲି ଆଶା ରଖିଛନ୍ତି । ଏସବୁ ଭିତରେ ବଲାଙ୍ଗୀର ରାଜନୀତି ବେଶ୍ ରୋଚକ ହେବାକୁ ଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

■ ଲୋକଙ୍କୁ ସଚେତନ କଲେ
■ ଗାଁ ଦାଣ୍ଡରେ ମଦ ପୋଡ଼ିଲେ

**ଲଖନପୁର,୨୪।୩(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା ବନହରପାଲି ଥାନା ପିପିଲିକାନୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବେଆଇନ ମଦ ବିକ୍ରି ଚାଲିଛି। ଏହାକୁ ରୋକିବା ପାଇଁ ପଞ୍ଚାୟତର ଏସ୍ଏଚ୍‌ଜି ସଦସ୍ୟାମାନେ ବ୍ୟବସାୟୀଙ୍କୁ ଅନୁରୋଧ କରୁଛନ୍ତି। ଅବକାରୀ ବିଭାଗ ଓ ପୋଲିସର ଦୃଷ୍ଟି ଆକର୍ଷଣ ମଧ୍ୟ କରୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏଭଳି ସ୍ଥିତିରେ ୨୫ ଏସ୍ଏଚ୍‌ଜିର ଶତାଧିକ ସଦସ୍ୟା ରବିବାର ଏକତ୍ରିତ ହୋଇ ବେଆଇନ ମଦ ଦୋକାନରୁ ୧ବସ୍ତା ମଦ ଆଣି ଗାଁ ଦାଣ୍ଡରେ ପୋଡ଼ି ଦେଇଥିଲେ। ପରେ ମହିଳାମାନେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ବୋତଲଗା, ଡେଙ୍ଗସର୍ଗୀ, ସତ୍‌ରଙ୍ଗ, ଖୁଟ୍‌ବନ୍ଧ ଓ ପିପିଲିକାନୀ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ପଞ୍ଚାୟତର କେତେଜଣ ୱାର୍ଡ ସଭ୍ୟ ମଧ୍ୟ ମଦ ବିକ୍ରି କରୁଥିବା ଜଣାପଡ଼ିଥିଲା। ମହିଳାମାନେ ସେମାନଙ୍କୁ ଏଥିରୁ ବିରତ ରହିବା ପାଇଁ ତାଗିଦ୍ କରିଥିଲେ। ମଦ ବିକ୍ରି ନ କରିବା ପାଇଁ ବ୍ୟବସାୟୀମାନେ ମହିଳାଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସେମାନେ ପ୍ରତିଶ୍ରୁତି ପାଳନ ନ କଲେ ମହିଳାମାନେ କଠୋର ପଦକ୍ଷେପ ଗ୍ରହଣ କରିବା ସହ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମଦ ବିରୋଧୀ କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍ଏଚ୍‌ଜିର ମାଳତି ସେନାପତି, ଅଞ୍ଜଳି ମଲ୍ଲିକ, ମାଳତି ଭୋଇ, ପ୍ରତିମା ଭୋଇ, ଆରତି ମାଝି, ସାବିତ୍ରୀ କିଷାନ, ବିଳାସିନୀ ରୋହିଦାସ, ବିଶାଖା ଷଣ୍ଢ, ଯଶୋଦା ଷଣ୍ଢ, ମୋହିନୀ ବଢ଼େଇ, ଗୁରୁବାରି ବାଗ, ତିଳୋତ୍ତମା ବାଗ, ଛବିରାଣୀ ବଢ଼େଇ, ସୁକାନ୍ତି ଓରାମ, ଲଳିତା ଓରାମ, ପୂର୍ଣ୍ଣମୀ କିଷାନ ପ୍ରମୁଖ ସାମିଲ ହୋଇଥିଲେ।


ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଏସ୍ଏଚ୍‌ଜି ସଦସ୍ୟା।

# ନିମ୍ନତାପ ଚିକିତ୍ସା



ପ୍ରତ୍ୟେକ ବର୍ଷ ଶୀତଋତୁରେ ବରଫ ପଡ଼ିଲେ ଆମେରିକାରେ ଦେଖିବାକୁ ମିଳୁଥିବା ଏକ ଜାତିର ବେଙ୍ଗ ପତର ଗଦେଇ ତା' ତଳେ ବସା ତିଆରି କରେ। ସେତେବେଳେ ତା' ଶରୀରର ତାପମାତ୍ରା ଏତେ କମିଯାଏ ଯେ ଶରୀରର ତିନିଭାଗରୁ ଏକଭାଗ ପାଲଟିଯାଏ ବରଫ। ଆଖି ଦୁଇଟି ବି ଦେଖାଯାଏ ବରଫ ଭଳି ଧଳା। ଗୋଡ଼ଗୁଡ଼ିକ ପପରା ହୋଇପଡ଼େ। ବାସ୍, ଏମିତି ଅବସ୍ଥାରେ ରହି ସେ କଟେଇଦିଏ ଶୀତଋତୁଟା। ଶୀତ ପରେ ଆସି ପହଞ୍ଚିଯାଏ ବସନ୍ତ। ବସନ୍ତ ଆସିଗଲେ ବରଫ ପାଲଟି ଯାଇଥିବା ତା' ଶରୀରର ଅଂଶମାନ ତରଳିବାକୁ ଆରମ୍ଭ କରେ। ଫଳରେ ପୁନର୍ବାର ସେ ସକ୍ରିୟ ହୋଇଉଠେ। ତାକୁ ଲକ୍ଷ୍ୟକରି ବୈଜ୍ଞାନିକମାନେ କହୁଛନ୍ତି ଯେ, ଦିନ ଆସିବ ଯେତେବେଳେ ମଣିଷ ଦେହର ତାପମାତ୍ରାକୁ ସେମାନେ ଯଥେଷ୍ଟ କମେଇ ଦେଇପାରିବେ। ଜିଅନ୍ତା ମଣିଷକୁ ରଖିଦେବେ ହିମୀକୃତ କରି।

ଉତ୍ତର ଆମେରିକାର ସେହି ବେଙ୍ଗଠାରେ ପରିଲକ୍ଷିତ ହେଉଥିବା ପ୍ରକ୍ରିୟାର ଅନୁରୂପ ପରିଲକ୍ଷିତ ହୋଇଥାଏ ଗାର୍ଟର ସ୍ନେକ ନାମକ ସାପ ଏବଂ ଏକ ଜାତିର କଇଁଛଠାରେ। ଅତି ହିମ ପରିବେଶରେ ଏମାନେ ନିଜ ନିଜ ଶରୀରର ଜୀବକୋଷ ଭିତରେ ରହିଥିବା ରାସାୟନିକ ଉପାଦାନଗୁଡ଼ିକର ସନ୍ତୁଳନକୁ ପରିବର୍ତ୍ତିତ କରିଦିଅନ୍ତି। ଉଦାହରଣ ସ୍ୱରୂପ, ବେଙ୍ଗ ତା ଶରୀରରେ ଖୁବ୍ ବଢ଼େଇଦିଏ ଗ୍ଲିସେରଲର ମାତ୍ରା। ଗ୍ଲିସେରଲର ରହିଛି ଏପରି ଗୁଣ, ଯାହା ଜଳକୁ ବରଫ କରେଇଦେବାରେ ବାଧା ଦିଏ। ତେଣୁ ବରଫ ପାଲଟିଗଲେ ଜୀବକୋଷଗୁଡ଼ିକର ଯେଉଁ ପ୍ରକାର କ୍ଷତି ହୋଇଥାନ୍ତା ତାହା ଆଉ ହୋଇପାରେ ନାହିଁ କି ଜୀବକୋଷମାନ ଅକାମୀ ହୋଇ ପଡ଼ନ୍ତିନି। ଆମ ଶିରା ଭିତରେ ସେତିକି ପରିମାଣର ଗ୍ଲିସେରଲ୍ କମିଗଲେ ଆମର ମୃତ୍ୟୁ ହୋଇଯିବା ନିଶ୍ଚିତ।

ସେହିପରି ମେରୁ ଅଞ୍ଚଳ ତ ସମ୍ପୂର୍ଣ୍ଣ ଢାଙ୍କି ହୋଇ ରହିଥାଏ ବରଫରେ। ପୁଣି ଢାଙ୍କି ହୋଇ ରହିଥାଏ ବର୍ଷସାରା। ମାତ୍ର ସେଠାରେ ବି ତ ପୋକଜୋକ ଅଛନ୍ତି, ଅଛନ୍ତି ମାଛ ଓ ଉଭୟଚର ପ୍ରାଣୀ। ହେଲେ ଏଭଳି ହିମଶୈତ୍ୟ ପରିବେଶରେ ସେଗୁଡ଼ିକ ପୁଣି ନିଜକୁ ସୁରକ୍ଷିତ ରଖିପାରିଥାନ୍ତି କିପରି? ସେମାନେ ନିଜ ଶରୀରରେ ତିଆରି କରିଥାନ୍ତି ପ୍ରତିହିମ ଉପାଦାନ ବା ପ୍ରତିହିମ ପ୍ରୋଟିନ୍। ଏହାକୁ ବିଜ୍ଞାନର ଭାଷାରେ 'ଆଣ୍ଟିଫ୍ରିଜ ପ୍ରୋଟିନ୍' ବୋଲି କୁହାଯାଏ। ଏହି ପ୍ରୋଟିନ୍‌ର ଉପସ୍ଥିତି ଯୋଗୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଗଲେ ମଧ୍ୟ ସେମାନଙ୍କ ଜୀବକୋଷ ଅଭ୍ୟନ୍ତରସ୍ଥ ଉପାଦାନଗୁଡ଼ିକର କାର୍ଯ୍ୟ ବିଶେଷ ବାଧାପ୍ରାପ୍ତ ହୋଇ ନ ଥାଏ। କେତେକ ଜାତିର ପୋକଜୋକ ପଲିତଲ ନାମକ ଶର୍କରାଜାତୀୟ ଉପାଦାନକୁ ନିମ୍ନତାପ ସୁରକ୍ଷାକାରୀ ବା କ୍ରାୟୋପ୍ରୋଟେକ୍ଟାଣ୍ଟ (ତୀବ୍ର ଶୀତଳତାକୁ କୁହାଯାଏ 'କ୍ରାୟୋ') ଭାବରେ ବ୍ୟବହାର କରିଥାଆନ୍ତି। ମେରୁ ଅଞ୍ଚଳରେ ରହୁଥିବା ସାଲାମାଣ୍ଡର ନାମକ ଉଭୟଚର ପ୍ରାଣୀ ଏହି ଉଦ୍ଦେଶ୍ୟରେ।



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେସନ ସବୁ କରିପାରୁଛନ୍ତି ଓ ଅପରେସନ ସରିଗଲାପରେ ତାପମାତ୍ରାକୁ ପୁନର୍ବାର ଉଷ୍ମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେସନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେସନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ।"



ତେବେ ନିମ୍ନତାପମାତ୍ରାକୁ ଏବେ ବିନିଯୋଗ କରାଗଲାଣି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ। କୌଣସି ସ୍ଥାନରେ ଆଘାତ ବାଜିଲେ କି ଗଣ୍ଠିରେ ମାଡ଼ ବାଜି ସ୍ପ୍ରେନ୍ ବା ଜଖମ ହେଲେ ଆକ୍ରାନ୍ତ ସ୍ଥଳରେ ବରଫ ଦେବା ପାଇଁ ଡାକ୍ତରମାନେ କହିଥାନ୍ତି। ଏହାକୁ କୁହାଯାଏ ଆଇସ୍‌ପ୍ୟାକ୍ ଥେରାପି। ଆଇସ୍‌ପ୍ୟାକ୍ ଥେରାପି ମଧ୍ୟ ଏକ ଧରଣର ନିମ୍ନତାପ ଚିକିତ୍ସା ପଦ୍ଧତି ବା କ୍ରାୟୋଥେରାପି। ବରଫ ଲଦିଲେ ଆକ୍ରାନ୍ତ ସ୍ଥଳରୁ ତାପ ଅପସାରିତ ହୋଇଯାଏ। ସଙ୍କୁଚିତ ହୋଇପଡ଼େ ରକ୍ତନଳୀ। ତନ୍ତୁକୋଷିକାଗୁଡ଼ିକରେ ହ୍ରାସ ପାଇଯାଏ ଚୟାପଚୟ ତଥା ଏନଜାଇମ୍ କ୍ରିୟାର ହାର। ଏହିସବୁ ପରିବର୍ତ୍ତନ ଅସୁସ୍ଥତା ଉପଶମରେ ବେଶ୍ ସହାୟକ ହୋଇଥାଏ।

ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେଶନ ସବୁ କରିପାରୁଛନ୍ତି ଓ ଅପରେଶନ ସରିଗଲା ପରେ ତାପମାତ୍ରାକୁ ପୁନର୍ବାର ଉଷ୍ମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେଶନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେଶନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ। କିନ୍ତୁ ତାପମାତ୍ରା କମେଇଦେଲେ ଜୀବକୋଷଗୁଡ଼ିକର କ୍ରିୟା ମନ୍ଥର ହୋଇପଡ଼ିବା ସଙ୍ଗେସଙ୍ଗେ ହ୍ରାସ ପାଇଯାଏ ମସ୍ତିଷ୍କର ଅମ୍ଳଜାନ ଆବଶ୍ୟକତା।

ଜୀବକୋଷଗୁଡ଼ିକ ହିମଶୀତଳ ତାପମାତ୍ରାରେ ସଂରକ୍ଷିତ ହୋଇ ପରେ କ୍ରିୟାଶୀଳ ହୋଇପାରୁଥିବାରୁ ବ୍ୟକ୍ତି ମରିଯିବା ପରେ ତା'ର ମୃତଦେହକୁ ଅତି ନିମ୍ନ ତାପମାତ୍ରାରେ ସାଇତି ରଖିବା ନିମନ୍ତେ ପଦକ୍ଷେପ ନିଆଗଲାଣି। ଯେଉଁ ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିଟି ମୃତ୍ୟୁବରଣ କରିଥାଏ, ସେହି ରୋଗର ଚିକିତ୍ସା ପଦ୍ଧତି ଭବିଷ୍ୟତରେ ଉଦ୍ଭାବିତ ହୋଇଗଲେ ମୃତଦେହକୁ ସ୍ୱାଭାବିକ ତାପମାତ୍ରାକୁ ଫେରାଇ ଆଣି ତାକୁ ପୁନରୁଜ୍ଜୀବିତ କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କର ବିଶ୍ୱାସ। ତେବେ ନିମ୍ନ ତାପମାତ୍ରାରେ ସଂରକ୍ଷଣ କରି ମୃତଦେହର ଜୀବନଦାନ ପ୍ରଚେଷ୍ଟାକୁ ଅନେକ କଠୋର ଭାବରେ ସମାଲୋଚନା କରିଆସୁଛନ୍ତି। ଏହାସତ୍ତ୍ୱେ ପୁନର୍ଜୀବିତ କରାଇପାରିବାର ଲକ୍ଷ୍ୟରେ ଅତି ନିମ୍ନତାପମାତ୍ରାରେ ମୃତଦେହ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନିଆଯାଇଛି। କେତୋଟି ମୃତଦେହ ମଧ୍ୟ ସଂରକ୍ଷିତ ହୋଇରହିଛି ଏହି ଉଦ୍ଦେଶ୍ୟରେ। ୧୯୯୨ ମସିହାରେ ଏପରି ଭାବରେ ୬୦ଟି ମୃତଦେହ ସଂରକ୍ଷଣ କରି ରଖାଯାଇଥିଲା। ମାତ୍ର ଏଯାବତ୍ କୌଣସି ଜଣକୁ ମଧ୍ୟ ପୁନର୍ଜୀବନ ଦିଆଯାଇପାରି ନାହିଁ। ହେଲେ ପ୍ରାଣୀମାନଙ୍କ ଉପରେ କରାଯାଇଥିବା ଏଭଳି ପରୀକ୍ଷାର ଫଳାଫଳ ରହିଆସିଛି ବେଶ୍ ଉତ୍ସାହଜନକ।

-ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

- କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ରୋଗୀର ଅବସ୍ଥାକୁ ଦେଖି ଜଣେ ଡାକ୍ତର କେତେଦିନ ଔଷଧ ଖାଇବ, ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡ଼ିବ ସେ ସମ୍ପର୍କରେ ପ୍ରେସ୍କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ତାହାକୁ ଅନୁସରଣ କରନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୋଟିନ ଚେକ୍‌ଅପ ପାଇଁ ସମୟ ବାହାର କରନ୍ତୁ।
- କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଅନେକେ ଜଣାଡରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।
- ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି କି? ତେବେ ପ୍ରଥମେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି, ନିଃସଙ୍କୋଚରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକିଆଣିଥାଏ।



## କଫ ସମସ୍ୟାରୁ ଉପଶମ ପାଇଁ..

ଅତ୍ୟଧିକ ଥଣ୍ଡା ହେଲେ ଛାତିରେ କଫ ଜମିବା ଆଶଙ୍କା ଅଧିକ ଥାଏ। ଏହା ଦ୍ୱାରା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଏପରି ସମସ୍ୟାରୁ ଉପଶମ ପାଇବାର କେତେକ ଘରୋଇ ଉପାୟ ରହିଛି। ଏଗୁଡିକୁ ଆପଣେଇପାରନ୍ତି...



- ★ ଅଧା କପ୍ ଉଷ୍ମ ପାଣିରେ ଏକ ଚାମଚ ହଳଦୀଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷ୍ମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।
- ★ ଅଦାକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ପରେ ଏହାକୁ ପାଣିରେ ମିଶାଇ ଭଲଭାବେ ଫୁଟାନ୍ତୁ। ଏହାକୁ ଉଷ୍ମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।
- ★ ଦୁଇ ଚାମଚ ଲେମ୍ବୁରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।
- ★ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ, ଥଣ୍ଡାଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।




## ସହଜରେ ଠାବ ହେବ ରେଟିନାଲ ସେଲ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ଲଣ୍ଡନ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ଗବେଷଣାର ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେନେଇ ଚେଷ୍ଟା ଚାଲିଛି।



ଆଜ୍ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଲେ ବ୍ୟକ୍ତି ଜଣକ ସହଜରେ ନିଃଶ୍ୱାସ ନେଇପାରନ୍ତି ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣର ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଘରେ ଯଦି କୌଣସି ପ୍ରାଣୀ ପୋଷିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଡୋଜ୍ ନିଅନ୍ତୁ।

## ସକାରାତ୍ମକ ଚିନ୍ତାଧାରା ବଢ଼ାଇବାର ସହଜ ଉପାୟ

ମନପସନ୍ଦର ସଙ୍ଗୀତ ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ। ସେଥିପାଇଁ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ଉଚିତ ମଣିଥାଆନ୍ତି। ହେଲେ ଏପରି ଅଭ୍ୟାସ ସଂପୃକ୍ତ ବ୍ୟକ୍ତିଙ୍କର ସକାରାତ୍ମକ ଚିନ୍ତାଧାରାକୁ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ କରିଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନପସନ୍ଦର ଗୀତ ଶୁଣନ୍ତି, ତେବେ ଏହାଦ୍ୱାରା ତାଙ୍କର କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ସେମାନେ ଏହି ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ତାଙ୍କ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।



“ କ୍ଷମତାକୁ ଆସିଲେ ଜିଏସ୍‌ଟି ପ୍ରତ୍ୟାହାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ବ୍ୟବସାୟୀଙ୍କୁ ବଳୀର ବୋଦା ବନାଯାଉଥିବାରୁ ଏହାକୁ ବିରୋଧ କରୁଛୁ।
– ପ୍ରଭୀନ ଖଣ୍ଡେଲୱାଲ, ସଭାପତି, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



“ ଘରୋଇ ବଜାରରେ ଅଭିବୃଦ୍ଧି ଲାଗି ବିତରଣ ବ୍ୟବସ୍ଥାର ଦୃଢୀକରଣ ଏବଂ ଉତ୍ପାଦର ନୂତନତ୍ୱ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।
– ମାଧଭନ ମେନନ, ଅଧ୍ୟକ୍ଷ, ଥୋମାସ କୁକ ଇଣ୍ଡିଆ



## ସଂକ୍ଷେପରେ

### ଛୁଟି ପାଳନ, ମହଙ୍ଗା ଟୁର୍ ଯିବାରେ ଭାରତୀୟ ସର୍ବାଗ୍ରେ

**ନୂଆଦିଲ୍ଲୀ,୨୪-୩:** ଛୁଟି ପାଳନ ଓ ମହଙ୍ଗା ଟୁର୍ ଯିବା କଥା ଉଠିଲେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିଛି। ଭାରତୀୟମାନେ ମହଙ୍ଗା ଟୁର୍ ଯିବାରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ, ତୁର୍କୀ, ଆମେରିକା ଓ ଚାଇନା ସମେତ ବିଶ୍ୱର ଅନ୍ୟ ଦେଶକୁ ପଛରେ ପକାଇ ଦେଇଛନ୍ତି। ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟ୍ୟୁରିଜମ୍ କାଉନସିଲ୍ (ଡବ୍ଲ୍ୟୁଟିଟିସି)ର ଇକୋନୋମିକ ଇମ୍ପାକ୍ଟ ୨୦୧୯ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ସୂଚନାଥାଉ କି, ଡବ୍ଲ୍ୟୁଟିଟିସି ଇକୋନୋମିକ ଇମ୍ପାକ୍ଟ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ରର ଗ୍ଲୋବାଲ ପ୍ରାଇଭେଟ ସେକ୍ଟରକୁ ପ୍ରତିନିଧିତ୍ୱ କରୁଛି। ଏହା ପ୍ରତ୍ୟେକ ଦେଶର ଟ୍ରାଭେଲ ଓ ଟ୍ୟୁରିଜମ୍ ଜିଡିପିରେ ଯୋଗଦାନ ସମ୍ପର୍କରେ ତର୍ଜମା କରିଥାଏ। ରିପୋର୍ଟରେ କୁହାଯାଇଛି ଯେ, ଭାରତ ଏ କ୍ଷେତ୍ରରେ ଜିଡିପିର ୯୪.୮ ପ୍ରତିଶତ ଖର୍ଚ୍ଚ କରିଛି। ସେହିପରି ଆମେରିକା ଓ ଚାଇନା ଟ୍ରାଭେଲ ଓ ଟ୍ୟୁରିଜମ୍‌ରେ କ୍ରମଶଃ ୭୧.୩% ଓ ୮୧.୪% ଖର୍ଚ୍ଚ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଭାରତ ପରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ ଓ ବ୍ରାଜିଲ ମହଙ୍ଗା ଟ୍ରିପ୍ ବାବଦରେ ଅଧିକ ଖର୍ଚ୍ଚ କରିଥାନ୍ତି। ତେବେ କାମ ଅଥବା ବ୍ୟବସାୟ ସଂକ୍ରାନ୍ତରେ ଭାରତୀୟମାନେ ୫% ଅଧିକ ଖର୍ଚ୍ଚ କରନ୍ତି। ୨୦୧୮ରେ ଭାରତ ୨୪୭.୩ ବିଲିୟନ ଟଙ୍କାର ମୋଟ ମୂଲ୍ୟ ସହ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ର ଦେଶର ଜିଡିପିରେ ୯.୨% ଯୋଗଦାନ ଦେଉଛି। ତେବେ ଘରୋଇ ଯାତ୍ରାରେ ୮୭% ମହଙ୍ଗା ଛୁଟି ଅତିବାହିତ କରାଯାଇଛି। ଅବଶିଷ୍ଟ ଅନ୍ତର୍ଜାତୀୟ କ୍ଷେତ୍ରରେ ହୋଇଛି। ଡବ୍ଲ୍ୟୁଟିଟିସି ଅଧ୍ୟକ୍ଷ ତଥା ସିଇଓ ଗ୍ଲୋରିୟା ଗ୍ୱେରା କହିଛନ୍ତି ଯେ, ଗତ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ଟ୍ରାଭେଲ ଓ ଟ୍ୟୁରିଜମ୍ ସେକ୍ଟରରେ ଅଭୁତପୂର୍ବ ଅଭିବୃଦ୍ଧି ଦେଖାଯାଇଛି।

### ଏଲ୍‌ଆଇସିର ନୂଆ ନବଜୀବନ ପ୍ଲାନ

**ମୁମ୍ବାଇ,୨୪-୩:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ନୂଆ ନବଜୀବନ ପ୍ଲାନର ଶୁଭାରମ୍ଭ ହୋଇଛି। ଏହା ଏକ ନନ୍ ଲିଙ୍କଡ, ପାର୍ଟିସିପେଣ୍ଟିଂ ଏଣ୍ଡାଓମେଣ୍ଟ ଲାଇଫ ଆସ୍ୟୁରାନ୍ସ ପ୍ଲାନ। ଏହା ଗ୍ରାହକଙ୍କୁ ଉଭୟ ସେଭିଂ ଏବଂ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରିମିୟମ ପ୍ରଦାନ କରିବା କ୍ଷେତ୍ରରେ ଗ୍ରାହକଙ୍କ ଲାଗି ବିକଳ୍ପ ରହିଛି। ୬୫ ବର୍ଷ ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିବିଶେଷ ଏହି ପ୍ଲାନ ନେଇ ପାରିବେ। ଏହାକୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ମୁଡରେ କ୍ରୟ କରାଯାଇ ପାରିବ।

### ଆମ୍‌ୱେର ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନ

**ଭୁବନେଶ୍ୱର,୨୪-୩:** ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏକ ସୁସ୍ଥକର ଜୀବନଶୈଳୀ ପାଇଁ ସନ୍ତୁଳିତ ପୋଷଣ ଗ୍ରହଣ କରିବାର ଲାଭକୁ ସମର୍ଥନ କରିବା ଏବଂ ପ୍ରଚାର କରିବା ପାଇଁ ଏହା ହାତକୁ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏହା ଠିକ୍ ଓ ପର୍ଯ୍ୟାପ୍ତ ପୋଷଣ ଉପରେ ପର୍ଯ୍ୟବସିତ। ପୋଷଣରେ ରହୁଥିବା ଅନ୍ତର ଦୂର କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଜୀବନଯାପନ ପାଇଁ ଲୋକଙ୍କୁ ସହାୟତା କରିବା ଦର୍ଶନ ଉପରେ ଏହି ଅଭିଯାନ ପର୍ଯ୍ୟବସିତ। ଏହି ଅବସରରେ କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ କହିଛନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ସୁସ୍ଥକର ଏବଂ ସନ୍ତୁଳିତ ଆହାର ଖାଇବା ଜରୁରୀ।

### ସାମ୍‌ସଙ୍ଗ୍‌ର ନୂଆ ସ୍ମାର୍ଟଫୋନ

**ଭୁବନେଶ୍ୱର,୨୪-୩:** ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗ୍ୟାଲେକ୍ସି ଏ-୧୦ ମୋବାଇଲ୍ ବଜାରକୁ ଆସିଛି। ଏହାର ବଜାର ଦର ୮୪୯୦ ଟଙ୍କା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ମାର୍ଟଫୋନ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ସ୍ମାର୍ଟଫୋନ୍‌ରେ ୬.୨ ଇଞ୍ଚ ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ଭି ଡିସପ୍ଲେ, ଏଫ-୨.୦ ଆପରେଚର ବିଶିଷ୍ଟ ୫ ଏମପି ସମ୍ମୁଖ କ୍ୟାମେରା, ଏଫ୍୧.୯ ଆପରେଚର ବିଶିଷ୍ଟ ୧୩ ଏମ୍‌ପି ପଛ କ୍ୟାମେରା, ୩,୪୦୦ ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଏଥିରେ ୨ ଜିବି ରାମ୍ ୩୨ ଜିବି ରାମ୍, ୫୧୨ ବର୍ଦ୍ଧିତ ମେମୋରୀ ଭଳି ବୈଶିଷ୍ଟ୍ୟ ରହିଛି।

■ ବକେୟା ବିଜୁଳି ବିଲ୍ ଦେଉନାହାନ୍ତି ରାଜ୍ୟ

# ଏନ୍‌ପିଏ ହୋଇପାରେ ୩ ଲକ୍ଷ କୋଟି

**ନୂଆଦିଲ୍ଲୀ,୨୪-୩**



ରାଜ୍ୟ ସରକାରଗୁଡ଼ିକ ବିଜୁଳି ବିଲ୍ ବାବଦରେ ବକେୟା ପ୍ରଦାନ କରୁ ନ ଥିବାରୁ ପ୍ରାୟ ଏକ ଡଜନ ବିଦ୍ୟୁତ ପ୍ରକଳ୍ପରେ ୩ ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଏବେ ସଙ୍କଟଗ୍ରସ୍ତ ହୋଇଛି। ଏହି ପରିମାଣ ଅର୍ଥ ଏବେ ଏନ୍‌ପିଏ ବା ଅନାଦାୟ ଋଣ ହେବାକୁ ବସିଛି, ଯାହା ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ ପାଇଁ ଶୁଭଙ୍କର ନୁହେଁ।

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ପ୍ରାପ୍ତି ପୋର୍ଟାଲରୁ ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଜିଏମ୍‌ଆର୍ ଓ ଆଦାନୀ ଗ୍ରୁପ୍ କମ୍ପାନୀ ବ୍ୟତୀତ ରାଷ୍ଟ୍ରାୟତ୍ତ ଏନ୍‌ଟିପିସି କମ୍ପାନୀ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଗୁଡ଼ିକଠାରୁ ବିଜୁଳି ବିଲ୍ ବାବଦରେ ପ୍ରାୟ ୪୧,୭୩୦ କୋଟି ଟଙ୍କା ପାଇବେ। ରାଜ୍ୟରେ ବିଦ୍ୟୁତ ବିତରଣ କରୁଥିବା କମ୍ପାନୀଗୁଡ଼ିକ ଏହି ବକେୟା କରିଛନ୍ତି। ଆଜି ସୁଦ୍ଧା ଏହା ବଢ଼ି ବଢ଼ି ପ୍ରାୟ ୬୦ ହଜାର କୋଟି ଟଙ୍କାରେ ପହଞ୍ଚି ସାରିଲାଣି। ତନ୍ମଧ୍ୟରୁ ଅର୍ଦ୍ଧେକ ଅର୍ଥ ଘରୋଇ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନେ ଅସୁଲ କରିବା ଅପେକ୍ଷାରେ ରହିଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶରେ ସର୍ବାଧିକ ୬,୪୯୭ କୋଟି ଟଙ୍କା ବକେୟା ପଡ଼ି ରହିଥିବା ବେଳେ ୬୧୭୯ କୋଟି ଟଙ୍କା ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତାମିଲନାଡୁ, କର୍ନାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଞ୍ଜାବ ବକେୟା ବିଜୁଳି ବିଲ୍ ବୃଦ୍ଧି କରିବାରୁ ପରିସ୍ଥିତି ଜଟିଳ ହୋଇଛି। ପ୍ରାପ୍ତି ପୋର୍ଟାଲ ଅନୁଯାୟୀ, ଉତ୍ତର ପ୍ରଦେଶ ନିଜର ବକେୟା ପରିଶୋଧ କରିବା ଲାଗି ୫୪୪ ଦିନ ସମୟ ନେଉଥିବା ବେଳେ ମହାରାଷ୍ଟ୍ର ଏଥିପାଇଁ ୫୮୦ ଦିନ ସମୟ ନେଇଥାଏ। ଦେଶର ସବୁଠାରୁ ଅଧିକ ଔଦ୍ୟୋଗିକ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ର ଓ ତାମିଲନାଡୁ ମୋଟ ବକେୟାର ୮୦ ପ୍ରତିଶତ ଦେଇନାହାନ୍ତି। ସେମାନେ ଅଧିକ ବିଜୁଳି ବ୍ୟୟ କରିଥାନ୍ତି। ଶୀର୍ଷ ୧୦ ରାଜ୍ୟ ବକେୟା ବିଜୁଳି ବିଲ୍ ପ୍ରଦାନ କରିବାକୁ ହାରାହାରି ୫୬୨ ଦିନ ସମୟ ନେଉଛନ୍ତି। ବିଳମ୍ବରେ ବିଦ୍ୟୁତ ଦେୟ ମିଳୁଥିବାରୁ ଘରୋଇ ବିଜୁଳି ଉତ୍ପାଦକଙ୍କ ପାଇଁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି। ଅର୍ଥର ଅଭାବ କାରଣରୁ ଉତ୍ପାଦନ ଉପରେ ସଙ୍କଟ ସୃଷ୍ଟି ହେଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବଜାଜ୍ ଗ୍ରୁପ୍ ଅଧୀନ ଲଳିତପୁଟ ପାୱାର ଜେନେରେଶନ କମ୍ପାନୀ ଉତ୍ତର ପ୍ରଦେଶର ବିଦ୍ୟୁତ୍ ବିତରଣକାରୀ କମ୍ପାନୀଙ୍କଠାରୁ ବକେୟା ବାବଦରେ ୨୧୮୫ କୋଟି ଟଙ୍କା ନ ପାଇବାରୁ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ବେତନ ଦେଇପାରୁ ନାହିଁ। ଖାଲି ଏତିକି ନୁହେଁ ଅର୍ଥର ଅଭାବ କାରଣରୁ ଏହା ଆବଶ୍ୟକ କୋଇଲା ଗଚ୍ଛିତ ରଖିବାରେ ମଧ୍ୟ ବିଫଳ ହୋଇଛି। ୪୧,୭୩୦ କୋଟି ଟଙ୍କାର ବକେୟା ବିଜୁଳି ବିଲ୍ ମଧ୍ୟରେ ଆଦାନି ଗ୍ରୁପ୍ ୭୪୩୩.୪୭ କୋଟି ଟଙ୍କା, ଜିଏମ୍‌ଆର ଗ୍ରୁପ୍ ୧୭୮୮.୧୮ କୋଟି ଟଙ୍କା ରହିଛି। ସେହିପରି ସେମ୍ବକର୍ପ ୧୪୯୭.୦୭ କୋଟି ଟଙ୍କା, ଏନ୍‌ଟିପିସି ୧୭,୧୮୭ କୋଟି ଟଙ୍କା ବକେୟା ବାବଦରେ ପାଇବ।

■ ସଙ୍କଟରେ ୧୨ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ନିବେଶ
■ ରାଜ୍ୟଗୁଡ଼ିକ ଉପରେ ଶକ୍ତି କମ୍ପାନୀଗୁଡ଼ିକର ୪୧,୭୩୦ କୋଟି ବକେୟା
■ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବକେୟା ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ

# ଏସ୍‌ବିଆଇ ନ୍ୟୁମେରୋ ୟୋନୋର ବିଜେତା ପୁରସ୍କୃତ




**ମୁମ୍ବାଇ,୨୪-୩**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର କ୍ୱିଜ ପ୍ରତିଯୋଗିତା ‘ନ୍ୟୁମେରୋ ୟୁନୋ ୨୦୧୯’ର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଚୂଡାନ୍ତ ପର୍ଯ୍ୟାୟରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଦଳ ଜାତୀୟ ସ୍ତରର ବିଜେତା ହେବା ସହ ୫.୭୬ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ବିଜେତା ଦଳକୁ ପୁରସ୍କୃତ କରିଛନ୍ତି। ଏଥିରେ କିଟ୍ ଭୁବନେଶ୍ୱର ଦଳ ପୂର୍ବ ଜୋନର ବିଜେତା ହେବା ସହ ଫାଇନାଲରେ ତୃତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇ ପାରିଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ପୂର୍ବ ଜୋନର ବିଜେତା ସଦସ୍ୟଙ୍କୁ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ୧୭ଟି ସ୍ଥାନରେ ଥିବା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଏଭଳି କ୍ୱିଜ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫୪ ଦଳ ମଧ୍ୟରୁ କିଟ୍ ଭୁବନେଶ୍ୱର ଦଳ ଚୂଡାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ସହ ମୁମ୍ବାଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା।

# ବ୍ରାଜିଲ, ମେକ୍ସିକୋରୁ ତେଲ ଆମଦାନୀ ବଢ଼ାଇବ ଭାରତ

**ନୂଆଦିଲ୍ଲୀ,୨୪-୩**

ଆମେରିକା କଟକଣା ଯୋଗୁ ଭେନେଜୁଏଲାରୁ ଭାରତ ଅଶୋଧିତ ତୈଳ ଆମଦାନୀ କରିପାରୁନି। ବ୍ରାଜିଲ ଓ ମେକ୍ସିକୋରୁ ଅଧିକ ତୈଳ ଆମଦାନୀ କରି ଭାରତ ଏହାର ଭରଣା କରିବାକୁ ଚାହୁଁଛି। ସୂଚନାଥାଉ କି, ସୌଦି ଆରବ, ଇରାକ ଓ ଇରାନ ପରେ ଭେନେଜୁଏଲା ଚତୁର୍ଥ ରାଷ୍ଟ୍ର ଭାବେ ଭାରତକୁ ଅଶୋଧିତ ତେଲ ଯୋଗାଇଥାଏ। ୨୦୧୭-୧୮ରେ ଘରୋଇ ଚାହିଦାର ୧୧% ଅର୍ଥାତ୍ ୧୮ ମିଲିୟନ ଟନ ତେଲ ଭେନେଜୁଏଲା ଯୋଗାଇଥାଏ। ତେବେ ଭେନେଜୁଏଲା ଉପରେ ଆମେରିକା କଟକଣା ଲାଗୁ ହେବା ଯୋଗୁ ଭାରତକୁ ବିକଳ୍ପ ସନ୍ଧାନ କରିବାକୁ ପଡୁଛି। କୂଟନୈତିକ ସୂତ୍ରରୁ ପ୍ରକାଶ ଯେ, ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏବେ ବ୍ରାଜିଲ ଓ ମେକ୍ସିକୋ ଭାରତକୁ ଅଧିକ ଅଶୋଧିତ ତେଲ ବିକିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତ ଏହାର ତର୍ଜମା ଆରମ୍ଭ କରିଦେଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ତୈଳ ବିତରଣକାରୀ କମ୍ପାନୀଙ୍କ ମତାମତ ନେବା ପରେ ଭାରତ ଏ ସମ୍ପର୍କରେ ନିଷ୍ପତ୍ତି ନେବ। ଉଲ୍ଲେଖ କରାଯାଇପାରେ ଯେ, ବ୍ରାଜିଲ ଓ ମେକ୍ସିକୋରୁ ଭାରତ ପୂର୍ବରୁ ଅଶୋଧିତ ତେଲ ଆମଦାନୀ କରୁଛି। ତେବେ ୨୦୧୩ରୁ ଏହା ଧୀରେ ଧୀରେ ହ୍ରାସ ପାଇଛି।

## ସୁନା ଆମଦାନୀ ୫.୫% ହ୍ରାସ

**ନୂଆଦିଲ୍ଲୀ,୨୪-୩:** ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଦେଶରେ ସୁନା ଆମଦାନୀ ୫.୫% ହ୍ରାସ ପାଇ ୨୯.୫ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୭-୧୮ର ସମାନ ଅବଧିରେ ସୁନା ଆମଦାନୀ ୩୧.୨ ବିଲିୟନ ଡଲାର ଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଶ୍ୱ ବଜାରରେ ସୁନା ମୂଲ୍ୟ ହ୍ରାସ ପାଇବା କାରଣରୁ ଆମଦାନୀ କମିଛି। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର, ନଭେମ୍ବର ଓ




ଡିସେମ୍ବରରେ କ୍ରମାଗତ ୩ ମାସ ଧରି ସୁନାର ଆମଦାନୀ କମିଛି। ଚଳିତ ବର୍ଷ ଜାନୁୟାରୀରେ ଏହା ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଫେବୃୟାରୀରେ ଏହା ୧୦.୮ ପ୍ରତିଶତ ବୃଦ୍ଧି ପାଇ ୨.୫୮ ବିଲିୟନ ଡଲାର ହୋଇଛି। ସୂଚନାଥାଉ କି, ଦେଶର ଗହଣା ଶିଳ୍ପରେ ସୁନାର ଚାହିଦା ବଢୁଥିବାରୁ ଏହି ମୂଲ୍ୟବାନ ଧାତୁ ଆମଦାନୀ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ ଗତ ୧୧ ମାସରେ ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନି ୬.୩% ହ୍ରାସ ପାଇ ୨୮.୫ ବିଲିୟନ ଡଲାର ହୋଇଛି।

# ହ୍ୟୁଣ୍ଡାଇର ମେଗା ଏକ୍ସପେରିଏନ୍ସ କ୍ୟାମ୍ପ

**ନୂଆଦିଲ୍ଲୀ,୨୪-୩**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମେଗା ଏକ୍ସପେରିଏନ୍ସ ହ୍ୟୁଣ୍ଡାଇ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ନୂଆ କାର କିମ୍ବା ଗ୍ରାହକଙ୍କ ନିକଟରେ ଥିବା କାରର ବିଭିନ୍ନ ସର୍ଭିସ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଏହା ଦେଶର ୩୪୩ ସହରର ୫୭୪ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହା ଦ୍ୱାରା ଗ୍ରାହକମାନେ ସେମାନଙ୍କ ନିକଟବର୍ତ୍ତି ସ୍ଥାନଗୁଡ଼ିକରେ ଯାନର ପର୍ସନାଲାଇଜଡ କେୟାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ସେହିଭଳି ବ୍ରାଣ୍ଡ ପ୍ରତି ଗ୍ରାହକଙ୍କର ବିଶ୍ୱାସକୁ ଆହୁରି ଦୃଢ କରିବା ଦିଗରେ ପଦକ୍ଷେପ ଜାରି ରହିଥିବା ସେ କହିଛନ୍ତି। ଯାନର ନିୟମିତ ସର୍ଭିସ ଉପରେ ଏଠାରେ ଗ୍ରାହକଙ୍କୁ ବିଭିନ୍ନ ସୂଚନା ଦିଆଯାଇଥିଲା।

# ବିଏସ୍‌ଏନ୍‌ଏଲ୍‌ର ବିଦ୍ୟୁତ୍ ସଂଯୋଗ କାଟନି

**ନୂଆଦିଲ୍ଲୀ,୨୪-୩**

**ରାଜ୍ୟ ସରକାରଙ୍କୁ ଡିଓଟିର ଅନୁରୋଧ**

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ବିଦ୍ୟୁତ ସଂଯୋଗ ନ କାଟିବାକୁ ଟେଲିକମ ବିଭାଗ (ଡିଓଟି) ପକ୍ଷରୁ ରାଜ୍ୟ ସରକାରଗୁଡ଼ିକୁ ଅନୁରୋଧ କରାଯାଇଛି। ବିଭାଗର ଅନୁରୋଧ ସଂକ୍ରାନ୍ତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି। ଏହି ଦୁଇଟି କମ୍ପାନୀ ବିଲ୍ ବାବଦରେ ବକେୟା ପୈଠ କରୁ ନ ଥିବାରୁ ବିଦ୍ୟୁତ ସଂଯୋଗ କାଟି ଦେବାକୁ ଚେତାବନୀ ଦିଆଯାଇଛି। ମୁଖ୍ୟ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦେଶରେ ଏବେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲର ବିଦ୍ୟୁତ ସଂଯୋଗ କାଟିବା ଯଥାର୍ଥ ହେବନାହିଁ। ବିଏସ୍‌ଏନ୍‌ଏଲ୍ ଇତିମଧ୍ୟରେ ୯୦ ପ୍ରତିଶତ ବକେୟା ବିଲ୍ ଦେଇସାରିଛି। ଅବଶିଷ୍ଟ ୧୦% ଆସନ୍ତା ୧୦ରୁ ୧୫ ଦିନ ଭିତରେ ପୈଠ କରିବ। ଟେଲିକମ କ୍ଷେତ୍ରରେ ପ୍ରବଳ ପ୍ରତିଯୋଗିତା କାରଣରୁ ବିଏସ୍‌ଏନ୍‌ଏଲ୍ ଏବେ ଆର୍ଥିକ ସଙ୍କଟର ସାମ୍ନା କରୁଛି। ଏଣୁ ବିଜୁଳି ବିଲ୍ ପୈଠ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ଏବେ ନିର୍ବାଚନ ପ୍ରକ୍ରିୟାରେ ଟେଲିକମ ସେବା ଯୋଗାଉଛି। ବିଦ୍ୟୁତ ସଂଯୋଗ କାଟି ଦେବା ଦ୍ୱାରା ପ୍ରକ୍ରିୟାରେ ବାଧା ଉପୁଜିବ। ସୂଚନାଥାଉ କି, କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପରେ ବିଏସ୍‌ଏନ୍‌ଏଲ ଓ ଏମ୍‌ଟିଏନ୍‌ଏଲ୍ କର୍ମଚାରୀଙ୍କୁ ଫେବୃୟାରୀ ଦରମା ଦିଆଯାଇପାରିଥିଲା।

# ଅଧିକ କ୍ଷମତା ଚାହୁଁଛି ସେବି

**ମୁମ୍ବାଇ,୨୪-୩**

**ତାଲିକାଭୁକ୍ତ କମ୍ପାନୀଙ୍କ ଯାଞ୍ଚ**

ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ଆର୍ଥିକ ଠକେଇ ରୋକିବା ଲାଗି କେନ୍ଦ୍ର ସରକାରଙ୍କଠାରୁ ଅଧିକ କ୍ଷମତା ଚାହୁଁଛି। ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଗଭୀର ଯାଞ୍ଚ ପାଇଁ ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେବି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆର୍ଥିକ ଅନୀୟମିତତାରେ ଲିପ୍ତ ଥିବା କମ୍ପାନୀ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ମିଳୁ ବୋଲି ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ରେକର୍ଡ ଓ ଦସ୍ତାବିଜରେ ହେରଫେର କରାଯାଇଥିଲେ ସମ୍ପୃକ୍ତ କମ୍ପାନୀଠାରୁ ବଡ଼ ଧରଣର ଜରିମାନା ଆଦାୟ ପାଇଁ କ୍ଷମତା ମିଳିବା ଆବଶ୍ୟକ ବୋଲି ସେବି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଆର୍ଥିକ ଅନୀୟମିତତା, ଅନୁଚିତ ବାଣିଜ୍ୟ ବ୍ୟବହାର ସମ୍ବନ୍ଧିତ ବ୍ୟବସ୍ଥାର ଉଲ୍ଲଂଘନ କ୍ଷେତ୍ରରେ ସେବିକୁ ଯାଞ୍ଚ କରିବାର ଅଧିକାର ମିଳିଛି। ନିଜର ଏହି ଅଧିକାରକୁ ଆହୁରି ବ୍ୟାପକ କରି ଯେକୌଣସି ପ୍ରତିଭୂତି ଆଇନ ଉଲ୍ଲଂଘନ କ୍ଷେତ୍ରରେ ତାଲିକାଭୁକ୍ତ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରିବାର ଅଧିକାର ଚାହୁଁଛି ସେବି।

■ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା

# ଏପ୍ରିଲ ସୁଦ୍ଧା ୧ କୋଟି ପଞ୍ଜୀକରଣ ସମ୍ଭାବନା

**ନୂଆଦିଲ୍ଲୀ,୨୪-୩**

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଏପ୍ରିଲ ସୁଦ୍ଧା ୧ କୋଟି ଶ୍ରମିକ ପଞ୍ଜୀକରଣ କରିସାରିଥିବେ ବୋଲି କେନ୍ଦ୍ର ସରକାର ଅନୁମାନ କରୁଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ପେନସନ ଦେବାର ବ୍ୟବସ୍ଥା ରହିଛି। ଗତ ମାସରେ ଏହି ଯୋଜନା ଆରମ୍ଭ କରାଯାଇଛି। ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ତ୍ୟାଗୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୨୫.୩୬ ଲକ୍ଷ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇସାରିଛି। ଦୈନିକ ପ୍ରାୟ ୧ ଲକ୍ଷ ଲୋକ ପଞ୍ଜୀକରଣ କରୁଛନ୍ତି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦ୍ୱାରା ପଞ୍ଜୀକରଣ ହାର ଦିନକୁ ଦିନ ବଢ଼ିବ ବୋଲି ଆଶାକରାଯାଉଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ୫ କୋଟି ଓ ଆସନ୍ତା ୫ ବର୍ଷରେ ୧୦ କୋଟି ପଞ୍ଜୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି।



# ବେଆଇନ ଅର୍ଥ କାରବାର ଉପରେ ନଜର

**ନୂଆଦିଲ୍ଲୀ,୨୪-୩**



**ସାଧାରଣ ନିର୍ବାଚନ ୨୦୧୯**
■ ସତର୍କ ରହିବାକୁ ଫିଲ୍ଡ ଅଧିକାରୀଙ୍କୁ ସିବିଆଇସିଙ୍କ ନିର୍ଦ୍ଦେଶ
■ ମୋବାଇଲ ସ୍କ୍ୱାଡ୍, ସ୍ୱତନ୍ତ୍ର ଟିମ୍ ଗଠନ

ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୧ରୁ ଆରମ୍ଭ ହେଉଛି। ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାର, ମଦ ଏବଂ ସୁନା ବ୍ୟବହାର ଉପରେ ରୋକ ଲଗାଇବା ଲାଗି ପଦକ୍ଷେପ ନିଆଯାଇଛି। ପରୋକ୍ଷ ଟିକସର ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏହାର ଫିଲ୍ଡ ଅଧିକାରୀଙ୍କୁ ଏଭଳି ପ୍ରସଙ୍ଗ ଉପରେ ନଜର ରଖିବାକୁ କହିଛି। ବିଭିନ୍ନ ଗୋଇନ୍ଦା ତଥ୍ୟ ଏବଂ ଜବତ ହୋଇଥିବା ସାମଗ୍ରୀ କିମ୍ବା ଅର୍ଥର ତଥ୍ୟ ଠିକ୍ ସମୟରେ ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ପ୍ରଦାନ କରିବା ଉପରେ ସିବିଆଇସି ଗୁରୁତ୍ୱାରୋପ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ତୁରନ୍ତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସିବିଆଇସି ପଦକ୍ଷେପ ନେଉଥିବା କହିଛି। ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ଏହା ମେ ମାସ ୧୯ ଯାଏ ଚାଲିବ। ସେହିଭଳି ମେ ୨୩ରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ।

ସିବିଆଇସି ଏହି ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ନିର୍ବାଚନ କମିଶନ ଚଳିତ ମାସ ବିଭିନ୍ନ ବିଭାଗଗୁଡ଼ିକର ଏକ ବୈଠକ ଡାକିଥିଲେ। ନିର୍ବାଚନ ସମୟରେ ହେଉଥିବା ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଏହାକୁ ରୋକିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ବେଆଇନ ଟଙ୍କା ଚାଲାଣକୁ ଠାବ କରିବା, ଜବତ କରିବା, ମଦ, ସୁନା, ଜାଲ ନୋଟ ଭଳି ଅନ୍ୟ ବେଆଇନ ସାମଗ୍ରୀ ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଲୋଚନା ହୋଇଥିଲା। ଦେଶ ମଧ୍ୟରେ ତଥା ସୀମାନ୍ତ ଅଞ୍ଚଳରେ ଯାନ, ଟ୍ରେନ, ବ୍ୟକ୍ତିଗତ ଚାର୍ଟେଡ ଫ୍ଲାଇଟ ଏବଂ କମର୍ସିଆଲ ଫ୍ଲାଇଟଗୁଡ଼ିକ ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି। ଏ ନେଇ ଏକ ଭିଜିଲାନ୍ସ ମେକାନିଜମ ଗଠନ ନେଇ ପରାମର୍ଶ ରହିଛି। ସେହିଭଳି ମୋବାଇଲ ସ୍କ୍ୱାର୍ଡ ଏବଂ ସ୍ୱତନ୍ତ୍ର ଟିମ ଗଠନ ଦ୍ୱାରା କାର୍ଯ୍ୟକ୍ରମକୁ ରୂପରେଖ ଦିଆଯିବାକୁ ଯୋଜନା ରହିଛି।

ଧରିତ୍ରୀ
DHARITRI
ସୋମବାର, ୨୫ ମାର୍ଚ୍ଚ, ୨୦୧୯





"ମୋତେ କ୍ରିସ୍ ଗେଲ୍‌ଙ୍କ ସହିତ ତୁଳନା କରା ନ ଯାଉ କ୍ରିକେଟରେ ମୁଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହେଁ ।
–ନିକୋଲାସ ପୁରନ, ୱେଷ୍ଟଇଣ୍ଡିଜ ଖେଳାଳି



"ଷ୍ଟିଭ୍ ସ୍ମିଥ୍ ଜଣେ କ୍ୱାଲିଟି ଖେଳାଳି ହୋଇପାରନ୍ତି, ମାତ୍ର ତାଙ୍କ ପାଇଁ ସଫଳ ପ୍ରତ୍ୟାବର୍ତ୍ତନ ସହଜ ହୋଇ ନ ପାରେ ।
–ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ

## ସଂକ୍ଷେପରେ

### ସ୍ୱତନ୍ତ୍ର କ୍ଲବରେ ସିଏସ୍‌କେ

**ଚେନ୍ନାଇ,୨୪।୩(ପିଟି):** ବିଶ୍ୱର ସମସ୍ତ ଟି୨୦ ଦଳ ଚୂଡ଼ାନ୍ତ ଏକାଦଶରେ ଅଧିକରୁ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ଖେଳୁଥିବାବେଳେ ଡିଫେଣ୍ଡିଂ ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମାତ୍ର ୩ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛି। ଆଇପିଏଲର ନିୟମ ଅନୁଯାୟୀ ଚୂଡ଼ାନ୍ତ ଏକାଦଶରେ ୪ ଜଣ ବିଦେଶୀଙ୍କୁ ସ୍ଥାନ ମିଳିପାରିବ। ଫାଫ ଡୁପ୍ଲେସି ଓ ଡେଭିଡ ୱିଲିଙ୍କ ଭଳି ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ମହେନ୍ଦ୍ର ସିଂ ଧୋନୀ ୩ ଜଣ ବିଦେଶୀ ଖେଳାଳିଙ୍କ ସହ ଖେଳିବାକୁ ନିଷ୍ପତ୍ତି କରିଥିଲେ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ ସାବ୍ୟସ୍ତ ହୋଇଥିଲା। ୩ ବିଦେଶୀ ଖେଳାଳି ସହ ସିଏସ୍‌କେ ଦଳ ବିଜୟ ହାସଲ କରି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛି। ଲିଗ୍ ଇତିହାସରେ ଏପର୍ଯ୍ୟନ୍ତ ୧୬ ଥର ବିଭିନ୍ନ ଦଳ ୩ ଜଣ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛନ୍ତି। ହେଲେ ମାତ୍ର ୭ଟି ଦଳ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଅନ୍ତିମ ଦଳ ଭାବେ ସିଏସ୍‌କେ ଏହି ସଫଳତା ପାଇଛି। ଏଥିପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ (୨୦୧୦), କୋଲକାତା ନାଇଟ୍ ରାଇଡର୍ସ (୨୦୧୧), ଗୁଜରାଟ ଲାୟନ୍ସ (୨୦୧୭), ଦିଲ୍ଲୀ ଡେୟାରଡେଭିଲ୍ସ (୨୦୧୭), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗଲୋର (୨୦୧୭) ଓ ଦିଲ୍ଲୀ ଡେୟାରଡେଭିଲ୍ସ(୨୦୧୮) ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଥିଲେ।

### ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥଗିତ

**କଟକ ଅଫିସ, ୨୪।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଏପ୍ରିଲ ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖାଯାଇଛି । ନିର୍ବାଚନ ସମୟ ଯୋଗୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଉପୁଜିବ ବୋଲି ବିଚାର କରି ଓସିଏ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

### ଟେନିସ ବଲ୍ କ୍ରିକେଟ: ଫେଡେରେଶନ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର,୨୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଆସନ୍ତା ୨୭ରୁ ୨୯ ତାରିଖ ମଧ୍ୟରେ ୩ ଦିନ ଧରି ୨୯ତମ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଟେନିସ ବଲ୍ କ୍ରିକେଟ ସଂଘ ପକ୍ଷରୁ ରବିବାର ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଚକ୍ରଧର ମାଝିଙ୍କୁ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ଶିଥିଲ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଦଳ ୨୬ ତାରିଖରେ ପ୍ରୟାଗରାଜ ଯାତ୍ରା କରିବ। ଓଡ଼ିଶା ଦଳ: ଶେଖ୍ ଘୋଷ (ଅଧିନାୟକ), ଅନିଲ ପାତ୍ର, ଦୀପ୍ ସୁନା ଖୁରା, ରାକେଶ କୁମାର ମେହର, ସଞ୍ଜୟ କୁମାର ପାତ୍ର, ସୁନୀଲ କୁମାର ଯାଦବ, ଜିସତିଶ, ଚନ୍ଦନ କୁମାର ରାଉତ, ରୋହିତ କୁମାର ମହନ୍ତ, ଦିବ୍ୟପ୍ରକାଶ ସାହୁ, ବିଶ୍ୱଜିତ୍ ପ୍ରଧାନ, ସିବନ ବେହେରା, ଯୋଗେନ୍ଦ୍ର ଦାସ ଓ ସିଲନ କୁମାର ନାୟକ।

### ଭାରତୀୟ ସଟ୍‌ଲର ବିପଦପୂର୍ଣ୍ଣ ପ୍ରତିପକ୍ଷ

**ନୂଆଦିଲ୍ଲୀ, ୨୪।୩(ପି.ଟି.):** ଦ୍ୱିତୀୟଥର ଲାଗି ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ପ୍ରାକ୍ତନ ବିଶ୍ୱ ଚାମ୍ପିୟନ ଭିକ୍ଟର ଆକ୍ସେଲସେନ ଭାରତୀୟ ସଟ୍‌ଲରଙ୍କ ତାରିଫ୍ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କ ସହ ଖେଳିଲାବେଳେ ମ୍ୟାଚ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ବିପଦପୂର୍ଣ୍ଣ ରହିଥାଏ ବୋଲି ସେ କହିଛନ୍ତି। 'ଗତ ଅଲ୍‌ଇଂଲଣ୍ଡ ପ୍ରତିଯୋଗିତାରେ ମୁଁ ସମୀରଙ୍କ ବିପକ୍ଷରେ ଖେଳିଥିଲି। ଏହା ଏକ କଷ୍ଟସାଧ ମ୍ୟାଚ୍ ଥିଲା। ଭାରତୀୟ ସଟ୍‌ଲରଙ୍କୁ ସାମ୍ନା କରିବା ସର୍ବଦା ବିପଦପୂର୍ଣ୍ଣ ରହିଥାଏ' ବୋଲି ଭିକ୍ଟର ଇଣ୍ଡିଆ ଓପନ୍ ପୂର୍ବରୁ ପ୍ରକାଶ କରିଛନ୍ତି। ଡେନମାର୍କ ତାରକା ଆକ୍ସେଲସେନ ଚଳିତ ମାସରେ ଅନୁଷ୍ଠିତ ଅଲ୍‌ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଆଗାମୀ ଇଣ୍ଡିଆ ଓପନ୍‌ରେ ତାଙ୍କୁ ଟାଇଟଲ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ସେ ଏଠାରେ ୨୦୧୭ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୫ ଓ ୨୦୧୬ରେ ରନର୍ସଅପ୍ ହୋଇଥିଲେ।

# ଭାରତ- କୋରିଆ ମ୍ୟାଚ୍ ଡ୍ର

## ଆଜଲାନ ଶାହ କପ୍ ହକି

ଇପୋ(ମାଲେସିଆ),୨୪।୩ (ପି.ଟି.)

ଭାରତୀୟ ହକି ଦଳର ପୁରୁଣା ତଥା ଚିରାଚରିତ ସମସ୍ୟାର ପୁନରାବୃତ୍ତି ହୋଇଛି। ଶେଷ ମିନିଟରେ ଗୋଲ ବରଣ କରି ଭାରତ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟ ହାସଲରୁ ବଞ୍ଚିତ ହୋଇଛି। ଏଠାରେ ଚାଲିଥିବା ଆଜଲାନ ଶାହା କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ରବିବାର ଖେଳାଯାଇଥିବା କୋରିଆ ବିପକ୍ଷ ମ୍ୟାଚ୍‌ରେ ଶେଷ ମିନିଟରେ ଗୋଲ ବରଣ କରି ବିଜୟ ହାତଛଡ଼ା କରିଛି। ଏହି ମ୍ୟାଚ୍ ଶେଷରେ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଶନିବାର ୨-୦ ଗୋଲରେ ଜାପାନକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା।

କୋରିଆ ବିପକ୍ଷରେ ମନଦୀପ ସିଂ ୨୮ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତୀୟ ଡିଫେନ୍ସରେ କେତୋଟି ତ୍ରୁଟି ଦେଖିବାକୁ ମିଳିଥିଲା। ଭାରତୀୟ ଡିଫେନ୍ସ ଦୁର୍ବଳତାର ଫାଇଦା ଉଠାଇ ଜାପାନର ଜୋନଘିୟୁନ ଜାଙ୍ଗ୍ ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ୨୨ ସେକେଣ୍ଡ ବାକିଥିବା ବେଳେ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଶେଷରେ ଡ୍ର ରହିଥିଲା। ଜବରଦସ୍ତ ବର୍ଷା ହେବା କାରଣରୁ ଚତୁର୍ଥ କ୍ୱାର୍ଟରରେ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ସେତେବେଳକୁ ମ୍ୟାଚ୍ ଆଉ ୮ ମିନିଟ ବାକିଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମିଡ ଫିଲ୍ଡର ବିବେକ ସାଗର ପ୍ରସାଦ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କୋରିଆ ଡିଫେଣ୍ଡର ଏହାକୁ ପ୍ରତିହତ କରିଥିଲେ। କୋରିଆ ଖେଳାଳିମାନେ ଭାରତୀୟ ସର୍କଲରେ ପ୍ରବେଶ କରି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଡିଫେଣ୍ଡର ସୁରେନ୍ଦ୍ର କୁମାର ସେମାନଙ୍କୁ ଅଟକାଇଥିଲେ। ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ଦେବାରେ ସଫଳ ହୋଇ ନ ଥିଲ। ଦଶମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇ ପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ନର ପାଇଥିଲା। ତେବେ କୋରିଆ ଗୋଲକିପର ଏହାକୁ ପଣ୍ଡ କରିବାରେ ସମର୍ଥ ହୋଇଥିଲେ। ଗ୍ରୀନ୍ କାର୍ଡ କାରଣରୁ କୋରିଆ ୩ଜଣ ଖେଳାଳିଙ୍କୁ ହରାଇଥିଲା ଓ ଦଳର ଖେଳାଳି ସଂଖ୍ୟା ୮କୁ କମିଥିଲା। ଏହାର ଫାଇଦା ଉଠାଇ ମନଦୀପ ୨୮ତମ ମିନିଟରେ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ କୋରିଆ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ତେବେ ଅମିତ ରୋହିଦାସ ଏହାକୁ ପଣ୍ଡ କରିଥିଲେ। ବର୍ଷା ପରେ କୋରିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ମ୍ୟାଚ୍ ଆଉ ୫୩ ସେକେଣ୍ଡ ବାକିଥିବା ବେଳେ କୋରିଆ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ଏହାକୁ ଅଟକାଇଥିଲେ। ରେଫରାଲ ନେବା ପରେ କୋରିଆ ଆଉ ଏକ ପେନାଲ୍ଟି କର୍ନର ହାସଲ କରିଥିଲା ଓ ଏହାକୁ ଜାଙ୍ଗ୍ ଗୋଲରେ ପରିଣତ କରି ମ୍ୟାଚ ଅମୀମାଂସିତ ରଖିଥିଲେ। ଗୋଟିଏ ଦିନର ବିଶ୍ରାମ ପରେ ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ମାଲେସିଆକୁ ଭେଟିବ।



ଭାରତ ପକ୍ଷରୁ ଏକମାତ୍ର ଗୋଲ କରିଥିବା ମନଦୀପ ସିଂ ।

## ବ୍ରାଜିଲ ବିପକ୍ଷରେ ଡ୍ର' ରଖିଲା ପାନାମା

ପୋର୍ଟୋ (ପର୍ତ୍ତୁଗାଲ) ୨୪।୩(ଏଏଫ୍‌ପି)

ସ୍ଥାନୀୟ ଡ୍ରାଗାଓ ଷ୍ଟାଡିୟମଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୭୬ତମ ସ୍ଥାନରେ ପାନାମା ୫ଥର ବିଶ୍ୱ ଚାମ୍ପିୟନ ବ୍ରାଜିଲ ବିପକ୍ଷରେ ମ୍ୟାଚ୍ ଡ୍ର' ରଖିବାରେ ସଫଳ ହୋଇଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରେ ଦୁଇଟିଯାକ ଗୋଲ ଦେଖିବାକୁ ମିଳିଥିଲା। ପ୍ରଥମେ ଏସି ମିଲାନ ତାରକା ଲୁକାସ ପାକ୍ୟୁଏଟ୍‌ଙ୍କ ଗୋଲ ବଳରେ ବ୍ରାଜିଲ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଲୁକାସଙ୍କ ଏହା ପ୍ରଥମ ଅନ୍ତର୍ଜାତୀୟ ଗୋଲ ଥିଲା। ଏହାର ୪ ମିନିଟ୍ ପରେ ପାନାମା ଅଧିନାୟକ ଆଡୋଲଫ୍ ମାଚାଡୋ ଏକ ଗୋଲ କରି ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ପାଦରେ ଆଘାତଜନିତ ସମସ୍ୟାରୁ ସୁସ୍ଥ ହୋଇଥିବା ଷ୍ଟାର୍ ଫରୱାର୍ଡ ନେମାର ଏହି ମ୍ୟାଚ୍‌ରେ ଖେଳୁ ନ ଥିଲେ।

# ଅନିଲଙ୍କ ଶତକ: ଜୁଭେନାଇଲ ଚାମ୍ପିୟନ



ଚାମ୍ପିୟନ ଜୁଭେନାଇଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଅନିଲ ପରିଡ଼ାଙ୍କ ଅପରାଜିତ ଶତକ ସହାୟତାରେ କଟକର ଜୁଭେନାଇଲ କ୍ଲବ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଜୁଭେନାଇଲ ୨ ଉଇକେଟରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ଜୁଭେନାଇଲ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପ୍ରକାଶ କୁମାର ବାରିକଙ୍କ ଦ୍ରୁତ ୬୨(୪୯ ବଲ) ଓ ମନଜିତ ମହାନ୍ତିଙ୍କ ୩୫ ରନ ବଳରେ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୨୦ ରନ କରିଥିଲା। ପ୍ରତିପକ୍ଷ ଦଳର ପଙ୍କଜ ସେନାପତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ ୩୯.୪ ଓଭରରେ ୮ ଉଇକେଟ ହରାଇ ୨୨୨ ରନ କରି ମ୍ୟାଚ ଜିତିଥିଲା। ଦଳ ପକ୍ଷରୁ ଅନିଲ ପରିଡ଼ା ୧୦୮ ବଲ୍‌ରୁ ୧୨୧ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଜାଭେଦ ଖାଁ ଦ୍ୱିତୀୟ ସର୍ବାଧିକ ୨୬ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ତୋଫାନ ଗୌଡ଼ା ୨୭ ରନରେ ୪ଟି ଏବଂ ପ୍ରକାଶ ବାରିକା ୪୪ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନିଲ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିନିତ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ତୋଫାନ ଗୌଡ଼ା ଶ୍ରେଷ୍ଠ ବୋଲର, କୃଷ୍ଣ ଚନ୍ଦ୍ର ବାରିକ ଶ୍ରେଷ୍ଠ ଉଇକେଟ କିପର, ପ୍ରକାଶ କୁମାର ବାରିକ ଶ୍ରେଷ୍ଠ ସିକ୍ସର ପୁରସ୍କାରଲାଭ କରିଥିଲେ।

ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌମ୍ୟରଞ୍ଜନ ପରିଡ଼ା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅରୂପ ପଟ୍ଟନାୟକ, ଓଡ଼ିଶା କ୍ରିକେଟ ଆସୋସିଏଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ବିଦ୍ୟୁତ କୁମାର ନାୟକ, ଯୁବ ନେତା ରଞ୍ଜିତ ମହାପାତ୍ର, ରାମେଶ୍ୱର ସ୍ପୋର୍ଟିଂ କ୍ଲବର ପରାମର୍ଶଦାତା ରାଧାନାଥ ମହାପାତ୍ର, ରାଜେନ୍ଦ୍ର ସମର୍ଥ, ପ୍ରମୋଦ ମହପାତ୍ର, ଆୟୋଜକ ଏଚ୍‌ଆଇଏଲର ଓଡ଼ିଶା ମୁଖ୍ୟ ସୂର୍ଯ୍ୟକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚଳିତ ସିଜନରେ ରାଜ୍ୟଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାମେଶ୍ୱର ସ୍ପୋର୍ଟିଂ ଖେଳାଳି ରାଜେଶ ମହାନ୍ତି, ବିଶ୍ୱଜିତ ଭୂୟାଁ, ବିଶ୍ୱଜିତ ମଲିକ, ଆଶୁତୋଷ ସାହୁ ଓ ସାରାଂଶ କୁମାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ ଆରମ୍ଭ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ(ପୁରୁଷ) ଟୁର୍ଣ୍ଣାମେଣ୍ଟ ରବିବାର ଆରମ୍ଭ ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ୨ଟି ଇଭେଣ୍ଟ(ଟ୍ୟାକ୍‌ଲ ଓ ଫ୍ଲାଗ୍)ରେ ଖେଳାଯିବ। ଫ୍ଲାଗ୍ ଇଭେଣ୍ଟରେ ୧୨ ଓ ଟ୍ୟାକ୍‌ଲ ଇଭେଣ୍ଟରେ ୮ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଟ୍ୟାକ୍‌ଲ ବିଭାଗରେ ଏସଆରଏମ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି। ସେହିପରି ଫ୍ଲାଗ୍ ବିଭାଗରେ ମନିପାଲ, ବାଙ୍ଗାଲୋର ସେଣ୍ଟ୍ରାଲ୍, ଯାଦବପୁର ଏବଂ ବି.ଆର. ଆମ୍ବେଡକର ବିଶ୍ୱବିଦ୍ୟାଳୟ ଦଳ ବିଜୟ ହାସଲ କରିଛନ୍ତି।



ଜାତୀୟ ସଫ୍ଟ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ସଫ୍ଟ ଟେନିସ୍: ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚଳିତମାସ ୨୭ରୁ ୩୧ ପର୍ଯ୍ୟନ୍ତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ, କିସ୍‌ର ସହକାରୀ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ(ମହିଳା):** କରିସ୍ମା କିଷାନ(ଅଧିନାୟିକା), ଅନମ ଆଲମାସ, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଗୌରୀରାଣୀ ମୁଣ୍ଡା, କୁମାରୀ ହିମିରିକା, ଅମିଷ ମିନିଜ, ଅନୁସୟା ବାରିକ।

**ଓଡ଼ିଶା ଦଳ (ପୁରୁଷ):** ଶିବରାମ ସ୍ୱାଇଁ(ଅଧିନାୟକ), ଦିପ୍ତ ରଞ୍ଜନ ବେହେରା, ରବୀନ୍ଦ୍ର ହାଂସଦା, ଅଜିତ ସାବାର, ଲଚ୍ଛମନ ମୀନାକା, ବଳଦେବ କିସାନୀ, ବିକାଶ କୁମାର ମହାପାତ୍ର, ଲକ୍ଷ୍ମୀଧର ନାୟକ। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଜ୍ୟୋତ୍ସ୍ନା ରାୟ। ଅମ୍ପାୟର: କୁନାଶ ବିଶ୍ୱାଳ, ମହମ୍ମଦ ଅନସାର ଉଲ୍ ହକ୍।

# ମିରାକ୍‌ଲଙ୍କୁ ଟାଇଟଲ୍

## ସ୍କୁଲ ଓପନ ଚେସ୍

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ମିରାକ୍‌ଲ ପଣ୍ଡା ଟାଇଟଲ ହାସଲ କରିଛନ୍ତି। ଏଥିରେ ୧୯ ସ୍କୁଲ୍‌ରୁ ମୋଟ ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୬ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ ଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମିରାକ୍‌ଲ ଓ ଶେଖ୍ ଇଜାଜ ଅହମଦ ୬.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତି ଅନୁରାଗ, ପ୍ରତ୍ୟୁଷ ନାୟକ, ଆରିନ ଅନ୍ୱେଷ ସ୍ୱାଇଁ, ପ୍ରଭାଂଶୁ ଦାସ, ଡି.ଆଦିତ୍ୟ, ବିକାଶ କୁମାର ଲେଙ୍କା, ଅଭିନନ୍ଦନ ପଣ୍ଡା, ଶୁଭସୁନ୍ଦର ବେହେରା, ଦୀପ୍ତିମୟୀ ସାହୁ, ଶ୍ରୀଶ ରଞ୍ଜନ ସାହୁ, ଅବିନାଶ ଆଚାର୍ଯ୍ୟ, ତ୍ରିଦେବ ତୀର୍ଥଙ୍କର ଓ ଶାଶ୍ୱତ ସାହୁ ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡାଇରେକ୍ଟର ପ୍ରତିମା ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଂଯୋଜକ ଭାରତୀ ଦାସ ଓ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ଓ ମାନପତ୍ର ସହ କୃତୀ ଚେସ୍ ପ୍ରତିଯୋଗୀ।

# କାନାରା ବ୍ୟାଙ୍କ ଚାମ୍ପିୟନ

ବନ୍ତ,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଚିଲୋ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଚିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲରେ ସେରସା ଆଦ୍ରାକୁ ହରାଇ କାନାରା ବ୍ୟାଙ୍କ, ବାଙ୍ଗାଲୋର ଚାମ୍ପିୟନ ହୋଇଛି। କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ସେରସା ଆଦ୍ରା ନିର୍ଦ୍ଧାରିତ ୨୦ ଓଭରରେ ରାଜୁ କୁମାର ୩୦ ଓ କେଶବ କୁମାରଙ୍କ ୨୪ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ରାଜୁ ଭଟ୍ଟକଲ ୪ ଓ କେପି ଅପର୍ଣ୍ଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୨ ରନ ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୯ ଓଭରରେ ଭରତ ଚିପିଲ୍‌ଙ୍କ ୭୩ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା । ପ୍ରତିପକ୍ଷ ବୋଲର ସୌରଭ ରୋନି ଓ ରାମ ପ୍ରସାଦ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟର ଭାବେ ସଞ୍ଜୀବ ବେହେରା, ୟାକତ୍ ଅଲ୍ଲୀ, ବିଜୁ ଶତପଥୀ, ସ୍କୋରର ଭାବେ ଶମ୍ଭୁନାଥ ମହାନ୍ତି, ପ୍ରଫୁଲ୍ଲ ନାୟକ, ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, ନାରାୟଣ ସାହୁ, ସଞ୍ଜୟ କୁମାର ମଜୁମଦାର, ପ୍ରଦ୍ୟୁମ୍ନ ସାହୁ, ସୁଧାଂଶୁ ନାୟକ, ଅପୂର୍ବ ଚାନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଘରୋଇ ବିଦ୍ୟାଳୟ ଏବଂ ଶିଶୁ ସଂଗଠନ, ଓଡିଶାର ସାଧାରଣ ସମ୍ପାଦିକା ଚିଦାତ୍ମିକା ଖଟୁଆ, ଓଡିଶା ୱାଟର ଶେଡ୍ ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ତଥା କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚ, ଇଣ୍ଡିଆନ ଟ୍ରାଇବାଲ କୁଇନ୍ ବିଜେତା ପଲ୍ଲବୀ ଦୋରୁଆ, ସାମାଜିକ କର୍ମୀ ବୁବୁ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ମନ୍ମଥ ରାଉଳ, ଲିଙ୍ଗରାଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ସେକ୍ ଜଲାଲଉଦ୍ଦିନ, ସମ୍ପାଦକ ଅସିତ୍ କର, ସଭାପତି ଲକି ମାଷ୍ଟର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ସାଗରବାଳା ରାଉଳ ସ୍ମାରକୀ ଟ୍ରଫି ଓ ରନର୍ସଅପ୍ ଦଳକୁ ପ୍ରଭାସିନୀ ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରାଜୁ ଭଟ୍ଟକଲଙ୍କୁ ପ୍ରଫୁଲ୍ଲ ଦାସ ସ୍ମାରକୀ ପ୍ଲେୟର ଅଫ ଦି ଇୟର, ପ୍ରଦୀପ ନାୟକଙ୍କ ସ୍ମୃତିରେ ସୁମିତ୍ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ଓ ଇମର୍ଜିଂ ପ୍ଲେୟର ପୁରସ୍କାର, ନିଶାକର ବେହୁରାଙ୍କୁ ଶ୍ରେଷ୍ଠ ବୋଲର, ଭୋଳାନାଥ ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଚାମ୍ପିୟନ କାନାରା ବ୍ୟାଙ୍କ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ପ୍ରଦୀପ ମେମୋରିଆଲ କ୍ରିକେଟ

> ମ୍ୟାଚରେ ଅଧିକ ରନ ସ୍କୋର ହେଲେ ସେତେବେଳେ ପିଚ୍ ବିରୋଧରେ କେହି ପ୍ରଶ୍ନ ଉଠାଇ ନ ଥାନ୍ତି।
> **-ହରଭଜନ ସିଂ, ଭେଟେରାନ ସ୍ପିନର**



> ବିଶ୍ୱ ର୍ୟାଙ୍କିଙ୍ଗ ଦୃଷ୍ଟିକୋଣରୁ ବିଚାର କଲେ ପୁରୁଷ ଦଳ ତୁଳନାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଉନ୍ନତ।
> **-ସୁନୀଲ ଛେତ୍ରୀ,ଭାରତୀୟ ଫୁଟ୍‌ବଲ ଅଧିନାୟକ**



## ସଂକ୍ଷେପରେ

### ସନରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଲେ ଭୁବନେଶ୍ୱର

**କୋଲକାତା,୨୪।୩(ପିଟି):** ସନରାଇଜର୍ସ ହାଇଦ୍ରାବାଦ ଦଳର ନିୟମିତ ଅଧିନାୟକ କେନ ୱିଲିୟମସନ ଏହି ମ୍ୟାଚ୍‌ରେ କୌଣସି କାରଣରୁ ଖେଳି ପାରି ନାହାନ୍ତି। ଏଣୁ ଭାରତୀୟ ପେସର ଭୁବନେଶ୍ୱର କୁମାରଙ୍କୁ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶ ବୋଲରଙ୍କୁ କୌଣସି ଦଳର ନେତୃତ୍ୱ ନେବାର ସୁଯୋଗ ମିଳିଛି। ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ସନରାଇଜର୍ସ ଦଳ ପାଇଁ ଭୁବନେଶ୍ୱର ଗୁରୁଦାୟିତ୍ୱ ତୁଲାଇଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଏକ ବର୍ଷ ବାସନ୍ଦ ରହିବା ପରେ ପ୍ରଥମ ଥର ପାଇଁ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି।

### ଓମାନ ଓପନ ଟେବୁଲ୍ ଟେନିସ୍
### ସାଥିୟାଁଙ୍କୁ ବ୍ରୋଞ୍ଜ, ଅର୍ଚ୍ଚନାଙ୍କୁ ରୌପ୍ୟ

**ମସ୍କଟ, ୨୪।୩ (ପି.ଟି.):**ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ ଓମାନ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଜି. ସାଥିୟାଁ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ପରାସ୍ତ ହୋଇ ଅର୍ଚ୍ଚନା କାମାଥ୍ ରୌପ୍ୟ ପଦକ ଲାଭ କରିଛନ୍ତି। ଚତୁର୍ଥ ସିଡ୍ ସାଥିୟାଁ ତାଙ୍କ ସେମିଫାଇନାଲ ମ୍ୟାଚରେ ମାଟିଆସ୍ ଫ୍ଲାକ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ସେ ଟପ୍ ସିଡ୍ ତଥା ସ୍ୱିଡେନର ଏହି ଖେଳାଳିଙ୍କଠାରୁ ୮-୧୧, ୧୧-୭, ୯-୧୧, ୧୧-୯, ୯-୧୧, ୧୧-୯, ୧୦-୧୨ରେ ହାରିଯାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଅଚନ୍ତା ଶରଥ କମଲ ପ୍ରି-କ୍ୱାର୍ଟରୁ ବିଦା ନେଇଥିଲେ। କ୍ରୋଏସିଆର ପୁକାର ତାମିସ୍ଲୋଭଙ୍କଠାରୁ ସେ ୧-୪ରେ ପରାଜିତ ହୋଇଥିଲେ। ମହିଳା ସିଙ୍ଗଲ୍ସରେ ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ମଧୁରିକା ପାଟକର ଓ ରୀତି ଶଙ୍କର ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ପୁରୁଷ ଡବଲ୍ସରେ ସାଥିୟାଁ ଓ ଶରଥ ରୁଷୀୟ ଯୋଡ଼ି ଡେନିସ୍ ଇଭୋନିନ୍ ଓ ଭ୍ଲାଡିମିର ସିଦୋରେଙ୍କୋଙ୍କଠାରୁ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚରେ ହାରିଯାଇଥିଲେ। ଅର୍ଚ୍ଚନା ଓ ସାଥିୟାଁ ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବାବେଳେ ଅନ୍ୟତମ ଯୋଡ଼ି ମଧୁରିକା ପାଟକର ଓ ହର୍‌ମିତ୍ ଦେଶାଇ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ବିଭାଗରେ ଭଲ ପ୍ରଦର୍ଶନ କରି ଆସୁଥିବା ଅର୍ଚ୍ଚନା କାମାଥ ଫାଇନାଲରେ ହାରିଯାଇଥିଲେ। ଟପ୍ ସିଡ୍ ତଥା ଜାପାନର ସାତ୍‌ସୁକି ଓଡୋଙ୍କଠାରୁ ୭-୧୧, ୮-୧୧, ୬-୧୧ ପରାସ୍ତ ହୋଇଯାଇଥିଲେ।

### ଫ୍ରେଣ୍ଡ୍ସ ପାରାଡାଇଜ୍ ବିଜୟୀ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି):** ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ ୨-୦ ଗୋଲରେ କଟକର ୟଙ୍ଗ ଉତ୍କଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଶାନ୍ତ ନାୟକ ଓ ବିକାଶ ନାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ରାଜୁ ବାରିକ। ସୋମବାର ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍ ଓ ଆରବିଆଇ, ଭୁବନେଶ୍ୱର ମଧରେ ମ୍ୟାଚ ଅନୁଷ୍ଠିତ ହେବ।

### ମିଆମି ଓପନ: ଓହରିଲେ ସେରେନା, ହାରିଲେ ଓସାକା

**ମିଆମି,୨୪।୩:** ଆଣ୍ଠୁଜନିତ ସମସ୍ୟା ଯୋଗୁ ସେରେନା ୱିଲିୟମ୍ସ ଏଠାରେ ଚାଲିଥିବା ମିଆମି ଓପନ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍ୟାଙ୍କ ନାଓମି ଓସାକା ପରାଜୟ ସହ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ୪-୬, ୭-୬(୪), ୬-୩ ସେଟ୍‌ରେ ସୁ ୱେଇଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ରୋଜର ଫେଡରର ୪-୬, ୭-୫, ୬-୩ ସେଟ୍‌ରେ ରାଡୁ ଆଲବଟଙ୍କୁ ହରାଇ ଦେଇଛନ୍ତି। ସେହିଭଳି ଡେଭିଡ ଫେରର ୨-୬, ୭-୫, ୬-୩ ସେଟରେ ୨ୟ ସିଡ୍ ଆଲେକଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରିଛନ୍ତି।

# ରସେଲ, ରାଣା କୋଲ୍‌କାତାକୁ ଜିତାଇଲେ

କୋଲ୍‌କାତା,୨୪।୩(ପି.ଟି.)

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଏକ ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓପ୍‌ନର ନୀତୀଶ ରାଣା ଓ ଆଣ୍ଡ୍ରେ ରସେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ କେକେଆର ରବିବାର ସ୍ଥାନୀୟ ଇଡେନ୍ ଗାର୍ଡେନ ଗ୍ରାଉଣ୍ଡରେ ଅନୁଷ୍ଠିତ ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୨ଟି ବଲ୍ ବାକି ରଖି ୬ ଉଇକେଟରେ ଡେଭିଡ ୱାର୍ନରଙ୍କ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଅନ୍ତିମ ୩ ଓଭରରେ ବିଜୟ ପାଇଁ ୫୩ ରନ୍ ଆବଶ୍ୟକ ଥିଲେ ମଧ କୋଲକାତା ଘରୋଇ ପରିବେଶର ଫାଇଦା ଉଠାଇ ନାଟକୀୟ ଢଙ୍ଗରେ ବିଜୟ ହାସଲ କରିଛି। ଶେଷ ଓଭରରେ ସ୍ପିନର ସାକିବ ଅଲ ହାସନଙ୍କୁ ଦୁଇଟି ଛକା ମାରି ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ କୋଲକାତାକୁ ଜିତାଇଥିଲେ। ଟସ୍ ଜିତି କୋଲକାତା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ଦୀର୍ଘଦିନ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପ୍‌ନର ଡେଭିଡ ୱାର୍ନରଙ୍କ ଧୂଆଁଧାର ପ୍ରଦର୍ଶନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୪ ଉଇକେଟ ହରାଇ ୧୮୩ ରନ୍ କରି ବିଜୟୀ ହୋଇଛି। ଦ୍ରୁତ ଅପରାଜିତ ୪୯ ରନ୍ କରିବା ସହ ୨ ଉଇକେଟ ଅକ୍ତିଆର କରି ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ରସେଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୨ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛାକରି କୋଲକାତା ଆରମ୍ଭରୁ ଓପ୍‌ନର କ୍ରିସ୍ ଲିନ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ୭ ରନ୍ କରି ସାକିବଙ୍କ ବଲ୍‌ରେ ରସିଦ୍ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ରବିନ ଉଥାପ୍ପା ୨୭ ବଲରୁ ୩ ଚୌକା ଓ ୧ ଛକା ସହ ୩୫ ରନ୍ କରି ସିଦ୍ଧାର୍ଥ କାଉଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଅଧିନାୟକ ଦୀନେଶ କାର୍ତ୍ତିକ ୨ ରନ୍ କରି ସନ୍ଦୀପ ଶର୍ମାଙ୍କ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ତେବେ ନୀତୀଶ ରାଣା ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ଦ୍ରୁତ ୬୮ ରନ୍ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ ଓ ରସିଦଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରାଣା ୮୦ ରନ୍ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ରସେଲ ଓ ଶୁବମନ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ଦ୍ରୁତ ତଥା ଅପରାଜିତ ୬୫ ରନ୍ କରି ଦଳକୁ ଜିତାଇଥିଲେ। ୧୯ଟି ବଲ୍ ଖେଳି ୪ ଚୌକା ଓ ୪ ଛକା ସହ ଅପରାଜିତ ୪୯ ରନ୍ କରି ରସେଲ କୋଲକାତାକୁ ବିଜୟ ପ୍ରଦାନ କରିଥିଲେ। ସେହିପରି ଶୁବମନ ୧୦ଟି ବଲ୍ ଖେଳି ୨ ଛକା ସହ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସାକିବ, ସନ୍ଦୀପ, କାଉଲ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏଥି ସହିତ କୋଲକାତା ଆଇପିଏଲ୍‌ରେ କ୍ରମାଗତ ସପ୍ତମଥର ପାଇଁ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ତରଫରୁ ୱାର୍ନର ସର୍ବାଧିକ ୮୫ (୫୩ ବଲ୍, ୯ ଚୌକା, ୩ ଛକା) ରନ୍ କରି ରସେଲଙ୍କ ବଲ୍‌ରେ ଉଥାପ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପରାଜୟ କାରଣରୁ ୱାର୍ନରଙ୍କ ଏହି ଦମ୍‌ଦାର ଇନିଂସ୍ ଫିକା ପଡିଯାଇଥିଲା। ସେହିପରି ଜନି ବେୟାରଷ୍ଟୋ ୩୯ ରନ୍ କରି ପୀୟୂଷ ଚାୱଲାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୟୁସୁଫ୍ ପଠାନ ୧ ରନ୍ କରି ରସେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଜୟ ଶଙ୍କର ୪୦ (୨୪ ବଲ, ୨ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଚାୱଲା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



୪୯ରନ୍‌ର ଅପରାଜିତ ଇନିଂସ ଅବସରରେ ଆନ୍ଦ୍ରେ ରସେଲ ।

**ସଂକ୍ଷିପ୍ତ ସ୍କୋର**

- ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୧/୩ (ୱାର୍ନର- ୮୫, ଶଙ୍କର- ୪୦*, ବେୟାରଷ୍ଟୋ- ୩୯, ରସେଲ- ୨/୩୨, ଚାୱଲା- ୧/୨୩)।
- କୋଲ୍‌କାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୮୩/୪ (ରାଣା- ୬୮, ରସେଲ- ୪୯*, ଉଥାପ୍ପା- ୩୫, ଶୁବମନ- ୧୮*, ସାକିବ- ୧/୪୨, ସନ୍ଦୀପ- ୧/୪୨, କାଉଲ- ୧/୩୫, ରସିଦ- ୧/୨୬)।

# ପଞ୍ଜାବ ବିପକ୍ଷରୁ ରାଜସ୍ଥାନର ଅଭିଯାନ

ଜୟପୁର, ୨୪।୩(ପି.ଟି.)

କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଖେଳି ରାଜସ୍ଥାନ ରୟାଲ୍ସ ଦଳ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୟପୁରଠାରେ ସୋମବାର ଖେଳାଯିବ। ରାଜସ୍ଥାନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ ସ୍ମିଥ୍‌ଙ୍କ ଉପରେ ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜର ରହିବ। ଗତବର୍ଷ ଠିକ୍ ଏହି ସମୟରେ କେପ୍‌ଟାଉନ ଟେଷ୍ଟରେ ହୋଇଥିବା ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏକବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଏହି ବ୍ୟାନ ଷ୍ଟେଟ୍ ଓ ଅନ୍ତର୍ଜାତୀୟ କ୍ରିକେଟ କାର୍ଯ୍ୟସୂଚୀ ପାଇଁ ଲାଗୁ କରାଯାଇଥିଲା। ସ୍ମିଥ୍ ଶେଷଥର ପାଇଁ ଗତବର୍ଷ ଶେଷ ଭାଗରେ ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ରେ ଅଂଶଗ୍ରହଣ କରିଥିଲେ। କିନ୍ତୁ କହୁଣିଜନିତ ସମସ୍ୟା ଲାଗି ସେ ପୂରା ଟୁର୍ନାମେଣ୍ଟ ଖେଳି ପାରି ନ ଥିଲେ। ମେ ୩୦ରୁ ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ହେବାକୁ ଥିବାରୁ ଆଇପିଏଲ୍‌ରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ଉପରେ ଏବେ କ୍ରିକେଟପ୍ରେମୀଙ୍କ ନଜର ରହିଛି।

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ରାଜସ୍ଥାନ ରୟାଲ୍ସ ଚଳିତ ସିଜନରେ ଆଇପିଏଲ୍‌ରେ ବେଶ୍ ଶକ୍ତିଶାଳୀ ମନେ ହେଉଛି। ରାହାନେ ଓ ସ୍ମିଥ୍‌ଙ୍କ ସମେତ ତାରକା ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲରଙ୍କୁ ନେଇ ରାଜସ୍ଥାନ ବ୍ୟାଟିଂ ଲାଇନଅପ୍ ସନ୍ତୁଳିତ ରହିଛି। ସେହିଭଳି ବୋଲିଂରେ ଜୟଦେବ ଉନାଡକଟ, ବରୁଣ ଆରୋନ, ଧାୱଲ କୁଲକର୍ନୀ, ଜୋଫ୍ରା ଆର୍ଚର, ଇଶ୍ ସୋଧୀ ଘରୋଇ ପରିବେଶରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ ଗେଲ ଓ ଲୋକେଶ ରାହୁଲଙ୍କୁ ନେଇ ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ ମଜଭୁତ ରହିଛି। ଅଲ୍‌ରାଉଣ୍ଡର ଟମ୍ କୁରାନ ମଧ ପଞ୍ଜାବ ପାଇଁ ଏହି ମ୍ୟାଚ୍‌ରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ମହମ୍ମଦ ସାମି, ଆଣ୍ଡ୍ରିଉ ଟାଇ, ମୁଜିବ ଉର୍ ରେହମାନଙ୍କ ସମେତ ଅଧିନାୟକ ଅଶ୍ୱିନଙ୍କ କାନ୍ଧରେ ପଞ୍ଜାବ ବୋଲିଂ ଭାର ରହିବ।

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ
ସ୍ଥାନ: ଜୟପୁର, ସମୟ: ରାତି ୮ଟା।
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆରସିବି ଏକମାତ୍ର ଦଳ

ବାଙ୍ଗାଲୋର,୨୪।୩

ଚେପକଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ୭୦ ରନ୍‌ରେ ଅଲଆଉଟ୍ ହୋଇ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଏହି ଦଳ ଆଇପିଏଲ ଇତିହାସର ପ୍ରଥମ ଦଳ ଭାବେ ୩ ଥର ୧୦୦ରୁ କମ୍ ରନ୍‌ରେ ଅଲଆଉଟ୍ ହୋଇଛି। ଏଥିପୂର୍ବରୁ ଦଳ ୨୦୦୮ ଉଦ୍‌ଘାଟନୀ ମ୍ୟାଚ୍‌ରେ ୮୨ ରନ୍‌ରେ ଅଲଆଉଟ୍ ହୋଇଥିଲା। ଏହାପରେ ୨୦୧୭ରେ ଦଳ ମାତ୍ର ୪୯ ରନ୍‌ରେ ସୀମିତ ରହିଥିଲା, ଯାହାକି ଆଇପିଏଲ ଇତିହାସର ନିମ୍ନତମ ଦଳଗତ ସ୍କୋର। ଏହା ବ୍ୟତୀତ ଦଳ ଏ ପର୍ଯ୍ୟନ୍ତ ୧୨ ସିଜନରେ ୩ ଥର ଉଦ୍‌ଘାଟନୀ ମ୍ୟାଚ୍ ଖେଳିଛି। କିନ୍ତୁ ସବୁଥର ଆରସିବିକୁ ପରାଜୟ ସମ୍ମୁଖୀନ ହେବାକୁ ପଡ଼ିଛି।



ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ୪ ଖେଳାଳି ।

## ତୁର୍କୀ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ତୁର୍କୀର ଆଣ୍ଟାଲିୟାସ୍ଥିତ ଲିମ୍‌କା ଲିମ୍‌ରା ସ୍ପୋର୍ଟ୍ସ ହଲ୍‌ରେ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ୫ମ ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ (ଇନିସ୍ କପ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୯୧ ପ୍ରତିଯୋଗୀ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତରୁ ଭାଗ ନେବାକୁ ଯାଉଥିବା ୧୮ ଜଣିଆ ଦଳରେ ଓଡ଼ିଶାର ୪ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ନୁରୁଲ ହୁସେନ ଖାଁ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଷୋଇ। ଚଳିତ ବର୍ଷ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୨୦୧୯ରେ ହେବାକୁ ଯାଉଥିବା ୧୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଅତିକମ୍‌ରେ ୭ଟିରେ ଚାମ୍ପିୟନ ହେଲେ ଯାଇ ଟୋକିଓ ପାରା ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ୱାର୍ନରଙ୍କ ନାମରେ ସର୍ବାଧିକ ଆଇପିଏଲ ଅର୍ଦ୍ଧଶତକ

କୋଲକାତା,୨୪।୩(ପିଟି)

ଏକ ବର୍ଷ ବାସନ୍ଦ ପରେ ଫେରିଥିବା ଅଷ୍ଟ୍ରେଲିଆନ ଓପନର ଡେଭିଡ ୱାର୍ନର ଏଠାରେ ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ୮୫ ରନ୍‌ର ଇନିଂସ ଖେଳିଛନ୍ତି। ଏହା ତାଙ୍କ କ୍ୟାରିୟରର ୪୦ତମ ଆଇପିଏଲ ଅର୍ଦ୍ଧଶତକ। ଯେ କୌଣସି ବ୍ୟାଟ୍ସମ୍ୟାନଙ୍କ ଲାଗି ଏହା ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ। ଏହି ଧାରାରେ ଭାରତୀୟ ଅଧିନାୟକ ବିରାଟ କୋହଲି, ପୂର୍ବତନ ଓପନର ଗୌତମ ଗମ୍ଭୀର, ସୁରେଶ ରାଇନା, ରୋହିତ ଶର୍ମା ଓ ଶିଖର ଧାୱନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନଙ୍କ ପଛରେ ରହିଛନ୍ତି। କୋହଲି ୩୮ଟି ଅର୍ଦ୍ଧଶତକ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗମ୍ଭୀର ଓ ରାଇନା ୩୬ ଅର୍ଦ୍ଧଶତକ ସହ ମିଳିତ ୩ୟ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା (୩୫) ଓ ଶିଖର ଧାୱନ (୩୨) ରହିଛନ୍ତି।

# ତାମିଲନାଡୁକୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୪।୩**

ସୁରଟର ସି.କେ. ପିଠୱାଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୭୪ରନରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ । ଏଲିଟ ଗ୍ରୁପ- ଏ ଓ ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚରୁ ୨ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ରହିଛି । ୨୬ରେ କର୍ଣାଟକ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ । ରବିବାର ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ରଶ୍ମିତା ଚିନ୍ନାରା ଓ ଅଞ୍ଜଳି ସିଂ ଓପନିଂ ଉଇକେଟ ଭାଗୀଦାରିରେ ୫୯ରନ ସଂଗ୍ରହ କରିଥିଲେ। ରଶ୍ମିତା ୧୯ରନରେ ଓ ଅଞ୍ଜଳି ୩୫ରନରେ ଆଉଟ ହେବା ପରେ ପୁନମ ନାୟକ ଅପରାଜିତ ୫୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୪୮ରନ ବଳରେ ଓଡ଼ିଶା ୪ ଉଇକେଟ ବିନିମୟରେ ୨୦୦ରନ କରିଥିଲା। ରାଣୀ ଟୁଡୁ ୧୬ରନରେ ଆଉଟ ହୋଇଥିଲେ । ତାମିଲନାଡୁ ପକ୍ଷରୁ ଯୋଗ୍ୟା କୌଶୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ତାମିଲନାଡୁ ୧୨୬ରନରେ ଅଲଆଉଟ ହୋଇଥିଲା। ଏସ. ଅନୁଷା ସଂଘର୍ଷପୂର୍ଣ୍ଣ ୭୧ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଲୁଇସା ଦାସ ୪ଟି ଓ ଇନ୍ଦ୍ରାଣୀ ଛତ୍ରିଆ ୩ଟି ଉଇକେଟ ଅକ୍ତିଆର କରିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ଲୁଇସା ଦାସ ଓ ପୁନମ ନାୟକ ।

**୨୩ବର୍ଷରୁ କମ୍ ମହିଳା କ୍ରିକେଟ**

# ଦଳଗତ କାଟାରେ ଅନୁଗୋଳ, ଭୁବନେଶ୍ୱରକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

**ରାଜ୍ୟ ଜୁନିୟର କରାଟେ ଉଦ୍‌ଯାପିତ**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁନିୟର, କ୍ୟାଡେଟ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବାଳକ ଟିମ୍ କାଟାରେ ଅନୁଗୋଳକୁ ସ୍ୱର୍ଣ୍ଣ, ଖୋର୍ଦ୍ଧାକୁ ରୌପ୍ୟ ଏବଂ ଗଞ୍ଜାମ ଓ ବାଲେଶ୍ୱରକୁ ବ୍ରୋଞ୍ଜ ପଦକ ମିଳିଛି। ସେହିପରି ବାଳିକା ଟିମ୍ କାଟାରେ ଭୁବନେଶ୍ୱର ସ୍ୱର୍ଣ୍ଣ, ଖୋର୍ଦ୍ଧା 'ଏ' ରୌପ୍ୟ ଓ ଖୋର୍ଦ୍ଧା 'ବି' ବ୍ରୋଞ୍ଜ ପଦକ ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ରୁଚି ଫୁଡ୍‌ଲାଇନ୍‌ର ଡାଇରେକ୍ଟର ରଶ୍ମୀ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସ, ପ୍ରଦୀପ କୁମାର ସରକାର, ଏସ.ଆର. ସାସମଲ, ରବି ଖୁଣ୍ଟିଆ, ସେନସେଇ ଜୟଦେବ ପଟ୍ଟନାୟକ, ସେନ୍‌ସେଇ ଖାରବେଳ ମଳିକ, ଗୌରୀ ମହାନ୍ତି, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ପୁହିର, ମୀର ଅଜମତ ଅଲୀ, ଦିଲୀପ କୁମାର ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ରାଜେଶ ଦାସ, ସିନ୍ଧୁ ତନୟା ଖୁଣ୍ଟିଆ, ବାସୁଦେବ, ସନ୍ଦୀପ ଦାସ, ଦେବୀଦତ୍ତ ବେଜ୍, ରାଜୀବ ସିଂ, ମହେଶ ବରାଳ, ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ସୌମ୍ୟରଞ୍ଜନ ଦାସ, ସୁରେଶ ଜାଲ, ଗୋପାଳ ଦିପ୍, ଦେବବ୍ରତ, ଚିନ୍ମୟୀ ଭୂୟାଁ, ରଜନୀ ବିଶି, ମହେଶ ଡୋରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।




କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମାର୍ଚ୍ଚ ୨୫/୨୦୧୯ Sambalpur, Monday, March 25 / 2019

### ଲୁମା ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ

# ଦାନ୍ତ କାଟି ନେଲେ ଦୁର୍ବୃତ୍ତ, ବନ ବିଭାଗର ତନାଘନା



ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ତଦନ୍ତ କରୁଛନ୍ତି ।

**ଲାଞ୍ଜିଗଡ଼,୨୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ବନାଞ୍ଚଳ ଅଧୀନ ହାତୀଶାଲ ବିଟ୍ ଲୁମା ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଶନିବାର ରାତିରେ ଏକ ଅଣ୍ଡିରା ହାତୀର ମୃତ୍ୟୁ ଘଟିଛି। ଦୁର୍ବୃତ୍ତମାନେ ହାତୀର ଦୁଇଟି ଯାକ ଦାନ୍ତକୁ ଧାରୁଆ ଅସ୍ତ୍ରରେ କାଟି ନେଇଛନ୍ତି। ଖବର ପାଇ ରବିବାର ଡିଏଫ୍ଓ ବି.ଅଶୋକ କୁମାର, ଏସିଏଫ୍ ମଳୟ ରଞ୍ଜନ ସାହୁ, ବିଶ୍ୱନାଥପୁର ରେଞ୍ଜର ଲକ୍ଷ ମହାନନ୍ଦ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ସହ ଖୋଳତାଡ ଆରମ୍ଭ କରିଛନ୍ତି ।

ସୂଚନା ଅନୁସାରେ ଦୁର୍ଗମ ଅଞ୍ଚଳରେ ହାତୀର ପ୍ରାଦୁର୍ଭାବ ଓ ଗତିବିଧି ଉପରେ ଦୃଷ୍ଟି ରଖି ପ୍ରତ୍ୟେକ ଦିନ ବନବିଭାଗ ପକ୍ଷରୁ ହାତୀ ରହିଥିବା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ କରିବା ପାଇଁ ଫୋନ ଏବଂ ମ୍ୟାସେଜ କରାଯାଇଥାଏ। ଶନିବାର ମଧ୍ୟ କୁମଖାଲରୁ ବେଡାଗାଁ ଅଞ୍ଚଳରେ ହାତୀ ଥିବା ଲକ୍ଷ କରି ବିଶ୍ୱନାଥପୁର ରେଞ୍ଜର ଲକ୍ଷ ମହାନନ୍ଦ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିଭୂତି ଭୂଷଣ ଦାସଙ୍କୁ ଫୋନ କରି ବିଦ୍ୟୁତ୍ କାଟିବା ପାଇଁ ଅନୁରୋଧ କରିଥିଲେ। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ହାତୀ ଥିବା ଅଞ୍ଚଳର ବିଦ୍ୟୁତ୍ କାଟି ଦେଇଥିଲେ। ହେଲେ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଦାନ୍ତ ପାଇଁ ୧୧କେଭିରେ ହୁକ ପକାଇ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଆସୁଥିବା ସ୍ଥାନରେ ତାର ଲଗାଇ ରଖିଥିଲେ। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହତୀର ମୃତ୍ୟୁ ହୋଇଥିବା ଜଣାପଡିଛି। ପରେ ଦୁର୍ବୃତ୍ତମାନେ ହାତୀର ଦୁଇଟି ଦାନ୍ତକୁ କାଟି ନେଇଛନ୍ତି। ସୂଚନାଥାଉକି ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳରେ ଜଙ୍ଗଲି ଜୀବଜନ୍ତୁ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟେକ ଦିନ ସେହି ଅଞ୍ଚଳର ବିଦ୍ୟୁତ୍ କାଟି ଦିଆଯାଉଛି। ହେଲେ କେତେକ ବ୍ୟକ୍ତି ଗାଁରେ ଲାଇନ ନ ଥିବା ଦେଖି କାଟିଥିବା ତାରକୁ ପୁଣି ଥରେ ଯୋଡି ଦେଉଛନ୍ତି। ଏହି ବିଦ୍ୟୁତ୍ ତାର ଯୋଡିବା ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ନଜିର ରହିଛି। ହେଲେ ବର୍ତ୍ତମାନ ହାତୀ କେଉଁଠୁ ଆସୁଥିଲା, କଟାଯାଇଥିବା ବିଦ୍ୟୁତ୍ ତାରକୁ କିଏ ଯୋଡିଲା ଓ ଦାନ୍ତକୁ କେଉଁମାନେ କାଟି ନେଇଛନ୍ତି ତାହାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହିସବୁ ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ତଦନ୍ତ ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ବିଶ୍ୱନାଥପୁର ରେଞ୍ଜର ମହାନନ୍ଦ କହିଛନ୍ତି ।

# ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ

## ପିସ୍ତଲ, ଗୁଳି ଜବତ

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ୍.ଏ.)୨୪।୩**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଡ଼ମାରାଇନ ତିତିରିବିନ୍ଧି ନିକଟ ରୁତୁକୁପେଡ଼ି-ଫିକରଚୁନ୍ଦି ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ଏନ୍‌କାଉଣ୍ଟରରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛନ୍ତି। ତାଙ୍କ ନାମ ଅନିଲ ତିର୍କୀ (୨୬)। ଅନିଲଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ନିକଟରୁ ପୋଲିସ ଏକ ପିସ୍ତଲ, ୩ ରାଉଣ୍ଡ ଗୁଳି ଓ ଜେଏଚ୍୦୧-ସିଏସ୍୩୩୧୪ନଂ ବାଇକ୍ ଜବତ କରିଛି। ସୂଚନାନୁସାରେ, ରବିବାର ଅପରାହ୍ନ ୨ଟାରେ ତିତିରିବିନ୍ଧି ଦେଇ ଅନିଲ ଖସି ପଳାଉଥିବା ପୋଲିସ ସୂଚନା ପାଇଥିଲା। ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ସନ୍ତୋଷ ଜେନା ଓ କଲୁଙ୍ଗା ଫାଣ୍ଡି ଅଧିକାରୀ ଦୁର୍ଗା ଜେନାଙ୍କ ସହ ରାଉରକେଲା ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଅନିଲ ପୋଲିସକୁ ଆକ୍ରମଣ କରିବାରୁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଗୋଟିଏ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଆହତ ଅବସ୍ଥାରେ ପୋଲିସ ତାଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଓ ରାଉରକେଲା ପୋଲିସ ଜିଲାରେ ଅନିଲଙ୍କ ବିରୋଧରେ ୧୫ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଲାଠିକଟା ଓ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନରେ ଥିବା ୨ ମାମଲା ଆଧାରରେ ପୋଲିସ ଦୀର୍ଘଦିନ ହେବ ତାଙ୍କୁ ଖୋଜୁଥିଲା। ପୂର୍ବରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ତାଙ୍କୁ ଧରିବାକୁ ଦୀର୍ଘଦିନରୁ ଉଦ୍ୟମ ଚଳାଇଥିଲା।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର

# ନିର୍ଣ୍ଣାୟକ ଲଢ଼େଇ ପାଇଁ ଆହ୍ୱାନ

**ବରଗଡ଼ ଅଫିସ୍,୨୪।୩**

ବରଗଡ଼ ହଳଦୀପାଲିସ୍ଥିତ ନିର୍ମାଣାଧୀନ ରାମଚଣ୍ଡୀ ମନ୍ଦିରଠାରେ କୁଲତା ସମାଜ ପକ୍ଷରୁ ବାର୍ଷିକ ବନ୍ଧୁମିଳନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ରଣେଶ୍ୱର ରାମଚଣ୍ଡୀ ମହିଳା ସଙ୍ଗଠନର ସଭାନେତ୍ରୀ ଭାଗ୍ୟଶିନୀ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ସମାରୋହରେ କୁଲତା ଜାତି ତଥା ପଛୁଆବର୍ଗଙ୍କ ପ୍ରତି କ୍ରମାଗତ ଅଣଦେଖା ମନୋଭାବ ପୋଷଣ କରାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଆଗାମୀ ଦିନରେ ଏହାକୁ ନେଇ ଏକ ନିର୍ଣ୍ଣାୟକ ଲଢ଼େଇ ପାଇଁ ଆହ୍ୱାନ ଦିଆଯାଇଥିଲା । ଏହାସହ କୁଲତା ଜାତିର ସର୍ବାଙ୍ଗୀନ ଉନ୍ନତି ସହ ମୌଳିକ ଅଧିକାରକୁ ଗୁରୁତ୍ୱ ଦେଉଥିବା ରାଜନୈତିକ ଦଳକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ହୋଇଥିଲା ।

**କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ସମାରୋହ**




କୁଲତା ସମାଜର ବନ୍ଧୁମିଳନ ସମାରୋହରେ ମଞ୍ଚାସୀନ ମହିଳା ନେତୃବୃନ୍ଦ ।

ସେହିପରି ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସହ ଚାଷୀ ବହୁଳ କୁଲତା ସମାଜର ସ୍ୱାର୍ଥ ପାଇଁ ସଂଗ୍ରାମ କରାଯିବ । ବରଗଡ଼ ଉପଖଣ୍ଡ ଜୀରା ନଦୀ କୂଳରେ ନିର୍ମାଣାଧୀନ ଭବ୍ୟ ରାମଚଣ୍ଡୀ ମନ୍ଦିର ପାଇଁ ଆଲୋଚନା ହୋଇଥିଲା। ଏଥିରେ ୧୦୦ରୁ ଅଧିକ ମହିଳା ନିଜ ମତ ରଖିଥିଲେ । ମାନସିକ ଓ ଆର୍ଥିକ ସ୍ତରରେ କୁଲତା ଜାତିର ସମସ୍ତଙ୍କୁ ଏକାଠି ହୋଇ ସହଯୋଗ କରିବାକୁ ପଡ଼ିବ ବୋଲି ଚର୍ଚ୍ଚା ହୋଇଥିଲା । ଭବ୍ୟ ମନ୍ଦିର ପାଇଁ ୮କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ଯୁବ ସଙ୍ଗଠନର ସମ୍ପାଦକ ଲଲାଟେନ୍ଦୁ ବେହେରା ଚଳିତ ଆର୍ଥିକବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ ।

ସମାରୋହରେ ହଳଦୀପାଲି ଗ୍ରାମର ଆଲୋକ ପ୍ରଧାନ, ଶ୍ରୀରାମ ବିହାରର ମଞ୍ଜୁଲତା ସାହୁ, ନିଗମାନନ୍ଦ ବିହାରର ଘନଶ୍ୟାମ ପ୍ରଧାନ, ବୀଣାପାଣି ପ୍ରଧାନ, ସୁଶୀଲ ପ୍ରଧାନ, ସମାରୁ ପ୍ରଧାନ, ଅମ୍ବାପାଲି ଗ୍ରାମର ରାମଚଣ୍ଡୀ ମହିଳା ସଙ୍ଗଠନକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭା ଆରମ୍ଭରେ ମାଁ ରାମଚଣ୍ଡୀଙ୍କ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହିତ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନ ତଥା ସଙ୍ଗଠନର ସଦସ୍ୟ ବାଳକୃଷ୍ଣ ପ୍ରଧାନ, ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡ଼ତୀୟା, ନାଗେନପାଲିର ମଧୁସୂଦନ ସାହୁ, ହଳଦୀପାଲିର ବାଙ୍କ ବିହାରୀ ବାରିକଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା । ଭବ୍ୟ ମନ୍ଦିର ପାଇଁ କରସେବା ଏବଂ ପ୍ରତ୍ୟେକ କୁଲତା ବ୍ୟକ୍ତି ଗୋଟିଏ ଲେଖାଏଁ ଇଟା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ମହିଳା ସଙ୍ଗଠନର ମଞ୍ଜୁଲତା ପ୍ରଧାନ, ରୁନୁପମା ପ୍ରଧାନ, ଡିଲେଶ୍ୱରୀ ନାୟକ, ରୀନା ଭୋଇ, ସୁଜାତା ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ସୁପ୍ରଭା ପ୍ରଧାନ, କୁଲତା ସମାଜ ସଭାପତି ଅଗ୍ନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ ୱେ ।

## ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣରେ ବିଳମ୍ବ

**ପାଇକମାଳ,୨୪।୩ (ଡି.ଏନ.ଏ)**

ପାଇକମାଳରୁ ମାଣ୍ଡୋସିଲ ବିଜୁ ଏକ୍ସପ୍ରେସ ୱେ କାମ ନିର୍ମାଣରେ ବିଳମ୍ବ ହେଉଛି । ଫଳରେ ଏହି ୧୮ କି.ମି. ରାସ୍ତା ଯିବା ପାଇଁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ରାସ୍ତା ଖୋଳା ଯାଇଥିବାରୁ ଗାଡି ଯିବା ଆସିବା ସମୟରେ ଧୂଳି ଉଡି ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ପାଇକମାଳ ହାଇସ୍କୁଲ ନିକଟରେ ରାସ୍ତାର ଏକ ପାର୍ଶ୍ୱ ସାଇଡ ୱାଲ ପାଇଁ ତିନି ଫୁଟରୁ ଊର୍ଦ୍ଧ୍ୱ ଗାତ ଖୋଳା ହୋଇ ପଡି ରହିଛି । ଏଥିରେ ଗୋରୁଗାଈ ପଡିଯାଉଥବବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି ।

**ସଂକ୍ଷେପରେ**



## କର୍କଟ ନେଲା ଆଉ ଜଣଙ୍କ ଜୀବନ

**ବରଗଡ଼ ଅଫିସ୍,୨୪।୩-**

ବରଗଡ଼ ଜିଲାରେ କର୍କଟ ରୋଗୀଙ୍କ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି । ଶନିବାର ରାତ୍ରିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବରଗଡ଼ ଗାନ୍ଧୀଛକ ନିବାସୀ ରେବତୀ ରଞ୍ଜନ ଦାଶଙ୍କ ପରଲୋକ ଘଟିଛି । ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବଡ଼ଭାଇ ରବି ରଞ୍ଜନ ଦାଶ, ନିର୍ମଳ କର, ଅଶୋକ ପଣ୍ଡା, ଅତିଶ ପଣ୍ଡା, ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବଡ଼ପୁଅ ଅମିତ ମୁଖାଗ୍ନି ଦେଇଥିଲେ । ଉଲ୍ଲେଖନୀୟ, ବରଗଡ଼ ଜିଲାରେ କର୍କଟ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଥିବା ଯୋଗୁ ଏଠାରେ ଚିକିତ୍ସା ଓ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ଦାବି ଜୋର୍ ଧରିଛି । ଗତ କିଛିଦିନ ତଳେ ବରଗଡ଼ ଜିଲା ସୋହେଲା ଗସ୍ତରେ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ଦାବିକୁ ଦୃଷ୍ଟିରେ ରଖି ବରଗଡ଼ରେ କ୍ୟାନସର ହସ୍ପିଟାଲ ହେବ ବୋଲି ଘୋଷଣା କରିଥିଲେ ।



## କୋଡିବାହାଲରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା

**ଘଣ୍ଟାପଡା, ୨୪।୩ (ଡି.ଏନ.ଏ)**

ବୌଦ୍ଧ ଜିଲା କୋଡିବାହାଲ ଗ୍ରାମରେ ମାଁ ମାହେଶ୍ୱରୀ ଯୁବକ ସଂଘ ପକ୍ଷରୁ ମେଣ୍ଢା ଲଢେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରଜ ଗୁରାଣ୍ଡି, ହେମନ୍ତ ପ୍ରଧାନ ଓ ଦୁଷ୍ଟ ଖମାରୀଙ୍କ ଦ୍ୱାରା ଆୟୋଜିତ ମେଣ୍ଢା ଲଢ଼େଇ ପ୍ରତିଯୋଗିତାରେ ୨ ଦାନ୍ତିଆ ୨୦ଟି ଓ ୬ ଦାନ୍ତିଆ ୧୦ଟି ମେଣ୍ଢା ଯୋଗ ଦେଇଥିଲେ । ୨ ଦାନ୍ତିଆ ମେଣ୍ଢା ଲଢେଇରେ ବାଲିଜୁରୀର ସତ୍ୟନାରାୟଣଙ୍କ ମେଣ୍ଢା ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲା । ସେହିପରି ୬ ଦାନ୍ତିଆ ମେଣ୍ଢା ଲଢେଇ ପ୍ରତିଯୋଗିତାରେ କୋଡିବାହାଲ ଗ୍ରାମର ଦଧି ଗେଜୋ ଗୋଛାଗୋରାର ମୁଗସା ଭୋଇଙ୍କ ମେଣ୍ଢାକୁ ପରାସ୍ତ କରିଥିଲା। ମୁଖ୍ୟଅତିଥି କନ୍ଧମାଳ ବିଧାୟକ ପ୍ରତିନିଧି ସୁଧାଂଶୁ ଶେଖର ରଣା ପୁରସ୍କୃତ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୁବ ଜମିଦାର ସୁବ୍ରତ ମାଝୀ, ସୁଶାନ୍ତ ମାଝୀ, ଅଶୋକ ରଣା, ବରିଷ୍ଠ ନାଗରିକ, ନନ୍ଦ ଭୋଇ, ଦେଓ କୁମାର ବେହେରା, ନବୀନ ମେଣ୍ଡଲି, ଜଗନ୍ନାଥ ମେଣ୍ଡଲି ଉପସ୍ଥିତ ଥିଲେ । ଦେବେନ୍ଦ୍ର ନାଥ ରଣା ସହଯୋଗ କରିଥିଲେ ।

## ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଅତାବିରା, ୨୪।୩ (ଡି.ଏନ.ଏ)-**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗାଁ ଗୌନ୍ତିଆ ମଦନ ମୋହନ ଦାଶ ଓ ତାଙ୍କ ସ୍ତ୍ରୀ ସୁଚିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଶଶିଭୂଷଣ ଶତପଥି, ଅଭିଷେକ ପୁରୋହିତ ହୋମଯଜ୍ଞ ମନ୍ତ୍ରପାଠ କରିଥିଲେ। ସୋନପୁର ଜିଲା ଶଙ୍କରା, ଭାଙ୍ଗକୁଦର ମହିଳା ଉଦଣ୍ଡ ସଂକୀର୍ତ୍ତନ ଦଳ ଓ ପଲସାପାଲି, ଟୁକୁରା ଉଦଣ୍ଡ ସଂକୀର୍ତ୍ତନ ଦଳ ନାମଜପ କରିଥିଲେ । ଶଙ୍କର୍ଷଣ ବେହେରା, ଚିନ୍ତାମଣି ଝାଙ୍କର, ସୁପାର ବେହେରା, ଡାକ୍ତର ବେହେରା, ସୁରେନ୍ଦ୍ର ସେଠ, ରବିନ୍ଦ୍ର ବାଗ, ବଳରାମ ଦନ୍ତା, ଗୋପବନ୍ଧୁ ସେଠ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୫୪୫ ଛାତ୍ରୀଛାତ୍ର



ପାଇକମାଳରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଚାଲିଛି ।

**ପାଇକମାଳ,୨୪।୩ (ଡି.ଏନ.ଏ.)**

ପାଇକମାଳ ହାଇସ୍କୁଲ ଓ ଏମ୍ଇ ସ୍କୁଲ ଶ୍ରେଣୀ ଗୃହରେ ଓଡିଶା ଆର୍ଦଶ ବିଦ୍ୟାଳୟର ୬ଷ୍ଠ ଓ ୯ମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ୬ଷ୍ଠ ଶ୍ରେଣୀ ପାଇଁ ୪୯୭ ଜଣ ପରୀକ୍ଷା ଦେଇଥିବା ବେଳେ ୯ମ ଶ୍ରେଣୀ ପାଇଁ ୪୮ ଜଣ ପରୀକ୍ଷା ଦେଇଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷିତିଭୂଷଣ ବିଶ୍ୱାଳ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିବାବେଳେ ୩୬ ଜଣ ସହକର୍ମୀ ସହଯୋଗ କରିଥିଲେ। ବିଜୟଲକ୍ଷ୍ମୀ ପ୍ରଧାନ, କାନନବାଳା ସାହୁ, ଇତିଶ୍ରୀ ନାୟକ, ଭାଗ୍ୟବନ୍ତୀ ଭୋଇ, ଗଜପତି ନାୟକ, ଅରୁଣ କୁମାର ଦାସ, ଲମ୍ବୋଧର ଭୋଇ, ସଚ୍ଚୀ ସ୍ୱାଇଁ ପ୍ରମୁଖ ଶିକ୍ଷକ ପରୀକ୍ଷା ଦାୟିତ୍ୱ ତୁଲାଇଥିଲେ ।

# ବୌଦ୍ଧ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ବଘିଆପଡ଼ା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

**ବଘିଆପଡା,୨୪।୩ (ଡି.ଏନ.ଏ)**

ବୌଦ୍ଧ ଜିଲାରେ ଏପ୍ରିଲ ୧୮ ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ହେବ । ଏହି ସମୟରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବୌଦ୍ଧ ପୋଲିସ ପକ୍ଷରୁ ବଘିଆପଡା ଫାଣ୍ଡି ଅନ୍ତର୍ଗତ ମାଓବାଦୀ ପ୍ରବଣ ଇଲାକା ଆମ୍ବଝରୀ, ବଇଲବେଡା ଓ ଖଜୁରୀପଡା ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଏଥିରେ ବୌଦ୍ଧ ଏସ୍‌ଡିପିଓ ସାଲେଷ୍ଟିନ ଟିଗା, ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର, ବଘିଆପଡା ଫାଣ୍ଡି ଅଧିକାରୀ ସସ୍ମିତା ମୁଗେର, ଫାଣ୍ଡି ଏଏସଆଇ ଦ୍ୱାରିକାନାଥ ସେଠୀ, ଆଇଟିବିପି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଧର୍ମେନ୍ଦ୍ର କୁମାର ଓ ଯବାନମାନେ ସାମିଲ ହୋଇଥିଲେ ।

## ପ୍ରିଜାଇଡିଂ, ପ୍ରଥମ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ

**ପଦ୍ମପୁର, ୨୪।୩ (ଡି.ଏନ.ଏ)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପଦ୍ମପୁର ଉପଖଣ୍ଡରେ ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଂ ଅଧିକାରୀମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ତଥା ଅବାଧ ଓ ମୁକ୍ତ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳିକୁ କଡାକଡି ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏତଦ୍‌ବ୍ୟତୀତ ଇଭିଏମ ଏବଂ ଭିଭିପାଟ୍‌ର ପରିଚାଳନା ଏବଂ ବ୍ୟବହାର ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ବିଜେପୁର ବିଡିଓ ପଦ୍ମନାଭ ସାମନ୍ତରାୟ, ଝାରବନ୍ଧ ବିଡିଓ ରୁନୁ ଲାକ୍ରା ଏବଂ ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସହକାରୀ ଜିଲାପାଳ ଅନୀଲ ହୋତା ଏବଂ ସୁଶ୍ରୀ ଦିପ୍ତୀମୟୀ ଭୁଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୮ ଯାଏ ଚାଲିବ ଯୋଗ ତାଲିମ

**ପାଇକମାଳ,୨୪।୩ (ଡି.ଏନ.ଏ)**

ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦିକ ମହାବିଦ୍ୟାଳୟର ଯୋଗ ସାଧନା ଶିବିର ୭ମ ଦିନରେ ପହଞ୍ଚିଛି । ମହାବିଦ୍ୟାଳୟର ଯୋଗ ଶିକ୍ଷକ ଶ୍ରୀନିବାସ କରଣ ଓ ଯୋଗ ତାଲିମଦାତା ପଶୁପତି ଜୀ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଯୋଗ ଉପରେ ତାଲିମ ଦେଇଥିଲେ । ଯୋଗାସନ ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଯୋଗ ତାଲିମ ଗ୍ରହୀତାମାନଙ୍କୁ ମରାପର୍ଶ ଦିଆଯାଇଥିଲା। ଶିବିର ସଂଯୋଜକ ଆଚାର୍ଯ୍ୟ ପୂର୍ଣ୍ଣାନନ୍ଦ ଅବଧୂତ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜଣାଇଛନ୍ତି ।

■ ମାଖନୁ ବାଗ ହତ୍ୟା ମାମଲା

# ମୃତକଙ୍କ ପରିବାରକୁ ୫ଲକ୍ଷ ସହାୟତା

**ବରଗଡ଼ ଅଫିସ୍,୨୪।୩**

ବରଗଡ଼ ଜିଲା ଭେଡ଼େନ ଥାନା ଦେକୁଲବା ଗ୍ରାମର ମାଖନୁ ବାଗ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଛି । ରବିବାର ବରଗଡ଼ ଏସପି ମୁକେଶ କୁମାର ଭାମୁ ନିଜ କାର୍ଯ୍ୟାଳୟରେ ସେହି ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ । ମୃତ ମାଖନୁଙ୍କ ସ୍ତ୍ରୀଙ୍କୁ ୩ଲକ୍ଷ ଏବଂ ୨ପୁଅ ରାଜୁ ଓ ବିଜୁଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମିଳିଛି । ସହାୟତା ରାଶି ପ୍ରଦାନବେଳେ ଆଡ଼ଭୋକେଟ୍ ଲିପ୍‌ସିତ ମିଶ୍ର ଏବଂ ଗ୍ରାମର କିଛି ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଏଠାରେ ପ୍ରକାଶଥାଉକି, ଗତ ୨୦୧୫ ମସିହାରେ ମାଖନୁଙ୍କ ବଡ଼ ପୁଅ ରାଜୁଙ୍କ ବିରୋଧରେ ହୋଇଥିବା ଏକ ମାମଲାକୁ କେନ୍ଦ୍ର କରି ଭେଡ଼େନ ଥାନା ପୋଲିସ ମାଖନୁଙ୍କୁ ଥାନାକୁ ନେଇ ଅଟକ ରଖିଥିଲା । ସେହିଦିନଠାରୁ ମାଖନୁ ଆଉ ଘରକୁ ଫେରି ନ ଥିଲେ । ଅନ୍ୟପଟେ ମାଖନୁଙ୍କୁ ପିଟିପିଟି ହତ୍ୟା କଲାପରେ ମୃତଦେହକୁ ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟାକାନୀ ଜଙ୍ଗଲରେ ପୋଲିସ ଫୋପାଡ଼ି ଦିଆଯାଇଥିବା ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ଏପରିକି ସେତେବେଳେ ଘଟଣାସ୍ଥଳରେ ପଡ଼ିଥିବା ଗାମୁଛା ଓ କଙ୍କାଳ ମାଖନୁଙ୍କ ବୋଲି ପୁଅ ବିଜୁ ଅଭିଯୋଗ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ସେହି କଙ୍କାଳ ମାଖନୁଙ୍କର ଥିଲା ବୋଲି ଜଣାପଡ଼ିଥିଲା ଏବଂ ସେତେବେଳେ ପୋଲିସ ତତ୍କାଳୀନ ଭେଡ଼େନ ଥାନା ଅଧିକାରୀଙ୍କ ସମେତ ଅନ୍ୟ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଜାମିନରେ ଆସିସାରିଥିବା ବେଳେ ଏପର୍ଯ୍ୟନ୍ତ ତତ୍କାଳୀନ ଭେଡ଼େନ ଥାନା ଅଧିକାରୀଙ୍କୁ ଜାମିନ ମିଳିପାରିନାହିଁ ।

# ଆକାଶବାଣୀ ଶ୍ରୋତା ସମ୍ମିଳନୀ

**ଭେଡ଼େନ, ୨୪।୩ (ଡି.ଏନ.ଏ.)**

ଭେଡ଼େନ ବ୍ଲକ ଆଖିଫୁଟା ନିକଟସ୍ଥ କଦମତଳଠାରେ ରବିବାର ଜୟହିନ୍ଦ ଆକାଶବାଣୀ ଶ୍ରୋତା ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ତେଜରାମ ଦୀପଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଜୟରାମ ମୁଣ୍ଡା ମୁଖ୍ୟଅତିଥି, ଯୁବବାଣୀ କାର୍ଯ୍ୟକ୍ରମ ନିଷ୍ପାଦକ ମନୋଜ କୁମାର ପୂଜାରୀ, ଉଦ୍‌ଘୋଷକ ସତ୍ୟନାରାୟଣ ସାହୁ, କୈବର୍ତ୍ତ ସାହୁ, ବର୍ଷିୟାନ ପ୍ରଯୋଜକ ବିଜୟ ବେହେରା, ସୁବାଷ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ଆକାଶବାଣୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ସକାଳ ଅଧିବେଶନରେ ମଧ ସମ୍ବଲପୁରୀ ଭାଷାରେ ଖବର ପ୍ରସାର ହେବ ବୋଲି ଅତିଥିଗଣ ଘୋଷଣା କରିଥିଲେ। ଏହି ଅବସରରେ ବର୍ଷିୟାନ ଶ୍ରୋତା ପଞ୍ଚାନନ ପଞ୍ଚବିହାର, ବରିଷ୍ଠ ଶ୍ରୋତା ସୁନୀଲ ଗର୍ଗ ଏବଂ ଯୁବ ଶ୍ରୋତା ପ୍ରମୋଦ ବାଗଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ନାରାୟଣ ଭୋଇ ପରିଚାଳନା କରିଥିବା ବେଳେ ବରିଷ୍ଠ ଶ୍ରୋତା ଭବାନୀ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ। ବଳରାମ ମଟାରୀ, କୈଳାଶ ନାୟକ, ଉପେନ୍ଦ୍ର ସୁନା ପ୍ରମୁଖ ସହଯୋଗ କରିଥିବା ବେଳେ ବହୁ ଶ୍ରୋତା ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ଆଖିଫୁଟାରେ ଆକାଶବାଣୀ ଶ୍ରୋତା ସମ୍ମିଳନୀରେ ଅତିଥିଗଣ ।



କଲଙ୍ଗାପାଲିରେ ରାମାୟଣ ପାରାୟଣ ଚାଲିଛି ।

# କଲଙ୍ଗାପାଲିରେ ଉତ୍ତରାକାଣ୍ଡ ପାରାୟଣ

**ଗାଇସିଲେଟ,୨୪।୩ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ କଲଙ୍ଗାପାଲି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ସାମ୍‌ନାରେ ଏକ ଦିବସୀୟ ରାମାୟଣର ଉତ୍ତରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ପାରାୟଣ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଡବଲା ଗ୍ରାମର ସୁଶ୍ରୀ ବନ୍ଦିତା ନାୟକ ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଗୋବିନ୍ଦ ନାୟକ, ଭାଗବତ ସେଠୀ, ଟଙ୍କଧର ଭୋଇ, ଅଶୋକ ବାଘ ଓ ବିଦୁର ଥପା ସହଯୋଗ କରିଥିଲେ । ସୁଧୀର ଦାଶ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ଦାଶ କର୍ତ୍ତା ଏବଂ ବାବୁଫାସଡର ପଣ୍ଡିତ ସୁରେନ୍ଦ୍ର ପାଢୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ଗୋପାଳ ସାହୁ, ସୁରେଶ୍ୱର ଭୋଇ, ପବିତ୍ର ଦାଶ, ବୈରାଗୀ ସାହୁ, ଶରତ ସାହୁ ଓ ରମେଶ ଭୋଇ ସହଯୋଗ କରିଥିଲେ।

# କ୍ରିକେଟ: ପିପି ଇଲେଭେନ ଷ୍ଟାର୍ ବିଜୟୀ

**ଭେଡ଼େନ, ୨୪।୩ (ଡି.ଏନ.ଏ.)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବରପଦର ଖେଳ ପଡ଼ିଆରେ ପ୍ରଥମ ଲୁହାଖଣ୍ଡୀ ଗ୍ରାମପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି । ପ୍ରଥମ ମ୍ୟାଚ୍‌ରେ ପିପି ଇଲେଭେନ ଷ୍ଟାର ଦଳ ବିପ୍ଳବ ବ୍ୟାଟିଂ ଦଳକୁ ୪ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ବିପ୍ଳବ ବ୍ୟାଟିଂ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୨୮ ରନ କରିଥିଲେ । ଏହାର ଜବାବରେ ପିପି ଇଲେଭେନ ଷ୍ଟାର ଦଳ ୧୨ ଓଭରରେ ୬ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୧୨୯ ରନ କରି ମ୍ୟାଚ ବିଜୟୀ ହୋଇଥିଲା । ବିଜୟୀ ଦଳର ଅନୀଲ ଭୋଇ (୩୩ ବଲରେ ୮୬ରନ, ୭ ଚୌକା ଓ ୯ ଛକ୍କା)ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ବିପ୍ଳବ ବ୍ୟାଟିଂ ଦଳର ଦିଲୀପ ସୁନା ପ୍ରଥମ ଓଭରରେ ୩ ଉଇକେଟ ସହ ମୋଟ ୪ ଉଇକେଟ ଦଖଲ କରିଥିଲେ ମଧ ମ୍ୟାଚ୍‌କୁ ବଞ୍ଚାଇ ପାରି ନ ଥିଲେ । ଖେଳକୁ ଅମ୍ପାୟାର ଜିଲା ଦୁବସାଗର ଏବଂ ସଚ୍ଚିଦାନନ୍ଦ ମହାପାତ୍ର ପରିଚାଳନା କରିଥିବା ବେଳେ ବୃନ୍ଦାବନ ଛନ୍ଦ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଉଦୟନାଥ ଦାଶ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ରବିବାର ପୂର୍ବାହ୍ନରେ ପ୍ରିମିୟର ଲିଗ୍ ଆୟୋଜନ ସମିତି ସଭାପତି ସୁରେନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ହୋଇଥିବା ଉଦଘାଟନୀ ଉତ୍ସବରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଲୁହାଖଣ୍ଡୀ ସରପଞ୍ଚ କ୍ଷୀରୋଦ୍ର ମେଲ୍ଲୀ, ତ୍ରାହିକର ସାହୁ, ନରସିଂହ ମହାକୁର, ତେଜରାଜ ଖେତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତ ଦଳର ସଦସ୍ୟ ଏବଂ ମାଲିକମାନେ ଯୋଗ ଦେଇଥିଲେ । ଏହା ପୂର୍ବରୁ ସମସ୍ତ ଖେଳାଳି ଏବଂ ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ଦୁର୍ଗାମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସୋମବାର ଜେଏଲ ୱାରିୟର ଓ ସାଟକୋ ସୁପର ଚ୍ୟାଲେଞ୍ଜର ଏବଂ ଖେତି ବ୍ଲାଷ୍ଟର ଓ ଏସଟିଏମ ଆଟାକ ଟିମ୍ ମଧରେ ମ୍ୟାଚ ହେବ ।



ଲୁହାଖଣ୍ଡି ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଗଣ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ପିଇଟି ଶିକ୍ଷକ ମୃତ

**ଖଡିଆଳ,୨୪।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରଠାରୁ ସିନାପାଲି ଯିବା ରାସ୍ତା ନେହେନା ଗାଁ ନିକଟରେ ଥିବା ମହାବୀର ରାଇସ ମିଲ ନିକଟସ୍ଥ ବୁଲାଣି ରାସ୍ତାରେ ଶୁକ୍ରବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ପିଟି ଶିକ୍ଷକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଶିକ୍ଷକଙ୍କ ନାମ ରାମପ୍ରସାଦ ମହନ୍ତ, ସେ ଖଡିଆଳ ସ୍ଥିତ ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲରେ ପିଇଟି ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ପଶ୍ଚିମବଙ୍ଗାଳର ବୋଲି ଜଣାପଡିଛି । ମିଳିଥିବା ଖବର ଅନୁସାରେ ପିଇଟି ଶିକ୍ଷକ ମହନ୍ତ ଏକ ବ୍ୟକ୍ତିଗତ କାମ ପାଇଁ ଡୁଆଝର ଯାଇ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଯୋଗେ ଫେରୁଥିଲେ । ଏହି ସମୟରେ ନେହେନା ଗାଁ ସ୍ଥିତ ମହାବୀର ରାଇସ ମିଲ ନିକଟସ୍ଥ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଖମ୍ବରେ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଜାରି ରଖିଛି ।

## ସୁବର୍ଣ୍ଣପୁରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ବକ୍ତାଙ୍କ ମତ

# ସଚେତନ ହେଲେ ଯକ୍ଷ୍ମା ଦୂର ହେବ

**ସୋନପୁର,୨୪।୩ (ନି.ପ୍ର)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ରବିବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର କାରଣ, ନିରାକରଣ ଏବଂ ଲକ୍ଷଣ ବିଷୟରେ ଆଲୋଚନା କରିଥିଲେ। ବ୍ୟାପକ ସଚେତନତା ସୃଷ୍ଟି ଦ୍ୱାରା ହିଁ ଯକ୍ଷ୍ମା ରୋଗକୁ ମୂଳୋତ୍ପାଟନ କରାଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ସ୍ଥିତି ଉପରେ ଆଲୋଚନା କରିବାକୁ ଯାଇ କହିଥିଲେ ଯେ, ଜିଲାରେ ବର୍ତ୍ତମାନ ୧୮୮ ନୂତନ ରୋଗୀଙ୍କ ସମେତ ମୋଟ ୨୧୭ ରୋଗୀ ଚିକିତ୍ସିତ ହେଉଛନ୍ତି। ମିଳିତ ଭାବେ ଟିବି ଓ ଏଚଆଇଭି ଦ୍ୱାରା ଆକ୍ରାନ୍ତ ମୋଟ ୭ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ୨୦୧୬ରେ ୪୮୨ଜଣ, ୨୦୧୭ରେ ୪୯୩ ଓ ୨୦୧୮ରେ ୪୯୮ ଜଣ ରୋଗୀ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହୋଇ ସୁବର୍ଣ୍ଣପୁର ଜିଲା ଯକ୍ଷ୍ମା କେନ୍ଦ୍ର ଦ୍ୱାରା ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଔଷଧ ପ୍ରତିରୋଧ ଯକ୍ଷ୍ମା ଚିକିତ୍ସା କେନ୍ଦ୍ର ଏବଂ ଯକ୍ଷ୍ମା ଚିହ୍ନଟ ପାଇଁ ଅତ୍ୟାଧୁନିକ ସିବିନାଟ ମେଶିନ ମଧ୍ୟ ଉପଲବ୍ଧ ହୋଇଛି ବୋଲି ଜଣାଇବା ସହ ନିକ୍ଷୟ ପୋଷଣ ଯୋଜନାରେ ଜିଲାର ସଫଳତା ହାର ୯୪ ପ୍ରତିଶତ ବୋଲି କହିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ନିଆଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜିକା ଡ. ମୌସୁମୀ ମିଶ୍ର ଯୋଗଦେଇ ଏବେ ଅଣସଂକ୍ରାମକ ରୋଗ ଏବଂ ଯକ୍ଷ୍ମା ରୋଗ ଉପରେ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଗୁରୁତ୍ୱ ଦେଇଥିବା କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଡିସପ୍ଲେ ବୋର୍ଡ ପ୍ରଦର୍ଶନ ସହ ଲିଫଲେଟ ବଣ୍ଟନ ଏବଂ କୁଇଜ ପ୍ରତିଯୋଗିତା ତଥା ଭିଡିଓ ଶୋ ମାଧ୍ୟମରେ ଉପସ୍ଥିତ ପ୍ରତିଭାଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ପ୍ରୟାସ କରାଯାଇଥିଲା। ପରେ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ସଭାକାର୍ଯ୍ୟକୁ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସମୀର କୁମାର ସାହୁ ପରିଚାଳନା କରିବା ସହ କୁଇଜ୍ ପ୍ରତିଯୋଗିତାକୁ ମଧ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ସ୍ମିତାଶ୍ରୀ ନାୟକ, ହସପିଟାଲ ମ୍ୟାନେଜର ଗୋପାଳକୃଷ୍ଣ ପଟ୍ଟନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁଙ୍କ ସମେତ ଏଏନଏମ ଛାତ୍ରୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସନ୍ତୋଷ ବିଶି, ବିନୋଦ ମହାକୁଡ, ଦେବାଶିଷ ମିଶ୍ର, ପ୍ରତାପ କୁମାର ସାହୁ ଓ ବିବେକାନନ୍ଦ ରଣା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

- ରଙ୍ଗୋଲି ଦ୍ୱାରା ସଚେତନତା ସୃଷ୍ଟି
- ନିକ୍ଷୟ ପୋଷଣ ଯୋଜନାରେ ସଫଳତା ୯୪%

## ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ

# ସଭାପତି ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ବୀରମହାରାଜପୁର, ୨୪।୩(ଡି.ଏନ୍.ଏ)**

ଓଡିଶା ରାଜ୍ୟ ବାର୍ କାଉନ୍ସିଲ ଦ୍ୱାରା ପରିଚାଳିତ ରାଜ୍ୟର ବିଭିନ୍ନ ଓକିଲ ସଂଘ ପାଇଁ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୩୦ ତାରିଖ ଗୋଟିଏ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶନିବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅନ୍ତିମ ତିଥି। ନିର୍ବାଚନ ଅଧିକାରୀ ମାନଭଞ୍ଜନ ମିଶ୍ରଙ୍କ ଦ୍ୱାରା ଘୋଷିତ ବିଜ୍ଞପ୍ତି ଅନୁଯାଇ କେବଳ ସଭାପତି ଆସନ ସକାଶେ ଦୁଇ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସେମାନେ ହେଲେ ପ୍ରଦୀପ କୁମାର ମିଶ୍ର ଓ ରାଧାକାନ୍ତ ମହାକୁର। ତେବେ ସଂଘର ସମ୍ପାଦକ ଭାବେ ସନ୍ତୋଷ କୁମାର ଚାନ୍ଦ ଓ ସହ ସମ୍ପାଦକ ଭାବେ ରଞ୍ଜିତ କୁମାର ରଥ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ସେହିଭଳି ଯୁଧିଷ୍ଠିର

### ଅନ୍ୟ ସବୁ ଆସନ ନିର୍ଦ୍ୱନ୍ଦ୍ୱ

ସାହୁ ଉପସଭାପତି ଓ ଶିବ କୁମାର ଦେହୁରୀ କୋଷାଧ୍ୟକ୍ଷ ଏବଂ ସୁବ୍ରତ କୁମାର ମିଶ୍ର, ରାଧାକାନ୍ତ ବାଘ, ଜତିନ କୁମାର ପାଣିଗ୍ରାହୀ ଓ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ଏତଦ୍‌ବ୍ୟତୀତ ସମ୍ବିଧାନର ବ୍ୟବସ୍ଥା ଅନୁଯାଇ ସଂଘର ବିଦାୟୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ ସମ୍ପାଦକ ସୁରେଶ ପ୍ରସାଦ ପଣ୍ଡା ମଧ୍ୟ କାର୍ଯ୍ୟକାରୀ କମିଟିର ପଦ ପ୍ରଯୁକ୍ତ ସଭ୍ୟଭାବେ ରହିବେ ବୋଲି ଜଣାପଡିଛି। ଏହାରି ଭିତରେ ସଭାପତି ଆସନ ପାଇଁ ଦୁଇଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବାରୁ ଆସନ୍ତା ୩୦ ତାରିଖ ଭୋଟ ଗ୍ରହଣ ପାଇଁ ନିଶ୍ଚିତ ହୋଇଥିବାରୁ ସ୍ଥାନୀୟ ଆଇନଜୀବୀ ମାନଙ୍କ ମଧ୍ୟରେ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି।

## ମଦଭାଟିରୁ ଟଙ୍କା ସହ ସିସିଟିଭି ଚୋରି

**ଖଡିଆଳ,୨୪।୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ବିଜେପୁର ଗାଁରେ ଦେଶୀ ମଦଭାଟିରୁ ଶୁକ୍ରବାର ବିଳମ୍ବିତ ରାତିରେ କେତେକ ଅଜଣା ଦୁର୍ବୃତ୍ତ ପଶି ଭଦଭାଟି କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏଥିସହ ଭୁଜାଲି ଦେଖାଇ ମଦଭାଟି ଲାଗିଥିବା ସିସିଟିଭି ସହ ୨୨ଶହ ଟଙ୍କା ଚୋରି ହୋଇଥିବା ଖଡିଆଳ ଥାନାରେ ଅଭିଯୋଗ ହୋଇଛି।

## ଆଇପିଏଲ-୧୨

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

**ମୁମ୍ବାଇ, ୨୪।୩**

ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୭ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୧୪ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୧୯.୨ ଓଭରରେ ୧୭୬ ରନ କରି ଅଲଆଉଟ ହୋଇ ଯାଇଥିଲା।

### ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ବୋଲରମାନେ ମାତ୍ର ୨୯ ରନ ମଧ୍ୟରେ ପୃଥ୍ୱୀ ଶ(୭) ଓ ଅଧିନାୟକ ଶ୍ରେୟାସ ଆୟାର(୧୬)ଙ୍କ ଉଇକେଟ ହାସଲ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଭିଜ୍ଞ ଓପନର ଶିଖର ଧାୱନ ଓ କଲିନ୍ ଇନ୍‌ଗ୍ରାମଙ୍କ ଦ୍ରୁତ ରନ ସଂଗ୍ରହ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ଉଇକେଟ ଯୋଡ଼ିରେ ୮୩ ରନ ଭାଗୀଦାରିପରେ ଇନ୍‌ଗ୍ରାମ ବ୍ୟକ୍ତିଗତ ୪୭(୩୨ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ପରେ ଧାୱନ ୪୩(୩୬ ବଲ, ୪ ଚୌକା, ୧ ଛକା)ରେ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ସେ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରୁ ୭ ଚୌକା ଓ ୭ ଛକା ସହାୟତାରେ ୭୮ ରନକରି ଅପରାଜିତ ରହିବାରୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୩ ରନର ବଡ଼ ସ୍କୋର କରିଥିଲା। ମୁମ୍ବାଇ ପକ୍ଷରୁ ମିଚେଲ ମ୍ୟାକକ୍ଲିନହାନ ୩ଟି ଏବଂ ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବେନ୍ କଟିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୪୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ରୋହିତ ଶର୍ମା(୧୪), କ୍ୱିଣ୍ଟନ ଡି କକ୍ ଓ ସୂର୍ଯ୍ୟ କୁମାର ଯାଦବଙ୍କ ଉଇକେଟ ହରାଇ ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଯୁବରାଜ ସିଂ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଯୁବରାଜ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୧୫ ବଲ୍‌ରୁ ୩୨(୫ ଚୌକା, ୧ ଛକା) ଓ କେରନ ପୋଲାର୍ଡ ୧୩ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍‌ରା ଆହତ ସମସ୍ୟା (ଆବ୍‌ସେଣ୍ଟ ହର୍ଟ) ଯୋଗୁ ବ୍ୟାଟିଂ ପାଇଁ ଆସିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଈଶାନ୍ତ ଶର୍ମା ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ, କେମୋ ପଲ୍, ଅକ୍ଷର ପଟେଲ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୬(ପନ୍ତ-୭୮, ଇନ୍‌ଗ୍ରାମ-୪୭, ଧାୱନ-୪୩, ମ୍ୟାକ୍‌କ୍ଲିନହାନ-୩/୪୦, ବୁମ୍‌ରା-୧/୪୦,ହାର୍ଦ୍ଦିକ-୧/୪୧, କଟିଂ-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୨ ଓଭରରେ ୧୭୬/ଅଲଆଉଟ(ଯୁବରାଜ-୫୩, କ୍ରୁନାଲ-୩୨, ଡି'କକ୍-୨୭, ଈଶାନ୍ତ-୨/୩୪, ରାବାଡ଼ା-୨/୨୩, ବୋଲ୍ଟ-୧/୪୨, ଟେୱାଟିଆ-୧/୧୨, ପଲ୍-୧/୨୧, ଅକ୍ଷର-୧/୪୨)।

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

### କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପୁତୁରା

**ରାୟଗଡ଼ା ଅଫିସ୍,୨୪।୩**

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି। ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।



କବିତା ଆସରରେ ଉପସ୍ଥିତ କବୟିତ୍ରୀ ଓ କବିମାନେ।

# କୋସଲି କବିତା ଆସର ପଲଶା ଫୁଲ

**ସୋନପୁର,୨୪।୩ (ନି.ପ୍ର)**

ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସୋନପୁର ଆନୁକୂଲ୍ୟରେ କୋସଲି କବିତା ଆସର ପଲଶା ଫୁଲ ରବିବାର ଅପରାହ୍ନରେ ସୁବର୍ଣ୍ଣା କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ମା' କୋସଲେଶ୍ୱରୀଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ପୂର୍ବକ ଏହି ଆସରକୁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତଥା କୋସଲ ହେରିଟେଜ ଟ୍ରଷ୍ଟର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଉଦ୍‌ଘାଟନ କରିଥିଲେ। ସାହୁ ପ୍ରଥମେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସୁବର୍ଣ୍ଣା ଅଧ୍ୟକ୍ଷା ଅଧ୍ୟାପିକା ମୀନା ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋସଲି ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ସକାଶେ ଅନୁଷ୍ଠିତ ଏହି କବିତା ଆସରରେ ଯୋଗଦାନ କରିଥିବା ଶତାଧିକ କୋସଲି କବିଙ୍କ ମଧ୍ୟରୁ ୧୭ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ଓ କବି ଶ୍ରୀଧର ବାଗ ବିଚାରକ ଭାବେ କାର୍ଯ୍ୟନିର୍ବାହ କରିଥିଲେ। କବିତା ଆସରକୁ ସଂଯୋଜନା କରିଥିଲେ ଅଧ୍ୟାପିକା ପ୍ରୀତିମୟୀ ମିଶ୍ର, ଅଖୋଜ ଷାଣ୍ଢ ଓ କୃପାସିନ୍ଧୁ ମହାକୁଡ। ସୁବର୍ଣ୍ଣାର ସମ୍ପାଦିକା ମଞ୍ଜୁଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଲିବଲ ଟୁର୍ନାମେଣ୍ଟ: ରୁଣ୍ଡିମହୁଲ ଚାମ୍ପିୟନ

**କନ୍ଧମାଳ,୨୪।୩ (ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖଲିଆପାଲି ପଞ୍ଚାୟତର ମା' ବୀଣାପାଣି କ୍ଲବ ଝଗୁଡୁପାଲି ଦ୍ୱାରା ଆୟୋଜିତ ପ୍ରଥମ ଗ୍ରାମାଞ୍ଚଳ ଭଲିବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଘୁଲଘୁଲାପଦର ଓ ରୁଣ୍ଡିମହୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ରୁଣ୍ଡିମହୁଲ ଦଳ ଘୁଲଘୁଲାପଦର ଦଳକୁ ୩-୧ ସେଟ୍ ରେ ହରାଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର ମୁଖ୍ୟଅତିଥି, ସାମାଜିକ କର୍ମୀ ସୁଧୀର କୁମାର ଗୁରୁ, ଖଲିଆପାଲି ସରପଞ୍ଚ ପ୍ରତିନିଧି ସୁଶୀଲ ମହାଲିଙ୍ଗ, ବିଧାୟକ ପ୍ରତିନିଧି ସୁଧାଂଶୁ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଚାମ୍ପିୟନ ରୁଣ୍ଡିମହୁଲ ଓ ରନର୍ସ ଅପ୍ ଘୁଲଘୁଲାପଦର ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ । ଚିଦାନନ୍ଦ କଅଁର ଓ ମହେନ୍ଦ୍ର ଦାଶ ମ୍ୟାଚ୍ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ । କ୍ଲବର ଠାକୁର ଚରଣ ନାୟକ, ଗୋକୁଳାନନ୍ଦ ଠେଲା, ଆକବର ଠେଲା, ଚନ୍ଦ୍ରଶେଖର ମାଝୀ, ବଳଭଦ୍ର କର୍ମୀ, ସୁଶାନ୍ତ ବାଘ, ଅଶୋକ ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ ।

## ଦାଉ ସାଧୁଛେ ଯକ୍ଷ୍ମା ରୋଗ୍

# ସରକାରୀ ସୁବିଧାରୁ ବଁଚିତ ଘଇସାନ

**ବିନିକା,୨୪।୩ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡ଼ି ପଁଚେତ୍ ସାରଙ୍ଗପାଲି ଗାଁର ମଛିନ୍ଦ୍ର ସୁନା(୭୦)। ଇ ବୁଢ଼ାକାଲେ ମଛିନ୍ଦ୍ର ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଥିବାର ମାଏକିନା ଘଇସାନ(୬୯) ଆର ଛାର୍‌ରି ଝିଁ ସତ୍ୟଭାମା(୩୩)ର ବୋଝ୍ ଉଠଉଛନ୍। ମାଏକିନାର ଚିକିତ୍ସା ଲାଗି ମଛିନ୍ଦ୍ର ନିଜର ଗୁଟେ ଏକର ଜମିକେ ଗହନା ପକେଇଛନ୍। ସେ ୨୦୧୭-୧୮ ସାଲେ ଆବାସ ଯୋଜନାରେ ଘରଖଁଡ଼େ ପାଇଥିଲେ ବି ଅଭାବ ଅନାଟନ, ବେମାରସେମାର ଲାଗି ଘର ପୂରାକରି ନୁହେପାରନ୍। ଇତାର ବାହାରେ ଅନ୍ତ୍ୟୋଦୟ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ପରିବାରକେ ମିଳୁଥିବାର ୩୫ କେ.ଜି. ଚାଉଳ ଆର ମଛିନ୍ଦ୍ର ପାଉଥିବାର ବୁଢ଼ାବୁଢ଼ି ଭତା ୫ଶହ ଟଁକାରେ ପରିବାର ଚଳୁଛେ। ଏନ୍ତା ପରିସ୍ଥିତିରେ ବି ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଘଇସାନକେ ଆଏଜତକ୍ ବୁଢ଼ାବୁଢ଼ି ଭତା ନୁହେ ମିଳିପାରେ। ମାଏକିନାର ଭତାର ଲାଗି ମଛିନ୍ଦ୍ର ବାରବାର ଆବେଦନ କରି ନିରାଶ ହେଇଥିବାର କହିଛନ୍। ସେନ୍ତା ଛାର୍‌ରି ହେଇ ଘରେ ଥିବାର ଝିଁ ସତ୍ୟଭାମା ବି ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ ହେଇ ରହିଥିବାର ଜନାଯାଉଛେ। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ପ୍ରଭାସ ଚନ୍ଦ୍ର ପ୍ରଧାନକୁଁ ପଚରାଲାରୁ ଫିମାସ ଯକ୍ଷ୍ମା ରୋଗ୍‌ର ମୂଳ୍ ମାରବାର ଲାଗି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆରମ୍ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନକେ ସଚେତନତା ଶିବିର କରାଯାଉଛେ। ଯକ୍ଷ୍ମାରୁଗୀ ଚିନ୍ହଁଟ ହେଲା ଉତାରୁ ତାହାକୁ ମାସିକ ୫ଶହ ଟଁକା ଉଷୋକଷା ଘିନବାର ଲାଗି ମିଳସି। ଥାନୀୟ ଆଶାକର୍ମୀକୁଁ ଜନାଲା ଉତାରୁ ସେ ରୁଗୀକୁଁ ସ୍ୱାସ୍ଥ୍ୟ ବିଭାଗ ତରଫୁ ସାହାଯ୍ ମିଳିପାରବା ବଲି କହିଥିଲେ। ଇ ବାବ୍‌ଦେ ବାଙ୍କିଗିର୍ଡ଼ି ପଁଚେତ୍ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥୀକୁଁ ପଚରାଲାରୁ ଘଇସାନକୁଁ କେନ୍‌ଥେଇ ସରକାରଙ୍କର ପେନ୍‌ସନ୍ ସ୍କିମ୍‌ରେ ସାମିଲ କରାଯାଇ ପାରବା ସେ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।


ଯକ୍ଷ୍ମାରେ ପୀଡ଼ିତ ମାଏକିନା ଆର ଝିଁ ସତ୍ୟଭାମାର ସଂଗେ ମଛିନ୍ଦ୍ର।

# କିଡ଼ନୀ ବେମାରରେ ଆଏଁଖ୍ ମୁଜ୍‌ଲେ ଲାଲଧର

**ଖଡିଆଳ,୨୪।୩(ଡି.ଏନ୍.ଏ.)**

ଉଭଏ କେନ୍ଦ୍ର ଆର ରାଏଜ ସରକାର ଗରିବ୍ ଦୁଖି, ନିଆଁସିମାନକର ଲାଗି ଅନେକ ଆବାସ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ସରକାରଙ୍କର ଇ ସବୁ ମହତ୍ ଯୋଜନା ନୂଆପଡ଼ା ଜିଲାରେ ବାଟବନା ହେଉଥିବାର ଦେଖିବାକେ ମିଳୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡ଼ା ପଁଚେତ୍‌ର ମୋହରା ଗାଁରେ। ଗାଁର ଲାଲଧର ଷଣ୍ଢ ଝନେ ନିହାତି ଗରିବ୍ ଲୋକ ହେଇଥିଲାବେଲେ ସେ ଗଲା ୩ ବଛର ହେଲା କିଡ଼ନୀ ରୋଗ୍‌ରେ ପୀଡ଼ିତ ଥିଲେ। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ ଗୁହାରି କରିଥିଲେ, ସଭେ କଥା ବି ଦେଇଥିଲେ। ହେଲେ ସପନ୍ ପୂରା ହେବାର ଆଗରୁ, ଆଏଜ୍‌କେ ୧୫ ଦିନ୍ ତଲେ ସେ କିଡ଼ନୀ ବେମାରରେ ସବୁଦିନର ଲାଗି ଆଏଁଖ୍ ମୁଜିଦେଇଛନ୍। ସୂଚନା ଅନ୍‌ସାରେ ମୋହରା ଗାଁର ଲାଲଧର ଷଣ୍ଢ, ମାଏକିନା ଗୋରସଖାଇ, ବଡ଼ ଝିଁ କାମିନୀ(୧୮), ମଝିଆଁ ଝିଁ ଯଶୋଦା(୧୫), ସାନ

### ସପନ ହୋଇ ରହିଗଲା ଆବାସ ଘର

ଝିଁ ଦୀପିକା(୬) ଆର ଗୁଟେବଲି ପୁଓ ମଳୟ(୮)କେ ନେଇ ତାକର ପରିବାର। ସପଁତି କହିଲେ ୩ ଡିସିମିଲ ଜାଗା ଆର ଦୁଇ ବଖରା ମାଏଟ୍‌ଘର। ଜମିବାଡ଼ିବଲିକିଛିନାଇଁ। ଦୁଇ ମାଏଝି ମୁନୁଷ ବାହା ଜାଂଗଲ ମାଜିଯାହା କମଉଥିଲେ ସେଥିରେ ତାକର ପରିବାର ଚଲୁଥିଲା, ପିଲାଛୁଆ ପାଠ୍ ପଢୁଥିଲେ। ହେଲେ ସେଟା ବି ପେଟକେ ଅଁଟ୍‌ଲେ ଦିହିକେ ନାଇଁ ଲେଖେଁ। ଏନ୍ତାଥି ଘର ଦୁଇବଖରା ବନାବାର ତ ଦୂରର କଥା, ଲାଲଧର ମାଏଟ୍ କୁଡ଼ିଆ ଦୁଇ ବଖରାକ ମରାମତି ନାଇଁ କରିପାରୁଥାଇ। ସେ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ମୂଳ କରି ଜିଲାପାଳଙ୍କର ଅଭିଯୋଗ ଶିବିରେ ବି ଅଭିଯୋଗ କରିଥିଲେ। ଅନେକ ଜାଗାରୁ ପରତିଶ୍ରୁତି ବି ପାଇଥିଲେ। ହେଲେ ସେ ଅନେକ ଦିନ୍ ହେଲା କିଡ଼ନୀ ବେମାରରେ ପୀଡ଼ିତଥିଲେ। ସପନ ପୂରା ହେବାର ଆଗରୁ ଗଲା ୧୫ ଦିନ୍ ତଲେ ସେ ସବୁଦିନର ଲାଗି ଆଏଁଖ୍ ମୁଜିଦେଇଛନ୍। ଏନ୍ତାଥି କୁଟୁମବସିଆ ଅସାହା ହେଇଯାଇଛନ୍। ନିଜର ମାଏଟ୍ ଘର ଭାଂଗି ଯାଇଥିଲାବେଲେ କୁଟୁମବସିଆ ପରହର ଭଂଗା ଦଦ୍‌ରା ଘରେ ଆଶ୍ରେ ନେଇଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଯୁକ୍ତ ୨ ପାସ୍ କରିଥିବାର ବଡ଼ ଝିଁର ପାଠ୍‌ପଢ଼ାରେ ଗଁଠି ପଡ଼ିଛେ। ସେନ୍ତା ମଝିଆଁ ଝିଁ ଯଶୋଦା ବି ଇଥର ମାଟ୍ରିକ ପରୀକ୍ଷା ଦେଇଛନ୍। ହେଲେ ବାପା ଚାଲିଗଲା ଉତାରୁ ଦୁଇ ବହେନ୍ ପରିବାର ଚଲାବାର ଲାଗି ପାଠ୍‌ପଢ଼ା ଛାଡ଼ି ପରହର କାମ୍‌ଧଁଦା କରୁଛନ୍। ଏନ୍ତାଥି ବିଧବା ଗୋରସଖାଇ ଗଣମାଧ୍ୟମ ଜରିଆରେ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଥାନୀୟ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଖଡ଼ିଆଳ ବିଡିଓ ଉତ୍ତମ କୁମାର ବାଗକୁଁ ପଚରାଲାରୁ ମୋରପାସେ ଘଟନା ବାବ୍‌ଦେ ଖବର ନାଇଁଥାଇ। ଘଟନା ବାବ୍‌ଦେ ତଦଁତ୍ କରାଯିବା, ଏହେଦେ ତ ପକାଘର ବାଁଟବାର ଟାର୍ଗେଟ ସରିଯାଇଛେ। ଫେର ଘର ଆଏଲେ ଗୋରସଖାଇକୁଁ ପକାଘର ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ରାଜଧାନୀକୁ ବସ୍ ଚଳାଚଳ ଦାବି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା, ମୁରିବାହାଲ ବ୍ଲକ ଗୁଡିଘାଟ ଏବଂ ବାନ୍ଧୁପଲା ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ବସ୍ ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଅଞ୍ଚଳରୁ ରାଜଧାନୀକୁ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି। ଏପରି କି ଅଞ୍ଚଳବାସୀ କଟକ, ଭୁବନେଶ୍ୱର ଯିବାକୁ ହେଲେ ୫୦ କି.ମି. ଦୂର ବଲାଙ୍ଗୀ ଆସି ଟ୍ରେନ କିମ୍ବା ବସ୍ ଯୋଗେ ଆସିଥାନ୍ତି । ଫଳରେ ଲୋକଙ୍କ ସମୟ ନଷ୍ଟ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ରାଜଧାନୀକୁ ବସ୍ ଚଳାଚଳ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ୫ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡ଼ିଛି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୫ ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡିଛି। ଫଳରେ ଲୋକେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ପ୍ରମୋଶନରେ ଯିବାପରେ ଏଭଳି ସ୍ଥିତି ଉପୁଜିଛି। ଉକ୍ତ ପଦବୀ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ବନ ବିଭାଗ ଚଢାଉ: କାଠ ସାମଗ୍ରୀ ଜବତ

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.) :** ଖପ୍ରାଖୋଲ ବ୍ଲକ ପଡ଼ଆବାହାଲ ପଞ୍ଚାୟତ ଦେଦର୍ହ ଗାଁରେ ରବିବାର ମଧ୍ୟାହ୍ନରେ ବନ ବିଭାଗ ଚଢାଉ କରି କାଠ ସାମଗ୍ରୀ ଜବତ କରିଛି। ଦେଦର୍ହ ଗାଁର ରମେଶ ସାହୁଙ୍କ ଘରେ ବେଆଇନ ଭାବେ କାଠ ସାମଗ୍ରୀ ତିଆରି ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏନେଇ ମୋବାଇଲ ସ୍କ୍ୱାର୍ଡ ଏସିଏଫ୍ ବାବାଜୀ ଚରଣ ରାଉଲଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଗାଁରେ ଚଢାଉ କରିଥିଲେ। ଚଢାଉ ବେଳେ କର୍ମଚାରୀମାନେ ଅଧା ତିଆରି କବାଟ, ଝରକା, ସହ କାଠ ତିଆରି ସାମଗ୍ରୀ ଜବତ କରିଥିଲେ। ଏ ନେଇ ହରିଶଙ୍କର ରେଞ୍ଜ ପକ୍ଷରୁ ଏକ ମାମଲା (ନଂ. ୨୩/୨୦୧୮-୨୦୧୯) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ ପ୍ରକାଶ କରିଛନ୍ତି। ଜବତ କାଠ ସାମଗ୍ରୀର ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉରେ ଖପ୍ରାଖୋଲ ବନପାଳ ଗୁଣନିଧି ପରିଡା, ବିନୋଦ ଧରୁଆ, ହିତେଶ ମାଝିଙ୍କ ସହ ଅନ୍ୟ ବନକର୍ମଚାରୀ ପ୍ରମୁଖ ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**



ଟୁକୁନୀ ସାହୁ



ସୁରେନ୍ଦ୍ର ସିଂଭୋଇ



ଅଶୋକ ଚନ୍ଦ୍ର ଦୋରା

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଟୁକୁନୀ ସାହୁ | ୭୧, ୮୫୮ |
| କଂଗ୍ରେସ | ସୁରେନ୍ଦ୍ର ସିଂଭୋଇ | ୫୭, ୮୩୬ |
| ଭାଜପା | ମହେନ୍ଦ୍ର ଠାକୁର | ୨୫, ୬୧୭ |

ବଲାଙ୍ଗୀର ଜିଲାର ଅଣସଂରକ୍ଷିତ ୬୯ନମ୍ବର ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ। ଟିଟିଲାଗଡ଼, ଗୁଡଭେଲା, ସଇଁତଲା ବ୍ଲକ ସହ ତୁଷୁରା ଏନ୍ଏସି ଏବଂ ଟିଟିଲାଗଡ଼ ପୌରପାଳିକାକୁ ନେଇ ଏହି ନିର୍ବାଚନୀମଣ୍ଡଳୀ ଗଠିତ। ଏହି କ୍ଷେତ୍ରରେ ବର୍ତ୍ତମାନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇ ସାରିଥିବାରୁ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ତାରିଖରେ ଏଠାରେ ଭୋଟ ଗ୍ରହଣ କରାଯିବ।

ଟିଟିଲାଗଡ଼ ନିର୍ବାଚନୀ ମଣ୍ଡଳୀରେ ୨ଲକ୍ଷ ୪୧ହଜାର ୮୫୮ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୭ହଜାର ୯୫ ମହିଳା, ୧ଲକ୍ଷ ୨୪ହଜାର ୭୪୦ ପୁରୁଷ ଓ ୨୩ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୨୦୧୪ରେ ବିଜେଡିର ଟୁକୁନୀ ସାହୁ ୭୧ ହଜାର ୮୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ସୁରେନ୍ଦ୍ର ସିଂଭୋଇ ୫୭ ହଜାର ୮୩୬ ଖଣ୍ଡ ଭୋଟ ଦ୍ୱିତୀୟ ଓ ଭାଜପାର ମହେନ୍ଦ୍ର ଠାକୁର ୨୫ ହଜାର ୬୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଜେଡ଼ିରୁ ପ୍ରାର୍ଥୀ ହୋଇଥିବା ଟୁକୁନୀ ସାହୁଙ୍କ ଘର ଟିଟିଲାଗଡ଼ରେ। ଟିଟିଲାଗଡ଼ ପୌରପାଳିକାରେ ୨୪ଟି ବୁଥ ରହିଥିବା ବେଳେ ୨୬ ହଜାର ୩୫୮ ଭୋଟର ଏବଂ ଟିଟିଲାଗଡ ବ୍ଲକରେ ୧୧୧ଟି ବୁଥ୍ ଥିବାବେଳେ ୮୬ ହଜାର ୮୨୯ ଭୋଟର ରହିଛନ୍ତି। ସେହିପରି କଂଗ୍ରେସ ଟିକେଟ ପାଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ଘର ସଇଁତଲା ବ୍ଲକରେ। ଏହି ବ୍ଲକରେ ୧୧୩ଟି ବୁଥ ରହିଥିବା ବେଳେ ୮୪ ହଜାର ୬୨୩ ଭୋଟର ଅଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ଦୋରାଙ୍କ ଘର ଗୁଡଭେଲା ବ୍ଲକ ଅଧୀନ ଜାମମୁଣ୍ଡାରେ। ବର୍ତ୍ତମାନ ଅଶୋକ ଗୁଡ଼ଭେଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରହିଛନ୍ତି। ଏହା ସହ ସେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଏହି ବ୍ଲକରେ ୫୧ଟି ବୁଥ ରହିଥିବା ବେଳେ ୩୬ ହଜାର ୩୪୩ଜଣ ଭୋଟର ଅଛନ୍ତି। ତୁଷୁରା ଏନ୍ଏସିରେ ୧୦ଟି ବୁଥ ରହିଥିବା ବେଳେ ୭ ହଜାର ୭୦୫ଜଣ ଭୋଟର ରହିଛନ୍ତି।

୨୦୧୪ ନିର୍ବାଚନରେ ଟିଟିଲାଗଡ଼ ନିର୍ବାଚମଣ୍ଡଳୀରେ ବିଜେଡ଼ି ନିଜର ସ୍ଥିତି ଜାହିର କରିଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ ୬ଟି ଅକ୍ତିଆର କରି ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବର୍ତ୍ତମାନ ଟିଟିଲାଗଡ଼ ଜିଲା ଦାବିରେ ଧାରଣା ଓ ତୁଷୁରା ଚିକିତ୍ସାଳୟ ପ୍ୟାହା ବୃଦ୍ଧି ଦାବି ପୂରଣ ହୋଇ ନ ଥିବାରୁ ଏହି ସମସ୍ୟା ଶାସକ ଦଳକୁ ଅଡୁଆରେ ପକାଇବାର ସମ୍ଭାବନା ରହିଥିବା ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଆସନ୍ତା ୨୬ତାରିଖରେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି।

ବିଜେଡି ପ୍ରାର୍ଥୀ ତଥା ବିଧାୟିକା ଟୁକୁନୀ ସାହୁ କହିଛନ୍ତି ଯେ, ଗତ ପାଞ୍ଚବର୍ଷ ଧରି ସେ ଲୋକଙ୍କ ପାଇଁ କାମ କରିଛନ୍ତି। ଏଣୁ ଜନସାଧାରଣ ତାଙ୍କ ସହ ଅଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡ ପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ସେ ନିଶ୍ଚିତ ବିଜୟ ଲାଭ କରିବେ ବୋଲି କହିଛନ୍ତି। ଭାଜପା ପ୍ରାର୍ଥୀ ଅଶୋକ ଦୋରା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। ପୁନଶ୍ଚ କେନ୍ଦ୍ରର ଏନ୍ଡିଏ ସରକାରର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକେ ଅନୁଭବ କରିଛନ୍ତି। ଉକ୍ତ ବାର୍ତ୍ତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଇଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ।

ରିପୋର୍ଟ: **ମନୋଜ କୁମାର ଜୈନ**

### ଗୁଡଭେଲାରେ ମହୁଲଫୁଲର ଅଭାବୀ ବିକ୍ରି

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସୀମାନ୍ତ ଜାମୁଟ, ଗୁଡଙ୍ଗାମାଲ, ତରଙ୍ଗମୁଣ୍ଡା, ଗଭାରୀଗୁଡ଼ା, ରହେନମା ଗ୍ରାମର ଜନସାଧାରଣ ଚାଷ କାର୍ଯ୍ୟ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ବର୍ତ୍ତମାନ ଗ୍ରାମବାସୀ ମହୁଲଫୁଲ ସଂଗ୍ରହ କରୁଥିବା ବେଳେ ବଜାର ସୁବିଧା ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବେପାରୀମାନେ କମ୍ ଦରରେ ମହୁଲଫୁଲ କିଣି ଲାଭବାନ ହେଉଥିବା ବେଳେ ମହୁଲଫୁଲ ସଂଗ୍ରହକାରୀ ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନ ପକ୍ଷରୁ ମହୁଲଫୁଲର ମୂଲ୍ୟ ନିର୍ଦ୍ଧାରଣ କରି ନ ଥିବାରୁ ବ୍ୟବସାୟୀମାନେ ମନ ଇଚ୍ଛା ଦରରେ ମହୁଲଫୁଲ କିଣୁଥିବା ଅଭିଯୋଗ ହୋଇଛି। ଏ ନେଇ ତୁଷୁରା ଅବକାରୀ ଅଧିକାରୀ ସଚ୍ଚିକାନ୍ତ ଦତ୍ତଙ୍କୁ ପଚାରିବାରୁ ସେ କହିଥିଲେ, ସରକାର ପୂର୍ବରୁ ମହୁଳ ଫୁଲ କେଜି ପ୍ରତି ୧୭ଟଙ୍କା ଦର ନିର୍ଦ୍ଧାରଣ କରିଛନ୍ତି। ବର୍ତ୍ତମାନ ତାଠାରୁ ଅଧିକ ମୂଲ୍ୟରେ ମହୁଲଫୁଲ ବିକ୍ରି ହେଉଛି ବୋଲି କହିଥିଲେ। ସରକାର ମହୁଲଫୁଲର ଉଚିତ ମୂଲ୍ୟ ନିର୍ଦ୍ଧାରଣ କଲେ ସଂଗ୍ରହକାରୀମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଦେଓଗାଁ ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀ

## ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହୁଏ




ଦେଓଗାଁ ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ଦେଓଗାଁ,୨୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ରବିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତିଙ୍କ ପ୍ରତିନିଧି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ବୀରେନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପକ ମଣ୍ଟୁ ରଞ୍ଜନ ସା, ରଶ୍ମୀ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ କାର୍ଯ୍ୟକଳାପ ଉପରେ ଅଭିଭାବକମାନେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଅଧ୍ୟକ୍ଷ ତଥା ଅଧ୍ୟାପକମାନଙ୍କ ସହ ସେମାନେ ନିୟମିତ ଯୋଗାଯୋଗ ରଖିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତିହେବ ବୋଲି ମତ ରଖିଥିଲେ। ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମଞ୍ଜରୀ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ ।

### କାର୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.)**

ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା କପସିପାଲି ବଜାର ନିକଟରେ ରବିବାର କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ଜିଲା ପାଇକମାଲ ଥାନା ଧାରୁଲ ଗାଁର ପ୍ରକାଶ ବରିହା(୩୦), ଶଙ୍କର ରଣା(୩୦) ଏବଂ ମାଣ୍ଡୋସିଲି ଗାଁର ସଞ୍ଜୀବ ସିର୍ଦ୍ଦାର(୧୪)। ମିଳିଥିବା ସୂଚନାମୁତାବକ, ପ୍ରକାଶ, ଶଙ୍କର ଏବଂ ସଞ୍ଜୀବ ଏକ ବାଇକ୍‌ରେ ବିବାହ ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ପାଟଣାଗଡ଼ ଆସୁଥିଲେ। ହେଲେ କପସିପାଲି ବଜାର ନିକଟରେ କାର-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ବାଇକ୍‌ରେ ଥିବା ୩ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନା ପୋଲିସ ଏକ ମାମଲା(ନଂ.୪୩/୧୯) ରୁଜୁ କରି କାର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

ବଲାଙ୍ଗୀର ଲୋକସଭା ନିର୍ବାଚନମଣ୍ଡଳୀ

## ତୃତୀୟ ଥର ମୁହାଁମୁହିଁ ଦିଅର-ଭାଉଜ

**ବଲାଙ୍ଗୀର ଅଫିସ,୨୪।୩**



କଳିକେଶ ନାରାୟଣ ସିଂଦେଓ
ବିଜେଡି



ସଙ୍ଗୀତା କୁମାରୀ ସିଂଦେଓ
ଭାଜପା



ସମରେନ୍ଦ୍ର ମିଶ୍ର
କଂଗ୍ରେସ

ବଲାଙ୍ଗୀର ଲୋକସଭା ଆସନରୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେଡିରୁ ଲଗାତାର ଦୁଇଥର ଏମ୍‌ପି ହୋଇଥିବା କଳିକେଶ ନାରାୟଣ ସିଂଦେଓଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଛି। ସେହିପରି ଲଗାତାର ୩ଥର ଏମ୍‌ପି ହୋଇଥିବା ଏବଂ ଶେଷ ଦୁଇଥର ପରାଜିତ ସତ୍ତ୍ୱେ ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପରେ ଭାଜପା ପୁଣି ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେଇଛି। ଅନ୍ୟପଟେ କଂଗ୍ରେସ ଚଳିତ ନିର୍ବାଚନରେ ନୂଆ ପ୍ରାର୍ଥୀ ଭାବେ ଯୁବ ଚେହେରା ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଏହି ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ୩ ରାଜନେତା ବଲାଙ୍ଗୀର ରାଜନୀତିର ଦୁଇ ଚର୍ଚ୍ଚିତ ପରିବାରର ସଦସ୍ୟ ରହିଛନ୍ତି। ବିଜେଡି ପ୍ରାର୍ଥୀ କଳିକେଶ ଏବଂ ଭାଜପା ପ୍ରାର୍ଥୀ ସଙ୍ଗୀତା ଉଭୟେ ସମ୍ପର୍କରେ ଦିଅର-ଭାଉଜ। ଏହି ଦୁଇ ପ୍ରାର୍ଥୀ ବଲାଙ୍ଗୀର ଲୋକସଭା ଆସନରେ ତୃତୀୟ ଥର ପାଇଁ ନିର୍ବାଚନୀ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଗତ ୨ଟି ନିର୍ବାଚନ ୨୦୦୯ ଓ ୨୦୧୪ରେ ଭାଜପାରୁ ସଙ୍ଗୀତା ଓ ବିଜେଡିରୁ କଳିକେଶ ପ୍ରାର୍ଥୀ ହୋଇ ମୁହାଁମୁହିଁ ହୋଇଥିଲେ। ଏହି ଦୁଇ ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିପୁଳ ଭୋଟରେ ବିଜୟୀ ହୋଇ ଭାଉଜ ସଙ୍ଗୀତାଙ୍କୁ କଡା ଜବାବ ଦେଇଥିଲେ। ୨୦୧୯ ନିର୍ବାଚନରେ ଦିଅର କଳିକେଶଙ୍କ ସହ ତୃତୀୟ ଥର ମୁହାଁମୁହିଁ ହେବାକୁ ଯାଉଥିବା ସଙ୍ଗୀତାଙ୍କ ପାଇଁ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ନିର୍ବାଚନକୁ ମିଶେଇଲେ ସଙ୍ଗୀତା ଷଷ୍ଠଥର ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୫ଟି ନିର୍ବାଚନରୁ ସଙ୍ଗୀତା ପ୍ରଥମ ୩ଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୮, ୧୯୯୯ ଓ ୨୦୦୪ରେ ସଙ୍ଗୀତା ଭାଜପା ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ମାତ୍ର ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ବଲାଙ୍ଗୀର ଲୋକସଭା ଆସନରୁ କଳିକେଶ ଓ ସଙ୍ଗୀତା ଉଭୟ ଦିଅର ଭାଉଜ ମୁହାଁମୁହିଁ ହେଉଛନ୍ତି।

**ପ୍ରଥମ ଥର ନିର୍ବାଚନ ଲଢ଼ିବେ ସମରେନ୍ଦ୍ର**

ଗତ ଦୁଇଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିଜୟୀ ହୋଇଥିବା ବେଳେ ସଙ୍ଗୀତା ନିର୍ବାଚନ ହାରିଛନ୍ତି। ୨୦୧୯ ନିର୍ବାଚନରେ ତୃତୀୟ ଥର ମୁହାଁମୁହିଁ ହେବାକୁ ଥିବା ଦିଅର-ଭାଉଜ ପୁଣି ଥରେ ନିଜ ଶକ୍ତି ପ୍ରଦର୍ଶନ କରିବେ । ମୋଦି ହାୱାରେ ସଙ୍ଗୀତା ବିଜୟୀ ହେବା ଲକ୍ଷ୍ୟ ରଖିଥିବା ବେଳେ ନବୀନଙ୍କ ପତିଆରା ଓ ଦଳୀୟ ସଙ୍ଗଠନକୁ ନେଇ କଳିକେଶ ପୁଣି ଜିତିବେ ବୋଲି କହୁଛନ୍ତି। ଅନ୍ୟପକ୍ଷେ ୧୯୯୬ ପରଠାରୁ ବଲାଙ୍ଗୀର ଲୋକସଭା ଆସନ ଅକ୍ତିଆର କରି ନ ଥିବା କଂଗ୍ରେସ ଏଥର ନୂଆ ଓ ଯୁବ ଚେହେରା ସମରେନ୍ଦ୍ରଙ୍କୁ ଟିକେଟ ଦେଇ ବିଜୟୀ ହେବା ଆଶା ରଖିଛି। ଭାଜପା ଓ ବିଜେଡି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ବାଜି ମାରିବେ ବୋଲି ଆଶା ରଖିଛନ୍ତି । ଏସବୁ ଭିତରେ ବଲାଙ୍ଗୀର ରାଜନୀତି ବେଶ୍ ରୋଚକ ହେବାକୁ ଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି।

## ବୁର୍ଲାରେ ଚିକିତ୍ସାଧୀନ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ

### ପତ୍ରାପାଲିରେ ଭୟର ବାତାବରଣ

**ଲୋଇସିଂହା,୨୪।୩(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅଧୀନ କର୍ଲିପାଟ, ପତ୍ରାପାଲି, ମାଣ୍ଡିଆପଦର ଓ କଦଳୀପାଲି ଗାଁରେ କିଡନୀ ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। କିଛି ବର୍ଷ ମଧ୍ୟରେ ଅଞ୍ଚଳରେ ୧ ଶହରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଦାନ ଓ ନିରାକରଣ ପ୍ରତି ତତ୍ପରତା ପ୍ରକାଶ କରାଯାଉ ନ ଥିବାରୁ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପକ୍ଷେ ଲୋଇସିଂହା ପଞ୍ଚାୟତ ଅଧୀନ ପତ୍ରାପାଲି ଗାଁରେ ଗତ ୨ ଦିନରେ ୨ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଲୋଇସିଂହା ସଦର ପଞ୍ଚାୟତ ପତ୍ରାପାଲି ଗାଁର ପ୍ରସନ୍ନ ପଧାନ(୫୬) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ଅନ୍ୟ ଜଣେ ରୋଗୀ ଅରୁଣ ପଧାନ(୫୮)ଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ରବିବାର ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି। ସୂଚନା ଯୋଗ୍ୟ, ବୁର୍ଲାରେ ଶବ ବାହକ ଗାଡି ନ ମିଳିବାରୁ ପରିବାର ଲୋକେ ବହୁ କଷ୍ଟରେ ଏକ ଗାଡି ଭଡା କରି ମୃତଦେହ ଘରକୁ ଆଣିଥିଲେ। ଏନେଇ ଗରିବ ପରିବାରଙ୍କ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବଢୁଛି ସଟ୍ଟା ଖେଳ, ମଦ କାରବାର

# କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାର ଦ୍ୱାରସ୍ଥ ମହିଳା



ବେଆଇନ ମଦ କାରବାର ଏବଂ ସଟ୍ଟା ଖେଳ ବନ୍ଦ ଦାବିରେ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିବା ମହିଳାମାନେ।

**ଲୋଇସିଂହା,୨୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଫାସଡ ଗ୍ରାମରେ ମଦ କାରବାର ସହ ସଟ୍ଟା ଖେଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ମଦ ଓ ସଟ୍ଟା ଖେଳରେ ସ୍କୁଲପିଲାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେକରୁଥିବା ଅଭିଯୋଗ କରି ରବିବାର ମଧ୍ୟାହ୍ନରେ ଲୋଇସିଂହା ଥାନାର ହୋଇଥିଲେ। ବେଆଇନ ମଦ କାରବାର ଏବଂ ସଟ୍ଟା ଖେଳାଉଥିବା ବ୍ୟକ୍ତିବିଶେଷ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୂଚନାଯୋଗ୍ୟ, ଲୋଇସିଂହା ଥାନାଠାରୁ ୬ କି.ମି ଦୂରରେ ଫାସଡ ଗାଁ ଅବସ୍ଥିତ । ଫାସଡ ଗାଁ ଦେଇ ବରଗଡ଼-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଯାଇଛି । ଉକ୍ତ ଛକ ଉପରେ ବଲାଙ୍ଗୀର ସଦର ବ୍ଲକ ମନହୀରା, ସକମା, ରାନୀପାଲ, କିରାବହାଲ,ଖଲିଆପାଲି ସମେତ ଲୋଇସିଂହା ବ୍ଲକ କୁଶମେଲ, କୁଶଙ୍ଗ ପଞ୍ଚାୟତର ଅଧିକାଂଶ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ଛକରେ କିଛି ବର୍ଷ ହେଲା ମଦ ଓ ସଟ୍ଟା କାରବାର ବୃଦ୍ଧି ପାଇଛି । ଗ୍ରାମର କିଛି ବ୍ୟକ୍ତି ମଦ ଭାଟି ଏବଂ ଦୋକାନରୁ ଦେଶୀ ଓ ବିଦେଶୀ ମଦ ଆଣି ବେଆଇନ ଭାବେ ବିକ୍ରି କରୁଛନ୍ତି। ଗ୍ରାମରେ ଅନାୟାସରେ ମଦ ମିଳୁଥିବାରୁ ବଧେଡକ ଭାବେ ଲୋକେ ମଦ୍ୟପାନ କରୁଛନ୍ତି। ଫଳରେ ବସ୍ତି ଓ ଛକରେ ମଦୁଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଫଳରେ ଗ୍ରାମର ମହିଳମାନେ ସୁକତେଲ ନଦୀକୁ ସ୍ନାନ କରିବାକୁ ଗଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏପରି କି ଗାଁର ଛକରେ ସଟ୍ଟା ଖେଳ ଓ ମଦ ବିକ୍ରି ହେଉଥିବାରୁ ସ୍କୁଲ ପିଲାମଧ୍ୟ ଏହାର ଶିକାର ହେଉଥିବା ନେଇ ଗ୍ରାମର ମା' ପାର୍ବତୀ, ମା'ଲକ୍ଷ୍ମୀ, ଜୀବନଧାରା, ଜୟ ଦୁର୍ଗା, ମା' ମଲେଶ୍ୱରୀ, ଜୟ ବଜରଙ୍ଗ ବଳି, ଜୟହନୁମାନ ଏପରି ୧୫ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲୋଇସିଂହା ଥାନାକୁ ଆସି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆଇଆଇସି ଲଳିତା ଲେକ୍ରା ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

**ଏମାନେ ଯାହା କୁହନ୍ତି...**



ଗାଁରେ ମଦ୍ୟପଙ୍କ ଦୌରାତ୍ମ୍ୟ ବଢି ଚାଲିଛି । ଏନେଇ ମା' ଭଉଣୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ପୋଲିସର ସହାୟତା ନେଇ ଥାନାକୁ ଆସିଥିଲୁ। ଏପରି କି ଅସାମାଜିକ ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

**-ସଞ୍ଜୁକ୍ତା ବରାଲ, ନାଏବ ସରପଞ୍ଚ**



ଗ୍ରାମର ୫ଟି ସ୍ଥାନରେ ମଦ ବିକ୍ରି ହେଉଛି। ଏନେଇ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପକ୍ଷେ ସଟ୍ଟା ଖେଳ ଯୋଗୁ ଲୋକଙ୍କ ଭବିଷ୍ୟତ ନଷ୍ଟ ହେବାରେ ଲାଗିଛି। ଏନେଇ ତୁରନ୍ତ ଅଞ୍ଚଳରେ ବେଆଇନ ମଦ କାରବାର ସହ ସଟ୍ଟା ଖେଳ ବନ୍ଦ କରାଯାଉ।

**- କିଶୋରୀ ପାତ୍ର**



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ରାଜଧାନୀକୁ ବସ୍ ଚଳାଚଳ ଦାବି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା, ମୁରିବାହାଲ ବ୍ଲକ ଗୁଡିଘାଟ ଏବଂ ବାନ୍ଦୁପଲା ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ବସ୍ ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଅଞ୍ଚଳରୁ ରାଜଧାନୀକୁ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି। ଏପରି କି ଅଞ୍ଚଳବାସୀ କଟକ, ଭୁବନେଶ୍ୱର ଯିବାକୁ ହେଲେ ୫୦ କି.ମି. ଦୂର ବଲାଙ୍ଗୀ ଆସି ଟ୍ରେନ କିମ୍ବା ବସ୍ ଯୋଗେ ଆସିଥାନ୍ତି । ଫଳରେ ଲୋକଙ୍କ ସମୟ ନଷ୍ଟ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ରାଜଧାନୀକୁ ବସ୍ ଚଳାଚଳ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ୫ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡ଼ିଛି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୫ ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡିଛି। ଫଳରେ ଲୋକେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ପ୍ରମୋଶନରେ ଯିବାପରେ ଏଭଳି ସ୍ଥିତି ଉପୁଜିଛି। ଉକ୍ତ ପଦବୀ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ବନ ବିଭାଗ ଚଢାଉ: କାଠ ସାମଗ୍ରୀ ଜବତ

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.) :** ଖପ୍ରାଖୋଲ ବ୍ଲକ ପଡ଼ଆବାହାଲ ପଞ୍ଚାୟତ ଦେଦର୍ହ ଗାଁରେ ରବିବାର ମଧ୍ୟାହ୍ନରେ ବନ ବିଭାଗ ଚଢାଉ କରି କାଠ ସାମଗ୍ରୀ ଜବତ କରିଛି। ଦେଦର୍ହ ଗାଁର ରମେଶ ସାହୁଙ୍କ ଘରେ ବେଆଇନ ଭାବେ କାଠ ସାମଗ୍ରୀ ତିଆରି ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏନେଇ ମୋବାଇଲ ସ୍କ୍ୱାର୍ଡ ଏସିଏଫ୍ ବାବାଜୀ ଚରଣ ରାଉଳଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଗାଁରେ ଚଢାଉ କରିଥିଲେ। ଚଢାଉ ବେଳେ କର୍ମଚାରୀମାନେ ଅଧା ତିଆରି କବାଟ, ଝରକା, ସହ କାଠ ତିଆରି ସାମଗ୍ରୀ ଜବତ କରିଥିଲେ। ଏ ନେଇ ହରିଶଙ୍କର ରେଞ୍ଜ ପକ୍ଷରୁ ଏକ ମାମଲା (ନଂ. ୨୩/୨୦୧୮-୨୦୧୯) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ ପ୍ରକାଶ କରିଛନ୍ତି। ଜବତ କାଠ ସାମଗ୍ରୀର ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉରେ ଖପ୍ରାଖୋଲ ବନପାଳ ଗୁଣନିଧି ପରିଡା, ବିନୋଦ ଧରୁଆ, ହିତେଶ ମାଝିଙ୍କ ସହ ଅନ୍ୟ ବନକର୍ମଚାରୀ ପ୍ରମୁଖ ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**



ଟୁକୁନୀ ସାହୁ



ସୁରେନ୍ଦ୍ର ସିଂଭୋଇ



ଅଶୋକ ଚନ୍ଦ୍ର ଦୋରା

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଟୁକୁନୀ ସାହୁ | ୭୧, ୮୫୮ |
| କଂଗ୍ରେସ | ସୁରେନ୍ଦ୍ର ସିଂଭୋଇ | ୫୭, ୮୩୬ |
| ଭାଜପା | ମହେନ୍ଦ୍ର ଠାକୁର | ୨୫, ୬୧୭ |

ବଲାଙ୍ଗୀର ଜିଲାର ଅଣସଂରକ୍ଷିତ ୬୯ନମ୍ବର ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ। ଟିଟିଲାଗଡ଼, ଗୁଡଭେଲା, ସଇଁତଲା ବ୍ଲକ ସହ ତୁଷୁରା ଏନ୍ଏସି ଏବଂ ଟିଟିଲାଗଡ଼ ପୌରପାଳିକାକୁ ନେଇ ଏହି ନିର୍ବାଚନୀମଣ୍ଡଳୀ ଗଠିତ। ଏହି କ୍ଷେତ୍ରରେ ବର୍ତ୍ତମାନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇ ସାରିଥିବାରୁ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ତାରିଖରେ ଏଠାରେ ଭୋଟ ଗ୍ରହଣ କରାଯିବ।

ଟିଟିଲାଗଡ଼ ନିର୍ବାଚନୀ ମଣ୍ଡଳୀରେ ୨ଲକ୍ଷ ୪୧ହଜାର ୮୫୮ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୭ହଜାର ୯୫ ମହିଳା, ୧ଲକ୍ଷ ୨୪ହଜାର ୭୪୦ ପୁରୁଷ ଓ ୨୩ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୨୦୧୪ରେ ବିଜେଡିର ଟୁକୁନୀ ସାହୁ ୭୧ ହଜାର ୮୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ସୁରେନ୍ଦ୍ର ସିଂଭୋଇ ୫୭ ହଜାର ୮୩୬ ଖଣ୍ଡ ଭୋଟ ଦ୍ୱିତୀୟ ଓ ଭାଜପାର ମହେନ୍ଦ୍ର ଠାକୁର ୨୫ ହଜାର ୬୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଜେଡ଼ିରୁ ପ୍ରାର୍ଥୀ ହୋଇଥିବା ଟୁକୁନୀ ସାହୁଙ୍କ ଘର ଟିଟିଲାଗଡ଼ରେ। ଟିଟିଲାଗଡ଼ ପୌରପାଳିକାରେ ୨୪ଟି ବୁଥ ରହିଥିବା ବେଳେ ୨୬ ହଜାର ୩୫୮ ଭୋଟର ଏବଂ ଟିଟିଲାଗଡ ବ୍ଲକରେ ୧୧୧ଟି ବୁଥ୍ ଥିବାବେଳେ ୮୬ ହଜାର ୮୨୯ ଭୋଟର ରହିଛନ୍ତି। ସେହିପରି କଂଗ୍ରେସ ଟିକେଟ ପାଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ଘର ସଇଁନ୍ତଲା ବ୍ଲକରେ। ଏହି ବ୍ଲକରେ ୧୧୩ଟି ବୁଥ ରହିଥିବା ବେଳେ ୮୪ ହଜାର ୬୨୩ ଭୋଟର ଅଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ଦୋରାଙ୍କ ଘର ଗୁଡଭେଲା ବ୍ଲକ ଅଧୀନ ଜାମମୁଣ୍ଡାରେ। ବର୍ତ୍ତମାନ ଅଶୋକ ଗୁଡ଼ଭେଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରହିଛନ୍ତି। ଏହା ସହ ସେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଏହି ବ୍ଲକରେ ୫୧ଟି ବୁଥ ରହିଥିବା ବେଳେ ୩୬ ହଜାର ୩୪୩ଜଣ ଭୋଟର ଅଛନ୍ତି। ତୁଷୁରା ଏନ୍ଏସିରେ ୧୦ଟି ବୁଥ ରହିଥିବା ବେଳେ ୭ ହଜାର ୭୦୫ଜଣ ଭୋଟର ରହିଛନ୍ତି।

୨୦୧୪ ନିର୍ବାଚନରେ ଟିଟିଲାଗଡ଼ ନିର୍ବାଚମଣ୍ଡଳୀରେ ବିଜେଡ଼ି ନିଜର ସ୍ଥିତି ଜାହିର କରିଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ ୬ଟି ଅକ୍ତିଆର କରି ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବର୍ତ୍ତମାନ ଟିଟିଲାଗଡ଼ ଜିଲା ଦାବିରେ ଧାରଣା ଓ ତୁଷୁରା ଚିକିତ୍ସାଳୟ ପ୍ୟାହା ବୃଦ୍ଧି ଦାବି ପୂରଣ ହୋଇ ନ ଥିବାରୁ ଏହି ସମସ୍ୟା ଶାସକ ଦଳକୁ ଅଡୁଆରେ ପକାଇବାର ସମ୍ଭାବନା ରହିଥିବା ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଆସନ୍ତା ୨୬ତାରିଖରେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି।

ବିଜେଡି ପ୍ରାର୍ଥୀ ତଥା ବିଧାୟିକା ଟୁକୁନୀ ସାହୁ କହିଛନ୍ତି ଯେ, ଗତ ପାଞ୍ଚବର୍ଷ ଧରି ସେ ଲୋକଙ୍କ ପାଇଁ କାମ କରିଛନ୍ତି। ଏଣୁ ଜନସାଧାରଣ ତାଙ୍କ ସହ ଅଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡ ପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ସେ ନିଶ୍ଚିତ ବିଜୟ ଲାଭ କରିବେ ବୋଲି କହିଛନ୍ତି। ଭାଜପା ପ୍ରାର୍ଥୀ ଅଶୋକ ଦୋରା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। ପୁନଶ୍ଚ କେନ୍ଦ୍ରର ଏନ୍ଡିଏ ସରକାରର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକେ ଅନୁଭବ କରିଛନ୍ତି। ଉକ୍ତ ବାର୍ତ୍ତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଇଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ।

ରିପୋର୍ଟ: **ମନୋଜ କୁମାର ଜୈନ**

### ଗୁଡଭେଲାରେ ମହୁଲଫୁଲର ଅଭାବୀ ବିକ୍ରି

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସୀମାନ୍ତ ଜାମୁଟ, ଗୁଡଙ୍ଗାମାଲ, ତରଙ୍ଗମୁଣ୍ଡା, ଗଭାରୀଗୁଡ଼ା, ରହେନମା ଗ୍ରାମର ଜନସାଧାରଣ ଚାଷ କାର୍ଯ୍ୟ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ବର୍ତ୍ତମାନ ଗ୍ରାମବାସୀ ମହୁଲଫୁଲ ସଂଗ୍ରହ କରୁଥିବା ବେଳେ ବଜାର ସୁବିଧା ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବେପାରୀମାନେ କମ୍ ଦରରେ ମହୁଲଫୁଲ କିଣି ଲାଭବାନ ହେଉଥିବା ବେଳେ ମହୁଲଫୁଲ ସଂଗ୍ରହକାରୀ ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନ ପକ୍ଷରୁ ମହୁଲଫୁଲର ମୂଲ୍ୟ ନିର୍ଦ୍ଧାରଣ କରି ନ ଥିବାରୁ ବ୍ୟବସାୟୀମାନେ ମନ ଇଚ୍ଛା ଦରରେ ମହୁଲଫୁଲ କିଣୁଥିବା ଅଭିଯୋଗ ହୋଇଛି। ଏ ନେଇ ତୁଷୁରା ଅବକାରୀ ଅଧିକାରୀ ସଚ୍ଚିକାନ୍ତ ଦତ୍ତଙ୍କୁ ପଚାରିବାରୁ ସେ କହିଥିଲେ, ସରକାର ପୂର୍ବରୁ ମହୁଲ ଫୁଲ କେଜି ପ୍ରତି ୧୭ଟଙ୍କା ଦର ନିର୍ଦ୍ଧାରଣ କରିଛନ୍ତି। ବର୍ତ୍ତମାନ ତାଠାରୁ ଅଧିକ ମୂଲ୍ୟରେ ମହୁଲଫୁଲ ବିକ୍ରି ହେଉଛି ବୋଲି କହିଥିଲେ। ସରକାର ମହୁଲଫୁଲର ଉଚିତ ମୂଲ୍ୟ ନିର୍ଦ୍ଧାରଣ କଲେ ସଂଗ୍ରହକାରୀମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଦେଓଗାଁ ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀ

## ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହୁଏ




ଦେଓଗାଁ ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଦେଓଗାଁ,୨୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ରବିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତିଙ୍କ ପ୍ରତିନିଧି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ବୀରେନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପକ ମଣ୍ଟୁ ରଞ୍ଜନ ସା, ରଶ୍ମୀ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ କାର୍ଯ୍ୟକଳାପ ଉପରେ ଅଭିଭାବକମାନେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଅଧ୍ୟକ୍ଷ ତଥା ଅଧ୍ୟାପକମାନଙ୍କ ସହ ସେମାନେ ନିୟମିତ ଯୋଗାଯୋଗ ରଖିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତିହେବ ବୋଲି ମତ ରଖିଥିଲେ। ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମଞ୍ଜରୀ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ ।

### କାର୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.)**

ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା କପସିପାଲି ବଜାର ନିକଟରେ ରବିବାର କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ଜିଲା ପାଇକମାଲ ଥାନା ଧାରୁଲ ଗାଁର ପ୍ରକାଶ ବରିହା(୩୦), ଶଙ୍କର ରଣା(୩୦) ଏବଂ ମାଣ୍ଡୋସିଲି ଗାଁର ସଞ୍ଜୀବ ସିର୍ଦ୍ଦାର(୧୪)। ମିଳିଥିବା ସୂଚନାମୁତାବକ, ପ୍ରକାଶ, ଶଙ୍କର ଏବଂ ସଞ୍ଜୀବ ଏକ ବାଇକ୍‌ରେ ବିବାହ ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ପାଟଣାଗଡ଼ ଆସୁଥିଲେ। ହେଲେ କପସିପାଲି ବଜାର ନିକଟରେ କାର-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ବାଇକ୍‌ରେ ଥିବା ୩ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନା ପୋଲିସ ଏକ ମାମଲା(ନଂ.୪୩/୧୯) ରୁଜୁ କରି କାର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

ବଲାଙ୍ଗୀର ଲୋକସଭା ନିର୍ବାଚନମଣ୍ଡଳୀ

## ତୃତୀୟ ଥର ମୁହାଁମୁହିଁ ଦିଅର-ଭାଉଜ

**ବଲାଙ୍ଗୀର ଅଫିସ,୨୪।୩**



କଳିକେଶ ନାରାୟଣ ସିଂଦେଓ
ବିଜେଡି



ସଙ୍ଗୀତା କୁମାରୀ ସିଂଦେଓ
ଭାଜପା



ସମରେନ୍ଦ୍ର ମିଶ୍ର
କଂଗ୍ରେସ

ବଲାଙ୍ଗୀର ଲୋକସଭା ଆସନରୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେଡିରୁ ଲଗାତାର ଦୁଇଥର ଏମ୍‌ପି ହୋଇଥିବା କଳିକେଶ ନାରାୟଣ ସିଂଦେଓଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଛି। ସେହିପରି ଲଗାତାର ୩ଥର ଏମ୍‌ପି ହୋଇଥିବା ଏବଂ ଶେଷ ଦୁଇଥର ପରାଜିତ ସତ୍ତ୍ୱେ ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପରେ ଭାଜପା ପୁଣି ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେଇଛି। ଅନ୍ୟପଟେ କଂଗ୍ରେସ ଚଳିତ ନିର୍ବାଚନରେ ନୂଆ ପ୍ରାର୍ଥୀ ଭାବେ ଯୁବ ଚେହେରା ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଏହି ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ୩ ରାଜନେତା ବଲାଙ୍ଗୀର ରାଜନୀତିର ଦୁଇ ଚର୍ଚ୍ଚିତ ପରିବାରର ସଦସ୍ୟ ରହିଛନ୍ତି। ବିଜେଡି ପ୍ରାର୍ଥୀ କଳିକେଶ ଏବଂ ଭାଜପା ପ୍ରାର୍ଥୀ ସଙ୍ଗୀତା ଉଭୟେ ସମ୍ପର୍କରେ ଦିଅର-ଭାଉଜ। ଏହି ଦୁଇ ପ୍ରାର୍ଥୀ ବଲାଙ୍ଗୀର ଲୋକସଭା ଆସନରେ ତୃତୀୟ ଥର ପାଇଁ ନିର୍ବାଚନୀ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଗତ ୨ଟି ନିର୍ବାଚନ ୨୦୦୯ ଓ ୨୦୧୪ରେ ଭାଜପାରୁ ସଙ୍ଗୀତା ଓ ବିଜେଡିରୁ କଳିକେଶ ପ୍ରାର୍ଥୀ ହୋଇ ମୁହାଁମୁହିଁ ହୋଇଥିଲେ। ଏହି ଦୁଇ ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିପୁଳ ଭୋଟରେ ବିଜୟୀ ହୋଇ ଭାଉଜ ସଙ୍ଗୀତାଙ୍କୁ କଡା ଜବାବ ଦେଇଥିଲେ। ୨୦୧୯ ନିର୍ବାଚନରେ ଦିଅର କଳିକେଶଙ୍କ ସହ ତୃତୀୟ ଥର ମୁହାଁମୁହିଁ ହେବାକୁ ଯାଉଥିବା ସଙ୍ଗୀତାଙ୍କ ପାଇଁ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ନିର୍ବାଚନକୁ ମିଶେଇଲେ ସଙ୍ଗୀତା ଷଷ୍ଠଥର ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୫ଟି ନିର୍ବାଚନରୁ ସଙ୍ଗୀତା ପ୍ରଥମ ୩ଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୮, ୧୯୯୯ ଓ ୨୦୦୪ରେ ସଙ୍ଗୀତା ଭାଜପା ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ମାତ୍ର ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ବଲାଙ୍ଗୀର ଲୋକସଭା ଆସନରୁ କଳିକେଶ ଓ ସଙ୍ଗୀତା ଉଭୟ ଦିଅର ଭାଉଜ ମୁହାଁମୁହିଁ ହେଉଛନ୍ତି।

**ପ୍ରଥମ ଥର ନିର୍ବାଚନ ଲଢ଼ିବେ ସମରେନ୍ଦ୍ର**

ଗତ ଦୁଇଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିଜୟୀ ହୋଇଥିବା ବେଳେ ସଙ୍ଗୀତା ନିର୍ବାଚନ ହାରିଛନ୍ତି। ୨୦୧୯ ନିର୍ବାଚନରେ ତୃତୀୟ ଥର ମୁହାଁମୁହିଁ ହେବାକୁ ଥିବା ଦିଅର-ଭାଉଜ ପୁଣି ଥରେ ନିଜ ଶକ୍ତି ପ୍ରଦର୍ଶନ କରିବେ । ମୋଦି ହାୱାରେ ସଙ୍ଗୀତା ବିଜୟୀ ହେବା ଲକ୍ଷ୍ୟ ରଖିଥିବା ବେଳେ ନବୀନଙ୍କ ପତିଆରା ଓ ଦଳୀୟ ସଙ୍ଗଠନକୁ ନେଇ କଳିକେଶ ପୁଣି ଜିତିବେ ବୋଲି କହୁଛନ୍ତି। ଅନ୍ୟପକ୍ଷେ ୧୯୯୬ ପରଠାରୁ ବଲାଙ୍ଗୀର ଲୋକସଭା ଆସନ ଅକ୍ତିଆର କରି ନ ଥିବା କଂଗ୍ରେସ ଏଥର ନୂଆ ଓ ଯୁବ ଚେହେରା ସମରେନ୍ଦ୍ରଙ୍କୁ ଟିକେଟ ଦେଇ ବିଜୟୀ ହେବା ଆଶା ରଖିଛି। ଭାଜପା ଓ ବିଜେଡି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ବାଜି ମାରିବେ ବୋଲି ଆଶା ରଖିଛନ୍ତି । ଏସବୁ ଭିତରେ ବଲାଙ୍ଗୀର ରାଜନୀତି ବେଶ୍ ରୋଚକ ହେବାକୁ ଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି।

## ବୁର୍ଲାରେ ଚିକିତ୍ସାଧୀନ କିଡ୍ନୀ ରୋଗୀଙ୍କ ମୃତ୍ୟୁ

### ପତ୍ରାପାଲିରେ ଭୟର ବାତାବରଣ

**ଲୋଇସିଂହା,୨୪।୩(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅଧୀନ କର୍ଲିପାଟ, ପତ୍ରାପାଲି, ମାଣ୍ଡିଆପଦର ଓ କଦଳୀପାଲି ଗାଁରେ କିଡନୀ ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। କିଛି ବର୍ଷ ମଧ୍ୟରେ ଅଞ୍ଚଳରେ ୧ ଶହରୁ ଊର୍ଦ୍ଧ୍ୱ କିଡ୍ନୀ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଦାନ ଓ ନିରାକରଣ ପ୍ରତି ତତ୍ପରତା ପ୍ରକାଶ କରାଯାଉ ନ ଥିବାରୁ କିଡ୍ନୀ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପକ୍ଷେ ଲୋଇସିଂହା ପଞ୍ଚାୟତ ଅଧୀନ ପତ୍ରାପାଲି ଗାଁରେ ଗତ ୨ ଦିନରେ ୨ କିଡ୍ନୀ ରୋଗୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଲୋଇସିଂହା ସଦର ପଞ୍ଚାୟତ ପତ୍ରାପାଲି ଗାଁର ପ୍ରସନ୍ନ ପଧାନ(୫୬) କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ଅନ୍ୟ ଜଣେ ରୋଗୀ ଅରୁଣ ପଧାନ(୫୮)ଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ରବିବାର ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି।

ସୂଚନା ଯୋଗ୍ୟ, ବୁର୍ଲାରେ ଶବ ବାହକ ଗାଡି ନ ମିଳିବାରୁ ପରିବାର ଲୋକେ ବହୁ କଷ୍ଟରେ ଏକ ଗାଡି ଭଡା କରି ମୃତଦେହ ଘରକୁ ଆଣିଥିଲେ। ଏନେଇ ଗରିବ ପରିବାରଙ୍କ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବଢୁଛି ସଟ୍ଟା ଖେଳ, ମଦ କାରବାର

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାର ଦ୍ୱାରସ୍ଥ ମହିଳା



ବେଆଇନ ମଦ କାରବାର ଏବଂ ସଟ୍ଟା ଖେଳ ବନ୍ଦ ଦାବିରେ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିବା ମହିଳାମାନେ।

**ଲୋଇସିଂହା,୨୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଫାସଡ ଗ୍ରାମରେ ମଦ କାରବାର ସହ ସଟ୍ଟା ଖେଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ମଦ ଓ ସଟ୍ଟା ଖେଳରେ ସ୍କୁଲପିଲାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେକରୁଥିବା ଅଭିଯୋଗ କରି ରବିବାର ମଧ୍ୟାହ୍ନରେ ଲୋଇସିଂହା ଥାନାର ହୋଇଥିଲେ। ବେଆଇନ ମଦ କାରବାର ଏବଂ ସଟ୍ଟା ଖେଳାଉଥିବା ବ୍ୟକ୍ତିବିଶେଷ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୂଚନାଯୋଗ୍ୟ, ଲୋଇସିଂହା ଥାନାଠାରୁ ୬ କି.ମି ଦୂରରେ ଫାସଡ ଗାଁ ଅବସ୍ଥିତ । ଫାସଡ ଗାଁ ଦେଇ ବରଗଡ଼-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଯାଇଛି । ଉକ୍ତ ଛକ ଉପରେ ବଲାଙ୍ଗୀର ସଦର ବ୍ଲକ ମନହୀରା, ସକମା, ରାନୀପାଲ, କିରାବହାଲ,ଖଳିଆପାଲି ସମେତ ଲୋଇସିଂହା ବ୍ଲକ କୁଶମେଲ, କୁଶଙ୍ଗ ପଞ୍ଚାୟତର ଅଧିକାଂଶ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ଛକରେ କିଛି ବର୍ଷ ହେଲା ମଦ ଓ ସଟ୍ଟା କାରବାର ବୃଦ୍ଧି ପାଇଛି । ଗ୍ରାମର କିଛି ବ୍ୟକ୍ତି ମଦ ଭାଟି ଏବଂ ଦୋକାନରୁ ଦେଶୀ ଓ ବିଦେଶୀ ମଦ ଆଣି ବେଆଇନ ଭାବେ ବିକ୍ରି କରୁଛନ୍ତି। ଗ୍ରାମରେ ଅନାୟାସରେ ମଦ ମିଳୁଥିବାରୁ ବଧେଡକ ଭାବେ ଲୋକେ ମଦ୍ୟପାନ କରୁଛନ୍ତି। ଫଳରେ ବସ୍ତି ଓ ଛକରେ ମଦୁଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଫଳରେ ଗ୍ରାମର ମହିଳମାନେ ସୁକତେଲ ନଦୀକୁ ସ୍ନାନ କରିବାକୁ ଗଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏପରି କି ଗାଁର ଛକରେ ସଟ୍ଟା ଖେଳ ଓ ମଦ ବିକ୍ରି ହେଉଥିବାରୁ ସ୍କୁଲ ପିଲାମଧ୍ୟ ଏହାର ଶିକାର ହେଉଥିବା ନେଇ ଗ୍ରାମର ମା' ପାର୍ବତୀ, ମା'ଲକ୍ଷ୍ମୀ, ଜୀବନଧାରା, ଜୟ ଦୁର୍ଗା, ମା' ମଳେଶ୍ୱରୀ, ଜୟ ବଜରଙ୍ଗ ବଳି, ଜୟହନୁମାନ ଏପରି ୧୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲୋଇସିଂହା ଥାନାକୁ ଆସି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆଇଆଇସି ଲଳିତା ଲେକ୍ରା ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

**ଏମାନେ ଯାହା କୁହନ୍ତି...**



"ଗାଁରେ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏନେଇ ମା' ଭଉଣୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ପୋଲିସର ସହାୟତା ନେଇ ଥାନାକୁ ଆସିଥିଲୁ। ଏପରି କି ଅସାମାଜିକ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

**-ସଞ୍ଜୁକ୍ତା ବରାଲ, ନାଏବ ସରପଞ୍ଚ**



"ଗ୍ରାମର ୫ଟି ସ୍ଥାନରେ ମଦ ବିକ୍ରି ହେଉଛି। ଏନେଇ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପକ୍ଷେ ସଟ୍ଟା ଖେଳ ଯୋଗୁ ଲୋକଙ୍କ ଭବିଷ୍ୟତ ନଷ୍ଟ ହେବାରେ ଲାଗିଛି। ଏନେଇ ତୁରନ୍ତ ଅଞ୍ଚଳରେ ବେଆଇନ ମଦ କାରବାର ସହ ସଟ୍ଟା ଖେଳ ବନ୍ଦ କରାଯାଉ।

**- କିଶୋରୀ ପାତ୍ର**



ଯେଉଁଟିକୁ ତୁମେ ଠିକ୍ ବୋଲି ଭାବୁଛ, ତାକୁ ନ କରିବାଟା ହେଉଛି ବ୍ୟର୍ଥତା। ଉଦ୍ୟମ କରି ବିଫଳ ହେବା ବ୍ୟର୍ଥତା ନୁହଁ।

- ଜର୍ଜ ଇଲିଅଟ

## ସଂକ୍ଷେପରେ



### ସ୍ୱାଧୀନ ଭାବେ ଲଢିବେ ରବୀନ୍ଦ୍ର ପାଢଯୋଷି

ଭବାନୀପାଟଣା/କୋକସରା, ୨୪।୩ (ଡି.ଏନ.ଏ.)

ସୋମବାର ୨୦୧୯ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ଥିବା ବେଳେ ଭାଜପାରୁ ଧର୍ମଗଡ଼ ବିଧାନସଭା ପାଇଁ ଆଶାୟୀ ପ୍ରାର୍ଥୀ ରବୀନ୍ଦ୍ର ପାଢଯୋଷିଙ୍କୁ ଟିକେଟ ନ ମିଳିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ ବୋଲି ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ରବୀନ୍ଦ୍ରଙ୍କୁ ଭାଜପା ୨୦୧୪ ନିର୍ବାଚନରେ ଧର୍ମଗଡ଼ରୁ ଦଳୀୟ ପ୍ରାର୍ଥୀ କରିଥିଲା। ତେବେ ସେ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କଠାରୁ ହାରିଥିଲେ। ଜିଲା ଭାଜପା ଉପ ସଭାପତି ସହ ଧର୍ମଗଡ଼ ବିଧାନସଭା ମଣ୍ଡଳୀର ୩ଟି ବ୍ଲକ୍ କଲମପୁର, କୋକସରା ଓ ଧର୍ମଗଡ଼ରେ ଗତ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ସଭ୍ୟମାନଙ୍କୁ ବିଜୟୀ କରାଇବା ଏବଂ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଚଳିତ ନିର୍ବାଚନରେ ଧର୍ମଗଡ଼ ବିଧାନସଭା ପାଇଁ ଦଳୀୟ ଟିକେଟ ପାଇଁ ପ୍ରମୁଖ ଦାବେଦାର ଥିବା ନେଇ ଚର୍ଚ୍ଚା ଥିଲେ ମଧ୍ୟ ହାଇକମାଣ୍ଡ ଅନନ୍ତ ପ୍ରତାପ ଦେଓଙ୍କୁ ଧର୍ମଗଡ଼ ବିଧାନସଭାରୁ ଟିକେଟ ଦେଇଛି । ଏହି ନିଷ୍ପତ୍ତିଙ୍କୁ ରବୀନ୍ଦ୍ର ସହଜେ ଗ୍ରହଣ କରି ନ ପାରି ଦଳ ତାଙ୍କ ପ୍ରତି ବିଶ୍ୱାସଘାତ କରିଥିବା ଅଭିଯୋଗ କରିଛନ୍ତି । ନିଜ ସମର୍ଥକମାନଙ୍କ ମତ ଲୋଡ଼ିବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ସହ ନିର୍ବାଚନ ଲଢିବେ ବୋଲି ସ୍ପଷ୍ଟ କହିଛନ୍ତି ।

### ଜିଲାସ୍ତରୀୟ ବିଶ୍ୱ ବନଦିବସ ପାଳିତ

ଭବାନୀପାଟଣା,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜଙ୍ଗଲ ବିଭାଗ ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ବିଶ୍ୱ ବନଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣା ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ବନବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି କଳାହାଣ୍ଡି ଉତ୍ତର ବନଖଣ୍ଡ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲେ। ରାଲିକୁ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀ ନିତିଶ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ମୁଖ୍ୟ ବନଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସଭାରେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଅଭିରାମ ନାୟକ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, ଉତ୍ତର ବନଖଣ୍ଡ ଅଧିକାରୀ ନିତିଶ କୁମାର, ଉତ୍ତର ବନଖଣ୍ଡ ଅତିରିକ୍ତ ବନସଂରକ୍ଷକ ବଂଶିଧର ସ୍ୱାଇଁ, ଦକ୍ଷିଣ ବନଖଣ୍ଡ ଅତିରିକ୍ତ ବନସଂରକ୍ଷକ ମଳୟ ରଞ୍ଜନ କାଲୋ ପ୍ରମୁଖ ଉପସ୍ଥିତ ରହି ଥିଲେ। ଏହି ଉପଲକ୍ଷେ ବିଭିନ୍ନ ଛାତ୍ରୀଛାତ୍ରମାନଙ୍କ ମଧରେ କୁଇଜ୍ ପ୍ରତିଯୋଗୀତା ସହ ଅନ୍ୟାନ୍ୟ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି ।

# ସରକାରୀ ଯୋଜନାରୁ ବଞ୍ଚିତ ବାର୍ଷିକୋନା ଗାଁ

ଭବାନୀପାଟଣା,୨୪।୩(ଡି.ଏନ.ଏ.)



ଗାଁର ମହିଳାମାନେ ଚୁଆଁରୁ ପାଣି ସଂଗ୍ରହ କରୁଛନ୍ତି ।

- ନାଳ ପାଣି ସଂଗ୍ରହ କରି ବ୍ୟବହାର କରନ୍ତି
- ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ସେବା ମିଳିପାରି ନ ଥାଏ

ବାର୍ଷିକୋନା ଏକ ଅବହେଳିତ ଗାଁ । କିନ୍ତୁ ଯେତେ ବେଳେ କଲମପୁର ବ୍ଲକର ଉତ୍ତରପୂର୍ବ ଦିଗରେ ମେଘ ଉଠାଏ ସେତେବେଳେ ଏହି ବାର୍ଷିକୋନାରେ ବର୍ଷା ହୁଏ । ଏଥିପାଇଁ ବୋଧହୁଏ ଏହି ଗାଁର ନାଁ ବାର୍ଷିକୋନା । କିନ୍ତୁ ପରିତାପର ବିଷୟ ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ ଏହି ଗାଁ ଲୋକ । ଏହି ଗାଁକୁ ଲାଗି ରହିଛି ଗମ୍ଭାରୀଗୁଡା, ଯେଉଁଠି ୧୦ଟି କନ୍ଧ ପରିବାର ରହୁଥିବା ବେଳେ ବାରାଗୁଡାରେ ୧୦ ଏବଂ ମୁଣ୍ଡିଗୁଡାରେ ୪ଟି ଆଦିବାସୀ ପରିବାର କେଉଁ ଆଦିମ କାଳରୁ ବାସ କରି ଆସୁଛନ୍ତି । ଏହି ୪ଟି ଗାଁର ସମୁଦାୟ ଜନସଂଖ୍ୟା ପ୍ରାୟ ୪ଶହ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟର ଦୂରତ୍ୱ ୧୫ କି.ମି.। ବ୍ଲକ କାର୍ଯ୍ୟାଳୟକୁ ଦୂରତ୍ୱ ପ୍ରାୟ ୨୫ କି.ମି. । କିନ୍ତୁ ଯାତାୟାତ ପାଇଁ ନାହିଁ ରାସ୍ତା ସୁବିଧା । କେବଳ ଘଞ୍ଚ ଜଙ୍ଗଲ ମଧ୍ୟରେ ପାଦଚଲା ରାସ୍ତା ରହିଛି। ଏହି ଗାଁର ତିନି ପାର୍ଶ୍ୱରେ ଘେରି ରହିଛି ପାହାଡ । ପୂର୍ବ ଦିଗରେ ବିଲମରା ଘାଟି ରହିଥିବା ବେଳେ ଡାହାଣରେ ରହିଛି ବୀରା ଜଙ୍ଗଲ ଓ ବାମରେ ରହିଛି ଭେଜି ପାହାଡ । ପଞ୍ଚାୟକୁ ଯିବାକୁ ହେଲେ ଘାଟି ପାର ହୋଇ ଯିବାକୁ ହୁଏ । ସେହିଭଳି ଥୁଆମୂଳ ରାମପୁରଠାରେ ଥିବା ବ୍ଲକ ମୁଖ୍ୟ କାର୍ଯ୍ୟାଳୟକୁ ଯିବାକୁ ହେଲେ ବିଲମରା ଘାଟି ବୀରା ଜଙ୍ଗଲ ଦେଇ ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲ ଭିତର ଦେଇ ପିଣ୍ଡାପଦର, ମେଲକୁଦେଲ ଦେଇ ଯିବାକୁ ହୋଇଥାଏ । ପଞ୍ଚାୟତରେ ମିଳୁଥିବା ଚାଉଳ, କିରୋସିନ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ସହିତ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନେ ଭତ୍ତା ଆଣିବାକୁ ଯାଇଥାନ୍ତି । କେବଳ ରାସ୍ତା ନୁହେଁ ଏହି ଗାଁରେ ବିଶୁଦ୍ଧ ପାନୀୟ ଜଳ ମିଳିବା କଷ୍ଟକର । ଗାଁ ମହିଳାମାନେ ଗାଁଠାରୁ ଜୁନାଗଡ ବ୍ଲକ ସୀମାରେ ଥିବା ବାନ୍ଧନପଲା ଆମଝରନ ନାଳଠାରୁ ପାଣି ସଂଗ୍ରହ କରି ବ୍ୟବହାର କରନ୍ତି । ଖରା ଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗାଁର ମହିଳାମାନେ କହନ୍ତି । କେବଳ ରାସ୍ତା କି ପାନୀୟ ଜଳ ନୁହେଁ ସ୍ୱାସ୍ଥ୍ୟ ସେବା ମଧ୍ୟ ଏଠି ଅପହଞ୍ଚ । ଭରସ ତ କେବଳ କ୍ୱାକ । କ୍ୱାକଙ୍କ ଅଣାୟତ୍ତ ହେଲେ ବାଧ୍ୟ ହୋଇ ରୋଗୀଙ୍କୁ କଲମପୁର, ଚିଲିଗୁଡା ଅଥବା ଜୁନାଗଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ପଡିଥାଏ । ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ସେବା ମିଳିପାରି ନ ଥାଏ । ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ହୁଡାରେ ଆମ୍ବୁଲାନ୍ସ ଅଟକି ରହି ରୋଗୀଙ୍କୁ ଅପେକ୍ଷା କରିଥାଏ । ଖଟିଆରେ ପାଦଚଲା ରାସ୍ତାରେ ପ୍ରାୟ ୨ କି.ମି. ବୋହି ରୋଗୀଙ୍କୁ ଆଣିବା ପରେ ସେଠୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନକୁ ପହଞ୍ଚାଆନ୍ତି । ଗାଁରେ ଅଙ୍ଗନୱାଡି କେନ୍ଦ୍ରର ସୁବିଧା ନ ଥିବାରୁ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୁଅନ୍ତି ଏହି ଗାଁର ଶିଶୁ । ଅନେକ ଯୁବକ ଗାଁରେ ରୋଜଗାର ଅଭାବରୁ ରାଜ୍ୟ ବାହାରକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି । ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ସମ୍ବନ୍ଧରେ ଗାଁ ଲୋକ ଜାଣି ପାରିନାହାନ୍ତି କି କେବେ ଏହି ଗାଁରେ କାର୍ଯ୍ୟ ଦେଇ ନାହିଁ । ଯେ କେହି ଇନ୍ଦିରା ଆବାସ ହିତାଧିକାରୀ ଏହି ଯୋଜନାରୁ ଅର୍ଥ ପାଇବାକୁ ଥିଲେ ମଧ୍ୟ ବର୍ଷ ବର୍ଷ ବିତି ସାରିଥିଲେ ମଧ୍ୟ ସେମାନଙ୍କୁ ମିଳୁନି ପ୍ରାପ୍ୟ । ସୂଚନାଯୋଗ୍ୟ ଯେ, ବାର୍ଷିକୋନା ଗାଁକୁ ଲାଗି ରହିଛି ଜୁନାଗଡ ବ୍ଲକ ପଦମପୁର ରାଜସ୍ୱ ଗ୍ରାମର ସୀମା । ଯଦି ଜୁନାଗଡ ବ୍ଲକ ପ୍ରଶାସନ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଅନ୍ତା ତେବେ ଏହି ଗାଁ ଲୋକଙ୍କ ବହୁ ସମସ୍ୟାର ସମାଧାନ ହୋଇ ପାରନ୍ତା । ଯେତେବେଳେ ନିର୍ବାଚନ ଆସେ ସେତେବେଳେ ନେତାଙ୍କ ପାଖ ଲୋକ ବୋଲାଉଥିବା କିଛି ଲୋକ ଆସି ରାସ୍ତା ହୋଇଯିବ, ଆଗାମୀ ନିର୍ବାଚନ ବେଳକୁ ତମ ଗାଁରେ ମତଦାନ କେନ୍ଦ୍ର ସ୍ଥାପିତ ହୋଇଯିବ, ତୁମକୁ ପାନୀୟ ଜଳ ଯୋଗାଇ ଦିଆଯିବ ଆଦି ଅନେକ ପ୍ରତିଶ୍ରୁତି ଦେଇଥାନ୍ତି । କିନ୍ତୁ ନିର୍ବାଚନ ପରେ ନିର୍ବାଚନ ଶେଷ ହୋଇଯାଇଛି, ପ୍ରତିନିଧି ପରେ ପ୍ରତିନିଧି ବଦଳି ଚାଲିଛନ୍ତି କିନ୍ତୁ ବଦଳି ପାରୁନି ଗାଁର ଚିତ୍ର । ବିଧାୟକ, ଏମ୍‌ପି ଅଥବା ବ୍ଲକ ଚେୟାରମ୍ୟାନ କେହି କେବେ ଏହି ଗାଁର ସମସ୍ୟା ଦେଖିବାକୁ ଆସି ନାହାନ୍ତି । ଦୀର୍ଘ ବର୍ଷ ପରେ ନିକଟରେ ବ୍ଲକ ପ୍ରଶାସନ ତରଫରୁ ବିଡିଓ ନବିନ ଚନ୍ଦ୍ର ନାଏକ ପରିଦର୍ଶନରେ ଆସିଥିଲେ । ସେ ମଧ୍ୟ ଗାଁର ସମସ୍ୟା ଜାଣି କେବଳ ଦୁଃଖ ପ୍ରକାଶ କରିଥିଲେ। ସରକାର ଆଦିବାସୀ, ବନବାସୀଙ୍କ ବିକାଶ ପାଇଁ ବହୁ ଯୋଜନା କରୁଥିବା କୁହାଯାଉଛି କିନ୍ତୁ ସତେ ଯେମିତି ସରକାରୀ ଯୋଜନା ସବୁ ଏହି ଗାଁର ବାଟ ଭୁଲିଯାଇଛି ।

# କୃପାସିନ୍ଧୁ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଜୁନାଗଡ,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ କୃପାସିନ୍ଧୁ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, କଂଗ୍ରେସ ନେତା ଅନୀଲ ସିଂଦେଓ, ବରିଷ୍ଠ ବ୍ୟକ୍ତି ଲଳିତ କିଶୋର ପଣ୍ଡା, ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଦିତ୍ୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରେ ଏକ ସାମାଜିକ ନାଟକ ଅନୁଷ୍ଠିତ ହୋଇଥିଲା। ଯାହାକି ବେଶ ଚିତାକର୍ଷକ ହୋଇଥିଲା। ଏହି ସମାଜିକ ନାଟକକୁ ଭବାନୀ ଶଙ୍କର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ।



କୃପାସିନ୍ଧୁ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ସରକାରୀ ସାହାଯ୍‌ରୁ ବଁଚିତ୍ ଭିନ୍ନକ୍ଷମ ରୋହିତ

ପଲମ, ୨୪।୩ (ଡି.ଏନ୍.ଏ):

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଘଣ୍ଟମାଲ ପଁଚେତ୍‌ର ତିଲେଇମାଲ ଗାଁର ରୋହିତ ବାଗ(୧୪)। ସେ ଜନମୁ ମୁକ ଆର ବେମାରିଆଟା। ରୋହିତକେ ୬ ବଛର ହେଲାବେଲେ କଳାହାଣ୍ଡି ଜିଲା ଡାକ୍ତରଖାନା ବୋର୍ଡ ତା.୧.୧.୨୦୧୦ରେ ୭୫ ପରତିଶତ ଭିନ୍ନକ୍ଷମ ଥିବାର ସାର୍ଟିଫିକେଟ ଦେଇଥିଲା। ହେଲେ ରୋହିତ ଏହେଦେ ୧୪ ବଛରର ହେଇଥିଲେ ବି ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ ହେଇ ରହିଛନ୍। ପରିବାରଟା ନିହାତି ଗରିବ୍ ଆର ବିପିଏଲ ଶ୍ରେଣୀର ହେଇଥିଲାବେଲେ ଅଭାବ ଅନାଟନ ଲାଗି ରୋହିତକଁର ଚିକିତ୍ସା କରେଇ ନାଇଁପାରବାର। ଯେନ୍‌ଥିରଲାଗି ରୋହିତ ସବୁବେଲେ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ଗଲା ତା.୨୯.୫.୨୦୧୭ରେ ବାପା ପୁଓର ଭିନ୍ନକ୍ଷମ ଭତାର ଲାଗି ଘଣ୍ଟାମାଲ ପଁଚେତ ପିଇଓ ସଦାଶିବ ମହାରଣାକଁରନେ କାଗଜପତର ସହିତ ଆବେଦନ କରିଥିଲେ। ହେଲେ ଆଏଜତକ୍ ରୋହିତ କିଛି ଲାଭ ନାଇଁ ପାଇପାରି। ଇ ବାବ୍‌ଦେ ଘଣ୍ଟାମାଲ ପଁଚେତ ପିଇଓକଁର ମତାମତ ନେବାର ଲାଗି ଫୋନରେ ଯୋଗାଯୋଗ କରାଯାଇଥିଲେ ବି କେହେନ୍‌ସି କାରନ୍‌ରୁ ସେ ଫୋନ ନାଇଁ ଉଠେଇ। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଳିପାରି। ଇ ଦୁଖି ପରିବାର ଉପରେ ଥାନୀୟ ପରଶାସନ ଦୁରୁଷ୍‌ଟି ଦେଇ ଘଟନାର ତଦଁତ୍ କରବାର ସଂଗେ ରୋହିତକେ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ଭିନ୍ନକ୍ଷମ ରୋହିତ ବାଗ।

# ନବୀନଙ୍କ ବିକାଶର ଧାରା, ଜନସମ୍ପର୍କ ଆଧାରରେ ନିର୍ବାଚନ ଲଢିବି- ପୁଷ୍ପେନ୍ଦ୍ର

କଲମପୁର,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ବାଲିଛଡା ହାତୀନଦୀ କୂଳରେ ଅବସ୍ଥିତ ମହାଭାରତ ଆମ୍ବତୋଟାରେ ରବିବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ କଲମପୁର ବ୍ଲକରେ ଆରମ୍ଭ ହୋଇଥିବା ନିର୍ବାଚନୀ ସଭାରେ ଧର୍ମଗଡ ବିଧାୟକ ତଥା କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ଥିଲେ। ତାଙ୍କୁ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଭାବେ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶର ଧାରା ଓ ଜନସମ୍ପର୍କକୁ ଆଧାର କରି ମୁଁ ନିର୍ବାଚନ ଲଢିବି ବୋଲି ଏମ୍‌ପି ପ୍ରାର୍ଥୀ ସିଂଦେଓ କହିଥିଲେ। ଦୀର୍ଘଦିନ ଧରି ସେ ବିଧାୟକ ଏବଂ ମନ୍ତ୍ରୀ ପଦବୀରେ ରହିବା ସହିତ କଳାହାଣ୍ଡି ଓ ନୂଆପଡା ଜିଲାର ଜିଲା ସଭାପତି ଦାୟିତ୍ୱରେ ରହି ଜନ ସାଧାରଣଙ୍କ ନିକଟତର ହୋଇ ଏହି ଅଞ୍ଚଳର ଅନେକ ସମସ୍ୟାର ସମାଧାନ କରିଥିଲେ ମଧ୍ୟ ସମସ୍ୟା ଅସରନ୍ତି । ତେଣୁ ମୁଁ ଯେଉଁ ସବୁ ସମସ୍ୟା ରହି ଯାଇଛି ଆଗାମୀ ଦିନରେ ପୂରଣ କରିବି ବୋଲି କହିଥିଲେ । ବ୍ଲକ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ନିର୍ବାଚନୀ କର୍ମୀ ସମ୍ମିଳନୀରେ ଧର୍ମଗଡ ବିଧାୟକ ପ୍ରାର୍ଥୀ ମହୋଷଧୀ ବାଗ ଜନସେବାକୁ ପ୍ରାଧାନ୍ୟ ଦେଇ ନିର୍ବାଚନରେ ଅବତିର୍ଣ୍ଣ ହୋଇଥିବା କହିଛନ୍ତି । କଳାହାଣ୍ଡି ସମବାୟ ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂଦେଓ, ଗଣେଶ ପଣ୍ଡା, ବିଜୁ ଜନତା ବ୍ଲକ ନାରୀ ସଭାନେତ୍ରୀ ବନଜା ବାସିନୀ ମହାପାତ୍ର, ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ମନୋଜ କୁମାର ନାୟକ, ସରପଞ୍ଚ ମଧୁଛନ୍ଦା ଭଞ୍ଜ ପ୍ରମୁଖ ଉପସ୍ଥିତ କର୍ମୀମାନଙ୍କୁ ଉଭୟ ଏମ୍‌ପି ଏବଂ ଧର୍ମଗଡ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ବିଜୟୀ କରିବା ପାଇଁ ଗୁରୁମନ୍ତ୍ର ଦେବା ସହ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିଲେ ।



ନିର୍ବାଚନୀ କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା ବୃନ୍ଦ ।

### ବନପାଳ ଡମ୍ବରୁଧର ପ୍ରଧାନ ରାଜ୍ୟସ୍ତରରେ ଶ୍ରେଷ୍ଠ ବନପାଳ ପୁରସ୍କୃତ

ଭବାନୀପାଟଣା,୨୪।୩(ଡି.ଏନ.ଏ.)

କଳାହାଣ୍ଡି ଉତ୍ତର ବନଖଣ୍ଡରେ କାର୍ଯ୍ୟରତ ବନପାଳ ଡମ୍ବରୁଧର ପ୍ରଧାନଙ୍କୁ ରାଜ୍ୟସ୍ତରରେ ଶ୍ରେଷ୍ଠ ବନପାଳ ଭାବେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ୨୦୧୯ ପାଳନ ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚୀବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ପ୍ରଧାନଙ୍କୁ ସ୍ୱର୍ଣ୍ଣ ପଦକ, ଅର୍ଥ ରାଶି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ସନ୍ଦିପ୍ ତ୍ରିପାଠୀ ଓ ଅନ୍ୟାନ୍ୟ ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ। ବନପାଳ ପ୍ରଧାନଙ୍କ ଏହି କୃତିତ୍ୱ ପାଇଁ କଳାହାଣ୍ଡି ଉତ୍ତର ବନଖଣ୍ଡ ତରଫରୁ ତାଙ୍କୁ ଖଣ୍ଡିୟ ବନାଧିକାରୀ ନିତେଶ କୁମାର, ସହକାରୀ ବନସଂରକ୍ଷକ ବଂଶୀଧର ସ୍ୱାଇଁ, ରେଞ୍ଜ ଅଫିସର ପ୍ରଶନ୍ନ କୁମାର ମିଶ୍ର, ମୁଖ୍ୟ କିରାଣୀ ପ୍ରଭାତ କୁମାର ପାତ୍ର ଓ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

ନର୍ଲା ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ

# କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ

ଭବାନୀପାଟଣା,୨୪।୩(ଡି.ଏନ.ଏ.)



କ୍ୟାରିୟର୍ କାଉନସେଲିଂରେ ଯୋଗଦେଇଥିବା ଛାତ୍ରୀମାନେ ।

କଳାହାଣ୍ଡି ଜିଲା ନର୍ଲାଠାରେ ଥିବା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ନବୋଦୟ ବିଦ୍ୟାଳୟଠାରେ ଏକ କ୍ୟାରିୟର କାଉସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ସଭାପତି ଡା. କେଦାରନାଥ ଖମାରୀଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ହାଇଦ୍ରାବାଦ ଲାବଣ୍ୟ କ୍ୟାରିୟର ପ୍ଲାନର କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ଅଶୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କୁ କିଭଳି ନିଯୁକ୍ତି ସୁଯୋଗ ମିଳିପାରିବ ସେ ସମ୍ପର୍କରେ ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। ଯୁକ୍ତ ୨ ବିଜ୍ଞାନ ଶିକ୍ଷା ଲାଭ ପରେ ଛାତ୍ରୀଛାତ୍ରମାନଙ୍କୁ କିଭଳି କର୍ମନିଯୁକ୍ତିର ସୁଯୋଗ ରହିଛି ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କ ସକାଶେ କି ପ୍ରକାର ସୁଯୋଗ ରହିଛି ଏବଂ ଛାତ୍ରଛାତ୍ରୀମାନେ କିଭଳି ପ୍ରସ୍ତୁତ ହେବାକୁ ପଡିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ପାସ କରିଥିବା ଛାତ୍ରୀଛାତ୍ରମାନେ ଆଇଏଏସ ଭଳି ସମ୍ମାନଜନକ କର୍ମନିଯୁକ୍ତି ସକାଶେ କି ପ୍ରକାର ତାଲିମ୍ ନେଲେ ସଫଳ ହୋଇପାରିବେ ସେ ସମ୍ପର୍କରେ ମଧ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନର୍ଲା ନବୋଦୟ ବିଦ୍ୟାଳୟ ଭାଇସ ପ୍ରିନ୍ସିପାଲ ବି. ସୀତାଲକ୍ଷ୍ମୀ ଏବଂ ବିଦ୍ୟାଳୟ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଚରିତ୍ର ଗଠନରେ ବ୍ରତି ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ସଭାପତି ଅନ୍ତେନାରାୟଣ ବାରିକ, ସ୍ନିଗ୍ଧାରାଣୀ ସିଂହ, ସିଦ୍ଧାନ୍ତ ଗହିର, ସମୀର ହରପାଲ, ଶାନ୍ତନୁ ମହାରଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଛାତ୍ର ରୋହିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ଯୋଜନା ବାଟବଣା

# ପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି ସେବତୀଙ୍କ ପରିବାର

କର୍ଲାମୁଣ୍ଡା,୨୪।୩(ଡି.ଏନ.ଏ.)

ବାସହୀନଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବାସଗୃହ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କଘର ଯୋଜନା କରିଛନ୍ତି । ହେଲେ ଅନେକ ଯୋଗ୍ୟ ଲୋକଙ୍କ ପାଖରେ ସେହି ଯୋଜନା ପହଞ୍ଚି ପାରୁନାହିଁ। ଯାହାଦ୍ୱାରା ବାସହୀନ ପରିବାରମାନେ କିଏ ଭଙ୍ଗା ଘରେ ରହୁଛି ତ କିଏ ଅନ୍ୟ ଘରେ ଆଶ୍ରୟ ନେଇ ରହୁଛନ୍ତି। ଏଭଳି ଏକ ଘଟଣା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଖରଝୁରା ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ସେବତୀ ଧରୁଆ (୪୦) । ସେ ଜଣେ ଆଦିବାସୀ ବିଧବା ମହିଳା। ସ୍ୱାମୀ ଲୁଚନା ଧରୁଆ ୨୦୧୩ରେ କ୍ୟାନସର ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିବା ପରେ ସେବତୀ ସ୍ୱାମୀଙ୍କ ପୂର୍ବ ସ୍ତ୍ରୀ ସ୍ୱର୍ଗତ ରେବତୀ ଧରୁଆଙ୍କ ଦୁଇ ଝିଅ ମାଧବୀ (୧୮) ଓ ରଶ୍ମିତା (୧୬)ଙ୍କ ସମେତ ତାଙ୍କର ୩ ସନ୍ତାନ ନରୋତ୍ତମ (୧୩) ବୈକୁଣ୍ଠ (୧୧) ଯାଜ୍ଞସେନୀ (୮) ମୋଟ ପାଞ୍ଚ ସନ୍ତାନ ଧରି ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ଗରିବ ସେବତୀଙ୍କ ଆଜକୁ ୪ ବର୍ଷ ତଳେ ଘର ଖଣ୍ଡିକ ଭାଙ୍ଗି ଯାଇଥିବା ବେଳେ ଏ ପରିବାର ପ୍ରତି ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଯାଉଛି। ଫଳରେ ବାସନ୍ତୀଙ୍କ ପରିବାର ଏବେ ଗାଁର ୱାଡସଭ୍ୟା ସୌଦାମିନୀ ଧରୁଆଙ୍କ ଘରେ ଆଶ୍ରୟ ନେଇ ରହିଛନ୍ତି । ଦରିଦ୍ର ସୀମାରେଖା ତଳେ ଥିବା ଏହି ପରିବାର ପାଇଁ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ସାମିଲ ହୋଇ ନ ପାରିବା ବିଡମ୍ବନାର ବିଷୟ ବୋଲି ଖରଝୁରା ଗ୍ରାମ ବିକାଶ କମିଟି ସଭାପତି ଯୁବରାଜ ପଧାନ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଏହି ବ୍ଲକରେ କ୍ଷମତାଶାଳୀ ବ୍ୟକ୍ତିମାନଙ୍କ ହସ୍ତକ୍ଷେପ ଯୋଗୁ ଅନେକ ଧନୀ ପରିବାରମାନଙ୍କୁ ବିଜୁ ପକ୍କାଘର ଦିଆଯାଇଥିବା ଅଭିଯୋଗ ହେଉଛି । ଏଥିପ୍ରତି ବ୍ଲକ ପ୍ରଶାସନ କୌଣସି ତଦନ୍ତ କରୁ ନ ଥିବାରୁ ଗରୀବ ବାସହୀନ ପରିବାରଙ୍କ ଏହି ଯୋଜନା ଅପହଞ୍ଚ ହୋଇ ରହିଯାଉଛି ବୋଲି କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ସୁରେଶ ଚୌଧୁରୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ସେବତୀଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବିଧବା ମହିଳାଙ୍କ ଭଙ୍ଗାଘର।



"ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ପିଇଟି ଶିକ୍ଷକ ମୃତ

**ଖଡିଆଳ,୨୪।୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରଠାରୁ ସିନାପାଲି ଯିବା ରାସ୍ତା ନେହେନା ଗାଁ ନିକଟରେ ଥିବା ମହାବୀର ରାଇସ ମିଲ ନିକଟସ୍ଥ ବୁଲାଣି ରାସ୍ତାରେ ଶୁକ୍ରବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ପିଟି ଶିକ୍ଷକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଶିକ୍ଷକଙ୍କ ନାମ ରାମପ୍ରସାଦ ମହନ୍ତ, ସେ ଖଡିଆଳ ସ୍ଥିତ ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲରେ ପିଇଟି ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ପଶ୍ଚିମବଙ୍ଗାଳର ବୋଲି ଜଣାପଡିଛି । ମିଳିଥିବା ଖବର ଅନୁସାରେ ପିଇଟି ଶିକ୍ଷକ ମହନ୍ତ ଏକ ବ୍ୟକ୍ତିଗତ କାମ ପାଇଁ ଡୁଆଝର ଯାଇ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଯୋଗେ ଫେରୁଥିଲେ । ଏହି ସମୟରେ ନେହେନା ଗାଁ ସ୍ଥିତ ମହାବୀର ରାଇସ ମିଲ ନିକଟସ୍ଥ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଖମ୍ବରେ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଜାରି ରଖିଛି ।

### କଳାହାଣ୍ଡି ଜିଲାର ବନସଂରକ୍ଷଣ ସମିତି ରାଜ୍ୟରେ ପ୍ରଥମ

**ଭବାନୀପାଟଣା,୨୪।୩(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆମ ଜଙ୍ଗଲ ଯୋଜନାର ରାଜ୍ୟସ୍ତରୀୟ ବୈଠକରେ ଉନ୍ନତ ମାନର ବନ ସଂରକ୍ଷଣ ନିମନ୍ତେ କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅନ୍ତର୍ଗତ ନର୍ଲା ରେଞ୍ଜ ଅଧୀନରେ ଥିବା ଉଲିସିର୍କା ବନସଂରକ୍ଷଣ ସମିତି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆମ ଜଙ୍ଗଲ ଯୋଜନାର ୨୦୧୮-୧୯ ବର୍ଷର ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ପ୍ରଜେକ୍ଟ ଡାଇରେକ୍ଟର ଓଏଫ୍ଏସ୍‌ଡିଏସ୍ ଏଲ୍.କେ. ତ୍ରିପାଠୀ ପରିଚାଳନା କରିଥିଲେ। ବୈଠକରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଭୁକ୍ତ ଆଞ୍ଚଳିକ ବନ ସଂରକ୍ଷକ, ଖଣ୍ଡୀୟ ବନାଧିକାରୀ, ଅତିରିକ୍ତ ବନସଂରକ୍ଷକ, ରେଞ୍ଜ ଅଫିସର, ବନପାଳ, କୋ ଅର୍ଡିନେଟର୍, ବନସଂରକ୍ଷଣ ସମିତି ସଭାପତି ପି.ଏନ୍‌ଜିଓ ମୁଖ୍ୟ ଯୋଗଦାନ କରିଥିଲେ। କଳାହାଣ୍ଡିର ଉଲିସିର୍କା ବନସଂରକ୍ଷଣ ସମିତି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ଲାଭ ସମୟରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀ ନିତିଶ କୁମାର, ରେଞ୍ଜ ଅଫିସ ହରେକୃଷ୍ଣ ଦୋରା, ବନପାଳ ମଧୁକର ପୁଟେଲ, ଉଲିସିର୍କା ବନସଂରକ୍ଷଣ ସମିତି ସଭାପତି ଘନଶ୍ୟାମ ମାଝି, ଏନିମେଟର ଦେବରାଜ ବୁଢ଼ିଆ, କୋ ଅର୍ଡିନେଟର୍ ସୁଶାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ରାଜ୍ୟରେ କଳାହାଣ୍ଡିର ବନସଂରକ୍ଷଣ ସମିତି ପ୍ରଥମସ୍ଥାନ ଅଧିକାର କରିଥିବାରୁ ଜିଲାର ବିଭିନ୍ନ ବନସଂରକ୍ଷଣ ସମିତି ଓ ଜଙ୍ଗଲ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ରବି ଚାଷ ନଷ୍ଟହେଲେ ଭୋଟ ବର୍ଜନ



ଜେଙ୍ଗେରା ବସ୍ତି ମୁଣ୍ଡରେ ଚାଷୀମାନେ ମେଳି ବାନ୍ଧିଛନ୍ତି ।



ଜେଙ୍ଗେରା ଚାଷ ଜମିରେ ଗୋରୁ ଚରାଉଛନ୍ତି ଚାଷୀମାନେ ।

- ୫୦ ଏକର ଜମିରେ ଗୋରୁ ଚରିଗଲେ
- ବୁଢ଼ୀପାଲି: ୧୦୦ ଏକର ଚାଷ ଉଜୁଡିଲା
- ପଞ୍ଚାୟତବାସୀ ମେଳି ବାନ୍ଧିଲେ

**ନୂଆପଡା ଅଫିସ,୨୪।୩**

ସରକାର ସବୁବେଳେ ଚାଷୀଙ୍କ ଉନ୍ନତି ସକାଶେ କାମ କରୁଥିବା କହୁଥିବାବେଳେ ପ୍ରକୃତପକ୍ଷେ ଚାଷୀମାନେ ସେସବୁରୁ ବଞ୍ଚିତ ରହୁଛନ୍ତି। ଚାଷୀଙ୍କ ପେଟ କଥା ବୁଝିବାକୁ କେହି ଆସୁନାହାନ୍ତି । ନେତା, ଅଧିକାରୀମାନେ କେବଳ ଚାଷୀଙ୍କ ନାଁରେ ରାଜନୀତି ଚଳାଉଛନ୍ତି । ଗତ ଦିନମାନଙ୍କରେ ପତୋରା ଡ୍ୟାମରୁ ପାଣି ନେଇ ରବି ଚାଷ କରି ପେଟପାଟଣା ଚଳାଇ ନେଉଥିଲୁ । ହେଲେ ଏଥର ଠିକ ସମୟରେ ପାଣି ଆସୁ ନ ଥିବାରୁ ଏଠିକାର ଶତାଧିକ ଏକର ଜମିର ଚାଷ ଉଜୁଡିବାକୁ ବସିଲାଣି । ନେତା ଏବଂ ଅଧିକାରୀମାନେ ସାଧାରଣ ନିର୍ବାଚନରେ ମାତିଥିବାବେଳେ ଚାଷୀଙ୍କ କଥାକୁ ଠଉରାଇ ଦେଉଛନ୍ତି। ଏଭଳି କଲେ ଆଗାମୀ ନିର୍ବାଚନରେ ଭାଗନେବୁ ନାହିଁ । ବୁଥକୁ ଭୋଟ ଦେବାକୁ ଯିବୁ ନାହିଁ ବୋଲି ବୁଢିପାଳି ଗ୍ରାମପଞ୍ଚ ଜେଙ୍ଗେରା, ବେହେରାଡିହି ଗ୍ରାମବାସୀ ମେଳି ବାନ୍ଧି ନିଷ୍ପତ୍ତି ନେଇଛନ୍ତି । ରବିବାର ଏହାକୁ ନେଇ ଚାଷୀମାନେ ସଭା କରିଥିବା ବେଳେ ଶତାଧିକ ଏକର ଜମି ଚାଷରେ ଗୋରୁ ଚରାଇ ଦେଇଛନ୍ତି ।

ପ୍ରକାଶ ଯେ, ଏଥର ବହୁ ବାଦବିବାଦ ପରେ ପତୋରା ଡ୍ୟାମରୁ ରବି ଚାଷ ସକାଶେ ପାଣି ଛଡାଯାଇଛି । ଏଥିରେ ତଳମୁଣ୍ଡ ଚାଷୀଙ୍କ ସକାଶେ ପାଣି ଛଡାଯାଇଛି । ତଳ ମୁଣ୍ଡର ୪୫୦ ହେକ୍ଟର ଜମିରେ ଚାଷ ହୋଇଛି । ଏଥିରେ ନୂଆପଡାରୁ ଆରମ୍ଭ କରି ୧୫ ଏବଂ ୧୬ ନମ୍ବର ପାଣି ପଞ୍ଚାୟତର ୧୫ କି.ମି. ଦୂର ବୁଢୀପାଲି ଗ୍ରାମପଞ୍ଚାୟତର ଛତିଶଗଡ ସୀମାନ୍ତ ବର୍ତ୍ତୀ ଜେଙ୍ଗେରା, ବେହେରା ଡିହି ଆଦି ଗାଁ ପର୍ଯ୍ୟନ୍ତ ଚାଷ ହୋଇଛି । ଧାନ ରୁଆ କରିବାର ଆଜକୁ ୨ ମାସ ହୋଇଯିବ। ଠିକ ଧାନଗଛ ହୃଷ୍ଟପୁଷ୍ଟ ହେବାବେଳକୁ ପାଣି ନିଅଣ୍ଟ ହେବାରେ ଲାଗିଛି। ଏହାକୁ ନେଇ ଚାଷୀମାନେ ବାରମ୍ବାର ଜଳ ସେଚନ ବିଭାଗ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାଣିର ସୁଷମ ବଣ୍ଟନ କରିବାକୁ ପାଣି ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ହେଲେ ଏଥର ପାଣି ପଞ୍ଚାୟତ କର୍ମକର୍ତ୍ତାମାନେ ସାଧାରଣ ନିର୍ବାଚନରେ ମସଗୁଲ ରହିଥିବା ହେତୁ ପାଣି ଅଧାରେ ଅଟକି ଯାଉଥିବା ଅଭିଯୋଗ ହେଉଛି । ଫଳରେ ରାତି ଅଧିଆ ବାଟରେ ଚାଷୀମାନେ ଅଟକାଇ ପାଣି କାଟି ନେଉଛନ୍ତି। ଜେଙ୍ଗେରା ଗାଁର ପିଲାଲାଲ ପଟେଲ, ନାମଦେବ ସାହୁ, ଦ୍ୱାରିକା ପ୍ରସାଦ ଦାଓ, ରୋପକୁମାର ଦାଓ, ରମେଶ କୁମାର ସାହୁ, ରୋହିତ କୁମାର ସାହୁ, ଭୀମ ମାଝି, ରିତେଶ କୁମାର ଦାଓ, ମୁଙ୍ଗେ ମାଝି, ହେମଲାଲ ସତନାମୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ଫସଲ ଉଜୁଡିଯାଇଛି। ଛତିଶଗଡ ସୀମାନ୍ତବାସୀଙ୍କ ଚାଷ ବ୍ୟତୀତ କୌଣସି ରୋଜଗାରର ମାଧ୍ୟମ ନାହିଁ । ତେଣୁ କରି ବାରମ୍ବାର ଜଳ ସେଚନ ବିଭାଗକୁ ଦୌଡିବା ପରେ ଶେଷରେ ଶନିବାରଠାରୁ ଗୋରୁ ଚରାଇଦେଉଥିବା କହିଛନ୍ତି । ବର୍ତ୍ତମାନ ସେମାନେ ଅନନ୍ୟୋପାୟ। ବିଭିନ୍ନ ସମୟରେ ନେତାମାନେ କେବଳ ଭୋଟ ପାଇଁ ଆସୁଛନ୍ତି । ଆମକୁ ନେଇ ରାଜନୀତି କରୁଛନ୍ତି । ହେଲେ ଠିକ ସମୟରେ କେହି ବି ସାହାଯ୍ୟ କରୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହାକୁ ନେଇ ଜେଙ୍ଗେରା ବସ୍ତି ମୁଣ୍ଡରେ ଚାଷୀମାନେ ରବିବାର ଏକ ସଭା କରଥିଲେ । ସୋମବାର ଶେଷ ଥର ପାଇଁ ନୂଆପଡା ଆସି ଜିଲାପାଳଙ୍କୁ ଦେଖା କରିଗୁହାରୀ କରିବେ । ସେଥିରେ ମଧ୍ୟ କୌଣସି ସୁଫଳ ନ ମିଳିଲେ ସାଧରଣ ନିର୍ବାଚନରେ ଭାଗ ନେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ତେବେ ଏହାକୁ ବିଭାଗ କେତେଦୂର ଗୁରୁତ୍ୱର ସହ ବିଚାରକୁ ନେଉଛି ତାହା ଦେଖିବାକୁ ବାକି ରହିଲା ।

## କୁଲିତା ସମାଜ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବ

**ନୂଆପଡା ଅଫିସ,୨୪।୩**

ନୂଆପଡା ଜିଲ୍ଲଲା ଗଠନ ହେବା ଦିନଠାରୁ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ରହିଛି । ଦିନକୁ ଦିନ ବିଭିନ୍ନ ରାଜନୈତିକ ଦଳ ଏସବୁର ସ୍ଥାୟୀ ସମାଧାନ ସକାଶେ କୌଣସି ଆଖି ଦୃଶିଆ ପଦକ୍ଷେପ ନେଇପାରୁନାହାନ୍ତି । ତେଣୁ କରି ଏଥର ନିର୍ବାଚନରେ ଜିଲାର ସର୍ବାଙ୍ଗୀନ ଉନ୍ନତି ସକାଶେ କାମ କରିବାକୁ ଚାହୁଁଥିବା ଏକ ବଳିଷ୍ଠ ନେତାଙ୍କୁ ଆଗକୁ ଆଣିବାକୁ ଆମେ ସମସ୍ତେ ମତ ରଖିବା । ଏଥିରେ କୁଲିତା ସମାଜ ଏକ ପ୍ରମୁଖ ଭୂମିକା ରଖିବ । ସମାଜର ଭୋଟ ସଂଖ୍ୟା ଏଥିସକାଶେ ନିର୍ଣ୍ଣାୟକ ହେବ ବୋଲି ମତ ପ୍ରକାଶ ପାଇଛି । ରବିବାର ସ୍ଥାନୀୟ କୋମନା ବ୍ଲକ ବଞ୍ଜାରୀରେ ଆୟୋଜିତ କୁଲିତା ସମାଜର ଜିଲାସ୍ତରୀୟ ବୈଠକରେ କର୍ମକର୍ତ୍ତାମାନେ ଏହି ମତ ରଖିଥିଲେ । ଆୟୋଜିତ ବୈଠକରେ କୋମନା ବ୍ଲକ ସଭାପତି ବୈଶମ୍ପାୟନ ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହେମସାଗର ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ପୁରନ୍ଦର ସାହୁ, ନରହରି ଖମାରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସଂସ୍କାର ସକାଶେ ଆଗାମୀ ଦିନରେ କ'ଣ ସବୁ ପଦକ୍ଷେପ ନିଆଯିବ ସେ ଉପରେ ଆଲୋଚନା ହୋଇଥିଲା । ଏହିକ୍ରମରେ ସମସ୍ତ କୁଲିତା ଜାତିର ବିବାହିତ ଦମ୍ପତିମାନଙ୍କ ତାଲିକା ପ୍ରସ୍ତୁତି କରାଯାଇଥିଲା । ପରିବାର ପିଛା ଶୁଳ୍କ ସଂଗ୍ରହ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ସମାଜରେ ଥିବା ଗରିବ ଶ୍ରେଣୀର ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ସମାଜ ପାଣ୍ଠିରୁ ସହଯୋଗ କରିବା ଭଳି ଆକର୍ଷଣୀୟ ପଦକ୍ଷେପ ନେବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା । ସମାଜରେ ୧୫ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ମତଦାତା ରହିଛନ୍ତି । ତେଣୁ କରି ଏହା ଏକ ବଳିଷ୍ଠ ନେତୃତ୍ୱ ସକାଶେ ନିର୍ଣ୍ଣାୟକ ହେବ । ସମାଜର ସଙ୍ଗଠନକୁ ମଜଭୁତ କରିବା ସହ ରାଜନୈତିକ କ୍ଷେତ୍ରରେ ସମାଜ କିପରି ମଜଭୁତ ରହିବ ସେଥିପାଇଁ ମଧ୍ୟ ଆଲୋଚନା ହୋଇଥିଲା । ସମାଜ ଆଗେଇଲେ ଦେଶ ଆଗକୁ ଯିବ ବୋଲି ସମସ୍ତେ ମତ ରଖିଥିଲେ । ବୈଠକରେ ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ କର୍ମକର୍ତ୍ତାମାନେ ସାମିଲ ରହିଥିଲେ ।



ବୈଠକରେ ଯୋଗଦେଇଥିବା କୁଲିତା ସମାଜର ବରିଷ୍ଠ କର୍ମକର୍ତ୍ତା।

## ବଲାଙ୍ଗୀର ନାଗରିକ କମିଟି ନୂତନ କର୍ମକର୍ତ୍ତା ବିକ୍ରମ ସଭାପତି, ବିଷ୍ଣୁ ସାଧାରଣ ସମ୍ପାଦକ





**ବଲାଙ୍ଗୀର ଅଫିସ,୨୪।୩**

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ବଲାଙ୍ଗୀର ନାଗରିକ କମିଟିର ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ହୃଷୀକେଶ ମିଶ୍ର ଏବଂ ସହନିର୍ବାଚନ ଅଧିକାରୀ ଭାବେ କୃଷ୍ଣ ମିଶ୍ର, ଚକ୍ରପାଣି ଦାସ ଯୋଗ ଦେଇଥିଲେ। ଆସନ୍ତା ଦୁଇବର୍ଷ ପାଇଁ ବଲାଙ୍ଗୀର ନାଗରିକ କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ କମିଟି ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକର୍ତ୍ତା ନିର୍ବାଚିତ କରିଥିଲେ । ସଭାପତି ଭାବେ ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର ନିର୍ବାଚିତ ହୋଇଥିଲେ । ସାଧାରଣ ସମ୍ପାଦକ ଭାବେ ବିଷ୍ଣୁ ପ୍ରସାଦ କେଡିଆ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ନିତ୍ୟାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସୁଦର୍ଶନ ମିଶ୍ର ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବୃନ୍ଦାବନ ବରାଳ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଛବିଲାଲ ବେହେରା, ଧର୍ମବ୍ରତ ରଥ, ଜୟରାମ ମିଶ୍ର, ଗୋପଭୂଷଣ ନାଥ, ଗୋପବନ୍ଧୁ ପୁରୋହିତ, ମାନଭଞ୍ଜନ ବେରିଆ, ମନୋରଞ୍ଜନ ପୁରୋହିତ, ମନୋରଞ୍ଜନ ସାହୁ, ନରେଶ କୁମାର ଦାସ, ପର୍ଶୁରାମ ନାୟକ, ପଙ୍କଜିନୀ ପଣ୍ଡା ନିର୍ବାଚିତ ହୋଇଥିବା ପ୍ରେସ ବିଜ୍ଞପ୍ତିରେ ଘୋଷଣା କରାଯାଇଛି ।

## ମଦଭାଟିରୁ ଟଙ୍କା ସହ ସିସିଟିଭି ଚୋରି

**ଖଡିଆଳ,୨୪।୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ବିଜେପୁର ଗାଁରେ ଦେଶୀ ମଦଭାଟିରୁ ଶୁକ୍ରବାର ବିଳମ୍ବିତ ରାତିରେ କେତେକ ଅଜଣା ଦୁର୍ବୃତ୍ତ ପଶି ଭଦଭାଟି କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏଥିସହ ଭୁଜାଲି ଦେଖାଇ ମଦଭାଟି ଲାଗିଥିବା ସିସିଟିଭି ସହ ୨୨ଶହ ଟଙ୍କା ଚୋରି ହୋଇଥିବା ଖଡିଆଳ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଡକାୟତି ସମ୍ପର୍କରେ କୌଣସି ସୁରାକ ମିଳି ନ ଥିବା ବେଳେ ତନାଘନା ତଦନ୍ତ ଜାରି ରହିଛି । ଶୀଘ୍ର ଜଣାପଡିବ ବୋଲି ଆଇଆଇସି କୈଳାଶ ଚନ୍ଦ୍ର ସେଠୀ କହିଛନ୍ତି ।

## "ହେ ଫଗୁଣ ତୁମେ..." ଶୀର୍ଷକ କବିତା ପାଠୋତ୍ସବ

**ଭବାନୀପାଟଣା,୨୪।୩(ଡି.ଏନ.ଏ.)**

ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମ ଫାଉଣ୍ଡେଶନ୍ କଳାହାଣ୍ଡି ଟ୍ରଷ୍ଟର ସାହିତ୍ୟ ବିଭାଗ 'ଆମ ସ୍ରଷ୍ଟା କଳାହାଣ୍ଡି' (ଆସ୍କ) ପକ୍ଷରୁ ବିଶ୍ୱ କବିତା ଦିବସ ଅବସରରେ ହେ ଫଗୁଣ ତୁମେ... ଶୀର୍ଷକ ଏକ କବିତା ପାଠ ଉତ୍ସବ ସ୍ଥାନୀୟ ପରଦେଶିପଡାସ୍ଥିତ ବଚପନ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ସେ ଦିନ ଫଗୁଣ ପୂର୍ଣ୍ଣମୀ ଅବସରେ ଟ୍ରଷ୍ଟ ପକ୍ଷରୁ ଉପସ୍ଥିତ ସମସ୍ତ ନିମନ୍ତ୍ରୀତ ଅତିଥି ଓ କବିମାନଙ୍କୁ ଶାନ୍ତି, ପ୍ରୀତି ଓ ମୈତ୍ରୀର ପ୍ରତୀକ ଅବିର ଦିଆଯାଇ ହୋଲି ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଡ. ଉମେଶ ଚନ୍ଦ୍ର ଶତପଥି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦେବେନ୍ଦ୍ର କୁମାର ବିଶି, ଟ୍ରଷ୍ଟର ଉପସଭାପତି ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ସମ୍ପାଦକ ବିଶିଷ୍ଟ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଡି, ସହସମ୍ପାଦକ କବି ବିରଞ୍ଚିନାରାୟଣ ମୁଣ୍ଡ ଓ ଆସ୍କର ଆବାହକ ବରିଷ୍ଠ କବି ଲଳିତ କାନୁନଗୋ ଉପସ୍ଥିତ ଥିଲେ। ବିଶ୍ୱ କବିତା ଦିବସ ଓ ପଗୁଣ ପୂର୍ଣ୍ଣିମୀ ଭଳି ଏକ ପବିତ୍ର ଦିବସରେ ଆୟୋଜିତ ହୋଇଥିବା ଏହି କାବ୍ୟିକ ସମାବେଶ ଯେ ଭାଷା ସାହିତ୍ୟରେ ଉନ୍ନତି ଆଣିବ ତାହା ନୁହେଁ ବରଂ ସମାଜର ପ୍ରତ୍ୟେକ ବର୍ଗର ମଣିଷଙ୍କ ହୃଦୟରେ କବିତାର ଭାବାବେଶ ଭଳି ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ପରେ ହେ ଫଗୁଣ ତୁମେ ଶୀର୍ଷକ ନେଇ କବି ଲଳିତ କାନୁନଗୋ ଓ ଆକାଶବାଣୀ ଭବାନୀପାଟଣାର ଉଦ୍‌ଘୋଷିକା ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବର୍ଷୀୟାନ କବି ଓ କବୟିତ୍ରୀ ସେମାନଙ୍କ କବିତା ଆବୃତ୍ତି କରିଥିଲେ। ସହସମ୍ପାଦକ ଶିଳ୍ପୀ ମୁକୁନ୍ଦ ରେଡି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ସହସମ୍ପାଦକ କବି ବିରଞ୍ଚି ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆୟୋଜକ ଡ. ଏ.ପି.ଜେ. ଅବଦୁଲ କଲାମ୍ ଫାଉଣ୍ଡେଶନ୍ ଟ୍ରଷ୍ଟର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ସଦସ୍ୟ ଭୃକୁଟି ଗଉଡ, ଗୌରହରି ନାଏକ, ଧନଞ୍ଜୟ ପାଣିଗ୍ରାହୀ, ଭାରତ ସାହୁ ଓ ମୀରା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଦମୟନ୍ତୀର ଚିନ୍‌ତାରେ ଘାରି ହେଉଛନ୍ ମା'ବାପ୍

**ଟିକସା ଲାଗି ଟଁକା ବାଧକ୍**

**କୋକସରା, ୨୪।୩ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଁଚେତ୍‌ର ତଲାଗାଁର ପବିତ୍ର ନାଏକ ଆର ଲୋଚନିକର ତୁରତିଅ ଝି' ଦମୟନ୍ତୀ ନାଏକ(୨୦)। ସେ ଜନମ ସମିଆରେ ଠିକ୍‌ଠାକ୍ ଥିଲାବେଲେ ବଏସ୍ ବଢ଼ବାର ସଂଗେ ଭିନ୍ନକ୍ଷମ ପାଲଟିଗଲେ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ପରିବାର ଲୋକ୍ ଦମୟନ୍ତୀର ଚିକିତ୍ସା କରେଇ ନାଇଁପାରବାର। ସୂଚନା ହିସାବେ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଁଚେତ୍‌ର ତଲାଗାଁର ପବିତ୍ର ନାଏକଙ୍କର ପରିବାର କହିଲେ ମାଏକିନା ଲୋଚନି, ୩ ଝି ଆର ଗୁଟେ ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ ହେଇଥିଲାବେଲେ ପବିତ୍ର ଗାଁଗଁଲିରେ ମୁଢ଼ି ବିକି ନିଜର କୁଟୁମ ପୁଷୁଛନ୍। ହେଲେ ତୁରତିଅ ଝି' ଦମୟନ୍ତୀର ଲାଗି ଦୁଇ ମାଏଝି ମୁନୁଷ ହରମେସା ଘାରି ହେଉଛନ୍। ଦମୟନ୍ତୀ ଜନମ ବେଲେ ପୂରା ଠିକ୍‌ଠାକ୍ ଥିଲେ। ହେଲେ ତାକର ବଏସ୍ ବଢ଼ବାର ସଂଗେ ହାତ୍‌ଗୋଡ଼ ଅଚଲ ହେଇ ଭିନ୍ନକ୍ଷମ ପାଲଟିଗଲେ। ଏହେଦେ ଦମୟନ୍ତୀକେ ୨୦ ବଛର ହେଲାନା ଯେନ୍ ସମିଆରେ ଦମୟନ୍ତି ନରଦି ନରଦି ଘରର ସବୁ କାମ୍‌ବୁତା କରବାର କଥା, ସେ ସମିଆରେ ଭିନ୍ନକ୍ଷମ ଲାଗି ପରିବାର ଉପରେ ବୋଝ୍ ପାଲଟିଇଛନ୍। ସେ ଚାଲବୁଲ କରିନାଇଁପାରବାର ଘୁଁସରି ଘୁଁସରି ଯିବାର ଆଏବାର କରୁଛନ୍। ଇଆଡ଼େ ପବିତ୍ର ମୁଢ଼ି ବିକି ଯାହା କମଉଛନ୍ ସେଟା ପରିବାରକେ ଚଲବାରେ ନିହଁଟ ହେଉଛେ। ଏନ୍‌ତାଥି ସେ ଭିନ୍ନକ୍ଷମ ଝି' ଦମୟନ୍ତୀର ଚିକିତ୍ସା କରେଇ ନାଇଁପାରବାର। ଦେମୟନ୍ତୀ ଖାଲି ଭିନ୍ନକ୍ଷମ ଭତା ପାଉଛନ୍। ପରିବାରଟା ଗୁଟେ ଭଂଗା ଦଦ୍‌ରା ମାଟି କୁଡ଼ିଆରେ ଯାଁକିକୁଁଟି ହେଇ ରହୁଥିଲାବେଲେ ତାକର ଲାଗି ଆବାସ ଯୋଜନା ସାତସପନ ହେଇଛେ। ପବିତ୍ର ଘର ଖଁଡ଼େର ଲାଗି ପଁଚେତ୍‌ରୁ ଜିଲାପାଳଙ୍କର ଜନଶୁନାନି ତକ୍ ସବୁଠାନେ ଗୁହାରି କରି ନିରାଶ ହେଇଛନ୍। ଇଆଡ଼େ ଦମୟନ୍ତୀର ମା' ଲୋଚନି କହିଛନ୍ ଯେ ସବୁ ସରକାରୀ ଯୋଜନା ଥିଲାବାଲାକର ଲାଗି, ଆମର ଲେଖେଁ ଗରିବ୍‌ଦୁଖିକର କଥା କିଏ ପଚରଉଛେ ବଲି ସେ କହିଛନ୍। ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠିଙ୍କୁ ପଚରାଲାରୁ ଭିନ୍ନକ୍ଷମ ଦମୟନ୍ତୀର ଚିକିତ୍ସା ଲାଗି ବେବସ୍‌ତା କରାଯିବା ଆର ତାର ଭତାକେ ୫ଶହରୁ ୭ଶହ ଟଁକା କରାଯିବା। ସେନ୍‌ତା ଇ ଗରିବ ପରିବାରକେ କେନ୍‌ଥେଇ ଆବାସ ଯୋଜନାରେ ସାମିଲ କରି ଘରଖଁଡ଼େ ଯୁଗେଇ ଦିଆଯାଇ ପାରବାର ତାର ବେବସ୍‌ତା କରାଯିବା ବଲି ସେ କହିଛନ୍।



ଭିନ୍ନକ୍ଷମ ଦମୟନ୍ତୀକେ ମା' ଲୋଚନି ଖୁଆଇ ଦେଉଛନ୍।

### ସପନ ହୋଇ ରହିଗଲା ଆବାସ ଘର

## କିଡ୍‌ନୀ ବେମାରରେ ଆଏଁଖ୍ ମୁଜ୍‌ଲେ ଲାଲଧର

**ଖଡିଆଳ,୨୪।୩(ଡି.ଏନ୍.ଏ.)**

ଉଭଏ କେନ୍ଦ୍ର ଆର ରାଏଜ ସରକାର ଗରିବ୍ ଦୁଖି, ନିଆଁସିମାନକର ଲାଗି ଅନେକ ଆବାସ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ସରକାରଙ୍କର ଇ ସବୁ ମହତ୍ ଯୋଜନା ନୂଆପଡ଼ା ଜିଲାରେ ବାଟବନା ହେଉଥିବାର ଦେଖିବାକେ ମିଲୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡ଼ା ପଁଚେତ୍‌ର ମୋହରା ଗାଁରେ। ଗାଁର ଲାଲଧର ଷଣ୍ଢ ଝନେ ନିହାତି ଗରିବ୍ ଲୋକ ହେଇଥିଲାବେଲେ ସେ ଗଲା ୩ ବଛର ହେଲା କିଡ଼ନୀ ରୋଗ୍‌ରେ ପୀଡ଼ିତ ଥିଲେ। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ ଗୁହାରି କରିଥିଲେ, ସଭେ କଥା ବି ଦେଇଥିଲେ। ହେଲେ ସପନ୍ ପୂରା ହେବାର ଆଘରୁ, ଆଏଜ୍‌କେ ୧୫ ଦିନ୍ ତଲେ ସେ କିଡ଼ନୀ ବେମାରରେ ସବୁଦିନର ଲାଗି ଆଏଁଖ୍ ମୁଜିଦେଇଛନ୍।

ସୂଚନା ଅନ୍‌ସାରେ ମୋହରା ଗାଁର ଲାଲଧର ଷଣ୍ଢ, ମାଏକିନା ଗୋରସଖାଇ, ବଡ଼ ଝି' କାମିନୀ(୧୮), ମଝିଆଁ ଝି' ଯଶୋଦା(୧୫), ସାନ ଝି' ଦୀପିକା(୬) ଆର ଗୁଟେବେଲି ପୁଓ ମଳୟ(୮)କେ ନେଇ ତାକର ପରିବାର। ସପଁତି କହିଲେ ୩ ଡିସିମିଲ ଜାଗା ଆର ଦୁଇ ବଖରା ମାଏଟ୍ ଘର। ଜମିବାଡ଼ି ବଲି କିଛି ନାଇଁ। ଦୁଇ ମାଏଝି ମୁନୁଷ ବାହା ଜାଂଗଲ ମାଜି ଯାହା କମଉଥିଲେ ସେଥିରେ ତାକର ପରିବାର ଚଲୁଥିଲା, ପିଲାଛୁଆ ପାଠ୍ ପଢୁଥିଲେ। ହେଲେ ସେଟା ବି ପେଟକେ ଅଁଟ୍‌ଲେ ଦିହିକେ ନାଇଁ ଲେଖେଁ। ଏନ୍‌ତାଥି ଘର ଦୁଇବଖରା ବନାବାର ତ ଦୂରର କଥା, ଲାଲଧର ମାଏଟ୍ କୁଡ଼ିଆ ଦୁଇ ବଖରାକ ମରାମତି ନାଇଁ କରିପାରୁଥାଇ। ସେ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ମୂଳ କରି ଜିଲାପାଳଙ୍କର ଅଭିଯୋଗ ଶିବିରେ ବି ଅଭିଯୋଗ କରିଥିଲେ। ଅନେକ ଜାଗାରୁ ପରତିଶୁରତି ବି ପାଇଥିଲେ। ହେଲେ ସେ ଅନେକ ଦିନ୍ ହେଲା କିଡ଼ନୀ ବେମାରରେ ପୀଡ଼ିତଥିଲେ। ସପନ ପୂରା ହେବାର ଆଗରୁ ଗଲା ୧୫ ଦିନ୍ ତଲେ ସେ ସବୁଦିନର ଲାଗି ଆଏଁଖ୍ ମୁଜିଦେଇଛନ୍। ଏନ୍‌ତାଥି କୁଟୁମବସିଆ ଅସାହା ହେଇଯାଇଛନ୍। ନିଜର ମାଏଟ୍ ଘର ଭାଂଗି ଯାଇଥିଲାବେଲେ କୁଟୁମବସିଆ ପରହର ଭଂଗା ଦଦ୍‌ରା ଘରେ ଆଶ୍‌ରେ ନେଇଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଯୁକ୍ତ ୨ ପାସ୍ କରିଥିବାର ବଡ଼ ଝିଁର ପାଠ୍‌ପଢ଼ାରେ ଗଁଠି ପଡ଼ିଛେ। ସେନ୍‌ତା ମଝିଆଁ ଝି' ଯଶୋଦା ବି ଇଥର ମାଟ୍ରିକ ପରୀକ୍ଷା ଦେଇଛନ୍। ହେଲେ ବାପା ଚାଲିଗଲା ଉତାରୁ ଦୁଇ ବହେନ୍ ପରିବାର ଚଲାବାର ଲାଗି ପାଠ୍‌ପଢ଼ା ଛାଡ଼ି ପରହର କାମ୍‌ଧଁଦା କରୁଛନ୍। ଏନ୍‌ତାଥି ବିଧବା ଗୋରସଖାଇ ଗଣମାଧ୍ୟମ ଜରିଆରେ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଥାନୀୟ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଖଡ଼ିଆଳ ବିଡିଓ ଉତ୍ତମ କୁମାର ବାଗଙ୍କୁ ପଚରାଲାରୁ ମୋରପାସେ ଘଟନା ବାବ୍‌ଦେ ଖବର ନାଇଁଥାଇ। ଘଟନା ବାବ୍‌ଦେ ତଦଁତ୍ କରାଯିବା, ଏହେଦେ ତ ପକାଘର ବାଁଟବାର ଟାର୍ଗେଟ ସରିଯାଇଛେ। ଫେର ଘର ଆଏଲେ ଗୋରସଖାଇଙ୍କୁଁ ପକାଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ନିଜର ଭଂଗା ଦଦ୍‌ରା ଘରେ ଝି'ପୁଓକର ସଂଗେ ବିଧବା ଗୋରସଖାଇ।



"ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମହେନ୍ଦ୍ରଙ୍କୁ କଂଗ୍ରେସ ଟିକେଟ କର୍ମୀ ମହଲରେ ଖୁସିର ଲହରି

କୋଲାବିରା,୨୪।୩(ଡି.ଏନ୍.ଏ.): ପୂର୍ବତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ନାୟକଙ୍କୁ କଂଗ୍ରେସ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ କରିଛି। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ନାୟକ ନିର୍ବାଚନ ମଣ୍ଡଳୀ ବୁଲି ଲୋକଙ୍କ ସୁବିଧା ଅସୁବିଧା ବୁଝୁଥିଲେ। ଦଳ ତାଙ୍କୁ ଟିକେଟ ଦେବା ପରେ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିବା ପରେ କଂଗ୍ରେସ ଏଠାରୁ କାହାକୁ ପ୍ରାର୍ଥୀ କରିବ ସେ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଫଳରେ ଦୀର୍ଘଦିନ ହେଲା କର୍ମୀମାନେ ଆଶଙ୍କାରେ ରହିଥିଲେ। ମହେନ୍ଦ୍ରଙ୍କୁ ଟିକେଟ ମିଳିବା ପରେ ବିଭିନ୍ନ ସ୍ଥାନରେ ତାଙ୍କ ସମର୍ଥକ ବାଣ ଫୁଟାଇବା ସହ ପରସ୍ପରକୁ ମିଠା ଖୁଆଇ ଖୁସି ବ୍ୟକ୍ତ କରିଛନ୍ତି। ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବେ ବୋଲି ମହେନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ୫ଟନ୍ କୋଇଲା, ୫ କୁଇଣ୍ଟାଲ ଲୁହାଛଡ଼ ଜବତ

■ ଢାବା ମାଲିକ ଗିରଫ



ଗିରଫ ଢାବା ମାଲିକ ଚିତ୍ତରଞ୍ଜନ ସାହୁ।

ଲଖନପୁର,୨୪।୩(ଡି.ଏନ୍.ଏ.) ୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କନକତୋରା ନିକଟ ଏକ ଢାବାରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ଥିବା ୫ଟନ୍ କୋଇଲା ଓ ୫ କୁଇଣ୍ଟାଲ ଲୁହାଛଡ଼ ଜବତ କରିଛି। ଏଥିରେ ସମ୍ପୃକ୍ତ ଢାବା ମାଲିକ ଚିତ୍ତରଞ୍ଜନ ସାହୁଙ୍କୁ ପୋଲିସ ରବିବାର ଗିରଫ କରି ଝାରସୁଗୁଡ଼ା କୋର୍ଟଚାଲଣ କରିଛି। ଏ ନେଇ ଏକ ମାମଲା (ନଂ.୪୪/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ କେତେକ ଢାବା ରହିଛି। ମାଲ୍ ବୋଝେଇ ଟ୍ରକ୍ କର୍ମଚାରୀମାନେ ଖାଇବା ପାଇଁ ଢାବାରେ ଅଟକୁଛନ୍ତି। ଏହି ସମୟରେ ଢାବା ମାଲିକମାନେ ଟ୍ରକ୍ ଚାଳକଙ୍କୁ ହାତକରି ଶାଗମାଛ ଦରରେ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ପରେ ଏହାକୁ ଚଢ଼ା ଦରରେ ବିକ୍ରି ବିକ୍ରି କରୁଛନ୍ତି ବୋଲି ପୋଲିସ ସୂଚନା ଦେଇଛି।

### ବରପୁତ୍ରଙ୍କ ପାଇଁ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୨୪।୩(ବ୍ୟୁରୋ): ନିର୍ବାଚନ ସମୟରେ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ନିର୍ମାଣକର୍ତ୍ତାଙ୍କ ପ୍ରତିମୂର୍ତ୍ତିଙ୍କୁ ଯଥାଚିତ ସମ୍ମାନ ଦିଆଯାଏ ନାହିଁ। କେଉଁ ଦଳ ପ୍ରତିମୂର୍ତ୍ତି ଉପରେ ପତାକା ଲଗାଏ ପୁଣି କେଉଁ ଦଳ ନିଜ ବ୍ୟାନରରେ ବରପୁତ୍ରମାନଙ୍କୁ ଘୋଡ଼େଇ ଦିଅନ୍ତି। ତେଣୁ ଚଳିତ ନିର୍ବାଚନ ସମୟରେ ଏହି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ କୌଣସି ରାଜନୈତିକ ଦଳ ବା ସ୍ୱାଧୀନ ପ୍ରାର୍ଥୀମାନେ ଯେପରି ପତାକା କିମ୍ବା ବ୍ୟାନର ଲଗାଇ ନ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସେହିଭଳି ଆଚରଣ ବିଧି ଲାଗିଥିବା ସମୟରେ ଉତ୍କଳ ଦିବସ ପଡୁଛି। ଆଚରଣ ବିଧି ଆଳରେ ଉତ୍କଳ ଦିବସ ପାଳନ ପାଇଁ ଯେପରି ପ୍ରତିବନ୍ଧକ ନ ଲାଗେ ସେସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଗୁରୁବାର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ମହେଶ୍ୱର ବିଶ୍ୱାଳ ଓ ଅକ୍ଷୟ ଜେଠୀ ପ୍ରମୁଖ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

### ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ

ଲଇକେରା,୨୪।୩(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଲଇକେରା ନିକଟ ଓଡ଼ିଆପାଲିଠାରେ ନିର୍ମାଣାଧୀନ ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁ ମନ୍ଦିର ଗର୍ଭରେ ଧାନ ସହ ପଞ୍ଚରତ୍ନ ଭର୍ତ୍ତି କରିଥିଲେ। ଏଥିରେ କର୍ତ୍ତା ଭାବେ ରମେଶ ଚନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସତ୍ୟବାନ ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବୃହସ୍ପତି ମିଶ୍ର ସହଯୋଗ କରିଥିଲେ।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

■ ଲୋକଙ୍କୁ ସଚେତନ କଲେ
■ ଗାଁ ଦାଣ୍ଡରେ ମଦ ପୋଡ଼ିଲେ

ଲଖନପୁର,୨୪।୩(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ପିପିଲିକାନୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବେଆଇନ ମଦ ବିକ୍ରି ଚାଲିଛି। ଏହାକୁ ରୋକିବା ପାଇଁ ପଞ୍ଚାୟତର ଏସ୍ଏଚ୍‌ଜି ସଦସ୍ୟାମାନେ ବ୍ୟବସାୟୀଙ୍କୁ ଅନୁରୋଧ କରୁଛନ୍ତି। ଅବକାରୀ ବିଭାଗ ଓ ପୋଲିସର ଦୃଷ୍ଟି ଆକର୍ଷଣ ମଧ୍ୟ କରୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏଭଳି ସ୍ଥିତିରେ ୨୫ ଏସ୍ଏଚ୍‌ଜିର ଶତାଧିକ ସଦସ୍ୟା ରବିବାର ଏକତ୍ରିତ ହୋଇ ବେଆଇନ ମଦ ଦୋକାନରୁ ୧ବସ୍ତା ମଦ ଆଣି ଗାଁ ଦାଣ୍ଡରେ ପୋଡ଼ି ଦେଇଥିଲେ। ପରେ ମହିଳାମାନେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ବୋତଲଗା, ଡେଙ୍ଗସର୍ଗୀ, ସତ୍‌ରଙ୍ଗ, ଖୁଟ୍‌ବନ୍ଧ ଓ ପିପିଲିକାନୀ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ପଞ୍ଚାୟତର କେତେଜଣ ୱାର୍ଡ ସଭ୍ୟ ମଧ୍ୟ ମଦ ବିକ୍ରି କରୁଥିବା ଜଣାପଡ଼ିଥିଲା। ମହିଳାମାନେ ସେମାନଙ୍କୁ ଏଥିରୁ ବିରତ ରହିବା ପାଇଁ ତାଗିଦ୍ କରିଥିଲେ। ମଦ ବିକ୍ରି ନ କରିବା ପାଇଁ ବ୍ୟବସାୟୀମାନେ ମହିଳାଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସେମାନେ ପ୍ରତିଶ୍ରୁତି ପାଳନ ନ କଲେ ମହିଳାମାନେ କଠୋର ପଦକ୍ଷେପ ଗ୍ରହଣ କରିବା ସହ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମଦ ବିରୋଧୀ କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍ଏଚ୍‌ଜିର ମାଳତି ସେନାପତି, ଅଞ୍ଜଳି ମଲ୍ଲିକ, ମାଳତି ଭୋଇ, ପ୍ରତିମା ଭୋଇ, ଆରତି ମାଝି, ସାବିତ୍ରୀ କିଷାନ, ବିଳାସିନୀ ରୋହିଦାସ, ବିଶାଖା ଷଣ୍ଢ, ଯଶୋଦା ଷଣ୍ଢ, ମୋହିନୀ ବଡ଼େଇ, ଗୁରୁବାରି ବାଗ, ତିଲୋତ୍ତମା ବାଗ, ଛବିରାଣୀ ବଡ଼େଇ, ସୁକାନ୍ତି ଓରାମ, ଲଳିତା ଓରାମ, ପୂର୍ଣ୍ଣମୀ କିଷାନ ପ୍ରମୁଖ ସାମିଲ ହୋଇଥିଲେ।



ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଏସ୍ଏଚ୍‌ଜି ସଦସ୍ୟା।

# ଭଗତ ସିଂଙ୍କ ବଳିଦାନ ଦିବସ

ରାଉରକେଲା ଅଫିସ,୨୪।୩

ଅଖିଳ ଭାରତ ଯୁବ ଓ ଛାତ୍ର ସଂଘ ମିଳିତ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଶହୀଦ ଭଗତ ସିଂଙ୍କ ୮୮ତମ ବଳିଦାନ ଦିବସ ପାଳିତ ହୋଇଛି। ସେକ୍ଟର-୮ ଦୁର୍ଗାପୂଜା ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସକଫର ରାଜ୍ୟ ସଭାପତି ମଣ୍ଡଳୀ ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀ ମୁଖ୍ୟଅତିଥି, ଏଆଇଟିୟୁସି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୋଷ ମହାନ୍ତି, ବ୍ୟାଙ୍କ କର୍ମଚାରୀ ସଂଘ ନେତା ପଶୁପତିନାଥ ଚାଟାର୍ଜୀ ସମ୍ମାନିତ ଅତିଥି, ପ୍ରଫେସର ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା, ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ, ରାଉରକେଲା ଓକିଲ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ସାହୁ ଓ ଡ. କିଶୋରୀ ଦାସ ପ୍ରମୁଖ ସମ୍ମାନିତ ବକ୍ତା ରୂପେ ଯୋଗଦେଇଥିଲେ। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରି ଫାଶୀ ଖୁଣ୍ଟକୁ ବରଣ କରିଥିବା ଭାରତ ମାଟିର ୩ କ୍ରାନ୍ତିକାରୀ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ତ୍ୟାଗ ଓ ବଳିଦାନ କେବେ ବ୍ୟର୍ଥ ଯିବନି ବୋଲି ଏହି ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏମାନଙ୍କ ଜୀବନାଦର୍ଶ ଆଗାମୀ ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବା ସହ ଦେଶ ପ୍ରୀତିରେ ଉଦ୍‌ବୁଦ୍ଧ ହେବାକୁ ନିଶ୍ଚିତ ପ୍ରେରିତ କରିବ ବୋଲି ଅତିଥିମାନେ କହିଥିଲେ। ସ୍ୱାଧୀନତାକୁ ୭୦ ବର୍ଷ ଅତିବାହିତ ହୋଇସାରିଛି। ଯେଉଁମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଦେଶକୁ ସ୍ୱାଧୀନ କଲେ ସେମାନଙ୍କ ସ୍ୱପ୍ନର ଭାରତବର୍ଷ ଆଜି ଅଧୁରା ହୋଇରହିଛି। ଜାତି, ଧର୍ମ ଓ ସମ୍ପ୍ରଦାୟ ନାଁରେ ଦେଶବାସୀଙ୍କୁ ଭାଗ କରିବାକୁ ଅପଚେଷ୍ଟା ଜାରି ରହିଛି। ଶାସନ କ୍ଷମତା ମୋହରେ ନେତାମାନେ ସାମୂହିକ ସ୍ୱାର୍ଥ ବଦଳରେ ନିଜ ହିତରେ ମାତିଛନ୍ତି ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କେଉଁଠି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିବା ନାଥୁରାମଙ୍କ ମନ୍ଦିର ଗଢ଼ା ଚାଲିଛି ତ ଅନ୍ୟ କେଉଁଠି ତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବାକୁ ପଛାଉ ନାହାନ୍ତି ଦୁର୍ବୃତ୍ତ। ଏପରି ଅବସ୍ଥାରେ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ବିଚାର ବ୍ୟବସ୍ଥାର ସୁରକ୍ଷା ପାଇଁ ସମ୍ମିଳିତ ସ୍ୱର ଉତ୍ତୋଳନ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଯୁବ ସଂଘ ସହର ଶାଖା ସଭାପତି ଅରୁଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବନେତା ଭାଗ୍ୟଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାୟାକାନ୍ତ ସେନାପତି, ପଞ୍ଚାନନ ସୁନା, କାର୍ତ୍ତିକ ନାୟକ, ଏନ୍. କିଷାନ, ମହେଶ୍ୱର ଦୀପ, ଅରୁଣ ଦୀପ, ଅମିଷା ନାଗ, ଦୁର୍ଗା ବାଗ, ମଧୁସ୍ମିତା ନାଗ, ରିଙ୍କୁ ଦୀପ, ମାଧବୀ ନାଗ ଓ ବାପିନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସାମଲ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଗୋବିନ୍ଦ ନାୟକ, ବାସୁଦେବ ସାହୁ, ଯସ୍ମିତା ପ୍ରଧାନ ପ୍ରମୁଖ ଶହୀଦଙ୍କ ସ୍ମୃତିଚରଣ କରିଥିଲେ। ଆଇନଜୀବୀ ଏମ୍. ମାଲେଶ୍ୱରମ ଓ ବସନ୍ତ ତାଣ୍ଡିଙ୍କ ଦ୍ୱାରା ଶହୀଦ ସ୍ମୃତି ସଙ୍ଗୀତ ଗାନ କରାଯାଇଥିଲା। ଅପର୍ଣ୍ଣା ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ।




ଅଖିଳ ଭାରତୀୟ ଯୁବ ସଂଘ ପକ୍ଷରୁ ଭଗତ ସିଂଙ୍କ ବଳିଦାନ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

## ସାଇବାବାଙ୍କ ମୁକୁଟ ଚୋରି, ଜଣେ ଗିରଫ

ବେଲପାହାଡ଼,୨୪।୩(ଡି.ଏନ୍.ଏ.)

ଗୁମାଡେରା ସାଇ ମନ୍ଦିରରୁ ରୁପା ମୁକୁଟ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଗୁମାଡେରା ଗୁଆଲାପଡ଼ାରେର ଶୁଭମ ଦୁବେ (୨୦)। ଦଫା ୪୫୭ ଓ ୩୮୦ରେ ଏକ ମାମଲା ରୁଜୁ କରାଯାଇ ଶୁଭମ୍‌ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ସାଇ ମନ୍ଦିରରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ସାଇ ପ୍ରତିମାଙ୍କ ମଥାରେ ଲାଗିଥିବା ପ୍ରାୟ ୫ ହଜାର ଟଙ୍କା ମୂଲ୍ୟର ଏକ ରୁପା ମୁକୁଟ, ଛତ୍ର ଓ ସାଉଣ୍ଡ ସିଷ୍ଟମ ପାଇଁ ବ୍ୟବହୃତ ୨ଟି ପେନ୍‌ଡ୍ରାଇଭ ଚୋରି କରି ନେଇଯାଇଥିଲେ। ମନ୍ଦିର କମିଟି ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ. ୫୦/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଶନିବାର ପୋଲିସ ଗୁଆଲାପଡ଼ାସ୍ଥିତ ଏକ ଘରେ ଚଢ଼ାଉ କରି ଏକ ବ୍ୟାଗରେ ଲୁଚାଇ ରଖାଯାଇଥିବା ରୁପା ମୁକୁଟ ଓ ଛତ୍ର ଜବତ କରିଥିଲା। ଶୁଭମଙ୍କ ପ୍ୟାଣ୍ଟ ପକେଟରୁ ୨ଟି ପେନ୍‌ଡ୍ରାଇଭ ମଧ୍ୟ ଜବତ କରାଯାଇଥିଲା। ଶୁଭମ ପୂର୍ବରୁ ଏକାଧିକ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ପୋଲିସ ସୂଚନା ଦେଇଛି।

## ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ଫର୍ଟିଲାଇଜର ଟାଉନଶିପ ସ୍ଥିତ ମୋବାଇଲ ଟାୱାର ନିକଟରେ ଅଗ୍ନିକାଣ୍ଡ ଘଟି ପୋଡ଼ିଯାଇଥିବା ଆସବାବପତ୍ର।

ରାଉରକେଲା ଅଫିସ,୨୪।୩

ଫର୍ଟିଲାଇଜର ଟାଉନଶିପ ଅନ୍ତର୍ଗତ ଅର୍ବାନ ବ୍ୟାଙ୍କ ଶାଖା ପଛରେ ଥିବା ଏକ ମୋବାଇଲ ଟାୱାର ତଳେ ରହୁଥିବା ହରେନ୍ଦ୍ର ଯାଦବଙ୍କ ଘରେ ରବିବାର ଭୋର ୫ଟାରେ ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି। ତେବେ ହରେନ୍ଦ୍ରଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପଡ଼ୋଶୀମାନେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଥିବା ହରେନ୍ଦ୍ର କହିଛନ୍ତି। ମୋବାଇଲ ଟାୱାର କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଟାଙ୍ଗରପାଲି ପୋଲିସ ଘଟଣାର ତଦନ୍ତ କରୁଛି।

# ବିଏମ୍ଏସ୍‌ର ଜିଲାସ୍ତରୀୟ ସମ୍ମିଳନୀ




ବିଏମ୍ଏସ୍ ପକ୍ଷରୁ ସେକ୍ଟର-୪ ବିଶ୍ୱକର୍ମା ଭବନରେ ଆୟୋଜିତ ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ରାଉରକେଲା ଅଫିସ,୨୪।୩

ସେକ୍ଟର-୪ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) କାର୍ଯ୍ୟାଳୟ ବିଶ୍ୱକର୍ମା ଭବନରେ ରବିବାର ପୂର୍ବାହ୍ଣ ୧୧ଟାରେ ସଂଘର ୨୫ତମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସଂଗଠନର ଜିଲା ସଭାପତି ବିବେକାନନ୍ଦ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ରାଜ୍ୟ ଉପସଭାପତି ଏ. ଶ୍ରିନିବାସ ରାଓ ଓ ସମ୍ମାନିତ ଅତିଥି ରୂପେ ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ ମଞ୍ଚାସୀନ ଥିଲେ। ଅଖିଳ ଭାରତ ଅଙ୍ଗନୱାଡି ମହାସଂଘ ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ, ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ସାଧାରଣ ସମ୍ପାଦକ ହିମାଂଶୁ ବଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଆଇକେକେଏସ୍, ଖଣି ମଜଦୁର ସଂଘ, ବସୁନ୍ଧରା କୋଲିଆରୀ ମଜଦୁର ସଂଘ, ଗାଙ୍ଗପୁର ଶ୍ରମିକ ସଂଘ, ଇସ୍ପାତ ଠିକା ମଜଦୁର ସଂଘ, ମିନେରାଲ ମଜଦୁର ସଂଘ, ଓଡ଼ିଶା ମିନେରାଲ ୱାର୍କର୍ସ ୟୁନିୟନ, ଅଲ୍ ଓଡ଼ିଶା ଲେଡିଜ ୱାର୍କର୍ସ ଆସୋସିଏଶନ, ରାଜ୍ୟ ଆଶାକର୍ମୀ ସଂଘ, କୃଷି ଓ ଗ୍ରାମୀଣ ମଜଦୁର ସଂଘ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକ ଓ ସେମାନଙ୍କ ବୃହତର ସ୍ୱାର୍ଥ ସୁରକ୍ଷା ନେଇ ଆଲୋଚନା କରାଯାଇଥିଲା। ହକ୍ ପାଇଁ ଆନ୍ଦୋଳନ କରୁଥିବା ଶ୍ରମିକ ସଂଗଠନ ଉପରେ ପୋଲିସର ଦମନଲୀଳାକୁ ଏଥିରେ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ମଜବୁତ କରି ସାମୂହିକ ଲକ୍ଷ୍ୟ ସାଧନ ଦିଗରେ ବ୍ରତୀ ହେବାକୁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଆସନ୍ତା ବର୍ଷକ ପାଇଁ ରାଜ୍ୟ ସଭାପତି ସର୍ବସମ୍ମତି କ୍ରମେ ଜିଲା କମିଟି କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏହି ୨୮ ଜଣିଆ ଜିଲା କମିଟି ସଭାପତି ରୂପେ ବିବେକାନନ୍ଦ ମହାନ୍ତ, ଉପସଭାପତି ମନୋଜ ଜୟସ୍ୱାଲ, କିଶୋରୀ ପଣ୍ଡା, କ୍ଷୀରୋଦ ପଶାୟତ ଓ ବିଜୟ ରାୟଙ୍କ ନାମ ଘୋଷଣା କରାଯାଇଥିଲା। ସେହିଭଳି ସମ୍ପାଦକ ରୂପେ ଅମର ଜୟସ୍ୱାଲ, ସହସମ୍ପାଦକ ଅଖିଳ ମହାରଣା, ବିକ୍ରମ ସିଂ, ସୁରେଶ ତରୱାର, ରଶ୍ମିରଞ୍ଜନ ପରିଡ଼ା ଓ ସବିତା ପଣ୍ଡା, କୋଷାଧ୍ୟକ୍ଷ ଭାବେ କ୍ଷୀରୋଦ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟକାରିଣୀରେ ହିମାଂଶୁ ବଳ, ସୁରେନ୍ଦ୍ର ପଟେଲ, ବିମଳ ବେହେରା, ଅମିତ କାଲୋ, ପ୍ରଭାକର ମଲ୍ଲିକ, ରବି ତିୱାରୀ, ଉମାକାନ୍ତ ସାମଲ, ବିମଳା ଲାକ୍ରା, ସୁଜାତା ନାୟକ, ଛବି ଦାସ, ସୁନନ୍ଦା ନାଥ, ରାମେଶ୍ୱର ସିଂ, ସନ୍ତୋଷ ନାୟକ ଓ ଗୋପୀଚାନ୍ଦ ବେହେରା ପ୍ରମୁଖ ରହିଛନ୍ତି। ଏହା ବ୍ୟତୀତ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରୂପେ ରାଜେନ୍ଦ୍ରନାଥ ମହାନ୍ତ ଓ ଅଞ୍ଜଳି ପଟେଲ ପ୍ରମୁଖଙ୍କୁ ଗ୍ରହଣ କରାଯାଇଛି।

## ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

■ ୨୧ ପରିବାର ସର୍ବସ୍ୱାନ୍ତ
■ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଉର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଦମକଳ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ।

ଘଟଣାରୁ ଜଣାପଡିଛି, ପାତ୍ରପଡା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରି ଯାଇଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଦମକଳ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ସମୟରେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁ କନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ପରେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଭେଟିଥିଲେ। ସେମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହ ସେଠାରେ ରହିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ପରେ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଓ ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ବଣ୍ଠରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିଡିଓ ରୋମାଞ୍ଚଳ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ସଜନା ଗଛରୁ ପଡ଼ି ଯୁବକ ମୃତ

**କୁତ୍ରା, ୨୪।୩ (ଡି.ଏନ.ଏ):** କୁତ୍ରା ଥାନା ଅଧିନ କନ୍ଦେଇମୁଣ୍ଡା ଗ୍ରାମର କୁଆଁଟୋଲି ଗ୍ରାମର ଧନକୁଆଁର ସରୋନିଆଁ (୪୫) ନାମକ ଜଣେ ଯୁବକ ସଜନା ଗଛରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ଧନକୁଆଁର ନିଜ ଘରେ ଥିବା ସଜନା ଗଛରେ ଚଢ଼ିଥିଲେ। ହେଲେ ଗଛ ଭାଙ୍ଗି ପଡିଥିବାରୁ ଧନକୁଆଁର ଗଛରୁ ପଡି ଗୁରୁତର ହୋଇଥିଲେ। ଘର ଲୋକେ ତାଙ୍କୁ କୁତ୍ରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡା. ସରୋଜ କୁମାର ନନ୍ଦ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣା ସମ୍ବନ୍ଧରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କୁହାଯାଉଛି।

### ସ୍କୁଟିକୁ ଧକ୍କା ଦେଲା ପିକଅପ୍ ଭ୍ୟାନ: ଯୁବକ ଗୁରୁତର

**କୁତ୍ରା, ୨୪।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବସଷ୍ଟାଣ୍ଡଠାରେ ରବିବାର ଅପରାହ୍ନ ୨ଟାରେ ଏକ ଦୁର୍ଘଟଣା ଘଟିଛି। ପିକଅପ୍ ଭ୍ୟାନ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ କୁତ୍ରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। କୁତ୍ରା ମାଲୁପଡାର ଶିବସାଏ ଲାକଡା ସ୍କୁଟି ନଂ. ଓଡି ୧୪ ବି- ୮୯୦୪ରେ କୁତ୍ରା ବସ୍ତି ପଟୁ ବଜାର ପଟକୁ ଯାଉଥିଲେ। ରାଉରକେଲା ପଟୁ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ ନଂ. ଓଡି ୧୭ ଏମ- ୬୮୮୬ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିର ଆଗପଟ ସମ୍ପୂର୍ଣ୍ଣ ଦବି ଯାଇଥିବାବେଳେ ଶିବସାଏ ଲାକଡା ଗାଡିରୁ ତଳକୁ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ କୁତ୍ରା ଡାକ୍ତରଖାନାକୁ ନେଇଯାଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପିକଅପ୍ ଭ୍ୟାନ ଓ ସ୍କୁଟିକୁ ଜବତ କରିବା ସାଙ୍ଗକୁ ତଦନ୍ତ କରୁଛି। ଯୁବକଙ୍କ ଅଣ୍ଟା ଭାଙ୍ଗି ଯାଇଥିବା ଜାଣି କୁତ୍ରା ଡାକ୍ତର ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

### ୫ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡ଼ିଛି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ବଲାଙ୍ଗୀର ସଇଁତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୫ ମାସ ହେଲା ପ୍ରାଣୀ ଚିକିତ୍ସକ ପଦବୀ ଖାଲି ପଡିଛି। ଫଳରେ ଲୋକେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ପ୍ରମୋଶନରେ ଯିବାପରେ ଏଭଳି ସ୍ଥିତି ଉପୁଜିଛି। ଉକ୍ତ ପଦବୀ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ରାଜଧାନୀକୁ ବସ୍ ଚଳାଚଳ ଦାବି

**ଟିକ୍ରାପଡ଼ା,୨୪।୩(ଡି.ଏନ୍.ଏ.):** ସଇଁତଲା ବ୍ଲକ ଟିକ୍ରାପଡ଼ା, ମୁରିବାହାଲ ବ୍ଲକ ଗୁଡିଘାଟ ଏବଂ ବାନ୍ଧୁପଲା ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ବସ୍ ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଅଞ୍ଚଳରୁ ରାଜଧାନୀକୁ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି।

ଟିକେଟକୁ ନେଇ କଂଗ୍ରେସ, ଭାଜପାରେ ଅସନ୍ତୋଷ

# ଭାଜପାରୁ ସୁନୀଲ ସିଂଦେଓ, କଂଗ୍ରେସରୁ ଜଟିଆ ମୁଣ୍ଡାଙ୍କ ବିଜେଡିରେ ଯୋଗଦାନ

**ସୁନ୍ଦରଗଡ଼, ୨୪।୩ (ଡି.ଏନ୍.ଏ)**

ଟିକେଟ ବଣ୍ଟନକୁ କେନ୍ଦ୍ର କରି ଏବେ ସୁନ୍ଦରଗଡ ଭାଜପା ଓ ବିଜେଡିରେ ଅସନ୍ତୋଷ ତେଜିବାରେ ଲାଗିଛି। ଭାଜପାରୁ ସୁନ୍ଦରଗଡ଼ ଆସନ ପାଇଁ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଭାଜପାର ହେମଗିର ରାଜା ସୁନୀଲ ସିଂଦେଓ ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀ ତଥା ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା ନିଜର ସମର୍ଥକଙ୍କ ସହ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେଡ଼ିରେ ଯୋଗଦେଇଛନ୍ତି। ଉଭୟ ନେତା ଦଳରେ ସେମାନଙ୍କୁ ଟିକେଟ ବଣ୍ଟନବେଳେ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ହୋଇଥିବା ବିକାଶମୂଳକ ଯୋଜନାରେ ଅନୁପ୍ରାଣୀତ ହୋଇ ବିଜେଡିରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଲେ ବୋଲି ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ମୁଣ୍ଡା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ଆହୂତ ଏକ ଖବରଦାତା ସମ୍ମିଳନୀରେ ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡାଙ୍କ ବିଜେଡିରେ ଯୋଗଦାନ ପରେ କଂଗ୍ରେସ ପାଇଁ କୌଣସି ଫରକ ପଡିବ ନାହିଁ ବୋଲି ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ ପ୍ରକାଶ କରିଛନ୍ତି। ଜଟିଆବାବୁଙ୍କୁ ଟିକେଟ ପ୍ରଦାନରେ ଅଣଦେଖା କରାଯିବା ଅଭିଯୋଗକୁ ସେ ଖଣ୍ଡନ କରିବା ସହ ତାଙ୍କୁ ଦଳପକ୍ଷରୁ ପ୍ରାର୍ଥୀ କରାଯିବା ପାଇଁ ଜିଲା କମିଟି ଏଆଇସିସିର ଅନୁମୋଦନ ପାଇଁ ତାଲିକାରେ ନାମ ସୁପାରିଶ କରିଥିଲା। ଏପରିକି ନିର୍ବାଚନ ଆଚରଣ ଅନୁଯାୟୀ ତାଙ୍କୁ ବ୍ଲକ ଅଧ୍ୟକ୍ଷ ପଦରୁ ପ୍ରଥମେ ଇସ୍ତଫା ଦେବା ପାଇଁ କୁହାଯାଇଥିଲା। ନିୟମ ଥିବା ଜାଣି ମଧ୍ୟ ସେ ଏଥିପ୍ରତି ଆଗ୍ରହ ପ୍ରକାଶ କରି ନ ଥିଲେ ବୋଲି ଜିଲା କଂଗ୍ରେସ କମିଟି ସଭାପତି ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଆଇନଜୀବୀ ନିମାଇଁ ନାଏକ, ତଳସରା ବିଧାୟକ ଡାଃ ପ୍ରଫୁଲ୍ଲ କୁମାର ମାଝି, ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଅମିତା ବିଶ୍ୱାଳ, ଜିଲା ଉପସଭାପତି ଅଜିତ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀବାହୀ ବସ୍‌ରେ ଲାଗିଲା ନିଆଁ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**କୁତ୍ରା, ୨୪।୩ (ଡି.ଏନ.ଏ)**



ଦମକଳ ସାହାଯ୍ୟରେ ନିଆଁ ଆୟତ୍ତ କରାଯାଉଛି।

ସୁନ୍ଦରଗଡ଼ ଜିଲା କୁତ୍ରାର ଏକ ପେଟ୍ରୋଲ ପମ୍ପ ପାଖରେ ରବିବାର ଅପରାହ୍ନରେ ସଫରି ନାମକ ଏକ ଘରୋଇ ଯାତ୍ରୀବାହୀ ବସରେ ନିଆଁ ଲାଗି ଯାଇଥିଲା। ଅଳ୍ପକେ ଏକ ବଡଧରଣର ଦୁର୍ଘଟଣାରୁ ବସଯାତ୍ରୀ ବଞ୍ଚିଯାଇଥିବା ଜଣାପଡିଛି। ବସ ରାଉରକେଲାରୁ କୁତ୍ରାକୁ ଆସୁଥିବାବେଳେ କୁତ୍ରା ତୁନିପଡା ଛକରେ ଥିବା ଏକ ପେଟ୍ରୋଲ ପମ୍ପ ପାଖରେ ବସରେ ବସିଥିବା ଯାତ୍ରୀମାନେ ପାଟି କରିଥିଲେ। ଡ୍ରାଇଭର ବସକୁ ଅଟକାଇ ଥିଲେ। ବସରେ ନିଆଁ ଲାଗିଥିବା ଜାଣି ସେ ଫେରାର୍ ହୋଇଯାଇଥିଲେ। କ୍ଲିନର ଓ କଣ୍ଡକ୍ଟର ମଧ ବସରୁ ଓହ୍ଲାଇ ଅନ୍ୟତ୍ର ଚାଲିଯାଇଥିଲେ। ବସରେ ବସିଥିବା ଯାତ୍ରୀ ବହୁ କଷ୍ଟରେ ନିଜ ବ୍ୟାଗପତ୍ର ଛାଡି ବସରୁ ଓହ୍ଲାଇ ପଡିଥିଲେ। ବସରେ ନିଆଁ ଲାଗିଥିବା ଦେଖି କେତେକ ସ୍ଥାନୀୟ ଯୁବକ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କ ବ୍ୟାଗପତ୍ର ବସରୁ ତଳକୁ ଆଣିଥିଲେ। ପାଣି ଆଣି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ନିଆଁ ଆୟତ ନ ହେବାରୁ କୁତ୍ରା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇ ଦେଇଥିଲେ। ଏହି ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷତି ହୋଇ ନ ଥିବାବେଳେ ଯାତ୍ରୀଙ୍କ ସାବଧାନତା ଯୋଗୁ ଏକ ବଡଧରଣର ଦୁର୍ଘଟଣାକୁ ଏଡାଯାଇ ପାରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ରାଜସ୍ୱ ନିରୀକ୍ଷକଙ୍କୁ ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

**ସୁନ୍ଦରଗଡ଼, ୨୪।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ରାଜସ୍ୱ ନିରୀକ୍ଷକଙ୍କୁ ଗତ ୨୦ତାରିଖରେ ବାଲିଚାଲାଣକାରୀଙ୍କ ଦ୍ୱାରା ହୋଇଥିବା ଆକ୍ରମଣ ଘଟଣାର ୫ଦିନ ବିତିଯିବା ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ବାଲିଶଙ୍କରା ତହସିଲ ଅନ୍ତର୍ଗତ ଇବ୍ ନଦୀରୁ ବାଲି ଚୋରା ଚାଲାଣକାରୀଙ୍କ ଦ୍ୱାରା ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅଞ୍ଚଳରୁ ନିୟମିତ ବିପୁଳ ପରିମାଣରେ ବାଲି ଚାଲାଣ ହେଉଛି। ଫଳରେ ଓଡିଶା ସରକାରଙ୍କ ରାଜସ୍ୱ ହାନୀ ମଧ୍ୟ ହେଉଛି। ଏହାକୁ ରୋକିବା ପାଇଁ ବାଲିଶଙ୍କରା ତହସିଲଦାର ବାସନ୍ତୀ ଲାକ୍ରାଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ସିଦ୍ଧାର୍ଥ ମହାନ୍ତି ଇବ୍ ନଦୀର ତେଲିଯୋର ଘାଟରୁ ଜେସିବି ଓ ୧୦ଚକିଆ ଟ୍ରକ ସହାୟତାରେ ବାଲି ଚୋରା ଚାଲାଣ ପାଇଁ ଲୋଡିଂ ଚାଲିଥିବା ବେଳେ ଚଢାଉ କରିଥିଲେ। ଏହି ଗାଡିକୁ ଜବତକରି କାଗଜପତ୍ର ପ୍ରସ୍ତୁତ କରୁଥିବା ବେଳେ ବାଲି ଚୋରାଚାଲାଣକାରୀ ବିବେକ ପଟେଲ ଓ ତାଙ୍କ ସହଯୋଗୀମାନେ ପହଞ୍ଚି ରାଜସ୍ୱ ନିରୀକ୍ଷକ ମହାନ୍ତି ଓ ଜଣେ ପିଅନଙ୍କୁ ଆକ୍ରମଣ କରି ମାଡପିଟ କରିଥିଲେ। ଏହି ଘଟଣା ପରେ ସେହିଦିନ ସନ୍ଧ୍ୟାରେ ତହସିଲଦାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକଙ୍କ ସହ ତଳସରା ଥାନାରେ ଯାଇ ଏତଲା ଦେଇଥିଲେ। ମାତ୍ର ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ସକାଶେ ସବ୍‌ଡେଗାସ୍ଥିତ ତାଙ୍କ ଶ୍ୱଶୁର ଘର ଓ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ହେଲେ ସେ ଫେରାର୍ ଥିବା ତଳସରା ଥାନା ଆଇଆଇସି ମଞ୍ଜରୀ ନାଏକ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବାଲିଚୋରାଚାଲାଣକାରୀ ବିବେକ ପଟେଲ ଇବ ନଦୀର ଘୋଘର ଘାଟରୁ ବାଲିଘାଟ ନିଲାମରେ ପାଇଛନ୍ତି।ହେଲେ ସେ ଏହି ଘାଟରେ ବାଲି ନ ଥିବା ଦର୍ଶାଇ ଏହି ଘାଟ ନିକଟରେ ଥିବା ତେଲିଯୋର ଘାଟରୁ ବେଆଇନ୍ ଭାବେ ବାଲି ଉଠାଇ ଚାଲାଣ କରି ଆସୁଛନ୍ତି ବୋଲି ତହସିଲଦାର ଲାକ୍ରା କହିଛନ୍ତି। ଅପରପକ୍ଷେ ବାଲିଚୋରାଚାଲାଣକାରୀଙ୍କ ଏଭଳି ଆତଙ୍କରାଜ ଯୋଗୁ ରାଜସ୍ୱ କର୍ମଚାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.)**

ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା କପସିପାଲି ବଜାର ନିକଟରେ ରବିବାର କାର୍-ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ଜିଲା ପାଇକମାଲ ଥାନା ଧାରୁଲ ଗାଁର ପ୍ରକାଶ ବରିହା(୩୦), ଶଙ୍କର ରଣା(୩୦) ଏବଂ ମାଣ୍ଡୋସିଲି ଗାଁର ସଞ୍ଜୀବ ସିର୍ଦ୍ଧାର(୧୪)। ମିଳିଥିବା ସୂଚନାମୁତାବକ, ପ୍ରକାଶ, ଶଙ୍କର ଏବଂ ସଞ୍ଜୀବ ଏକ ବାଇକ୍‌ରେ ବିବାହ ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ପାଟଣାଗଡ଼ ଆସୁଥିଲେ। ହେଲେ କପସିପାଲି ବଜାର ନିକଟରେ କାର-ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା ବାଇକ୍‌ରେ ଥିବା ୩ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନା ପୋଲିସ ଏକ ମାମଲା(ନଂ.୪୩/୧୯) ରୁଜୁ କରି କାର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।


୩୯୧ବ୍ଲକ କ୍ରାଇଟେରିଆ କଲେଜ ସଂଘର ବୈଠକରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ।

## କଲେଜ ସଂଘର ଜରୁରୀ ବୈଠକ

**ସୁନ୍ଦରଗଡ଼, ୨୪।୩ (ଡି.ଏନ୍.ଏ.)**

୩୯୧ବ୍ଲକ କ୍ରାଇଟେରିଆ କଲେଜ ସଂଘ ସୁନ୍ଦରଗଡ ଜିଲା ଶାଖାର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ଅଧ୍ୟାପକ ଆତ୍ମାରାମ ବାରିକଙ୍କ ଆବାହକତ୍ୱରେ ଜିଲାର ସମସ୍ତ ବ୍ଲକ କ୍ରାଇଟେରିଆ କଲେଜକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଅଶ୍ୱିନୀ କୁମାର ମେହେର ଓ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ୧୯୯୪ ଅନୁଦାନ ନୀତି ଓ ୨୦୧୭ ଅନୁଦାନ ନୀତି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରି ଏଥିରେ ଥିବା ଦୋଷତ୍ରୁଟୀ ଉପରେ ତର୍ଜମା କରିଥିଲେ। ବୈଠକରେ ସମସ୍ତ ସଦସ୍ୟ ୨୦୧୭ ଅନୁଦାନ ନୀତିକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ହୋଇଥିବା ସହ ଏଥିପାଇଁ ଲିଖିତ ସୂଚନା ନ ଦେବା ପାଇଁ ବୈଠକରେ ସ୍ଥିର ହୋଇଛି। ୧୯୯୪ ଅନୁଦାନ ନୀତିର ପରିସରଭୁକ୍ତ ହେବା ପାଇଁ ଚାଲିଥିବା ପ୍ରକ୍ରିୟାରେ ସନ୍ତୋଷ ବ୍ୟକ୍ତ କରାଯାଇ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରି ରାଜ୍ୟର ସମସ୍ତ ୩୯୧ ବ୍ଲକ କ୍ରାଇଟେରିଆ କଲେଜକୁ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା। ବୈଠକରେ ଅଧ୍ୟାପକ ଦେବେନ୍ଦ୍ର କୁମାର ଚୌଧୁରୀ, ନାରାୟଣ ପ୍ରଧାନ, ସୁବ୍ରତ ପାଣିଗ୍ରାହୀ, ହରିଶ ମହନ୍ତ, ପଞ୍ଚାନନ ଶତପଥୀ, ଆଲୋକ ଚୌଧୁରୀ, ହେମରାମ ପଟେଲ, ତନୟା ନାଏକ, ସଂଘମିତ୍ରା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡମ୍ବରୁଧର ପଟେଲ ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ରଶ୍ମିତାରାଣୀ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ହିମାଂଶୁ ଭୈଷାଁଲ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ସମସ୍ତ ବ୍ଲକ କ୍ରାଇଟେରିଆ କଲେଜରୁ ଶତାଧିକ ଅଧ୍ୟକ୍ଷା, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଯୋଗଦେଇଥିଲେ।

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

**ରାୟଗଡ଼ା ଅଫିସ୍,୨୪।୩**

**କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପୁତୁରା**

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି । ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।

## ବନ୍ଧୁକ ଜବତ, ୨ ଗିରଫ

**ସମ୍ବଲପୁର,୨୪।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ଦେଶୀ ବନ୍ଧୁକ ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ମୋହନଡେରା ଜଗଦିଶ ଭୋଇ (୨୮), ଖଇରମଲ ବାଜୁନଡେରାର ଗଣେଶ ଓରାମ (୨୭) । ଏ ନେଇ ଥାନରେ କେସ୍ ନଂ-୩୯/୧୯ରେ ଏକ ମାମଲା ରୁଜୁ ହୋଇଛି ।

## ବନ ବିଭାଗ ଚଢ଼ାଉ: କାଠ ସାମଗ୍ରୀ ଜବତ

**ଖପ୍ରାଖୋଲ,୨୪।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଦେଦର୍ହ ଗାଁରେ ରବିବାର ମଧାହ୍ନରେ ବନ ବିଭାଗ ଚଢାଉ କରି କାଠ ସାମଗ୍ରୀ ଜବତ କରିଛି। ଦେଦର୍ହ ଗାଁର ରମେଶ ସାହୁଙ୍କ ଘରେ ବେଆଇନ ଭାବେ କାଠ ସାମଗ୍ରୀ ତିଆରି ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏନେଇ ମୋବାଇଲ ସ୍କ୍ୱାର୍ଡ ଏସିଏଫ୍ ବାବାଜୀ ଚରଣ ରାଉଲଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଗାଁରେ ଚଢାଉ କରିଥିଲେ। ଚଢାଉ ବେଳେ କର୍ମଚାରୀମାନେ ଅଧା ତିଆରି କବାଟ, ଝରକା, ସହ କାଠ ତିଆରି ସାମଗ୍ରୀ ଜବତ କରିଥିଲେ। ଏ ନେଇ ହରିଶଙ୍କର ରେଞ୍ଜ ପକ୍ଷରୁ ଏକ ମାମଲା (ନଂ. ୨୩/୨୦୧୮-୨୦୧୯) ରୁଜୁ କରିଛି।

ହେମଗିରରେ ବିଜେଡି କର୍ମୀ ସମ୍ମିଳନୀ

# ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଆହ୍ୱାନ

**ହେମଗିର, ୨୪।୩ (ଡି.ଏନ.ଏ)**

ନିର୍ବାଚନକୁ ଦୃଷ୍ଟିରେ ରଖି ହେମଗିର ବିଜେଡ଼ି ପକ୍ଷରୁ ଝାଡେଶ୍ୱର ମନ୍ଦିରଠାରେ ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡ଼ି ସାଂସଦ ପ୍ରାର୍ଥୀନି ସୁନିତା ବିଶ୍ୱାଳ ଓ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ ଯୋଗଦେଇଥିଲେ। ସମ୍ମିଳନୀରେ ବ୍ଲକ ସଭାପତି ସୁକାନ୍ତ ପତି ସଭାପତିତ୍ୱ କରିଥିଲେ। ସୁନ୍ଦରଗଡରୁ ହେମଗିର ପର୍ଯ୍ୟବେକ୍ଷକ ଗପ ମହାନ୍ତି, ଶ୍ରମିକ ନେତା ସୁସିମ ଦାସ, ହରଜିନ୍ଦର ସିଂ, ଗୌରାଙ୍ଗ ଧଳ, ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ, ଜିଲା କୃଷକ ସେଲ ସଭାପତି ଗୋପାଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ କିପରି ବିଧାନସଭାରେ ୧୨୫ ସିଟ ଦଖଲ କରିପାରିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ କରାଯାଇଥିଲା। କର୍ମୀମାନେ ପ୍ରତ୍ୟେକ ଭୋଟର ପାଖକୁ ଯାଇ ସରକାରଙ୍କ ଦୀର୍ଘ ୧୮ ବର୍ଷର ଶାସନ କାଳରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା, ଶିଶୁ ଓ ଜନନୀ ସୁରକ୍ଷା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଖାଦ୍ୟ ସୁରକ୍ଷାରେ ଟଙ୍କିକିଆ ଚାଉଳ, ମଧୁବାବୁ ପେନସନ, ବିଜୁ ପକ୍କା ଘର, ଗରିବ ଲୋକଙ୍କୁ କମଳ ପ୍ରଦାନ ଆହାର ଯୋଜନା, ମଧାହ୍ନ ଭୋଜନ, ମାଗଣାରେ ଶିକ୍ଷାଦାନ, ଚାଷୀ ଓ ଗରିବ ଲୋକଙ୍କ ପାଇଁ କାଳିଆ ଯୋଜନାର ସଫଳ ନମୁନା ସମ୍ପର୍କରେ ଅବଗତ କରାଇବା ନେଇ ବୁଝାଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ନ ଦେବା କଥା ମଧ ଲୋକଙ୍କ ଦୃଷ୍ଟିକୁ ଆଣିବା ନେତା, କର୍ମୀଙ୍କୁ ଅବଗତ କରିଥିଲେ। ଆଗାମୀ ୨୦୧୯ ନିର୍ବାଚନରେ ସାଂସଦ ପ୍ରାର୍ଥୀନୀ ସୁନିତା ବିଶ୍ୱାଳ ଓ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ କିପରି ବିପୁଳ ସଂଖ୍ୟାରେ ବିଜୟୀ ହୋଇପାରିବେ ତାହାର ଗୁରୁମନ୍ତ୍ର ମଧ ଦେଇଥିଲେ। ସମ୍ମିଳନୀରେ ବିଜୁ ଛାତ୍ର ସଭାପତି କଳାକାହ୍ନୁ ମେହେର, ବାବୁଲୁ ଦେହେରୀ, କୁମାର ସାହେବ, ଶିଶିର ନାଏକ, ମୁସ୍ତାକ ଅହମ୍ମଦ, ଶାନ୍ତ ଧୂଆ, ମୂରଲୀ ବନଛୋର, ବିଭୂତି ପଣ୍ଡା, ଉପେନ୍ଦ୍ର ଭୋଇ, ମୈଥିଲି ବେହେରା, ରମେଶ ପାଣ୍ଡେ, ଛବିରାଣୀ ସରକାର, ପ୍ରକାଶ ବହିଦାର, ସୁନୀଲ ପାଢୟୋଶୀ, ସୁରଥ ପଧାନ, ହୁକୁମଲାଲ ସା, ରବିରତ୍ନ ବିଶ୍ୱାଳ, ମଣ୍ଟୁ ମିଶ୍ର, ପୁନୁଲାଲ ପଧାନ, ଶୈଳେଶ ନାଏକ ତଥା ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।


ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ନେତା ଓ କର୍ମୀ।

## ବୁର୍ଲାରେ ଚିକିତ୍ସାଧୀନ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ

### ପତ୍ରାପାଲିରେ ଭୟର ବାତାବରଣ

**ଲୋଇସିଂହା,୨୪।୩(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅଧୀନ କର୍ଲିପାଟ, ପତ୍ରାପାଲି, ମାଣ୍ଡିଆପଦର ଓ କଦଳୀପାଲି ଗାଁରେ କିଡନୀ ରୋଗ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। କିଛି ବର୍ଷ ମଧରେ ଅଞ୍ଚଳରେ ୧ ଶହରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଦାନ ଓ ନିରାକରଣ ପ୍ରତି ତତ୍ପରତା ପ୍ରକାଶ କରାଯାଉ ନ ଥିବାରୁ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପକ୍ଷେ ଲୋଇସିଂହା ପଞ୍ଚାୟତ ଅଧୀନ ପତ୍ରାପାଲି ଗାଁରେ ଗତ ୨ ଦିନରେ ୨ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଲୋଇସିଂହା ସଦର ପଞ୍ଚାୟତ ପତ୍ରାପାଲି ଗାଁର ପ୍ରସନ୍ନ ପଧାନ(୫୬) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ଅନ୍ୟ ଜଣେ ରୋଗୀ ଅରୁଣ ପଧାନ(୫୮)ଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ରବିବାର ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି। ସୂଚନା ଯୋଗ୍ୟ, ବୁର୍ଲାରେ ଶବ ବାହକ ଗାଡି ନ ମିଳିବାରୁ ପରିବାର ଲୋକେ ବହୁ କଷ୍ଟରେ ଏକ ଗାଡି ଭଡା କରି ମୃତଦେହ ଘରକୁ ଆଣିଥିଲେ। ଏନେଇ ଗରିବ ପରିବାରଙ୍କ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ରାସେଶ୍ୱରୀ, ରୋହିତଙ୍କ ସମର୍ଥକ ଉତ୍ସାହିତ

**ସମ୍ବଲପୁର,୨୪।୩(ବ୍ୟୁରୋ):** ସମ୍ବଲପୁର ଓ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରୁ ବିଜେଡିର ପ୍ରାର୍ଥୀତ୍ୱକୁ ରହିଥିବା ସସପେନ୍ସ ରବିବାର ରାତିରେ ଦୂର ହୋଇଛି। ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସମ୍ବଲପୁରରେ ପୁଣି ଥରେ ରାସେଶ୍ୱରୀ ପାଣିଗ୍ରାହୀ ଓ ରେଢ଼ାଖୋଲରେ ରୋହିତ ପୂଜାରୀଙ୍କୁ ଦଳ ପ୍ରାର୍ଥୀ କରିଛି । ଉଭୟଙ୍କ ସମର୍ଥକ ଖୁସି ମନାଇଛନ୍ତି । ବିଭିନ୍ନ ସ୍ଥାନରେ ଫୋଟକା ପଟାଇ ଖୁସି ଜାହିର କରିଛନ୍ତି । ଏ ସମ୍ପର୍କରେ ରେଢ଼ାଖୋଲ ବିଧାୟକ ପୂଜାରୀ କହିଛନ୍ତି ଯେ ପୁଣି ଥରେ ଦଳ ସଭାପତି ଭରଷା କରି ଲୋକଙ୍କ ସେବା କରିବାକୁ ତାଙ୍କୁ ସୁଯୋଗ ଦେଇଛନ୍ତି। ଗତ ୫ ବର୍ଷରେ ରାସ୍ତା ଘାଟ, ଶିକ୍ଷା ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ଲୋକଙ୍କ ଉପରେ ଭରଷା ରହିଛି। ପୁଣି ଥରେ ଆଶୀର୍ବାଦ କଲେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବା ସହ ପାଣି ଓ ଶିକ୍ଷା ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ।

### ମହିଳାଙ୍କଠାରୁ ୫ କେଜି ଗଞ୍ଜେଇ ଜବତ

**ରେଢ଼ାଖୋଲ,୨୪।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ଚାରମାଳ ପୋଲିସ ରବିବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ପ୍ରଧାନପାଲି ଛକରେ ଜଣେ ମହିଳାଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଗିରଫ କରିଛି। ଏହି ମହିଳା ଜଣକ ହେଲେ ରେଢ଼ାଖୋଲ ଥାନା ଅନ୍ତର୍ଗତ ପାଣ୍ଡୁରିଶିଳା ଗ୍ରାମର ଶାନ୍ତି ମିଞ୍ଜ। ଥାନା ଅଧିକାରୀ ବସନ୍ତ କୁମାର ଦଳାଇ ସୂଚନା ଦେଇ କହିଛନ୍ତି ଯେ, ସେ ଏକ ଗଞ୍ଜେଇ ଭର୍ତ୍ତି ଜରି ବ୍ୟାଗ ଧରି ବସ୍‌କୁ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ଚଢାଉ କରିଥିଲା । ଯାଞ୍ଚ କରିବାରୁ ୫ କେ.ଜି ଗଞ୍ଜେଇ ମିଳିଥିଲା। ଏହା ସହ ୫୬୦ ଟଙ୍କା ମଧ ଜବତ ହୋଇଛି। ଏ ନେଇ ଚାରମାଳ ଥାନାରେ ଏକ ମାମଲା (ନଂ.୩୫/୧୯) ରୁଜୁ ହୋଇଛି। ସୋମବାର ଗିରଫ ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯିବ।

### ବନ୍ଧୁକ ଜବତ, ୨ ଗିରଫ

**ସମ୍ବଲପୁର,୨୪।୩(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ଦେଶୀ ବନ୍ଧୁକ ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୋହନଡେରା ଜଗଦିଶ ଭୋଇ (୨୮), ଖଇରମଲ ବାଡୁନଡେରା ଗ୍ରାମାର ଗଣେଶ ଓରାମ (୨୭) । ଏ ନେଇ ଥାନରେ କେସ୍ ନଂ- ୩୯/୧୯ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଯୋଗ୍ୟ ଯେ ଦୁଇ ଅଭିଯୁକ୍ତ ବସିଆପଡା ଗ୍ରାମ ନିକଟରେ ବନ୍ଧୁକ ଧରି ଯାଉଥିଲେ । ପୋଲିସ ଅଟକାଇ ବନ୍ଧୁକର ଲାଇସନ୍ସ ଦେଖାଇବାକୁ କହିଥିଲା। ହେଲେ ସେମାନେ କିଛି ସନ୍ତୋଷ ଜନକ ଉତ୍ତର ନ ଦେବାରୁ ଗିରଫ କରିଥିଲା ।

### ଧମାରେ ବିଶ୍ୱଶାନ୍ତି ନାମଯଜ୍ଞ

**ଧମା, ୨୪।୩ (ଡି.ଏନ.ଏ.):** ସ୍ଥାନୀୟ ରୈବତ ପର୍ବତଠାରେ ଅବସ୍ଥିତ ମଦନମୋହନ ମନ୍ଦିରଠାରେ ୭ଦିନ ବ୍ୟାପି ବିଶ୍ୱଶାନ୍ତି ମହା ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମହନ୍ତ ସନ୍ଥଚରଣ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ରାଧାମାଧବ ମଦନମୋହନ ମଠରେ ଆୟୋଜିତ ଯଜ୍ଞକୁଣ୍ଡକୁ ୧୦୮ ମହିଳା ସ୍ଥାନୀୟ ଧୁବାଘାଟଠାରୁ କଳସ ଯାତ୍ରା କରି ଯାଇଥିଲେ । ଅଧିବାସ ସାଙ୍ଗକୁ ନାମଯଜ୍ଞ ଆରମ୍ଭ ହୋଇଥିଲା । ହନୁମାନ ମନ୍ଦିର ଅଙ୍କୁରାରୋପଣ ସାଙ୍ଗକୁ ମନ୍ଦିର ପ୍ରତିଷ୍ଠା ଯଜ୍ଞ କରାଯାଇଥିଲା। ଏକାଦଶୀ ବ୍ରତପାଳନ ଏବଂ ଦୁଇଜଣ ବ୍ରହ୍ମଚାରୀଙ୍କର ସନ୍ନ୍ୟାସ ବ୍ରତ ଗ୍ରହଣ କରାଯାଇଥିଲା । ଦଧିଭାଣ୍ଡ ଭଞ୍ଜନ ନାମପୂର୍ଣ୍ଣାହୂତି ସାଙ୍ଗକୁ ସମସ୍ତ କୀର୍ତ୍ତନ ଦଳଙ୍କର ନଗର ପରିକ୍ରମା କରାଯାଇଥିଲା।

### ନାରୀ ସଶକ୍ତୀକରଣ କର୍ମଶାଳା

**ସମ୍ବଲପୁର,୨୪।୩ (ବ୍ୟୁରୋ):** ପଧାନପଡାସ୍ଥିତ ଭଗବତୀ କଲ୍ୟାଣ ମଣ୍ଡପଠାରେ ତେଜଶ ପକ୍ଷରୁ ରବିବାର ନାରୀ ସଶକ୍ତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲେଡିଲୁଇସ୍ ଗର୍ଲ୍ସ ହାଇସ୍କୁଲ ଶିକ୍ଷୟିତ୍ରୀ ସୀମା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାରୀମାନେ କିପରି ସଶକ୍ତ ହୋଇପାରିବେ ସେ ଦିଗରେ ଆଲୋଚନା କରିଥିଲେ । ଭାଜପା ନେତ୍ରୀ ସଲିଳା ପଣ୍ଡା ଓ ରୀତା ଅଗ୍ରୱାଲ ସମ୍ମାନୀତ ବକ୍ତା ଥିଲେ । ଭାରତୀ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

---

■ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

**ଗୁଡଭେଲା,୨୪।୩(ଡି.ଏନ୍.ଏ.)**



ଟୁକୁନୀ ସାହୁ



ସୁରେନ୍ଦ୍ର ସିଂଭୋଇ



ଅଶୋକ ଚନ୍ଦ୍ର ଦୋରା

ବଲାଙ୍ଗୀର ଜିଲାର ଅଣସଂରକ୍ଷିତ ୬୯ନମ୍ବର ଟିଟିଲାଗଡ଼ ନିର୍ବାଚନୀମଣ୍ଡଳୀ। ଟିଟିଲାଗଡ଼, ଗୁଡଭେଲା, ସଇଁତଲା ବ୍ଲକ ସହ ତୁଷୁରା ଏନ୍‌ଏସି ଏବଂ ଟିଟିଲାଗଡ଼ ପୌରପାଳିକାକୁ ନେଇ ଏହି ନିର୍ବାଚନୀମଣ୍ଡଳୀ ଗଠିତ। ଏହି କ୍ଷେତ୍ରରେ ବର୍ତ୍ତମାନ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇ ସାରିଥିବାରୁ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ତାରିଖରେ ଏଠାରେ ଭୋଟ ଗ୍ରହଣ କରାଯିବ।

ଟିଟିଲାଗଡ଼ ନିର୍ବାଚନୀ ମଣ୍ଡଳୀରେ ୨ଲକ୍ଷ ୪୧ହଜାର ୮୫୮ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୭ହଜାର ୯୫ ମହିଳା, ୧ଲକ୍ଷ ୨୪ହଜାର ୭୪୦ ପୁରୁଷ ଓ ୨୩ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୨୦୧୪ରେ ବିଜେଡିର ଟୁକୁନୀ ସାହୁ ୭୧ ହଜାର ୮୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ସୁରେନ୍ଦ୍ର ସିଂଭୋଇ ୫୭ ହଜାର ୮୩୬ ଖଣ୍ଡ ଭୋଟ ଦ୍ୱିତୀୟ ଓ ଭାଜପାର ମହେନ୍ଦ୍ର ଠାକୁର ୨୫ ହଜାର ୬୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଜେଡ଼ିରୁ ପ୍ରାର୍ଥୀ ହୋଇଥିବା ଟୁକୁନୀ ସାହୁଙ୍କ ଘର ଟିଟିଲାଗଡ଼ରେ। ଟିଟିଲାଗଡ଼ ପୌରପାଳିକାରେ ୨୪ଟି ବୁଥ ରହିଥିବା ବେଳେ ୨୬ ହଜାର ୩୫୮ ଭୋଟର ଏବଂ ଟିଟିଲାଗଡ ବ୍ଲକରେ ୧୧୧ଟି ବୁଥ୍ ଥିବାବେଳେ ୮୬ ହଜାର ୮୨୯ ଭୋଟର ରହିଛନ୍ତି। ସେହିପରି କଂଗ୍ରେସ ଟିକେଟ ପାଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ଘର ସଇଁନ୍ତଲା ବ୍ଲକରେ। ଏହି ବ୍ଲକରେ ୧୧୩ଟି ବୁଥ ରହିଥିବା ବେଳେ ୮୪ ହଜାର ୬୨୩ ଭୋଟର ଅଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଶୋକ ଦୋରାଙ୍କ ଘର ଗୁଡଭେଲା ବ୍ଲକ ଅଧୀନ ଜାମମୁଣ୍ଡାରେ। ବର୍ତ୍ତମାନ ଅଶୋକ ଗୁଡ଼ଭେଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରହିଛନ୍ତି। ଏହା ସହ ସେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମଧ ରହିଛନ୍ତି। ଏହି ବ୍ଲକରେ ୫୧ଟି ବୁଥ ରହିଥିବା ବେଳେ ୩୬ ହଜାର ୩୪୩ଜଣ ଭୋଟର ଅଛନ୍ତି। ତୁଷୁରା ଏନ୍‌ଏସିରେ ୧୦ଟି ବୁଥ ରହିଥିବା ବେଳେ ୭ ହଜାର ୭୦୫ଜଣ ଭୋଟର ରହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଟୁକୁନୀ ସାହୁ | ୭୧, ୮୫୮ |
| କଂଗ୍ରେସ | ସୁରେନ୍ଦ୍ର ସିଂଭୋଇ | ୫୭, ୮୩୬ |
| ଭାଜପା | ମହେନ୍ଦ୍ର ଠାକୁର | ୨୫, ୬୧୭ |

୨୦୧୪ ନିର୍ବାଚନରେ ଟିଟିଲାଗଡ଼ ନିର୍ବାଚମଣ୍ଡଳୀରେ ବିଜେଡ଼ି ନିଜର ସ୍ଥିତି ଜାହିର କରିଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ୮ଟି ଜିଲା ପରିଷଦ ଆସନ ମଧ୍ୟରୁ ୬ଟି ଅକ୍ତିଆର କରି ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବର୍ତ୍ତମାନ ଟିଟିଲାଗଡ଼ ଜିଲା ଦାବିରେ ଧାରଣା ଓ ତୁଷୁରା ଚିକିତ୍ସାଳୟ ପ୍ୟାହା ବୃଦ୍ଧି ଦାବି ପୂରଣ ହୋଇ ନ ଥିବାରୁ ଏହି ସମସ୍ୟା ଶାସକ ଦଳକୁ ଅଡୁଆରେ ପକାଇବାର ସମ୍ଭାବନା ରହିଥିବା ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଆସନ୍ତା ୨୬ତାରିଖରେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି।

ବିଜେଡି ପ୍ରାର୍ଥୀ ତଥା ବିଧାୟିକା ଟୁକୁନୀ ସାହୁ କହିଛନ୍ତି ଯେ, ଗତ ପାଞ୍ଚବର୍ଷ ଧରି ସେ ଲୋକଙ୍କ ପାଇଁ କାମ କରିଛନ୍ତି। ଏଣୁ ଜନସାଧାରଣ ତାଙ୍କ ସହ ଅଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡ ପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ସେ ନିଶ୍ଚିତ ବିଜୟ ଲାଭ କରିବେ ବୋଲି କହିଛନ୍ତି। ଭାଜପା ପ୍ରାର୍ଥୀ ଅଶୋକ ଦୋରା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। ପୁନଶ୍ଚ କେନ୍ଦ୍ରର ଏନ୍‌ଡିଏ ସରକାରର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକେ ଅନୁଭବ କରିଛନ୍ତି। ଉକ୍ତ ବାର୍ତ୍ତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଇଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ।

ରିପୋର୍ଟ: **ମନୋଜ କୁମାର ଜୈନ**

---

■ଆଇପିଏଲ–୧୨

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

**ମୁମ୍ବାଇ, ୨୪।୩**

ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୭ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୧୪ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୧୯.୨ ଓଭରରେ ୧୭୬ ରନ କରି ଅଲଆଉଟ ହୋଇ ଯାଇଥିଲା।

### ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ବୋଲରମାନେ ମାତ୍ର ୨୯ ରନ ମଧ୍ୟରେ ପୃଥ୍ୱୀ ଶ(୭) ଓ ଅଧିନାୟକ ଶ୍ରେୟାସ ଆୟାର(୧୬)ଙ୍କ ଉଇକେଟ ହାସଲ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଭିଜ୍ଞ ଓପନର ଶିଖର ଧାୱନ ଓ କଲିନ୍ ଇନ୍‌ଗ୍ରାମଙ୍କ ଦ୍ରୁତ ରନ ସଂଗ୍ରହ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ଉଇକେଟ ଯୋଡ଼ିରେ ୮୩ ରନ ଭାଗୀଦାରିପରେ ଇନ୍‌ଗ୍ରାମ ବ୍ୟକ୍ତିଗତ ୪୭(୩୨ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ପରେ ଧାୱନ ୪୩(୩୬ ବଲ, ୪ ଚୌକା, ୧ ଛକା)ରେ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ସେ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରୁ ୭ ଚୌକା ଓ ୭ ଛକା ସହାୟତାରେ ୭୮ ରନକରି ଅପରାଜିତ ରହିବାରୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୩ ରନର ବଡ଼ ସ୍କୋର କରିଥିଲା। ମୁମ୍ବାଇ ପକ୍ଷରୁ ମିଚେଲ ମ୍ୟାକକ୍ଲିନହାନ ୩ଟି ଏବଂ ଯଶପ୍ରୀତ ବୁମ୍ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବେନ୍ କଟିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୪୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ରୋହିତ ଶର୍ମା(୧୪), କ୍ୱିଣ୍ଟନ ଡି କକ୍ ଓ ସୂର୍ଯ୍ୟ କୁମାର ଯାଦବଙ୍କ ଉଇକେଟ ହରାଇ ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଯୁବରାଜ ସିଂ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଯୁବରାଜ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୧୫ ବଲ୍‌ରୁ ୩୨(୫ ଚୌକା, ୧ ଛକା) ଓ କେରନ ପୋଲାର୍ଡ ୧୩ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍‌ରା ଆହତ ସମସ୍ୟା (ଆବ୍‌ସେଣ୍ଟ ହର୍ଟ) ଯୋଗୁ ବ୍ୟାଟିଂ ପାଇଁ ଆସିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଈଶାନ୍ତ ଶର୍ମା ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ, କେମୋ ପଲ୍, ଅକ୍ଷର ପଟେଲ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୬(ପନ୍ତ-୭୮, ଇନ୍‌ଗ୍ରାମ-୪୭, ଧାୱନ-୪୩, ମ୍ୟାକ୍‌କ୍ଲିନହାନ-୩/୪୦, ବୁମ୍‌ରା-୧/୪୦,ହାର୍ଦ୍ଦିକ-୧/୪୧, କଟିଂ-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୨ ଓଭରରେ ୧୭୬/ଅଲଆଉଟ(ଯୁବରାଜ-୫୩, କ୍ରୁନାଲ-୩୨, ଡି'କକ୍-୨୭, ଈଶାନ୍ତ-୨/୩୪, ରାବାଡ଼ା-୨/୨୩, ବୋଲ୍ଟ-୧/୪୨, ଟେୱାଟିଆ-୧/୧୨, ପଲ୍-୧/୨୧, ଅକ୍ଷର-୧/୪୨)।

---

# ଭାଜପାର ପ୍ରାର୍ଥୀତ୍ୱକୁ ନେଇ ଦଳୀୟ କର୍ମୀଙ୍କ ଭିତରେ ଉତ୍କଣ୍ଠା

**ରେଢ଼ାଖୋଲ,୨୪।୩(ଡି.ଏନ.ଏ.)**

**ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ**

ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଘୋଷଣା ହୋଇଛି। ବିଧାୟକ ରୋହିତ ପୂଜାରୀଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିଛି। ସେହିଭଳି ଆସଫ ଅଲ୍ଲି ଖାନଙ୍କୁ କଂଗ୍ରେସ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ହେଲେ ଭାଜପା ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ ଘୋଷଣା କରିନି। ଏ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଭାଜପାରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ରାଜ୍ୟ ପଛୁଆବର୍ଗ ସମ୍ପାଦକ ପ୍ରତାପ ପ୍ରଧାନ, ଦେବେନ୍ଦ୍ର ମହାପାତ୍ର ଓ ଆଇନଜୀବୀ ସମର କୁମାର ପ୍ରଧାନ (ଆଲଫା) ପ୍ରମୁଖ ଆଶାୟୀ ଅଛନ୍ତି। ସମରଙ୍କ ପ୍ରାର୍ଥିତ୍ୱକୁ ଦଳୀୟ ହାଇକମାଣ୍ଡ ମୋହର ମାରିଥିବା ଚର୍ଚ୍ଚା ହେଉଛି। ଏପରିକି ନାମାଙ୍କନ ପତ୍ର ଦାଖଲ ପାଇଁ ସମରଙ୍କ ପ୍ରସ୍ତୁତି ଯୋଗୁ ଏହା ଚର୍ଚ୍ଚାର ଖୋରାକ ଯୋଗାଇଛି। ଅପର ପକ୍ଷରେ ରେଢ଼ାଖୋଲରୁ କୁଆଡେ ଖୋଦ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ତାଙ୍କ ପତ୍ନୀ ପ୍ରାର୍ଥୀ ହେବେ ବୋଲି ନିଜେ ଧର୍ମେନ୍ଦ୍ର କହୁଥିବା ଭାଜପାର ଦଳୀୟ କର୍ମୀମାନେ ପ୍ରକାଶ କରୁଛନ୍ତି। ତେବେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପାର ପ୍ରାର୍ଥୀକୁ ନେଇ ଦଳୀୟ କର୍ମକର୍ତ୍ତା ଉତ୍କଣ୍ଠାରେ ରହିଛନ୍ତି। ଅପର ପକ୍ଷରେ ରୋହିତଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ତାଙ୍କ ସମର୍ଥକମାନେ ଭୀମ ଭୋଇ ଛକରେ ଫୋଟକା ଫୁଟାଇ ସ୍ୱାଗତ କରିଛନ୍ତି।

---

# ରାଜ୍ୟରେ ଭାଜପା ନିର୍ବାଚନରେ ସେନା ଅଧିକାରୀଙ୍କୁ ବ୍ୟବହାର କରୁଛି

**ସମ୍ବଲପୁର, ୨୪।୩ (ବ୍ୟୁରୋ)**



ପ୍ରଭାତ କୁମାର ପଣ୍ଡା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନ ସମୟରେ ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦକୁ ବ୍ୟବହାର କରୁଛି। କିନ୍ତୁ ଲୋକସଭା ଓ ବିଧାନସଭା ପ୍ରାର୍ଥୀ କରିବାକୁ କୁଣ୍ଠବୋଧ କରୁଛି । ଏହା ପୂର୍ବତନ ସେନା ଅଧିକାରୀଙ୍କ ପ୍ରତି ଅପମାନ। ରବିବାର ଓଡିଶା ପ୍ରଦେଶ ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦ ଉପସଭାପତି କଲୋନେଲ ପ୍ରଭାତ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି । ସେ କହିଥିଲେ ଯେ, ପୂର୍ବ ସୈନିକମାନେ ଭାଜପାର ନୀତି, ଆଦର୍ଶରେ ଆନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଛନ୍ତି। ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା, ମହାକାଳପଡା, ଆମ୍ବା ଓ ହିଣ୍ଡୋଲ ବିଧାନସଭା କ୍ଷେତ୍ରରେ ପୂର୍ବ ସୈନିକମାନଙ୍କୁ ପ୍ରାର୍ଥୀ କରିବା ପାଇଁ ଏକ ପ୍ରକାର ସ୍ଥିର କରାଯାଇଥିଲା। ପରିତାପର ବିଷୟ ଯେ, ଶେଷ ସମୟରେ ଅନ୍ୟମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଛି । ସେଥିପାଇଁ ଭାଜପାରେ ପୂର୍ବତନ

**ଟିକଟ ଦେବାକୁ କୁଣ୍ଠବୋଧ**

ସୈନିକମାନେ ଯୋଗଦେବା ପରିବର୍ତ୍ତେ ବିତୃଷ୍ଣା ଭାବ ପୋଷଣ କରିବେ, ଯାହାକି ଦଳ ପ୍ରତି କ୍ଷତି ହେବ । ଏହାକୁ କେନ୍ଦ୍ରୀୟ ନେତୃବୃନ୍ଦ ଦୃଷ୍ଟି ଦେବା ଜରୁରୀ। ଅପରପକ୍ଷେ ରାଜ୍ୟର ଜଣେ ଆଗ ଧାଡିର ନେତାଙ୍କ ଚକ୍ରାନ୍ତରେ ସେନା ଅଧିକାରୀଙ୍କୁ ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଚକ୍ରାନ୍ତକାରୀଙ୍କ ପ୍ରତି ପୂର୍ବ ସୈନିକ ସେବା ପରିଷଦ ଉଚିତ ଯବାବ ଦେବ। ଏପରିକି ଚକ୍ରାନ୍ତକାରୀଙ୍କ ମୁଖା ଖୋଲାଯିବ ବୋଲି ସେ କହିଛନ୍ତି ।

---

### ସମ୍ବଲପୁର ଜୀବନ ବୀମା ମଣ୍ଡଳରେ ବୈଠକ

**ସମ୍ବଲପୁର, ୨୪।୩ (ବ୍ୟୁରୋ)**

ଇଷ୍ଟ ସେଣ୍ଟ୍ରାଲ ଜୋନ ଇନସ୍ୟୁରାନ୍ସ ଏମ୍ପ୍ଲୋଇଜ୍ ଆସୋସିଏସନ୍‌ର (ଇସିଜେଡଆଇଏ) ପଞ୍ଚମ ତ୍ରିବାର୍ଷିକ ସାଧାରଣ ସମ୍ମିଳନୀର ଅଭ୍ୟର୍ଥନା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଡିଭିଜନ ସଭା କକ୍ଷରେ ସଭାପତି ପ୍ରଦୀପ ମୁଖାର୍ଜୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଅଭ୍ୟର୍ଥନା କମିଟିର ମହତ୍ତ୍ୱ, ଶ୍ରମିକ, କର୍ମଚାରୀମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ଦିଲୀପ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇ ସାଂପ୍ରତିକ ଆର୍ଥିକ ଓ ରାଜନୈତିକ ପରିସ୍ଥିତିରେ ଶ୍ରମିକ ଶ୍ରେଣୀର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ସମ୍ବଲପୁର ଡିଭିଜନ ଜୀବନ ବୀମା ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଲଆଇସି ଅଫିସର୍ସ ଆସୋସିଏସନ୍ ସଭାପତି ବିଜୟ କୁମାର ପାତ୍ର, ଅଭିଜିତ ରାୟ ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଆଶିଷ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମ୍ମିଳନୀରେ ଲୋଗୋ ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଟୁ ନେତା ଗଦାଧର କୁଅଁର, ମହେଶ୍ୱର ଷଣ୍ଢ, ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ମିନରଞ୍ଜନ ବିଶି ଅତିଥି ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରଠାରେ ଇଷ୍ଟ ସେଣ୍ଟ୍ରାଲ ଜୋନ ଇନସ୍ୟୁରାନ୍ସ ଏମ୍ପ୍ଲୋଇଜ୍ ଆସୋସିଏସନ୍‌ର ପଞ୍ଚମ ତ୍ରିବାର୍ଷିକ ସାଧାରଣ ସମ୍ମିଳନୀ ହେବ ।

---

■ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ

# ତୃତୀୟ ଥର ମୁହାଁମୁହିଁ ଦିଅର-ଭାଉଜ

**ବଲାଙ୍ଗୀର ଅଫିସ,୨୪।୩**



କଳିକେଶ ନାରାୟଣ ସିଂଦେଓ
ବିଜେଡି



ସଙ୍ଗୀତା କୁମାରୀ ସିଂଦେଓ
ଭାଜପା



ସମରେନ୍ଦ୍ର ମିଶ୍ର
କଂଗ୍ରେସ

ବଲାଙ୍ଗୀର ଲୋକସଭା ଆସନରୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେଡିରୁ ଲଗାତାର ଦୁଇଥର ଏମ୍‌ପି ହୋଇଥିବା କଳିକେଶ ନାରାୟଣ ସିଂଦେଓଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଛି। ସେହିପରି ଲଗାତାର ୩ଥର ଏମ୍‌ପି ହୋଇଥିବା ଏବଂ ଶେଷ ଦୁଇଥର ପରାଜିତ ସତ୍ତ୍ୱେ ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପରେ ଭାଜପା ପୁଣି ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେଇଛି। ଅନ୍ୟପଟେ କଂଗ୍ରେସ ଚଳିତ ନିର୍ବାଚନରେ ନୂଆ ପ୍ରାର୍ଥୀ ଭାବେ ଯୁବ ଚେହେରା ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଏହି ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ୩ ରାଜନେତା ବଲାଙ୍ଗୀର ରାଜନୀତିର ଦୁଇ ଚର୍ଚ୍ଚିତ ପରିବାରର ସଦସ୍ୟ ରହିଛନ୍ତି। ବିଜେଡି ପ୍ରାର୍ଥୀ କଳିକେଶ ଏବଂ ଭାଜପା ପ୍ରାର୍ଥୀ ସଙ୍ଗୀତା ଉଭୟେ ସମ୍ପର୍କରେ ଦିଅର-ଭାଉଜ। ଏହି ଦୁଇ ପ୍ରାର୍ଥୀ ବଲାଙ୍ଗୀର ଲୋକସଭା ଆସନରେ ତୃତୀୟ ଥର ପାଇଁ ନିର୍ବାଚନୀ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଗତ ୨ଟି ନିର୍ବାଚନ ୨୦୦୯ ଓ ୨୦୧୪ରେ ଭାଜପାରୁ ସଙ୍ଗୀତା ଓ ବିଜେଡିରୁ କଳିକେଶ ପ୍ରାର୍ଥୀ ହୋଇ ମୁହାଁମୁହିଁ ହୋଇଥିଲେ। ଏହି ଦୁଇ ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିପୁଳ ଭୋଟରେ ବିଜୟୀ ହୋଇ ଭାଉଜ ସଙ୍ଗୀତାଙ୍କୁ କଡା ଜବାବ ଦେଇଥିଲେ।

**ପ୍ରଥମ ଥର ନିର୍ବାଚନ ଲଢ଼ିବେ ସମରେନ୍ଦ୍ର**

୨୦୧୯ ନିର୍ବାଚନରେ ଦିଅର କଳିକେଶଙ୍କ ସହ ତୃତୀୟ ଥର ମୁହାଁମୁହିଁ ହେବାକୁ ଯାଉଥିବା ସଙ୍ଗୀତାଙ୍କ ପାଇଁ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ନିର୍ବାଚନକୁ ମିଶେଇଲେ ସଙ୍ଗୀତା ଷଷ୍ଠଥର ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୫ଟି ନିର୍ବାଚନରୁ ସଙ୍ଗୀତା ପ୍ରଥମ ୩ଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୯୮, ୧୯୯୯ ଓ ୨୦୦୪ରେ ସଙ୍ଗୀତା ଭାଜପା ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ମାତ୍ର ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ବଲାଙ୍ଗୀର ଲୋକସଭା ଆସନରୁ କଳିକେଶ ଓ ସଙ୍ଗୀତା ଉଭୟ ଦିଅର ଭାଉଜ ମୁହାଁମୁହିଁ ହେଉଛନ୍ତି। ଗତ ଦୁଇଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶ ବିଜୟୀ ହୋଇଥିବା ବେଳେ ସଙ୍ଗୀତା ନିର୍ବାଚନ ହାରିଛନ୍ତି। ୨୦୧୯ ନିର୍ବାଚନରେ ତୃତୀୟ ଥର ମୁହାଁମୁହିଁ ହେବାକୁ ଥିବା ଦିଅର-ଭାଉଜ ପୁଣି ଥରେ ନିଜ ଶକ୍ତି ପ୍ରଦର୍ଶନ କରିବେ । ମୋଦି ହାୱାରେ ସଙ୍ଗୀତା ବିଜୟୀ ହେବା ଲକ୍ଷ୍ୟ ରଖିଥିବା ବେଳେ ନବୀନଙ୍କ ପତିଆରା ଓ ଦଳୀୟ ସଙ୍ଗଠନକୁ ନେଇ କଳିକେଶ ପୁଣି ଜିତିବେ ବୋଲି କହୁଛନ୍ତି। ଅନ୍ୟପକ୍ଷେ ୧୯୯୬ ପରଠାରୁ ବଲାଙ୍ଗୀର ଲୋକସଭା ଆସନ ଅକ୍ତିଆର କରି ନ ଥିବା କଂଗ୍ରେସ ଏଥର ନୂଆ ଓ ଯୁବ ଚେହେରା ସମରେନ୍ଦ୍ରଙ୍କୁ ଟିକଟ ଦେଇ ବିଜୟୀ ହେବା ଆଶା ରଖିଛି। ଭାଜପା ଓ ବିଜେଡି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ବାଜି ମାରିବେ ବୋଲି ଆଶା ରଖିଛନ୍ତି । ଏସବୁ ଭିତରେ ବଲାଙ୍ଗୀର ରାଜନୀତି ବେଶ୍ ରୋଚକ ହେବାକୁ ଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି ।

---

■ହୀରାକୁଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବୌଦ୍ଧ ଚାମ୍ପିୟନ, ରାଉରକେଲା ରନର୍ସ ଅପ୍



ରବିବାର ହୀରାକୁଦ ସୁଭାଷ ମଇଦାନଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ଓ ରନର୍ସ ଅପ୍ ଦଳ ଅତିଥିଙ୍କ ସହ ।

**ସମ୍ବଲପୁର/ହୀରାକୁଦ,୨୪।୩ (ବ୍ୟୁରୋ/ ଡି.ଏନ.ଏ)**

ସ୍ଥାନୀୟ ସୁଭାଷ ମଇଦାନଠାରେ ହୀରାକୁଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଦଳ ଚାମ୍ପିୟନ ଓ ରାଉରକେଲା ଦଳ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚ ଏକ ତରଫା ହୋଇଥିଲା । ଏଥିରେ ବୌଦ୍ଧ ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା। ଗଣେଶ ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ସଚ୍ଚିକାନ୍ତ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ମୁଖ୍ୟଅତିଥି, ଅରୁଣ ପୌଦାର, ଦୀପକ ମହାନ୍ତି ଓ ଅଜୟ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତାପ ତାଣ୍ଡି, କ୍ଷୀରୋଦ ନାୟକ, ବିଘ୍ନ ପାଣିଗ୍ରାହୀ, ମନୋଜ ଟପ୍ପୋ, ତ୍ରିଲୋଚନା ନାୟକ, ଅମରେନ୍ଦ୍ର ମହାପାତ୍ର, ପୁଷ୍ପକ କୁମାର, ଏ. ହରିପାଲ, ଉମେଶ ସୁନା, କାର୍ତ୍ତିକ କଲେତ, ଜି.ଏନ. ମିଶ୍ର, ସିଦ୍ଧେଶ ନାଗ, ଗୌରାଙ୍ଗ ବେହେରା, ବାଳକୃଷ୍ଣ ତ୍ରିପାଠୀ, ସୁନଜ ବିଶ୍ୱାଳ, ଉମେଶ କୁମାର, ଅଭିଷେକ ଦାଶ, ଏସ. ସେଠୀ, ଗଣେଶ ମୁଦୁଲା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।